# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୦/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, August 20 / 2018 | ★★★★

୪୪ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## କେବିସି ଶୁଟିଂ ଆରମ୍ଭ କଲେ ଅମିତାଭ

କୌନ ବନେଗା କରୋଡପତି (କେବିସି) ଶୁଟିଂ ଆରମ୍ଭ କରି ପୁରୁଣା ଦିନର କଥା ମନେପକାଇଛନ୍ତି ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ । ୧୦

୧୪

## ପ୍ରଥମ ପଦକ ଜିତିଲେ ଅପୂର୍ବୀ-ରବିକୁମାର

ଭାରତୀୟ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବିକୁମାର ଏସିଆନ ଗେମ୍ସ ମିକ୍ସଡ ଟିମ୍ ରାଇଫଲ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ ସହ ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି ।






## ସଂକ୍ଷେପରେ

### ରାତି ୯ଟା ପରେ ଏଟିଏମ୍‌ରେ ଭର୍ତ୍ତି ହେବନି ଟଙ୍କା

**ନୂଆଦିଲ୍ଲୀ,୧୯।୮(ପି.ଟି.):** ରାତି ୯ଟା ପରେ ସହରାଞ୍ଚଳରେ ଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ଗୁଡିକରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ସେହିପରି ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ଟା ଓ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ଏଟିଏମ୍‌ରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନୂଆ ନିୟମ ଅନୁସାରେ କ୍ୟାଶ୍ ଟ୍ରାନ୍ସପୋର୍ଟ ଏଜେନ୍ସିଗୁଡିକ କାର୍ଯ୍ୟ କରିବେ। କ୍ୟାଶ୍‌ଭ୍ୟାନ୍ ଉପରେ ଆକ୍ରମଣ ଏବଂ ଟଙ୍କା ଚୋରି ଭଳି ବିପଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରି ଏହା ଦର୍ଶାଇଛନ୍ତି।
**(ସବିଶେଷ ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)**

ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ ୧୦

## ଆଜିର ସମ୍ପାଦକୀୟ

### ଜଳରେ ବୁଡ଼ିଛି କେରଳ

## ଆଜିର ମନ୍ତବ୍ୟ

" ଭାରତ ମହାସାଗର କର୍ମଭୂମି ହେଲେ କେରଳ ଆମର ଜନ୍ମଭୂମି।

—ଆଡ୍‌ମିରାଲ୍ ସୁନିଲ୍ ଲାନ୍‌ବା, ନୌସେନା ମୁଖ୍ୟ

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ୟୁରିଆ ଉତ୍ପାଦନ ୨୪.୦୨ ମିଲିୟନ ଟନ ଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଥିରେ ୧.୬% ବୃଦ୍ଧି ପାଇବା ନେଇ ସରକାର ଆଶା ରଖିଛନ୍ତି।

—ସାର ମନ୍ତ୍ରଣାଳୟ

# ବଜରଙ୍ଗ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

**ଏସିଆନ୍ ଗେମ୍ସ**

**ଜାକର୍ତ୍ତା,୧୯।୮(ପି.ଟି.)**

ତାରକା ରେସଲର ବଜରଙ୍ଗ ପୁନିଆ ଏସିଆନ ଗେମ୍ସରେ ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁଟିଂରେ ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ୍ ଜିତି ଭାରତ ପାଇଁ ଖାତା ଖୋଲିବା ପରେ ବଜରଙ୍ଗ ଏହି ସଫଳତା ଅର୍ଜନ କରିଛନ୍ତି। ଫଳରେ ଭାରତୀୟ ଶିବିରରେ ଖୁସିର ଲହରି ଖେଳିଯାଇଛି। ଜବରଦସ୍ତ ଫର୍ମରେ ଥିବା ବଜରଙ୍ଗ ଏସିଆନ ଗେମ୍ସରେ ନିଜ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ପ୍ରଥମ ଦିବସରେ ସେ ପୁରୁଷ ଫ୍ରିଷ୍ଟାଇଲ ୬୫ କେ.ଜି ବର୍ଗ ପ୍ରତିଯୋଗିତାର ଫାଇନାଲରେ ଜାପାନର ତାକାତାନୀ ଦାଇଚିଙ୍କୁ ୧୧-୮ରେ ହରାଇ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବା ପୂର୍ବରୁ ବଜରଙ୍ଗ କ୍ରମାଗତ ୩ଟି ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ ଓ ଶ୍ରେଷ୍ଠ ଫର୍ମରେ ଥିବାର ସୂଚନା ଦେଇଥିଲେ। ସେ ଏହି ପ୍ରତିଯୋଗିତାର ଫେଭରାଇଟ୍ ବିବେଚିତ ହେଉଥିଲେ ଓ ଶେଷରେ ସେ ଏହି ଅନୁମାନକୁ ସତରେ ପରିଣତ କରିଛନ୍ତି। ଏସିଆନ ଗେମ୍ସ ପୂର୍ବରୁ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଟିବିଲିସ ଗ୍ରାଣ୍ଡପ୍ରିକ୍ସ ଓ ୟାସାର ଡୋଗୁ ଆନ୍ତର୍ଜାତିକ ☞ପୃଷ୍ଠା-୪


ବଜରଙ୍ଗ ପୁନିଆ

# ବିପର୍ଯ୍ୟୟ ପରେ ମହାମାରୀ ଭୟ

**ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୯।୮(ପି.ଟି.)**

ବନ୍ୟାପ୍ଲାବିତ କେରଳରେ ରବିବାର ବର୍ଷା କମିଯାଇଛି। ରିଲିଫ୍ ଏବଂ ଉଦ୍ଧାରକାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥିଲେ ସୁଦ୍ଧା ଦେଖାଦେଇଛି ମହାମାରୀ ଭୟ। ମହାମାରୀ ଏବଂ ଅନ୍ୟାନ୍ୟ ରୋଗ ବ୍ୟାପିବା ଆଶଙ୍କାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ୩,୭୫୭ ମେଡିକାଲ କ୍ୟାମ୍ପ୍ ପ୍ରତିଷ୍ଠା କରାଯାଇଛି। ଏହାସହ ସ୍ଥିତି ଉପରେ ପୂର୍ଣ୍ଣ ନଜର ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର କେରଳ ରାଜ୍ୟପାଳ ପି. ସଥାଶିବମ୍ ଏବଂ ମୁଖ୍ୟମନ୍ତ୍ରୀ ବିଜୟନ୍‌ଙ୍କୁ ଫୋନ୍‌କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆଗାମୀ ୪ ଦିନ ବର୍ଷା ହେବ ନାହିଁ। ଫଳରେ ଉଭୟ ଉଦ୍ଧାରକାରୀ ଦଳ ଏବଂ ବିପନ୍ନଙ୍କ ମଧ୍ୟରେ ଆଶାର ସଂଚାର ହୋଇଛି। ବନ୍ୟା ଘେରରେ ଫସି ରହିଥିବା ୩୩,୦୦୦ ଲୋକଙ୍କୁ ବିଭିନ୍ନ ଉଦ୍ଧାରକାରୀ ଦଳ ଉଦ୍ଧାର କରିଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସୂଚନା ଦେଇଛି। ଏଣୁ ରାଜ୍ୟରେ ଜାରି କରାଯାଇଥିବା ସତର୍କ ସୂଚନା ହଟାଇ ନିଆଯାଇଛି। ଇଡୁକ୍କି, କୋନ୍ନୁର ଏବଂ କୋଝିକୋଡ୍ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ଏହି ୩ ଜିଲାରେ ପୀତ ସତର୍କ ସୂଚନା (ୟେଲୋ ଆଲର୍ଟ) ଜାରି କରାଯାଇଛି।

ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ରବିବାର ୩୭୦ରେ ପହଞ୍ଚିଛି। ରବିବାର ଆଉ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜ୍ୟବ୍ୟାପୀ ୫,୬୪୫ ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ଲୋକ ଆଶ୍ରୟ ନେଇଥିବା ରବିବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ସୂଚନା ଦେଇଛନ୍ତି। ବନ୍ୟାଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଏହା ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ବନ୍ୟାଜଳ କମିବା ପରେ କ୍ଷୟକ୍ଷତି ଆକଳନ ସାଙ୍ଗକୁ ବିପନ୍ନଙ୍କର ଥଇଥାନ ସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବନ୍ୟା ଯୋଗୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ଏବେ ବି ହଜାର ହଜାର ସଂଖ୍ୟାରେ ବିପନ୍ନ ଫସି ରହିଛନ୍ତି। ଖାଦ୍ୟପେୟ କିମ୍ବା ଅନ୍ୟାନ୍ୟ କୌଣସି ସହଯୋଗ ବିନା ଅତି ଚରମ ସ୍ଥିତିରେ ସେମାନେ ଫସି ରହିଥିବା କୁହାଯାଉଛି। ସେପଟେ ବନ୍ୟା ବିପର୍ଯ୍ୟୟକୁ ନେଇ ସୋସିଆଲ୍ ମିଡିଆରେ ପ୍ରସାରିତ ☞ପୃଷ୍ଠା-୪

### କେରଳ ବନ୍ୟା ବିଭୀଷିକା

- ଏବେ ବି ଫସି ରହିଛନ୍ତି ଲକ୍ଷାଧିକ ଲୋକ
- ୩୭୦ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା
- ୪ ଦିନଯାଏ ବର୍ଷା ନାହିଁ, ହଟିଲା ଆଲର୍ଟ
- ରିଲିଫ୍ କ୍ୟାମ୍ପରେ ୭,୨୪,୬୪୯ ବିପନ୍ନ
- ସ୍ଥିତି ସମୀକ୍ଷା କଲେ ରାଷ୍ଟ୍ରପତି
- ବିଦେଶରୁ ବଢ଼ିଲା ସହଯୋଗ

## ଅତିରିକ୍ତ ୫ କୋଟି ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେରଳ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ସହାୟତା ବାବଦକୁ ଅତିରିକ୍ତ ୫ କୋଟି ଟଙ୍କା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ସନ୍ଧ୍ୟାରେ ଏହି ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ୫ କୋଟିର ସହାୟତା ରାଶି ଘୋଷଣା କରିସାରିଛନ୍ତି। ଏଥିସହ ପ୍ରାୟ ୮ କୋଟି ଟଙ୍କା ମୂଲ୍ୟର ୫୦୦ ☞ପୃଷ୍ଠା-୪

# ୪୮ ଘଣ୍ଟା ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସମୟରେ ବଜ୍ରପାତ ହେବା ସହିତ ପବନ ବହିବ। ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି।

ରବିବାର ରାତିରୁ ସୋମବାର ସକାଳ ସାଢେ ୮ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେସବୁ ଜିଲାଗୁଡିକ ହେଲା, ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ରାୟଗଡା, ଗଞ୍ଜାମ, ଗଜପତି, ପୁରୀ, ନୂଆପଡା, ନବରଙ୍ଗପୁର, ସମ୍ବଲପୁର, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ଜାଗାରେ ବର୍ଷା ହେବ। ଅପରପକ୍ଷରେ ମାଲକାନଗିରି, ରାୟଗଡା, ଗଞ୍ଜାମ ଏବଂ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ରମେଶ କୁମାର ନାୟକ କହିଛନ୍ତି। ଏହାର ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶା ସହିତ ଉପକୂଳ ଓଡ଼ିଶାରେ ବର୍ଷା ହେବ। ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, ଅନୁଗୋଳ, କେନ୍ଦୁଝର, ସୋନପୁର, ମାଲକାନଗିରି ଏବଂ ବରଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର, ଦେବଗଡ ଏବଂ ସୋନପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଏନେଇ ଏ ସମସ୍ତ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଆଗାମୀ ୪୮ ଘଣ୍ଟା ପରେ ବର୍ଷାର ମାତ୍ରା କମିଯିବ। କିନ୍ତୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ୫ରୁ ୭ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ନାୟକ କହିଛନ୍ତି। ଅନ୍ୟପଟେ ରବିବାର ସନ୍ଧ୍ୟା ସୁଦ୍ଧା କୋରାପୁଟ ଜିଲାରେ ସର୍ବାଧିକ ୨୭ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି। ବଲେଶ୍ୱରରେ ୧୨ମିମି, ପୁରୀରେ ୧୦ମିମି, ହୀରାକୁଦରେ ୧୦ମିମି, ବଲାଙ୍ଗୀରରେ ୮.୪ମିମି ଏବଂ ଅନୁଗୋଳରେ ୭ ମିମି ରେକର୍ଡ କରାଯାଇଛି।

# ବନ୍ଦ ହେବ ୨ ହଜାର ଶିଶୁ ଗୃହ

**ନୂଆଦିଲ୍ଲୀ,୧୯।୮(ପି.ଟି.)**

ଦେଶରେ ମୋଟ ୯,୭୦୦ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) ରହିଛି। ସେଥିମଧ୍ୟରୁ ୭,୦୦୦ଟି କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ (ସିଏଆର୍‌ଏ)ଙ୍କ ନିକଟରେ ପଞ୍ଜୀକୃତ। ଅବଶିଷ୍ଟ ପ୍ରାୟ ୨,୦୦୦ ଶିଶୁ ଗୃହ ବିନା ପଞ୍ଜୀକରଣରେ ଚାଲିଛି। ସେଗୁଡ଼ିକୁ ମାସକ ମଧ୍ୟରେ ପଞ୍ଜୀକରଣ କରିବା ପାଇଁ ନିକଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ଏଭଳି ସଂସ୍ଥାଗୁଡ଼ିକ ପଞ୍ଜୀକରଣ କରାଉନାହାନ୍ତି। ତେଣୁ ସେଗୁଡ଼ିକୁ ବନ୍ଦ କରିବା ପାଇଁ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ଝାଡ଼ଖଣ୍ଡରେ ମିସନାରିଗୁଡ଼ିକ ପକ୍ଷରୁ ବେଆଇନ ଭାବେ ପୋଷ୍ୟଗ୍ରହଣ ଚାଲିଥିବା ନେଇ କେତେକ ମାମଲା ନିକଟରେ ସାମ୍ନାକୁ ଆସିଥିଲା। ଗତମାସରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏସମ୍ପର୍କରେ ଅବଗତ ହେବା ପରେ ଦେଶର ସର୍ବୋଚ୍ଚ ପୋଷ୍ୟଗ୍ରହଣ ସଂସ୍ଥା ସିଏଆର୍‌ଏରେ ସମସ୍ତ ସିସିଆଇର ପଞ୍ଜୀକରଣ ୩୦ ଦିନ ମଧ୍ୟରେ ସୁନିଶ୍ଚିତ କରିବା ପାଇଁ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରପ୍ରଦେଶର ଦେଓରିଆସ୍ଥିତ ଏକ ଅଣପଞ୍ଜୀକୃତ ଶିଶୁ ଯତ୍ନ ଅନୁଷ୍ଠାନରେ ୨୪ ଝିଅଙ୍କୁ ଯୌନ ଉତ୍ପୀଡ଼ନ କରାଯାଇଥିବା ଗତ ୫ ତାରିଖରେ ଅଭିଯୋଗ ହୋଇଥିଲା। ଏହାପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ସମସ୍ତ ସଂସ୍ଥାର ପଞ୍ଜୀକରଣ ନେଇ ସମୀକ୍ଷା କରାଯାଇଥିଲା। ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଶିଶୁ ଗୃହ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ, ନିରାପତ୍ତାର ସ୍ଥାନ, ☞ପୃଷ୍ଠା-୪



- ଦେଶର ୯,୭୦୦ ସିସିଆଇରେ ୨,୩୨,୯୩୭ ଶିଶୁ
- ଅଣପଞ୍ଜୀକୃତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ
- ପଞ୍ଜୀକରଣ ପାଇଁ କେନ୍ଦ୍ର ଦେଇଛି ମାସେ ମହଲତ





NECC NATIONAL EGG CO-ORDINATION COMMITTEE | 19.08.2018 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers





ଉତ୍ତରପ୍ରଦେଶ ସୀତାପୁର ଜିଲ୍ଲାଠାରୁ ୭୦ କିଲୋମିଟର ଦୂରରେ ଥିବା ଅଟବା କୁରସଠ ଗାଁରେ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ମାଙ୍କଡ଼ମାନଙ୍କୁ ମଦ ପିଇବାକୁ ଦିଆଯିବା ପରମ୍ପରା ରହିଛି। ଏଠାରେ କୌଣସି ପୂଜାରୀ ନ ଥା'ନ୍ତି। ମନ୍ଦିରରେ କବାଟ ଝରକା ମଧ୍ୟ ନାହିଁ। ଏଠାକୁ ଆସୁଥିବା ଭକ୍ତମାନେ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ମନ୍ଦିରରେ ମଦ ଭୋଗ ଲଗାଇଥା'ନ୍ତି। ମନସ୍କାମନା ପୂରଣ ଲାଗି ଶିବଲିଙ୍ଗ ଉପରେ ମଦ ଅର୍ପଣ କରାଯାଏ। ଏହାକୁ ମାଙ୍କଡ଼ ପିଇଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ରହିଛି ବିଶ୍ୱାସ। ଏଠାରେ ମଦ ଓ ଲିଆ ଭୋଗ ଲାଗି କରାଯାଏ।



# ଆଗୁଆ ପ୍ରାର୍ଥୀ ଘୋଷଣା ପାଇଁ ତତ୍ପର



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ।

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ୧୫ଦିନ ଭିତରେ ପ୍ରକାଶ ପାଇବ ୫୦ପ୍ରାର୍ଥୀ ତାଲିକା
- ପ୍ରସଙ୍ଗ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିପାରୁ ନାହିଁ ପିସିସି
- ବୈଠକରେ କାହ୍ନୁ କାଢ଼ିଲେ କେଁ
- ଖଣି ଦୁର୍ନୀତିର ନାଁ ଧରୁନାହାନ୍ତି ନେତୃବୃନ୍ଦ

ଆସନ୍ତା ୧୫ଦିନ ମଧ୍ୟରେ କଂଗ୍ରେସ ପକ୍ଷରୁ ୫୦ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସୋମବାରରୁ ହେବାକୁ ଥିବା ଦୁଇଦିନିଆ ନିର୍ବାଚନୀ କମିଟି ବୈଠକରେ ଏନେଇ ବୃତାନ୍ତ ଆଲୋଚନା କରାଯିବ। ନବଗଠିତ ପିସିସି କମିଟି ପୁନର୍ଗଠନ ପରେ ବସିଥିବା ପ୍ରଥମ ବୈଠକରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ ଉକ୍ତ ବୈଠକ ଦାମୀ ହୋଟେଲରେ ଆୟୋଜନ କରାଯିବାକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ପ୍ରଶ୍ନ ଉଠାଇଥିବା ଜଣାପଡ଼ିଛି। ଦଳୀୟ ପାଣ୍ଠି ଅଭାବ ସମୟରେ ଏଭଳି ଆୟୋଜନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାପସନ୍ଦ କରିଛନ୍ତି। ଏପରି ଆୟୋଜନ କଂଗ୍ରେସର ପରମ୍ପରା ନୁହେଁ ବୋଲି କାହ୍ନୁ କହିଛନ୍ତି। ପରେ ଆଉ ଦୁଇ ସଦସ୍ୟ ବର୍ତ୍ତମାନର ଆବଶ୍ୟକତା ଏବଂ ରାଜଧାନୀ ଦିଲ୍ଲୀରେ ଭାଜପା କାର୍ଯ୍ୟାଳୟର ଉଦାହରଣ ଦେଇଥିଲେ। ଏଥିରେ ଲେଙ୍କା ନିଜ ମତ ଫେରାଇ ନେଇଥିଲେ ଏବଂ ଏନେଇ ଚାଲିଥିବା ଆଲୋଚନା ଥମି ଯାଇଥିଲା। ଅନ୍ୟପଟେ ଦଳ ପକ୍ଷରୁ ଆୟୋଜିତ ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ରାଜ୍ୟରେ କେତେ କଂଗ୍ରେସ କର୍ମୀ ରହିଛନ୍ତି ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ରାଜ୍ୟରେ ଥିବା କଂଗ୍ରେସ କର୍ମୀମାନଙ୍କ ଭୋଟର୍ ନମ୍ବର ଏକ ନମ୍ବରକୁ ମେସେଜ୍ କରାଯିବ। ଯାହା ଫଳରେ ସେହି ବ୍ୟକ୍ତିର ସମ୍ପୂର୍ଣ୍ଣ ତଥ୍ୟ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିକଟରେ ରହିପାରିବ। ଦଳର ହାଇକମାଣ୍ଡ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ସିଧାସଳଖ କର୍ମୀଙ୍କ ସହ ଯୋଡ଼ିହେବା ପାଇଁ ଏହି ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ଏହାସହ ରାଜସ୍ଥାନରୁ ଆସିଥିବା ଏକ ଟିମ୍ ପାୱାର ପଏଣ୍ଟ ପ୍ରଜେଣ୍ଟେସନ୍ ଜରିଆରେ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମର ଏକ ଚିତ୍ର ପ୍ରଦର୍ଶନ କରିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମକୁ ବୁଥ୍‌ସ୍ତରରେ ସକ୍ରିୟ କରିବାକୁ ନିଷ୍ପତ୍ତି ନିଆଯାଇଛି।

ନୂତନ ପିସିସି କାର୍ଯ୍ୟକର୍ତ୍ତା ଘୋଷଣା ପରେ ଦଳ କେଉଁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ରାଫେଲ ଦୁର୍ନୀତି ଏକ ଜାତୀୟ ପ୍ରସଙ୍ଗ। ହେଲେ ରାଜ୍ୟରେ ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ିବା ଫଳପ୍ରଦ ହେବନାହିଁ ବୋଲି ଅନେକେ ମତ ରଖିଛନ୍ତି। ରାଫେଲ ଦୁର୍ନୀତି ପରି ରାଜ୍ୟରେ ଦୁଇ ଦଶନ୍ଧି ମଧ୍ୟରେ ଖଣି ଦୁର୍ନୀତିକୁ ପ୍ରମୁଖ ପ୍ରସଙ୍ଗ କରିବା ପାଇଁ ଅନେକେ ଚାହୁଁଛନ୍ତି। ହେଲେ ବର୍ତ୍ତମାନର ରାଜ୍ୟ ନେତୃତ୍ୱ ଏବଂ ପ୍ରଭାରୀ ଏଥିରେ ଅନ୍ତରାୟ ସାଜିଥିବା ଜନୈକ ପିସିସି ସମ୍ପାଦକ ନିଜ ନାମ ଗୋପନ ରଖି କହିଛନ୍ତି। ଖଣି ଦୁର୍ନୀତି କାରଣରୁ ରାଜ୍ୟ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇଛି। କିଛିବର୍ଷ ପୂର୍ବେ ଶାହ କମିଶନ ଏ ସଂକ୍ରାନ୍ତ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛି। ମାତ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଏପରି ଏକ ପ୍ରମୁଖ ପ୍ରସଙ୍ଗରୁ ପିସିସି ନିଜକୁ ଦୂରେଇ ରଖିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବାର ସାଢ଼େ ତିନିମାସ ପରେ ନୂତନ ପିସିସି କମିଟି ଘୋଷଣା କରାଯାଇଛି। କିଛିଦିନ ତଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଗମନ ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ରବିବାର ବୈଠକରେ ରାହୁଲଙ୍କ ଗସ୍ତ ନେଇ ସେପରି କୌଣସି ସୂଚନା ମିଳିନାହିଁ। ତେଣୁ ନିଜ ଦଳର ସର୍ବୋଚ୍ଚ ନେତାଙ୍କ ଗସ୍ତକୁ ନେଇ ପ୍ରଦେଶ କଂଗ୍ରେସ ଦିଶାହୀନ ଥିବା ପରି ମନେହେଉଛି। ଅପରପକ୍ଷରେ ବିଗତ ନିର୍ବାଚନଗୁଡ଼ିକରେ ପ୍ରାୟ ୫୦ହଜାର ଭୋଟ ପାଇଥିବା ନେତାଙ୍କୁ ଦଳ ଟିକେଟ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୋମବାର ପିଇସି(ପ୍ରଦେଶ ଇଲେକ୍ସନ୍ କମିଟି)ରେ ଏନେଇ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ପ୍ରଚାର କମିଟି ବୈଠକ ମଧ୍ୟ ହେବାକୁ ଥିବା ଜଣାପଡ଼ିଛି।

# ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୯।୮(ବ୍ୟୁରୋ)

**ପୋଲାଭରମ୍ ପ୍ରକଳ୍ପ**

- ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି
- ୧୪୨୭ ପୃଷ୍ଠା ସମ୍ବଳିତ ତଥ୍ୟ ଉପସ୍ଥାପନ

ଇନ୍ଦିରାସାଗର ପୋଲାଭରମ୍ ବହୁମୁଖୀ ଜଳସେଚନ ପ୍ରକଳ୍ପ ମାମଲାରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଅଗଷ୍ଟ ତୃତୀୟ ସପ୍ତାହରେ ପ୍ରକଳ୍ପ ସମ୍ବନ୍ଧୀୟ ୧୪୨୭ ପୃଷ୍ଠା ସମ୍ବଳିତ ୧୩୬ଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରାଜ୍ୟ ପକ୍ଷରୁ ରଖାଯାଇଥିବା ସୂତ୍ରରୁ ପ୍ରକାଶ। ଏହି ତଥ୍ୟ ମଧ୍ୟରେ ରାଜ୍ୟ ସରକାର ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟାଦେଶ, ଆନ୍ଧ୍ର-ଓଡ଼ିଶା ମଧ୍ୟରେ ହୋଇଥିବା ଚିଠି ପତ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦ୍ର ଏବଂ ବିଭାଗୀୟ ମନ୍ତ୍ରଣାଳୟକୁ ଲେଖାଯାଇଥିବା ଚିଠି ରହିଛି। ଆସନ୍ତା ସେପ୍ଟେମ୍ବର ୬ରେ ସର୍ବୋଚ୍ଚ ନ୍ୟାୟାଳୟରେ ଏହି ମାମଲାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଛି। ଗତ ୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରକଳ୍ପ ସମ୍ବନ୍ଧରେ ଓଡ଼ିଶାକୁ ଦୁଇ ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାକୁ ବାଦ୍ ଦେଲେ ଆନ୍ଧ୍ରପ୍ରଦେଶ, କର୍ନାଟକ, ଛତିଶଗଡ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାକୁ ମଧ୍ୟ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ପ୍ରକାଶ ଯେ, ଓଡ଼ିଶା ଦ୍ୱାରା ଆନ୍ଧ୍ରପ୍ରଦେଶ ବିରୋଧରେ କରାଯାଇଥିବା ମୂଳ ମାମଲାକୁ ଭିତ୍ତିକରି ସୁପ୍ରିମକୋର୍ଟ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ମଦନ ବି ଲୋକୁରୁଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୩ ପ୍ରଶ୍ନ ପଚାରିଥିଲେ। ପ୍ରକଳ୍ପ ପୂର୍ବରୁ ଓଡ଼ିଶା, ଛତିଶଗଡ ଏବଂ ତେଲେଙ୍ଗାନାଙ୍କୁ ପକ୍ଷକୁ ନିଆଯାଇନାହିଁ। ସେ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଅନୁସନ୍ଧାନ କରୁଥିବା ଜଣାପଡ଼ିଛି। ଏମିତି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରଭାବିତ ଅଞ୍ଚଳରେ ଗ୍ରାମସଭା ଅଥବା ଜନଶୁଣାଣି କରାଯାଇଛି ନା ନାହିଁ, ସେ ସମ୍ପର୍କରେ ମଧ୍ୟ ସୁପ୍ରିମ୍‌କୋର୍ଟ ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି।

# ଥାନାକୁ ନିମନ୍ତ୍ରିତ ହେବେ ଛାତ୍ରୀଛାତ୍ର

କଟକ ଅଫିସ, ୧୯।୮

**ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ**

ନିକଟରେ ରାଜଧାନୀରେ ଟ୍ରାଫିକ ପୋଲିସ ଏବଂ ଜଣେ ମହିଳା ମୁହାଁମୁହିଁ ହେବା ଯୋଗୁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏଭଳି ପରିସ୍ଥିତି ରୋକିବା ପାଇଁ ତତ୍ପରତା ଦେଖାଇଛି କମିଶନରେଟ ପୋଲିସ। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ କହିବା ଅନୁଯାୟୀ, ଟ୍ରାଫିକ ନିୟମ ନ ମାନି ଯୁକ୍ତିତର୍କ କରୁଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ଖୁବ୍ କମ୍। କିନ୍ତୁ ଟ୍ରାଫିକ୍ ଓ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଭୂମିକା, କାର୍ଯ୍ୟ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ପୋଲିସ ପକ୍ଷରୁ ଅନେକ ସମୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଖୁବ୍‌ଶୀଘ୍ର ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ରବିବାର କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମିଶନର ମହାନ୍ତି ଏହି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର କମିଶନରେଟ ପୋଲିସ ଅଧୀନ ସବୁ ଥାନାରେ ଆରମ୍ଭ ହେବ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମ। ଏହା କିଭଳି ଫଳପ୍ରଦ ହେବ ସେନେଇ ପ୍ରାଥମିକ ଭାବେ କଟକ, ଭୁବନେଶ୍ୱରର କେତେଜଣ ଥାନା ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କାର୍ଯ୍ୟକ୍ରମର ଯୋଜନା ଅନୁଯାୟୀ ପ୍ରତି ଥାନା ଅଧିକାରୀ ତାଙ୍କ ଅଞ୍ଚଳର ସ୍କୁଲ ଏବଂ ଜୁନିୟର କଲେଜ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଦିନ ଥାନାକୁ ନିମନ୍ତ୍ରଣ କରିବେ। ଜଣେ ଶିକ୍ଷକ କିମ୍ବା ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ରମାନେ ଥାନା ବୁଲିବାକୁ ଆସିବେ। ଥାନାରେ ସେମାନଙ୍କ ଉପସ୍ଥିତିରେ ପୋଲିସ କିଭଳି ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାମ କରୁଛି ତାହାର ଭିଡିଓ ଚିତ୍ର ପ୍ରଦର୍ଶିତ କରାଯିବ। ଥାନାରେ ଜଣେ ବ୍ୟକ୍ତି କିପରି ଅଭିଯୋଗ ଦିଏ ଏବଂ ତାହା କିଭଳି ପଞ୍ଜୀକୃତ ହୁଏ ସେନେଇ ପିଲାଙ୍କୁ ଜଣାଯିବ। ସେହିପରି ବିଭିନ୍ନ ଅପରାଧରୁ କିଭଳି ଦୂରେଇ ରହିବେ ଏବଂ କୌଣସି ଅପରାଧ ସମ୍ପର୍କରେ ନିଜ ଶିକ୍ଷକ କିମ୍ବା ନିକଟସ୍ଥ ଥାନାକୁ ଜଣାଇବେ ସେସବୁ ବିଷୟରେ କୁହାଯିବ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉପହାର ମଧ୍ୟ ଦିଆଯିବାର ବ୍ୟବସ୍ଥା ହେବ।

ଏ ବିଷୟରେ ପୂର୍ବତନ ପୋଲିସ ଡିଜି ଗୋପାଳ ନନ୍ଦ କହିଛନ୍ତି, ବେଶ୍ ଭଲ ଯୋଜନା। ଛାତ୍ର ଜୀବନରୁ ହିଁ ଜଣେ ଜାଣିପାରିବ ସମାଜରେ ଆଇନଶୃଙ୍ଖଳା ରକ୍ଷା କରିବାକୁ ପୋଲିସ କିଭଳି କାମ କରୁଛି। ଏଥିସହ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ଅପରାଧପ୍ରବଣ ମାନସିକତାରୁ ବହୁମାତ୍ରାରେ ଦୂରେଇ ରଖିପାରିବ ଆଶା କରାଯାଇପାରିବ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଅଗଷ୍ଟ, ୨୦୧୮





ଜମ୍ମୁ-କଶ୍ମୀର ବାରମୁଲା ଜିଲାରେ ଏକ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଏଥିରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଉତ୍ତର କଶ୍ମୀର ଉରି ସେକ୍ଟର ନିୟନ୍ତ୍ରଣ ରେଖାଠାରେ ରବିବାର କିଛି ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ତାଙ୍କୁ ସେନା ପକ୍ଷରୁ ସତର୍କ ସୂଚନା ଦିଆଯାଇଥିଲା। ମାତ୍ର ସେମାନେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଭାରତୀୟ ସେନା ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଅନ୍ୟ ଆତଙ୍କବାଦୀଙ୍କ ଲାଗି ସେନା ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଛି ବୋଲି ଭାରତୀୟ ପ୍ରତିରକ୍ଷା ମୁଖପାତ୍ର ସୂଚିତ କରିଛନ୍ତି।

### ସିବିଏସ୍‌ଇର ନୂଆ ନିଷ୍ପତ୍ତି

# ବିଳମ୍ବରେ ପହଞ୍ଚିଲେ ପରୀକ୍ଷା ପାଇଁ ମିଳିବନି ଅନୁମତି

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଏଣିକି ପରୀକ୍ଷା ହଲ୍‌ରେ ବିଳମ୍ବରେ ପହଞ୍ଚିଲେ କ୍ଷମା ନାହିଁ। ଧାର୍ଯ୍ୟ ସମୟ ପୂର୍ବରୁ ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ପଡ଼ିବ। ନଚେତ୍ ପରୀକ୍ଷା ପାଇଁ ଅନୁମତି ମିଳିବ ନାହିଁ। ଏପରି କଠୋର ନିଷ୍ପତ୍ତି ନେଇଛି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)। ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ଆଗାମୀ ୨୦୧୯ରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁସାରେ, ୧୦ଟା ୧୫ରେ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପଢ଼ିବା ପାଇଁ ଦିଆଯାଇଥାଏ। ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥାଏ। ୧୧ଟା ପର୍ଯ୍ୟନ୍ତ ଲେଟ୍ ଏଣ୍ଟ୍ରି ଓ ୧୧ଟା ୧୫ ପର୍ଯ୍ୟନ୍ତ ଏମରଜେନ୍ସି ଏଣ୍ଟ୍ରି ରହିଛି। କିନ୍ତୁ ଆଗାମୀ ବର୍ଷରୁ ଏହି ନିୟମ ପରିବର୍ତ୍ତନ ହେବ। ନୂଆ ନିଷ୍ପତ୍ତି ଅନୁସାରେ, ଜେଇଇ, ଏନ୍‌ଇଇଟି ଓ କ୍ୟାଟ୍ ଭଳି ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଲେଟ୍ ଏଣ୍ଟ୍ରିକୁ ଅନୁମତି ମିଳିବ ନାହିଁ। ସମସ୍ତ ପରୀକ୍ଷାର୍ଥୀ ସକାଳ ୧୦ଟା ୧୫ ପୂର୍ବରୁ ହଲ୍‌ରେ ପହଞ୍ଚିବା ଆବଶ୍ୟକ। ବିଳମ୍ବରେ ଆସିଲେ ପରୀକ୍ଷା ଦେଇପାରିବେ ନାହିଁ। ଏପରିକି ଟ୍ରାଫିକ୍‌ରେ ଫସିଥିବା କଥା ମଧ୍ୟ କର୍ଣ୍ଣପାତ କରାଯିବ ନାହିଁ ବୋଲି ସିବିଏସ୍‌ଇ କହିଛି।

## ଆଜିଠୁ ଏମ୍‌ବିବିଏସ୍, ବିଡିଏସ୍ ସିଟ୍ ପାଇଁ ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୧୯।୮(ବ୍ୟୁରୋ): ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସୋମବାରଠାରୁ ସ୍ପଟ୍ ନାମଲେଖା ଆରମ୍ଭ ହେଉଛି। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୫ଟା ଯାଏ ଓଜେଇଇ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର ପହଞ୍ଚି ନାମଲେଖାଇବେ। ଏହି ନାମଲେଖା ପ୍ରକ୍ରିୟା ୩ଦିନ ଧରି ଚାଲିବ ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ମୋଟ ୨୩୨ ଏମବିବିଏସ୍ ଏବଂ ବିଡିଏସ୍ ସିଟ୍ ଖାଲି ପଡିଛି। କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୫ ସିଟ୍ ଖାଲି ପଡିଥିବାବେଳେ ଏସ୍‌ସିବି ଡେଣ୍ଟାଲ କଲେଜରେ ବିଡିଏସ୍‌ରେ ୧୨ ସିଟ୍ ଖାଲି ପଡିଛି। ସେହିପରି ଭିମ୍‌ସାର ବୁର୍ଲାରେ ଏମ୍‌ବିବିଏସ୍‌ରେ ୨୬ ସିଟ୍, ବ୍ରହ୍ମପୁର ଏମ୍‌କେସିଜିରେ ୨୭, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୧, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୪, ଭୁବନେଶ୍ୱରସ୍ଥିତ ହାଇଟେକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୫ ଏମ୍‌ବିବିଏସ୍ ଏବଂ ହାଇଟେକ୍ ଡେଣ୍ଟାଲ କଲେଜରେ ୯୦ ବିଡିଏସ୍ ସିଟ୍ ଖାଲି ପଡିଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି।

# ଗଛରେ ପିଟି ହେଲା ବାଇକ୍, ୨ ଯୁବକ ମୃତ

କାମାକ୍ଷାନଗର, ୧୯।୮(ଡି.ଏନ.ଏ.): ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମହୁଲି ଗ୍ରାମ ପଞ୍ଚସଖା ରାଇସ୍ ମିଲ୍ ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଗଛରେ ପିଟି ହୋଇଯିବାରୁ ୨ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ନୂଆଆଳତୁମା ଗ୍ରାମର ଟୁଟୁ ପାତ୍ର (୩୦) ଏବଂ ଭୋଲୁ ପାତ୍ର ଓରଫ୍ ବୁଲୁ (୨୧)। ସଙ୍କଟାପନ୍ନ ଅବସ୍ଥାରେ କହ୍ନେଇ ବେହେରା (୨୩)ଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଟୁଟୁ, ବୁଲୁ ଏବଂ କହ୍ନେଇ ଏକ ବାଇକ୍ (ଓଡି ୦୬ ଏ ୭୮୦୨)ରେ କାମାକ୍ଷାନଗରରୁ ଢେଙ୍କାନାଳ ଆଡ଼କୁ ଦ୍ରୁତ ଗତିରେ ଯାଉଥିଲେ। ଭାରସାମ୍ୟ ହରାଇ ଗାଡ଼ିଟି ଏକ ଗଛରେ ପିଟିହୋଇ ପୋଖରୀକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ଟୁଟୁ ଓ ବୁଲୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି।







## ୨୫ରେ ଏମ୍ସ ସାଟେଲାଇଟ୍ ସେଣ୍ଟର ଗୃହ ଶିଳାନ୍ୟାସ

ବାଲେଶ୍ୱର ଅଫିସ,୧୯।୮: ବାଲେଶ୍ୱର ସହର ବାମପଦାସ୍ଥିତ ପଡ଼ିଆରେ ନିର୍ଦ୍ଧାରିତ ଏମ୍ସ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଲାଗି ଆସନ୍ତା ୨୫ ତାରିଖରେ ଶିଳାନ୍ୟାସ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶିଳାନ୍ୟାସ କରିବେ। ଏ ସମ୍ପର୍କରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶ ସୂଚନା ଦେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଉଲ୍ଲେଖଥାଉକି, ବର୍ଷକ ପୂର୍ବରୁ ସେଣ୍ଟ୍ରାଲ ସ୍କୁଲ ଛକ ନିକଟ ପ୍ରୁଫ୍ କଲୋନୀରେ ପ୍ରତି ରବିବାର ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଆସି ଚିକିତ୍ସାସେବା ଯୋଗାଉଛନ୍ତି। ପ୍ରତି ରବିବାର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେଉଥିବା ଜଣାପଡ଼ିଛି।







Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

BEST DEAL HONDA Buy.Sell.Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; CHANDIKHOL: Basanti Honda - 06725-227011, 9658482265; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR: TEZ Honda - 06726-221847, 7504994444; JAGATSINGHPUR: Kanchan Murali Honda - 06724-222122, 223112, 7381348387, 7504237557; JAGATPUR: Durga Honda - 9337390774, 0671-2490462; JATNI: PGL Honda - 0674-2492419, 7788001027; KENDRAPADA: Baldev Honda - 9937129275, 9437167191; KEONJHAR: Pritam Honda - 06766 - 254138,8908881717; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076.

For Bulk/Institutional enquiries, please write us at: institutionalsales@honda2wheelersindia.com

## ସଂକ୍ଷେପରେ

### ସଂରକ୍ଷିତ ଆସନକୁ ନେଇ ହାଇକୋର୍ଟରେ ମାମଲା ପ୍ରସଙ୍ଗ
## ନିର୍ବାଚନ କମିଶନଙ୍କୁ ନୋଟିସ

ବିଞ୍ଝାରପୁର,୧୯।୮(ଡି.ଏନ.ଏ)- ବିଞ୍ଝାରପୁର ବିଧାନସଭା ଆସନଟି ଶେଷଥର ପାଇଁ ୧୯୬୧ ମସିହାରେ ସାଧାରଣ ବର୍ଗର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିଥିଲେ। ହେଲେ ୧୯୬୭ ମସିହା ସାଧାରଣ ନିର୍ବାଚନରେ ବିଞ୍ଝାରପୁର ବିଧାନସଭା ଆସନଟି ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଥିଲା । ଦୀର୍ଘ ୫୭ ବର୍ଷ ହେବ ଏହି ଆସନଟି ସଂରକ୍ଷିତ ହୋଇ ରହିଥିବା ବେଳେ ଏବେ ଏହି ଆସନକୁ ପୁଣି ଥରେ ସାଧାରଣ ବର୍ଗରେ ପରିବର୍ତ୍ତନ କରିବାକୁ ସ୍ଥାନୀୟ ଲୋକେ ଅଣ୍ଟା ଭିଡିଛନ୍ତି । ୬ମାସ ହେବ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ କେତେଜଣ ବୁଦ୍ଧିଜୀବୀ ଏହି ସଂରକ୍ଷିତ ଆସନରେ ପରିବର୍ତ୍ତନ କରିବା ନେଇ ସଭା ସମିତି କରିବା ସହ ଦସ୍ତଖତ ଅଭିଯାନ କରି ରାଷ୍ଟ୍ରପତି ଓ ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରିଥିଲେ। ଏହି ଘଟଣାକ୍ରମରେ ବିଞ୍ଝାରପୁର ବ୍ଲକର କଏଣୀ-ରଘୁନାଥପୁର ପଞ୍ଚାୟତର ଅଜପା ଦାସ ନାମକ ମହିଳା ଏ ନେଇ ହାଇକୋର୍ଟରେ ଆବେଦନ କରିଥିଲେ। ଦାସ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ, ବିଞ୍ଝାରପୁର ବିଧାନସଭା ଆସନଟି ଦୀର୍ଘ ୫୭ବର୍ଷ ହେବ ସରଂକ୍ଷିତ ହୋଇରହିଛି। ୫୭ବର୍ଷରେ ଦେଶର ଅଧିକାଂଶ ଆସନ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ ହୋଇଥିବା ବେଳେ ବିଞ୍ଝାରପୁର ବିଧାନସଭା ଆସନ କାହିଁକି ପରିବର୍ତ୍ତନ ହୋଇନାହିଁ ବୋଲି ଆବେଦନକାରୀ କୋର୍ଟରେ ଦର୍ଶାଇଥିଲେ। ଏହି ଆବେଦନରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମାମଲାକୁ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ନିର୍ବାଚନ କମିଶନଙ୍କୁ ଜବାବ ତଲବ କରିଛନ୍ତି। ଗତ ୧୬ରେ ହାଇକୋର୍ଟର ମୁଖ୍ୟ ବିଚାରପତି କଳ୍ପେଶ ଜାଭେରୀ ଓ ବିଚରାପତି ଇନ୍ଦ୍ରଜିତ ମହାନ୍ତି ମାମଲାକୁ ବିଚାର କରି ଆସନ୍ତା ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ବାଚନ କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଞ୍ଝାରପୁର ବିଧାନସଭା ଆସନକୁ କାହିଁକି ୫୭ବର୍ଷ ଧରି ସରଂକ୍ଷିତ କରାଯାଇଛି ଓ କାହିଁକି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ନ ହେବ ବୋଲି ହାଇକୋର୍ଟ ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଥିବା ଜଣାପଡିଛି । ଆବେଦନକାରୀ ଅଜପା ଦାସଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସୁନ୍ଦର ଦାସ ପରିଚାଳନା କରୁଥିବା ଜଣାପଡିଛି।

## ସାପ କାମୁଡାରେ ଜଣେ ମୃତ

ଧର୍ମଶାଳା/ଚଢେଇଧରା,୧୯।୮ (ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ କୁସୁନପୁର ଗ୍ରାମରେ ଶନିବାର ସାପ କାମୁଡାରେ ଜଣଙ୍କ ମତ୍ୟୁ ଘଟିଛି । ମୃତକ ଜଣଙ୍କ ଗୌରାଙ୍ଗ ମଲିକ (୫୫)। ଗୌରାଙ୍ଗ ରାତିରେ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡିଥିଲା । ଘର ଲୋକେ ତୁରନ୍ତ ଗୌରାଙ୍ଗଙ୍କୁ ଦାନଗଦି ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ■ ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ନୂଆ ମୋଡ଼
# ଗୁଣି ଗାରେଡ଼ି ସନ୍ଦେହରେ କରାଯାଇଥିଲା ହତ୍ୟା

ସୁକିନ୍ଦା, ୧୯।୮(ଡି.ଏନ୍.ଏ.)

ସୁକିନ୍ଦା ଥାନା ଅନ୍ତର୍ଗତ ଖରଡି ପଞ୍ଚାୟତ ଶୁକରଣ ଗ୍ରାମ ଧୋଉରା ସାହିରେ ବେକରେ ରଶି ଲଗାଇ ଜଣେ ମହିଳାଙ୍କ ଆତ୍ମହତ୍ୟା ମାମଲାରେ ଏକ ନୂଆ ମୋଡ ଆସିଛି । ପ୍ରଥମରୁ ପୋଲିସ ଏହାକୁ ଆତ୍ମହତ୍ୟା ଭାବୁଥିବା ବେଳେ ତଦନ୍ତରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲା । ଏହି ଘଟଣାରେ ରବିବାର ପୋଲିସ ୩ ଜଣଙ୍କ ବୟାନ ରେକର୍ଡ କରିବା ପରେ ଏକ ମାମଲା (୯୭/୨୦୧୮)ରୁଜୁ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦୁ ବୁଦିଉଲ୍ଲୀ(୩୩) ,ମିଞ୍ଜାରୀ ମୁଣ୍ଡା(୩୬) ଏବଂ ଅଜୟ ମୁଣ୍ଡା(୨୪)। ତେବେ ଗୁଣିଗାରେଡି ସନ୍ଦେହରେ ଏହି ହତ୍ୟା କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ଗତ ୯ ତାରିଖରେ କାଏରା ବୁଦିଉଲ୍ଲୀଙ୍କ ଦ୍ୱିତୀୟ ସ୍ତ୍ରୀ ଲକ୍ଷ୍ମୀ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ପୋଲିସ ଖବର ପାଇଥିଲା । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତ ଲକ୍ଷ୍ମୀଙ୍କ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (୧୫/୨୦୧୮)ରେ ରୁଜୁ କରି ତଦନ୍ତ ଜାରିରଖିଥିଲା । ଲକ୍ଷ୍ମୀ ଅତ୍ମହତ୍ୟା ନୁହେଁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଭାଇ ଶ୍ରୀରାମ ହେମ୍ବ୍ରମ୍ ସୁକିନ୍ଦା ଥାନାରେ ଏତାଲା ଦେଇଥିଲେ । ତେବେ ଘଟଣା ଦିନ ଅଭିଯୁକ୍ତ କାଏରା ଟମକାରେ ରହୁଥିବା ପ୍ରଥମ ସ୍ତ୍ରୀଙ୍କ ପାଖକୁ ଯାଇଥିବା ନେଇ କାଏରାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା । ଲକ୍ଷ୍ମୀଙ୍କ ମୃତଦେହ ଝୁଲୁଥିବା ବାରଣ୍ଡାରେ ଆତ୍ମହତ୍ୟା କରିବା ସମ୍ଭବ ନୁହେଁ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଥିଲା। ଏହାପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରିରଖିଥିଲା । ତଦନ୍ତ ବେଳେ ପୋଲିସ ଲକ୍ଷ୍ମୀଙ୍କୁ ଗୁଣିଗାରେଡି ପାଇଁ ସଉତୁଣୀ ତଥା କାଏରାଙ୍କ ପ୍ରଥମ ସ୍ତ୍ରୀ ଚାନ୍ଦୁ ବୁଦିଉଲ୍ଲୀ, ଚାନ୍ଦୁଙ୍କ ବଡ ଭଉଣୀ ମିଞ୍ଜାରୀ ଏବଂ ପୁତୁରା ଅଜୟ ହତ୍ୟା କରିଥିବା ନେଇ ଜାଣିବାକୁ ମଳିଥିଲା । ମୁଖ୍ୟ ଅଭିଯୁକ୍ତ ଅଜୟ ଏହି ଘଟଣା ସ୍ୱୀକାର କରିବା ସହ ହତ୍ୟାକାଣ୍ଡରେ ତା'ର ଦୁଇ ପିଉସି ସାମିଲ ଥିବା ମଧ୍ୟ ପୋଲିସକୁ କହିଛି। ଅଭିଯୁକ୍ତଙ୍କ ବୟାନ ଅନୁଯାୟୀ ପିଉସୀ ଚାନ୍ଦୁଙ୍କର ଅନେକ ସମୟରେ ଦେହ ଖରାପ ରହୁଥିବା କାରଣରୁ ମୃତ ଲକ୍ଷ୍ମୀ ତାଙ୍କୁ ଗୁଣୀ କରୁଥିବା ସନ୍ଦେହ କରୁଥିଲେ । ଏହାକୁ ନେଇ ଚାନ୍ଦୁ ଟମକାସ୍ଥିତ ଜଣେ ଗୁଣିଆଙ୍କ ନିକଟକୁ ଯାଇ ଝଡାଫୁଙ୍କା ମଧ୍ୟ କରୁଥିଲେ । ଚଳିତ ମାସ ୧ ତାରିଖରେ ଚାନ୍ଦୁ ନିଜ ବଡ଼ ଭଉଣୀ ମଞ୍ଜାରୀଙ୍କୁ ଡକାଇ ଲକ୍ଷ୍ମୀ ନ ମଲେ ସେ ଆଉ ବଞ୍ଚିବ ନାହିଁ ବୋଲି କହିଥିଲେ । ଯାହାକୁ ନେଇ ଲକ୍ଷ୍ମୀଙ୍କୁ ୮ ତାରିଖରେ ହତ୍ୟା କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଯୋଜନା ଅନୁସାରେ ସ୍ୱମୀ କାଏରାଙ୍କୁ ପୂଜା କରିବା ବାହାନାରେ ଘରୁ ଡାକି ଆଣିବା ପରେ ରାତ୍ରିରେ ଲକ୍ଷ୍ମୀ ଶୋଇଥିବା ଘରକୁ ଅଜୟ ଯାଇଥିଲେ । କେହି ନ ଥିବାରୁ ସୁଯୋଗ ନେଇ ଲକ୍ଷ୍ମୀଙ୍କ ବେକକୁ ଏକ ଗାମୁଛାରେ ଚିପି ହତ୍ୟା କରିଥିଲେ ଏବଂ ଶବକୁ ବାରଣ୍ଡାରେ ଟାଙ୍ଗିଦେଇଥିଲେ ବୋଲି ଅଜୟ ପୋଲିସ ନିକଟରେ ସ୍ୱୀକାର କରିଥିବା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟଚିତ୍ ମିଶ୍ର କହିଛନ୍ତି ।


ଗିରଫ ୩ ଅଭିଯୁକ୍ତ ।

- ■ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା
- ■ ମୃତ ମହିଳାଙ୍କ ଭାଇ ଆଣିଥିଲେ ହତ୍ୟା ଅଭିଯୋଗ
- ■ ଗାମୁଛାରେ ତଣ୍ଟି ଚାପି କରାଯାଇଥିଲା ହତ୍ୟା
- ■ ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ କୋର୍ଟ ଚାଲାଣ

# ସିବିଆଇ ଜାଲରେ ପ୍ରୋଜେକ୍ଟ ମ୍ୟାନେଜର ରବିପ୍ରସାଦ

ପାରାଦୀପ,୧୯।୮(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପୋତାଶ୍ରୟ ଓ ବ୍ରେକ୍‌ୱାଟର ଖନନ କରୁଥିବା ସଂସ୍ଥା ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ)ର ଜଣେ ବରିଷ୍ଠ ଅଧିକାରୀ ୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶନିବାର ରାତିରେ ସିବିଆଇ ହାତରେ ଧରାପଡିଛନ୍ତି। ସେ ହେଲେ ଡିସିଆଇର ପ୍ରୋଜେକ୍ଟ ମ୍ୟାନେଜର (ଇନ୍‌ଚାର୍ଜ) ବି.ଭି.କେ. ରବିପ୍ରସାଦ। ତାଙ୍କ ନାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ମଧ୍ୟ ରହିଛି। ସେ ତାପସ ଚୌଧୁରୀ ନାମକ ଜଣେ ଠିକାଦାରଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇର ୧୦ଜଣିଆ ଟିମ୍ ତାଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ ଭୁବନେଶ୍ୱରରେ କୋର୍ଟଚାଲାଣ କରାଯାଇଛି।

**ଡିସିଆଇରେ ଲାଞ୍ଚ କାରବାର**

ସୂଚନା ଅନୁଯାୟୀ, ଠିକାଦାର ତାପସ ଡିସିଆଇରେ ବାଲି, ଗୋଡ଼ି ଆଦି ବିଭିନ୍ନ ସାମଗ୍ରୀ ଯୋଗାଣ କରୁଥିଲେ। ଏହାର ବିଲ୍ କରିବା ବେଳେ ସବୁବେଳେ ରବିପ୍ରସାଦ ମୋଟା ଅଙ୍କର କମିଶନ ଦାବି କରନ୍ତି। ଧାର୍ଯ୍ୟ କମିଶନ ଅର୍ଥରୁ ସାମାନ୍ୟ କମ୍ ହେଲେ ସେ ବିଲ୍ ବନ୍ଦ କରିଦିଅନ୍ତି। ଏପରି ବାରମ୍ବାର ଶୋଷଣର ଶିକାର ହେବା ପରେ ତାପସ ଗତ ୧୭ ତାରିଖରେ ଭୁବନେଶ୍ୱର ସିବିଆଇ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଥିଲେ। ତେଣୁ ରବିପ୍ରସାଦଙ୍କୁ ଟ୍ରାପ୍ କରିବା ପାଇଁ ଏକ ୧୦ ଜଣିଆ ଟିମ୍ ଶନିବାର ପାରାଦୀପରେ ପହଞ୍ଚିଥିଲେ। ଯୋଜନା ଅନୁଯାୟୀ ତାପସ ପୂର୍ବାହ୍ନ ୧୧ଟାରେ ସମୁଦ୍ରକୂଳ ରାସ୍ତା ପାର୍ଶ୍ୱରେ ଥିବା ଟ୍ରେଡ୍ ସେଣ୍ଟରରେ ରବିପ୍ରସାଦଙ୍କୁ କେମିକାଲ ବୋଳା ୫ହଜାର ଟଙ୍କା ଦେଇଥିଲେ। ଏହାପରେ ସେଠାରେ ସାଦା ପୋଷାକରେ ଥିବା ସିବିଆଇ ଟିମ୍ ଚଢାଉ କରି ରବିପ୍ରସାଦଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ଡିସିଆଇ ଅଫିସର ସମସ୍ତ କାଗଜପତ୍ର ରାତି ପର୍ଯ୍ୟନ୍ତ ଯାଞ୍ଚ କରିଥିଲେ। ସେଥିମଧ୍ୟରୁ କେତେକ କାଗଜପତ୍ରରେ ଗୁରୁତର ତ୍ରୁଟି ରହିଥିବା ଦେଖିସିବିଆଇସେଗୁଡିକଜବତକରିଥିଲା।

## ଟ୍ରେନରୁ ଖସିପଡ଼ି ନାବାଳକ ମୃତ

କୋରେଇ,୧୯।୮(ସ୍ୱ.ପ୍ର.)

ଦକ୍ଷିଣ-ପୂର୍ବ ରେଳପଥର ବୈତରଣୀରୋଡ ଜଳନ୍ଦା ଗ୍ରାମ ନିକଟରେ ବାଙ୍ଗାଲୋର-ଗୌହାଟୀ ଟ୍ରେନରୁ ଖସି ପଡି ରବିବାର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଆସାମର ଧୁବରାଇ ଜିଲା ସାଉଥ ସଲଗୋରାର ଇଲିଆ ମହମ୍ମଦ (୧୪) ବୋଲି ଜଣାପଡିଛି। ବାଙ୍ଗାଲୋରରୁ ଆସାମ ଫେରୁଥିବାବେଳେ ଟ୍ରେନରୁ କୌଣସି କାରଣବଶତଃ ଟ୍ରେନ୍‌ରୁ ଖସିପଡିଥିଲେ । ଖବରପାଇ ଭଦ୍ରକ ଜିଆରପି ଥାନାଧିକାରୀ ଧରଣୀଧର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଉମାକାନ୍ତ ମହାଳିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (୪୦/୧୮) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଯାଇଛି ।

## ବଜ୍ରପାତରେ ୫ ଗୁରୁତର

ଯାଜପୁରରୋଡ,୧୯।୮(ନି.ପ୍ର.)- ଯାଜପୁରରୋଡରେ ରବିବାର ସନ୍ଧ୍ୟାରେ ବଜ୍ରପାତରେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସଙ୍କିଲା ନାଆନ୍ଦାର ଲିଲି ମଲିକ (୪୦), ପୁଷ୍ପାଞ୍ଜଳି ମଲିକ (୧୨), ସବିତା ମଲିକ (୨୦), ରାଛିପୁରର ଦୀପିକା ଦଳାଇ(୨୪) ଏବଂ ଝିଲି ଦଳାଇ (୪୫)। ସେମାନଙ୍କୁ ଗୁରୁତର ଅବସ୍ଥାରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ latecityselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।







@ ବିଭୁତି


@ ରଶ୍ମି


@ ଶିବାଜୀ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | latecityselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଡେମୋନଷ୍ଟ୍ରେଟରଙ୍କ ଆଉ ଏକ କଳା କାରନାମା
# ଚୋରାମଦ କାରବାର ଅଭିଯୋଗରେ ଗିରଫ

ବିଞ୍ଝାରପୁର,୧୯।୮(ଡି.ଏନ.ଏ)

୪୦ହଜାର ଟଙ୍କା ଦରମା ପାଉଥିବା ଜଣେ କଲେଜ ଡେମୋନଷ୍ଟ୍ରେଟର (ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷାଦାନ କରୁଥିବା ବ୍ୟକ୍ତି) ପୂର୍ବରୁ ଏକ ସେକ୍ସ ର୍ୟାକେଟରେ ସମ୍ପୃକ୍ତି ଓ ମାରଣାସ୍ତ୍ର ରଖିବା ଅଭିଯୋଗରେ ୨ଥର ଜେଲ ଯାଇସାରିଥିବା ବେଳେ ଶେଷରେ ଚୋରାମଦ କାରବାର ଅଭିଯୋଗରେ ଶନିବାର ରାତିରେ ଗିରଫ ହୋଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଡେମୋନଷ୍ଟ୍ରେଟର ଜଣକ ବାଙ୍ଗରା ଗ୍ରାମର ଶିଶିର କୁମାର ଥାଟୋଇ (୫୦)। ସେ ଆଳି ବ୍ଲକର ଏକ କଲେଜରେ ଚାକିରି କରନ୍ତି। ପ୍ରକାଶ ଯେ, ସେ ଚାକିରି କରିବା ସହିତ ନିୟମିତ ଚୋରାମଦ କାରବାର କରି ଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ଥାଟୋଇ ୩୦ ବୋତଲ ବିଦେଶୀ ମଦ ନେଇ ବାସଭବନକୁ ଯାଉଥିବା ବେଳେ ସ୍ଥାନୀୟ ଯୁବକମାନେ ତାଙ୍କୁ ପିଛା କରି ବାଳମୁକୁଳିଠାରେ ଅଟକ ରଖିଥିଲେ। ବିଞ୍ଝାରପୁର ପୋଲିସ ବାଳମୁକୁଳିଠାରେ ପହଞ୍ଚି ତାଙ୍କଠାରୁ ଚୋରାମଦ ଜବତ କରିବା ସହ ଅଭିଯୁକ୍ତ ଥାଟୋଇଙ୍କୁ ଗିରଫ କରିଥିଲା। ପୋଲିସ ଏ ନେଇ ଏକ ମାମଲା (୧୮୯/୧୮) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ତେବେ ଏହି ଡେମୋନଷ୍ଟ୍ରେଟର ଜଣକ ୨ବର୍ଷ ପୂର୍ବେ ଭୁବନେଶ୍ୱରସ୍ଥିତ ଏକ ସେକ୍ସ ର୍ୟାକେଟରେ ସମ୍ପୃକ୍ତି ଥିବା ଅଭିଯୋଗରେ ଗିରଫ ହୋଇଥିବା ବେଳେ ୪ବର୍ଷ ପୂର୍ବେ ମାରଣାସ୍ତ୍ର ରଖିଥିବା ନେଇ ବିଞ୍ଝାରପୁର ପୋଲିସ ତାଙ୍କୁ ଗିରଫ କରିଥିଲା। ଦୁଇଟିଯାକ ମାମଲା ଏବେ ବିଚାରାଧିନ ଥିବା ବେଳେ ଉକ୍ତ ଡେମୋନଷ୍ଟ୍ରେଟର ଜାମିନରେ ଆସିଥିଲେ। ମାତ୍ର ଚୋରାମଦ କାରବାର କରିବା ଅଭିଯୋଗରେ ତାଙ୍କୁ ପୁଣି ଥରେ ଜେଲ ଯିବାକୁ ପଡ଼ିଛି।






ପାରିହା ବା ମେହେନ୍ତର ଶ୍ରେଣୀର ଜଣେ ଆଧ୍ୟାତ୍ମିକ ବା ସଂସ୍କୃତିବନ୍ତ ମଣିଷ, ଆଧ୍ୟାତ୍ମିକ ମୂଲ୍ୟ ଅନୁସାରେ ଜଣେ ଅଣଆଧ୍ୟାତ୍ମିକ ଓ ସାଂସାରିକ ଲୋକ ଅଥବା ଜଣେ ସ୍ଥୂଳଚିତ୍ତ । ସଂସ୍କୃତିହୀନ ବ୍ରାହ୍ମଣଠାରୁ ମହତ୍ତର । ଜନ୍ମର ମହତ୍ତ୍ୱ ରହିଛି । କିନ୍ତୁ ସାରସତ୍ତ୍ୱ ରହିଛି ସ୍ୱୟଂ ମନୁଷ୍ୟ ଭିତରେ – ଅନ୍ତରାଳରେ ଥିବା ଆତ୍ମା ଭିତରେ ଏବଂ ତା ପ୍ରକୃତିରେ ଅଭିବ୍ୟକ୍ତି ଭିତରେ ।
–ଶ୍ରୀଅରବିନ୍ଦ



# ଜଳରେ ବୁଡ଼ିଛି କେରଳ

ପ୍ରକୃତି କ୍ରୋଧର ସଦ୍ୟ ଶିକାର ହୋଇଛି କେରଳ । ଭାରତର ଭୌଗୋଳିକ ସ୍ଥିତି ଦେଖିଲେ ମୌସୁମୀ ପ୍ରଥମେ ଏହି ରାଜ୍ୟକୁ ଛୁଇଁଥାଏ । ସେଥିପାଇଁ ଏହି ସମୟରେ କେରଳ ସବୁଜିମାରେ ଭରି ହୋଇଯାଇଥାଏ । କିନ୍ତୁ ଚଳିତବର୍ଷର ମୌସୁମୀ ବର୍ଷା ମାଲୟାଲୀଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣା ଆଣିଦେଇଛି । ପର୍ଯ୍ୟଟକଙ୍କ ମହଲରେ ଏହି ରାଜ୍ୟ 'ଈଶ୍ୱରଙ୍କ ନିଜସ୍ୱ ବାସସ୍ଥାନ' ଭାବେ ଲୋକପ୍ରିୟ । ଦେଖିବାକୁ ଗଲେ କେରଳୀମାନେ ଅତ୍ୟନ୍ତ ପରିଶ୍ରମୀ । ସେଠିକାର ନର୍ସ ବା ସେବିକାମାନେ ବିଶ୍ୱବ୍ୟାପୀ ବିଶେଷକରି ମଧ୍ୟପ୍ରାଚ୍ୟରେ ସେବା ପ୍ରଦାନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଅତ୍ୟନ୍ତ ସ୍ୱାଭିମାନୀ ହୋଇଥିବାରୁ ସେମାନେ ଏ ଦେଶର କାହାଠାରୁ ମାଗି ଚଳିବା ପାଇଁ ପସନ୍ଦ କରି ନ ଥାଆନ୍ତି । ମାତ୍ର ଏଥରର ପ୍ରବଳ ବନ୍ୟା ଯେଉଁଭଳି ଭାବେ ଭୟଙ୍କର ରୂପ ଧାରଣ କରିଛି, ତାହାକୁ ସମ୍ମୁଖୀନ ହେବା ପାଇଁ କେରଳ ଅପ୍ରସ୍ତୁତ ଥିବାରୁ ଅଦ୍ୟାବଧି ୩୫୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ହଜାର ଲୋକ ଗୃହଶୂନ୍ୟ ହୋଇପଡ଼ିଛନ୍ତି । ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛନ୍ତି । ସେଥିପାଇଁ ବାଧ୍ୟ ହୋଇ ଏଭଳି ପରିସ୍ଥିତିକୁ ସାମ୍ନା କରିବା ସକାଶେ ପ୍ରସ୍ତୁତ ରହୁଛନ୍ତି । ହେଲେ କେରଳ ଏବେ ଏ ନେଇ ସଂଗ୍ରାମ କରୁଛି । ଗଣମାଧ୍ୟମରୁ ଦୃଶ୍ୟମାନ ଚିତ୍ରଗୁଡ଼ିକରେ ଯେଭଳି ଭାବେ ପାହାଡ଼ରୁ ଅତଡ଼ା ଖସିବା ଓ ବଡ଼ବଡ଼ କୋଠା ସମ୍ପୂର୍ଣ୍ଣ ଧୋଇ ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି, ତାହା ବନ୍ୟାର ଗମ୍ଭୀରତାକୁ ସୂଚିତ କରୁଛି । ପରିବେଶକୁ ଅଣଦେଖା କରି ଉନ୍ନତି ପଛରେ ଧାଇଁଲେ ପ୍ରକୃତି କିଭଳି କୋପ କରୁଛି କେରଳ ବନ୍ୟା ଏହା ଜଣାଇଦେଇଛି । କିଛିବର୍ଷ ତଳକୁ ଗଲେ ସମାନ ପରିସ୍ଥିତି ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଥିଲା । ନିର୍ମାଣ ଓ ବିକାଶକୁ ଅଗ୍ରାଧିକାର ଦିଆଯାଇ ଜଙ୍ଗଲ ଧ୍ୱଂସର ପରିଣାମ ସେଠାକାର ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା ।

କେରଳ ବନ୍ୟାରେ ରାଜ୍ୟର ୬୦ ପ୍ରତିଶତ ଅଞ୍ଚଳ ଭୀଷଣ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ପ୍ରଭାବିତ କେତେକ ଅଞ୍ଚଳର ଲୋକ ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ସଚେତନ ନ ଥିବାରୁ ହେଲିକପ୍ଟରରେ ନିରାପଦ ସ୍ଥାନକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ଯଦିଓ ବିଭିନ୍ନ ଆଡ଼ୁ ରିଲିଫ୍ ମିଳିବାରେ ଲାଗିଛି, ତଥାପି ଉଦ୍ଧାର ଓ ଥଇଥାନ ବ୍ୟବସ୍ଥାକୁ ସହଜ କରିବା ସେତେଟା ସମ୍ଭବ ହୋଇପାରୁନାହିଁ । ଏଭଳି ସ୍ଥଳେ ମନେପଡ଼େ ଓଡ଼ିଶାରେ ୧୯୯୯ରେ ହୋଇଥିବା ମହାବାତ୍ୟା । ଅପ୍ରସ୍ତୁତ ସରକାରୀ କଳ ସେତେବେଳେ ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଇବାରେ ସକ୍ଷମ ହୋଇ ନ ଥିଲା । କେନ୍ଦ୍ର ସରକାର ଏପରିକି ଅନ୍ତର୍ଜାତୀୟ ସ୍ତରରୁ ଆସିଥିବା ଅତ୍ୟାବଶ୍ୟକ ସାମଗ୍ରୀ ଠିକ୍ ଭାବେ ବଣ୍ଟା ଯାଇପାରି ନ ଥିଲା । ଯେତେବେଳେ ଲୋକେ ଖାଦ୍ୟ ପାଇଁ ତହଲବିକଳ ହେଉଥିଲେ, ସେତେବେଳେ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ରୀ ଟଙ୍କା ଗୋଟାଇବାରେ ବ୍ୟସ୍ତ ଥିଲେ ।

କେରଳ କଥା ଦେଖିଲେ ଏହାର ରାଜଧାନୀ ଥିରୁଭାନନ୍ତପୁରମ୍ ମଧ୍ୟ ବନ୍ୟାର ଦୁର୍ଦ୍ଦଶାରୁ ବର୍ତ୍ତିପାରି ନାହିଁ । ରେଳ ଷ୍ଟେଶନ ଜଳପ୍ଲାବିତ ହୋଇଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଦେଖିବାକୁ ଗଲେ ସେହି ରାଜ୍ୟରେ ପରିସ୍ଥିତି ଅତି ସଙ୍ଗିନ୍ ହେବା ପଛରେ ଅନେକ କାରଣ ରହିଛି । ଅସଂଖ୍ୟ କୋଠାବାଡ଼ି ଓ ନିର୍ମାଣ ଶିଳ୍ପର ବିକାଶ ସବୁଜ ପରିବେଶକୁ ନଷ୍ଟ କରି ଜଙ୍ଗଲ ଧ୍ୱଂସ କରିଛି । ସେଠାକାର ନଦୀର ବନ୍ୟାଜଳ ସ୍ଥିତି ଦେଖିଲେ ୨୬ ବର୍ଷ ପରେ ବୃହତ୍ ଇଦୁକି ଡ୍ୟାମ୍ ଗେଟ୍‌କୁ ଖୋଲା କରିଦିଆଯାଇଛି । ଏଥିସହିତ ରାଜ୍ୟର ୩୫ଟି ଡ୍ୟାମ୍ ଖୋଲା ରହିଥିବା ବେଳେ ବନ୍ୟା ପରିସ୍ଥିତିକୁ ଦେଖି ମୁଲ୍ଲାପେରିୟାର ଡ୍ୟାମ୍ ଦ୍ୱାରା ଜଳ ଛଡ଼ାଯିବାର ଆଶଙ୍କା ଉପୁଜିଲାଣି । ତାହାହେଲେ ପରିସ୍ଥିତି କିଭଳି ଅସମ୍ଭାଳ ହେବ ସହଜରେ ଅନୁମେୟ । ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ପମ୍ପା ନଦୀକୁ ବିଭିନ୍ନ ଆଡ଼ୁ ବିପଦ ମାଡ଼ି ଆସିଲାଣି । ଦ୍ରୁତ ସହରୀକରଣର ଅନ୍ୟତମ ଦୃଷ୍ଟାନ୍ତ ଭାବେ କୋଚି ଉଭା ହୋଇଛି । ସହରର ନିର୍ମାଣ ଓ କଳେବର ବୃଦ୍ଧି ନିଶ୍ଚିତ ବନ୍ୟାକୁ ନିମନ୍ତ୍ରଣ କରିଚାଲିଛି । ଯେଉଁ କାରଣଗୁଡ଼ିକୁ ଅଣଦେଖା କରି ମଣିଷ ବିକାଶ କରିଚାଲିଛି ବୋଲି କହୁଛି, ଚଳିତ ଋତୁର ଅସ୍ୱାଭାବିକ ବର୍ଷା ବାସ୍ତବତା କ'ଣ ତାହା ଦେଖାଇ ଦେଇଛି । ଏଭଳିସ୍ଥଳେ ପରିବେଶ ସୁରକ୍ଷା ଲାଗି ବ୍ୟାପକ ସଚେତନତା ସୃଷ୍ଟି କରାଯିବା ହେଉଛି ଏକମାତ୍ର ପନ୍ଥା । ଏଥିସହିତ ରାଜ୍ୟ ସରକାରୀ କଳ ଅଦୃଶ୍ୟ ବିପର୍ଯ୍ୟୟକୁ ସାମ୍ନା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବା ଦରକାର । ଏପରି ବିପତ୍ତି କେବଳ ସରକାର ନୁହେଁ, ଜନସାଧାରଣଙ୍କ ପାଇଁ ଏକ ଶିକ୍ଷା ଆଣିଦେଇଛି । ତେଣୁ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ ।

କୌତୂହଳର ବିଷୟ ଯେ, କେରଳରେ ଜାତୀୟ ବିପତ୍ତି ଭଳି ପରିସ୍ଥିତି ଉପୁଜିଥିଲେ ମଧ୍ୟ କେନ୍ଦ୍ର ସରକାର ଏହା ଘୋଷଣା କରିନାହାନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୨୬୦ କୋଟି ଟଙ୍କା କେନ୍ଦ୍ର ତରଫରୁ ଘୋଷଣା ହୋଇଥିବା ବେଳେ ଅଗଷ୍ଟ ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ୫୦୦ କୋଟି ଟଙ୍କା ଦିଆଯିବ ବୋଲି କହିଛନ୍ତି । ବାମପନ୍ଥୀ ଶାସନାଧୀନ ଏହି ରାଜ୍ୟରେ ବନ୍ୟାଜନିତ କ୍ଷୟକ୍ଷତି ୨୦,୦୦୦ କୋଟି ଟଙ୍କା ଟପିଥିବା ଆକଳନ କରାଯାଇଛି । ହେଲେ ମିଳିଥିବା ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଘୋଷଣା କରାଯାଇଥିବା ଅର୍ଥ ମଧ୍ୟରୁ ମାତ୍ର ୮୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚିଛି । କେନ୍ଦ୍ରରେ କ୍ଷମତାସୀନ ହେବା ପରେ ନରେନ୍ଦ୍ର ମୋଦି ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମହାରାଷ୍ଟ୍ରରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନେକ ହଜାର କୋଟି ଟଙ୍କା ଦେଇଛନ୍ତି । କେରଳରେ ଲୋକଙ୍କ ଜୀବନ ଦୁର୍ବିଷହ ହୋଇଯାଇଥିବା ବେଳେ ସେଥିପ୍ରତି କେନ୍ଦ୍ର ସରକାରଙ୍କ ବୈପିତୃକ ମନୋଭାବ ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଛି । ଫଳରେ ଦେଶବାସୀ ଅନୁଭବ କଲେଣି ଯେ ମାନବୀୟ ସହାୟତାକୁ ରାଜନୀତି ବଳିଯାଇଛି । ଏଥିରୁ ବୁଝିବାକୁ ହେବ ଯେ ଭାରତର ଅଧିକାଂଶ ଲୋକଙ୍କୁ ସରକାର ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଥା'ନ୍ତି । କେଉଁ ଲୋକ ସରକାରଙ୍କଠାରୁ ସେବା ଓ ସୁରକ୍ଷା ପାଇବାକୁ ଯୋଗ୍ୟ, ତାହା ନିର୍ଭର କରିଥାଏ ସେମାନେ କାହାକୁ ଭୋଟ ଦେଇଛନ୍ତି ।

ଆଜି ପ୍ରକୃତିର ରୋଷ ଦେଖିଲେ ସମସ୍ତେ ବୁଝିବା ଦରକାର ଯେ, ଅର୍ଥନୈତିକ ଅଭିବୃଦ୍ଧି ନେଇ ଅତ୍ୟଧିକ ଲୋଭରେ ପଡ଼ିଥିବା ମଣିଷ ପରିବେଶର ସନ୍ତୁଳନକୁ କିଭଳି ବିଗାଡ଼ି ଚାଲିଛନ୍ତି । ଏହା ବିଶେଷକରି ଭାରତବର୍ଷରେ ଦେଖାଯାଉଛି । ପାଶ୍ଚାତ୍ୟ ରାଷ୍ଟ୍ରରେ ପରିବେଶ ପ୍ରତି ଶ୍ରଦ୍ଧା ବଢ଼ିବାରେ ଲାଗିଲାଣି । ଏଭଳି ସ୍ଥଳେ ଭାରତରେ ସମସ୍ତେ ସରକାରଙ୍କୁ କେବଳ ସମାଲୋଚନା କରିବା ପରିବର୍ତ୍ତେ ପ୍ରକୃତି ପ୍ରତି ସଚେତନ ଓ ଯତ୍ନବାନ୍ ହେବା ଅବଶ୍ୟମ୍ଭାବୀ ହୋଇପଡ଼ିଲାଣି ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | 2 | | D | E | | | | | | | | 4 |
| | | E | | 9 | | | | | 6 | 4 | 5 | 7 | 0 | D |
| | 1 | 3 | | | 0 | | | | 8 | | E | | 6 | C |
| | D | | B | E | | | 9 | | | C | | | | 1 |
| | | B | 3 | | | | | | 0 | | | | | |
| | 5 | | 7 | 1 | | 6 | | | | D | A | | 8 | |
| | | | | | 8 | | C | B | 4 | | 0 | | 5 | |
| | | 8 | | | 6 | | | 0 | 3 | | B | | | 9 |
| B | | 1 | | 0 | | | E | | | | | | 7 | |
| | 9 | | A | 4 | B | | | 3 | | | | | | |
| | | | | | | | | | | | | 5 | E | 8 |
| | 3 | 4 | | | | | | | | 7 | C | | | |
| 0 | B | | 6 | D | | | | | | | | | | 2 |
| D | | | | A | 9 | | | 2 | 5 | | | | | |
| 5 | 2 | | E | C | | 1 | D | A | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 9 | 6 | 3 | 7 | 0 | B | D | 2 | 1 | A | 4 | C | 8 |
| 3 | 4 | 8 | E | D | A | 5 | 2 | 9 | 0 | C | B | 7 | 6 | 1 |
| 7 | 1 | 2 | 0 | 9 | C | E | 6 | 8 | 3 | 5 | 4 | D | A | B |
| 6 | C | A | B | 4 | 5 | 1 | 7 | 3 | 9 | 8 | D | E | 2 | 0 |
| D | B | 0 | 2 | 8 | 1 | A | 4 | C | 7 | E | 6 | 5 | 9 | 3 |
| E | 2 | 3 | A | 1 | 0 | 6 | 8 | 4 | 5 | 9 | 7 | C | B | D |
| 8 | 6 | 7 | 9 | C | E | B | A | 5 | 1 | D | 0 | 2 | 3 | 4 |
| A | D | 1 | 4 | 7 | B | 3 | 9 | 2 | C | 6 | E | 8 | 0 | 5 |
| 0 | 5 | B | 3 | 2 | 6 | C | D | E | A | 4 | 8 | 9 | 1 | 7 |
| C | 9 | 4 | 8 | 5 | D | 7 | 1 | 0 | B | 2 | 3 | 6 | E | A |
| 9 | 3 | E | 1 | A | 4 | 2 | 5 | B | 8 | 7 | C | 0 | D | 6 |
| 1 | 0 | 5 | 7 | B | 8 | 9 | C | 6 | D | A | 2 | 3 | 4 | E |
| B | 8 | D | C | 6 | 9 | 4 | 3 | 1 | E | 0 | 5 | A | 7 | 2 |
| 4 | 7 | C | D | E | 2 | 8 | 0 | A | 6 | 3 | 1 | B | 5 | 9 |
| 2 | A | 6 | 5 | 0 | 3 | D | E | 7 | 4 | B | 9 | 1 | 8 | C |

ଗତକାଲିର ଉତ୍ତର

# ଓଡ଼ିଆ ବିଶ୍ୱବିଦ୍ୟାଳୟ: ଅସ୍ପଷ୍ଟ ଆଭିମୁଖ୍ୟ

ଦେବୀପ୍ରସାଦ ଦାଶ

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ଶୁଣି ସେ ଅଞ୍ଚଳର ଅନେକଙ୍କ ପରି ମୁଁ ବି ଉଲ୍ଲସିତ । ଏହି ଐତିହାସିକ ନିର୍ଣ୍ଣୟ ପାଇଁ ଐତିହ୍ୟ କ୍ୟାବିନେଟ୍ ନିଶ୍ଚୟ ଧନ୍ୟବାଦାର୍ହ । କିନ୍ତୁ ଏହି ବିଶ୍ୱବିଦ୍ୟାଳୟର ସମ୍ଭାବ୍ୟ ଭୂମିକା, କର୍ମପରିସର, ପ୍ରଭାବ ଓ ଉତ୍ତରଦାୟିତ୍ୱକୁ ନେଇ ମନ ଭିତରେ କେତେ ପ୍ରଶ୍ନ ଉଙ୍କି ମାରୁଛି ।

ବିଶ୍ୱବିଦ୍ୟାଳୟଟିଏ ତା'ର ଆଖପାଖ ଅଞ୍ଚଳ ଉପରେ କି ପ୍ରଭାବ ପକାଇବ, ତାହା ବିଚାର୍ଯ୍ୟ । ଏହା ପ୍ରାଚୀନ ରାଜରାଜୁଡ଼ା ସଂସ୍କୃତିରେ ପରିପୁଷ୍ଟ ସାମାଜିକ ବ୍ୟବସ୍ଥାର ଅଂଶଟିଏ । ଦେଶ ସ୍ୱାଧୀନ ହେଲାଠାରୁ ସତେ ଯେମିତି ସେ ବ୍ୟବସ୍ଥାର ଚକ–ଅଖ ହୁଗୁଳି ଯାଇଛି । ଗ୍ରାମ୍ୟ ପରିବେଶଟି ବୌଦ୍ଧିକ ଓ ସାମାଜିକ ଦୃଷ୍ଟିରୁ ଅବକ୍ଷୟମୁଖୀ ହୋଇଛି । ଏବେ ବି ବଞ୍ଚିଛି କିଛି ପୁରୁଣାକାଳିଆ ବିଶ୍ୱାସ, ଜାତିଆଣ ବାଛବିଚାର, ଆର୍ଥିକ ବୈଷମ୍ୟ ଓ ସାଧାରଣ ମଣିଷର ହତାଶାଭାବ । ଅବଶ୍ୟ ନୂଆ ଯୁଗର ବିଜୁଳି, କେନାଲ ପାଣି, ଅଙ୍ଗନୱାଡ଼ି, ଢଳେଇ ରାସ୍ତା, ପକ୍କାଘର, ମୋବାଇଲ ଫୋନ ଏସବୁ ଆସିଛି । କିନ୍ତୁ ତା' ସହିତ ଆସିଛି ଠିକାଦାରି, ଭୋଟ୍ ବେପାର, ନିଶାଖୋରି, ଦାଦାଗିରି ଓ ନାନାଦି ବିଶୃଙ୍ଖଳା । ବାଟବଣା ହୋଇଛି ସାମନ୍ତବାଦୀ ପାରସ୍ପରିକତା ଉପରେ ପର୍ଯ୍ୟବସିତ ଜୀବନଧାରା । ସେଠି ଧସେଇ ପଶିଛି ଅନୁଦାନ ଉପରେ ଆଶ୍ରାକରି ଜିଇବାର ଓ ଧରାଧରି କରି ସୁବିଧା ହାସଲ କରିନେବାର ଏକ ନୂଆ ଧାରା । ଆଉ ଇଏ କ'ଣ ଖାଲି ଆମ ଗାଁର କଥା ? ଏହି ପ୍ରେକ୍ଷାପଟରେ ନୂଆ ବିଶ୍ୱବିଦ୍ୟାଳୟଟିଏ ତା'ର ବାହ୍ୟ ପରିବେଶରେ କ'ଣ ସବୁ ପରିବର୍ତ୍ତନ ଆଣିବ ? ସ୍ଥାନୀୟ ଅଞ୍ଚଳର ବୌଦ୍ଧିକ ଓ ସାମାଜିକ ଅସଙ୍ଗତିଗୁଡ଼ିକୁ ବୁଝି ସେଠାରେ ଏକ ସ୍ୱାଭିମାନୀ ସମାଜର ପୁନର୍ଗଠନ ପାଇଁ ନୂଆ ଉତ୍ସାହ ଓ ଗତିଶୀଳତା ଆଣିପାରିବ କି ?

ଏହାପରେ ଆସୁଛି ବିଶ୍ୱବିଦ୍ୟାଳୟର ଭିତିରି ଦୁନିଆ କଥା । ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର ପ୍ରଜାତିର ସଙ୍ଗଠନ । ଅନ୍ୟ ପ୍ରଜାତିର ସଙ୍ଗଠନମାନଙ୍କ କ୍ଷେତ୍ରରୁ ସଂଗୃହୀତ ଅନୁଭୂତି ବା ଅନ୍ତର୍ଦୃଷ୍ଟିସବୁ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଲଦି ଦିଆଯାଇ ନ ପାରେ । ବିଶ୍ୱବିଦ୍ୟାଳୟ ହେଉଛି ଶିକ୍ଷାର ଏକ ମନ୍ଦିର ଏବଂ ଆମ ପୂର୍ବସୂରୀମାନଙ୍କ ବୌଦ୍ଧିକ ସମ୍ପଦର ଗନ୍ତାଘର । ଏହା ହେଉଛି ମଣିଷଜାତିର ମହାନ ପରମ୍ପରାକୁ ପ୍ରତିଫଳିତ କରୁଥିବା କଳା, ସଂସ୍କୃତି ଓ ବିଜ୍ଞାନର ଆଧାରପାତ୍ର । ସେଥିସହ ଭବିଷ୍ୟତର ପରିକଳ୍ପନାଗୁଡ଼ିକୁ ରୂପରେଖ ଦେବା ସକାଶେ ଏହା ମଧ୍ୟ ଏକ ପ୍ରୟୋଗଶାଳା । ଏପରି ସଙ୍ଗଠନଟିଏ ପ୍ରାଚୀନ, ବର୍ତ୍ତମାନ ଓ ଭବିଷ୍ୟତ ଜଗତର ସୂତ୍ରଧର । ତେଣୁ ବିଗତ, ସ୍ଥିତ ତଥା ଅନାଗତ ମଣିଷର କର୍ମ, ଜ୍ଞାନ, ଭକ୍ତି, ଉଦ୍ୟମ, ବିଚାର, ସ୍ୱପ୍ନ, ସଂଘର୍ଷ, ଉତ୍ଥାନ, ପତନ ସବୁକିଛି ଏହାର ଧ୍ୟାନ ଆକର୍ଷଣ କରିବା କଥା । କିନ୍ତୁ ଯେହେତୁ ଐତିହ୍ୟ ଶବ୍ଦଟି ମୂଳରୁ ଏହି ନୂଆ ବିଶ୍ୱବିଦ୍ୟାଳୟର ଜନ୍ମପଞ୍ଜିକାରେ ଲାଗିଗଲାଣି, ଏଥିରୁ ପ୍ରଶ୍ନ ଉଠେ, ଆମ ନୂଆ ବିଶ୍ୱବିଦ୍ୟାଳୟ କ'ଣ କେବଳ ପ୍ରାଚୀନ ଓ ଜନମାନସରୁ ବିସ୍ମୃତ ଓଡ଼ିଆ ଭାଷା ଓ ସଂସ୍କୃତିର ଚର୍ଚ୍ଚାରେ ନିଜକୁ ନିୟୋଜିତ ରଖିବ ନା ଓଡ଼ିଶା ତଥା ଓଡ଼ିଶା ବାହାରେ ପ୍ରବହମାନ ଜୀବନ୍ତ ଓଡ଼ିଆ ସାଂସ୍କୃତିକ ଧାରାମାନଙ୍କରେ ସାମିଲ ହେବ? ଭବିଷ୍ୟତ ନିର୍ମାଣରେ ଏହାର ସକ୍ରିୟ ଭୂମିକା କ'ଣ ରହିବ ?

ଆଜିକାଲିର ଗଣତାନ୍ତ୍ରିକ ବିଚାରଧାରାରେ, ସାର୍ବଜନିକ ଧନରେ ନିର୍ମିତ ଅନୁଷ୍ଠାନଟିଏ ଲୋକଙ୍କର କେଉଁ ଉପକାରରେ ଆସୁଛି ତାହା ଅନୁଷ୍ଠାନର କର୍ମକର୍ତ୍ତା ନିୟମିତ ଭାବରେ ସ୍ପଷ୍ଟ କରିବାକୁ ବାଧ୍ୟ । ଭାରତରେ ଔପନିବେଶିକ ସମୟରୁ ପ୍ରଚଳିତ ବିଶ୍ୱବିଦ୍ୟାଳୟ ନିୟାମକ ବ୍ୟବସ୍ଥା ସେହି ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରଚୋଦିତ କରି ନ ପାରିବାରୁ ଏବେ ଦିଲ୍ଲୀରେ ତା'ର ବିଲୟ ଓ ନବୀକରଣର କ୍ଷେତ୍ର ପ୍ରସ୍ତୁତ ହେଲାଣି । ଆମ ରାଜ୍ୟରେ ତଥା ଦେଶରେ ଅନେକ ବିଶ୍ୱବିଦ୍ୟାଳୟ ରହିଛି, ଯାହା ଲୋକଙ୍କର କେଉଁ ଉପକାର କରୁଛି ତାହା ସ୍ପଷ୍ଟ କରିବାକୁ ଅସମର୍ଥ । ଭବିଷ୍ୟତର ସରକାର ଏଭଳି ଅନୁଷ୍ଠାନରୁ ହୁଏତ ସମ୍ବଳ ପ୍ରତ୍ୟାହାର କରିନେବାକୁ ଚାହିଁବ ବା ସେଗୁଡ଼ିକୁ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବ୍ୟବହାର କରିବ । ଏଥିରୁ କୌଣସିଟି ମଧ୍ୟ ଏହି ଅନୁଷ୍ଠାନମାନଙ୍କ ପାଇଁ ଗୌରବମୟ ହେବନାହିଁ । ବରଂ ଏ ବିଷଚକ୍ର ଦ୍ୱାରା ଆକ୍ରାନ୍ତ ହୋଇ ଅନୁଷ୍ଠାନଟିଏ ଯେତେ ତଳକୁ ଖସିବ, ତା'ର ସମସ୍ୟା ସେତେ ବଢ଼ିଚାଲିବ । ମୂଳରୁ ଏହି ବିଷବଳୟରୁ ନିଜକୁ ମୁକ୍ତ ରଖିବାଟା ହିଁ ପ୍ରତି ନୂଆ ଅନୁଷ୍ଠାନର ଏକ ବଡ଼ ସାମାଜିକ ଦାୟିତ୍ୱ ।

ତେବେ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ଭାଷା ଓ ସଂସ୍କୃତି କ୍ଷେତ୍ରରେ ଯେଉଁସବୁ ଅଭାବ, ଅସୁବିଧା ଓ ଅନ୍ତରାୟ ଲୋକଶକ୍ତିକୁ ହୀନମନ୍ୟ ତଥା ଦୁର୍ବଳକରି ରଖିଛି, ତାକୁ ଦୂର କରିବା ପାଇଁ ଚେଷ୍ଟା କରିବ ତ ? କୁହାଯାଉଛି ଏବକାର ଭାରତୀୟ ସ୍ନାତକମାନଙ୍କ ମଧ୍ୟରୁ ଅଧିକାଂଶ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନୁହନ୍ତି । ଯଦି ଗୋଟିଏ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତିଯୋଗ୍ୟ ବା ଆତ୍ମନିର୍ଭରଶୀଳ ନ କରିବ, ତେବେ ସେଠାକୁ ନିଜ ପିଲାମାନଙ୍କୁ କିଏ କାହିଁକି ପଠାଇବ ? ଖାଲି ଶ୍ରେଣୀଗୃହରେ ନୁହେଁ ବରଂ ଆମ ଓଡ଼ିଆ ବିଶ୍ୱବିଦ୍ୟାଳୟଟି ତା'ର କର୍ମପରିସରର ପ୍ରତିଟି ବିଭାଗରେ ଦାୟିତ୍ୱବୋଧ, ସାଧୁତା ଓ ବୈଶିଷ୍ଟ୍ୟ ରକ୍ଷାକରୁ ଓ ତହିଁରୁ ଉତ୍ତରୋତ୍ତର ପ୍ରତିଷ୍ଠା ପାଉ ବୋଲି ଆମେ ଚାହିଁବା ।

ମୋ: ୯୩୩୭୩ ୧୦୫୦୧

# ବିଷ ବଳୟରେ ବିଶ୍ୱାସ



ସଂଗ୍ରାମ କେଶରୀ ପୃଷ୍ଟି

ମନର ଏକ ସକାରାତ୍ମକ ଚିନ୍ତନ ହେଉଛି ବିଶ୍ୱାସ । ଯାହା ପାଇଁ ଏ ବିଶ୍ୱ ତିଷ୍ଠି ରହିଥିବା କଥା କୁହାଯାଏ । ବିଶ୍ୱାସ ଏକ ଛୋଟିଆ ଶବ୍ଦ । ଯାହାକୁ କ୍ଷଣକରେ ପଢିଦେଇ ହୁଏ । ଭାବିବାକୁ ବି ବେଶି ସମୟ ଲାଗି ନ ଥାଏ । ବୁଝିବାକୁ ଗୋଟିଏ ଦିନ ଲାଗିଥାଏ । କିନ୍ତୁ ପ୍ରମାଣ କରିବାକୁ ପୂରା ଜୀବନ ଲାଗିଯାଏ । ବିଶ୍ୱାସର ମହାନତା ଦର୍ଶାଇବାକୁ ଯାଇ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ 'ମାଟିର ମଣିଷ' ଉପନ୍ୟାସରେ ଲେଖିଛନ୍ତି–ବିଶ୍ୱାସରେ ବିଶ୍ୱ ଚଳୁଛି । ବିଶ୍ୱାସ ତୁଟିଗଲେ ବାପ–ପୁଅ, ସ୍ୱାମୀ–ସ୍ତ୍ରୀ, ଭାଇ–ଭାଇ, ରାଜା–ପ୍ରଜା କାହାରି ଭିତରେ କିଛି ସମ୍ବନ୍ଧ ରହିବ ନାହିଁ ।

ଏ କଥାର ବାସ୍ତବତାକୁ ଅନୁଧ୍ୟାନ କଲେ ଶହ ଶହ ଉଦାହରଣ ଚାଲିଆସେ ଆମ ମନକୁ । ସମ୍ପତ୍ତି ପାଇଁ ପୁତ୍ରର ପିତାକୁ ହତ୍ୟା, ଯୌତୁକ ପାଇଁ ବଧୂହତ୍ୟା, ଚତୁର୍ଥୀ ରାତିରେ କନ୍ୟା ଫେରାର, ସମ୍ପର୍କୀୟଙ୍କ ଦ୍ୱାରା ଶିଶୁକନ୍ୟା ବଳାତ୍କାରର ଶିକାର ପରି ଅବିଶ୍ୱସନୀୟ ଓ ଅମାନବୀୟ ଘଟଣାମାନ ଆମକୁ ପ୍ରତିମୁହୂର୍ତ୍ତରେ ଆନ୍ଦୋଳିତ କରିଚାଲିଛି । ସମାଜରେ ପ୍ରତ୍ୟହ ଘଟିଚାଲୁଥିବା ଏହି ଲୋମହର୍ଷଣକାରୀ ଘଟଣା ପରିପ୍ରେକ୍ଷୀରେ ମନେହୁଏ ଏବେ ସମସ୍ତଙ୍କ ଆଖିରେ ମାଡିଯାଇଛି ଅବିଶ୍ୱାସର ପରଳଟିଏ । ସଂକୁଚିତ ହେବାରେ ଲାଗିଛି ସମ୍ପର୍କ । ଅବିଶ୍ୱାସର ବିଷବୃକ୍ଷରୁ ବିଶ୍ୱାସର ଫଳ ଖୋଜିପାଇବା ବୃଥା ପ୍ରୟାସ ନିଶ୍ଚିତ ।

ଈର୍ଷା, ଦ୍ୱେଷ, ସ୍ୱାର୍ଥ, ହିଂସା ଓ ପରଶ୍ରୀକାତରତା କାରଣରୁ ମନ ଭିତରେ ଅବିଶ୍ୱାସର ବୀଜଟିଏ ଅଙ୍କୁରିତ ହୁଏ । କ୍ରମଶଃ ସେ ଶାଖାପ୍ରଶାଖା ମେଲି ବ୍ୟାପିଯାଏ ଚତୁର୍ଦ୍ଦିଗକୁ । ସକାରାତ୍ମକ ଭାବନାର ଅଭାବ ହିଁ ଅବିଶ୍ୱାସ ପାଇଁ ଖୋରାକ ଯୋଗାଇଥାଏ । ଯେଉଁଥି ପାଇଁ ଅପରିଚିତ ଲୋକଙ୍କ କଥା ତ ଛାଡ ପରିଚିତ ଲୋକ ଏପରି କି ଆତ୍ମୀୟସ୍ୱଜନମାନେ ମଧ୍ୟ ଅବିଶ୍ୱସନୀୟ ମନେହୁଅନ୍ତି । ଥରେ ଧୋକା ଖାଇଥିବା ମନ ପୁନର୍ବାର ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥାଏ ।

ଅନ୍ୟ ମନରେ ବିଶ୍ୱାସ ଜନ୍ମାଇବାକୁ ବେଶି ସମୟ ଲାଗେ ନାହିଁ । ସୁତରାଂ ସ୍ୱାର୍ଥାନ୍ୱେଷୀ କିଛି ମଣିଷ ଏହାର ଫାଇଦା ଉଠାଇବାକୁ ଯତ୍ପରୋନାସ୍ତି ଉଦ୍ୟମ କରନ୍ତି । ବିଶ୍ୱାସ ଜନ୍ମାଇ କରନ୍ତି ପ୍ରେମ, ଦିଅନ୍ତି ଧୋକା । ଲୁଟ୍ କରନ୍ତି ଟ୍ରେନଯାତ୍ରୀଙ୍କୁ । ଚାକିରି କରାଇଦେବା ନାଁରେ, ଚିଟ୍‌ଫଣ୍ଡ ନାଁରେ, ବିବାହ ନାଁରେ ଅଥବା କୌଣସି ନା କୌଣସି ସାହାଯ୍ୟଦେବା ନାଁରେ ହରିଲୁଟ୍ କରିବାକୁ ପଛାନ୍ତି ନାହିଁ । ଏକଥା ଅଙ୍ଗେ ନିଭାଇଥିବା ମଣିଷଟି ଏବେ ବିଶ୍ୱାସ ଉପରୁ ଆସ୍ଥା ହରାଇ ବସେ । ଯେଉଁଥିପାଇଁ ସାରା ଦୁନିଆର ଲୋକମାନେ ତା' ପାଇଁ ଅବିଶ୍ୱସନୀୟ ମନେହୁଅନ୍ତି । ଏ ଘଟଣା ମାନ କ୍ରମଶଃ ସମସ୍ତଙ୍କୁ କବଳିତ କରି ରଖେ । ଯେଉଁଥିପାଇଁ ସହଜରେ ଅନ୍ୟକୁ ବିଶ୍ୱାସ କରିବାକୁ ସେମାନଙ୍କ ମନ ପ୍ରସ୍ତୁତ ନ ଥାଏ ।

ଅନ୍ୟକୁ ଅଧିକ ବିଶ୍ୱାସ କରିବା ହିଁ ବେଳେ ବେଳେ ବିପଦର କାରଣ ସାଜେ । ଚାଣକ୍ୟଙ୍କ ମତରେ ଅତିଶୀଘ୍ର କାହାରିକୁ ଭଲ ପାଅ ନାହିଁ । ନିଷ୍ପତ୍ତି ନିଅ ନାହିଁ । ହାରିଯାଅ ନାହିଁ କି କାହାକୁ ବିଶ୍ୱାସ ମଧ୍ୟ କର ନାହିଁ । ଅବିଶ୍ୱାସ ସମ୍ପର୍କକୁ ଦେଖେ ନାହିଁ । ଦେଖେ ସ୍ୱାର୍ଥକୁ । କୁରାଢିରେ ଲାଗିଥିବା କାଠବେଣ୍ଟର ଜନ୍ମଗଛର ଏକ ଡାଳରୁ କିନ୍ତୁ ସମୟ ଆସିଲେ ସେ ସମ୍ପର୍କକୁ ଭୁଲିଯାଇ ନିଜ ଜାତିଭାଇକୁ ହାଣିବାକୁ କୁଣ୍ଠାବୋଧ କରେ ନାହିଁ । ରୁଗ୍ଣ ମାନସିକତା କାରଣରୁ ସବୁଠୁ ନିଜର ବୋଲି ମନେହେଉଥିବା ଓ ବିଶ୍ୱାସ ରଖିଥିବା ଲୋକଟି ଦିନେ ବିଶ୍ୱାସର ସୀମା ସରହଦ ଡେଇଁ ସ୍ୱାର୍ଥ ଲାଗି ଧୋକା ଦେଇ ଚାଲିଯାଏ । ସହଜରେ ଅନ୍ୟମାନଙ୍କ ଉପରେ ବିଶ୍ୱାସ ରଖୁଥିବା ସରଳ ହୃଦୟବାନ୍ ମଣିଷକୁ ସବୁବେଳେ ଧୋକା ଖାଇବାକୁ ହିଁ ପଡିଥାଏ ।

ବିଶ୍ୱାସକୁ ହତ୍ୟା କରୁଥିବା ଲୋକ ହେଉଛନ୍ତି ଗୋଟିଏ ଗୋଟିଏ ବିଶ୍ୱାସଘାତକ । ନାଗସାପକୁ କ୍ଷୀର ଦେଇ ପୋଷିବା ଯାହା, ବିଶ୍ୱାସଘାତକ ସହିତ ସମ୍ପର୍କ ରଖିବା ମଧ୍ୟ ତାହା । ଯେଉଁଠି ବିଶ୍ୱାସ, ଭଲପାଇବା, ସ୍ନେହମାନେ ବଳି ପଡିଯାନ୍ତି ସେଇଠି ସମ୍ପର୍କ ପାଲଟିଯାଏ ବୋଝ । ଅବିଶ୍ୱାସ ନାମକ ରାକ୍ଷସଟିଏ ସବୁବେଳେ ଚାରିପାଖରେ ଚକ୍କର କାଟୁଥାଏ ଯେମିତି । ଜୀବନରେ ଦୁଇଟି ଜିନିଷ ଛାଡିବା ପାଇଁ ହୋଇଥାଏ । ଗୋଟିଏ ହେଲା ନିଃଶ୍ୱାସ ଓ ଅନ୍ୟଟି ବିଶ୍ୱାସ । ନିଃଶ୍ୱାସ ଛାଡିଦେଲେ ଗୋଟିଏ ଥରରେ ମଣିଷ ମରିଯାଏ କିନ୍ତୁ ବିଶ୍ୱାସ ଛାଡିଦେଲେ ତାକୁ ବାରମ୍ବାର ମରିବାକୁ ହିଁ ପଡିଥାଏ । ବିଶ୍ୱାସ ହରାଇଥିବା ଲୋକ ଦୁନିଆ ଆଖିରେ ନିନ୍ଦିତ ହୁଏ । ତାକୁ ମୁଣ୍ଡେଇବାକୁ ହୋଇଥାଏ ଅପବାଦର ବୋଝ । ବିଶ୍ୱାସର ଏହି କାଚଘର ଥରେ ଭାଙ୍ଗିଗଲେ ଯୋଡିବା ଅସମ୍ଭବ ହୋଇପଡେ । ଏଣୁ ଅନ୍ୟର ବିଶ୍ୱାସ ଭାଙ୍ଗିବା ପୂର୍ବରୁ ଶହେ ଥର ଭାବିବା ଉଚିତ ଯେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ସହିତ ଭେଟ ହେଲେ ଆଖି ମିଳାଇ କଥା ହୋଇ ପାରିବେ ତ !

ବର୍ତ୍ତମାନର ସମୟକୁ ଅନୁଧ୍ୟାନ କଲେ ଜଣାଯାଏ, ସତେ ଯେମିତି ଅବିଶ୍ୱାସର ବିଷ ବଳୟରେ ଫସିଯାଇଛି ଏ ମଣିଷ । ବିଶ୍ୱାସ ହରାଇଥିବା ସମ୍ପର୍କ ଏବେ ମରୀଚିକା ପରି ଆଖିକୁ ଧୋକା ଦେବାରେ ଲାଗିଛି । ଇତର ପ୍ରାଣୀ କୁକୁର ତା' ବିଶ୍ୱସନୀୟତା ସବୁବେଳେ ବଜାୟ ରଖିପାରୁଥିବା ବେଳେ ଆମେ ଏ ଦିଗରେ କେତେ ଅସହାୟ ସତରେ । ପୁନଶ୍ଚ ଅନ୍ୟକୁ ଆଘାତ ଦେଇ ତା'ଠୁ ବିଶ୍ୱାସ ଆଶା କରିବା ଆମ ମୂର୍ଖତା ନୁହେଁ ତ ଆଉ କ'ଣ । ଅନେକ କ୍ଷେତ୍ରରେ ଦେଖାଯାଏ କିଛିଲୋକ ଭାଗ୍ୟ ଓ ଭଗବାନଙ୍କ ଉପରେ ଭରସା ରଖି ନିଜ ଉପରୁ ବିଶ୍ୱାସ ତୁଟାଇ ଦେଇଥାନ୍ତି । ଉଦ୍ୟମରେ ଅବହେଳା କରନ୍ତି । ଫଳତଃ ସଫଳତା ମିଳିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ମନେହୁଏ ।

ଶ୍ରୀଅରବିନ୍ଦଙ୍କ ଭାଷାରେ ବିଶ୍ୱାସ ହେଉଛି ଆମର ଇଚ୍ଛାଶକ୍ତି । ଯାହାକି ଉଚ୍ଚତର ସତ୍ୟର ଉପଲବ୍ଧି ଲାଗି ଅଭିଳାଷ ରଖିଥାଏ । ଏହି ଇଚ୍ଛାଶକ୍ତିକୁ ବଜାୟ ରଖିବା ପାଇଁ ଆମ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମ୍ୟତା ରକ୍ଷା କରିବା ଆବଶ୍ୟକ । ତାହା ପୁଣି ସଂଯମତାର ସହିତ । ନକାରାତ୍ମକ ଭାବନା ସବୁକୁ ମନରୁ ପୋଛିଦେଇ ସକାରାତ୍ମକ ଭାବନାକୁ ଗ୍ରହଣ କରିପାରିଲେ ହୁଏତ ହଜିଯାଇଥିବା ବିଶ୍ୱାସ ପୁଣିଥରେ ଆମ ହାତମୁଠାକୁ ଚାଲିଆସିବ ଓ ମନରେ ଆନନ୍ଦ ଭରିଦେବ ।

ରାଜକିଶୋରନଗର, ଅନୁଗୋଳ,
ମୋ–୯୪୩୭୫୪୭୧୪୬

## ଆମ ସମସ୍ୟା

### ବୟସ୍କ ବ୍ୟକ୍ତିଙ୍କ ଦୁଃଖ

ମହାଶୟ,

ସପ୍ତମ ପେନ୍‌ସନ ଆୟୋଗଙ୍କ ସୁପାରିସ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀ ପୂରା ପେନ୍‌ସନ ପାଇବାକୁ ଯୋଗ୍ୟ ବିବେଚିତ ହେଲେ । କିନ୍ତୁ ଆଜିଯାଏ ୨୫ରୁ ୩୩ ବର୍ଷ ମଧ୍ୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଗଣ ବର୍ଦ୍ଧିତ ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ରୋଗରେ ପଡି ଶଯ୍ୟାଶାୟୀ ହେଲେଣି । ଶେଷନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ସରକାର କାଳବିଳମ୍ବ ନ କରି ସେମାନଙ୍କୁ ବର୍ଦ୍ଧିତ ପେନ୍‌ସନ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ।

ଗତିକୃଷ୍ଣ ମିଶ୍ର, ଗାନ୍ଧୀନଗର, ୪ର୍ଥ ଗଳି, ବ୍ରହ୍ମପୁର

### ମାଂସ ବିକ୍ରି ଅନ୍ୟତ୍ର ହେଉ

କଟକ ସହର ଉପକଣ୍ଠ କନ୍ଦରପୁର ବଜାର ମଧ୍ୟରେ ମାଂସ ଓ ଚିକେନ୍ ବିକ୍ରି କରାଯାଉଛି । ଫଳରେ ବଜାରରେ ଦୁର୍ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ତେଣୁ ଏହି ମାଂସ ବଜାରକୁ କିଛି ଦୂରରେ କରାଯିବାକୁ ଦାବି ହେଉଛି ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ତଥାପି ବାସି ଅବଢ଼ା

ପ୍ରାୟ ପ୍ରତିବର୍ଷ ମଝିରେ ମଝିରେ ସପରିବାର ମୁଁ ଶ୍ରୀମନ୍ଦିର ଯାଇଥାଏ । ଜଗନ୍ନାଥ ଦର୍ଶନ ପରେ ଅବଢ଼ା ଖାଇ ଘରକୁ ଫେରିଆସେ । କିନ୍ତୁ ମନ୍ଦିରରେ କିଛିବର୍ଷ ହେବ ଠିକ୍ ସମୟରେ ଅବଢା ମିଳୁନାହିଁ । ବାସି ଅବଢ଼ା ବିକ୍ରି ହେଉଛି । ବହୁ ଭକ୍ତ ଅବଢା କିଣି ବାସି ହୋଇଥିବାରୁ ଖାଇ ନ ପାରି ଫୋପାଡି ଦେଉଛନ୍ତି । ଦୀପ ପାଇଁ ଶୁଦ୍ଧ ଘିଅ ବ୍ୟବସ୍ଥା କରିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଲେ । ଟଙ୍କ ତୋରାଣି ବନ୍ଦ ନିଷ୍ପତ୍ତି ବିଜ୍ଞାପନ ମାଧ୍ୟମରେ ଭକ୍ତମାନଙ୍କୁ ଜଣାଇ ଦିଆଗଲା । ଏହା ସ୍ୱାଗତଯୋଗ୍ୟ । କିନ୍ତୁ ବାସି ଅବଢା ବିକ୍ରିରେ ରୋକ ନ ଲଗାଗଲେ ଭକ୍ତଙ୍କ ଅସନ୍ତୋଷ ବଢ଼ିବ ।

ନିର୍ଭୟ କୁମାର ପାଣି, ବିଜିଗୋଳା, କଣିହା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଛତିଶଗଡ଼ରେ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିଥିବା ଜଣେ ମହିଳା ଏବେ ଭୋଟର ସଚେତନତା ପାଇଁ କାର୍ଯ୍ୟ କରିବେ । ସେ ୮୨ଟି ଗ୍ରାମପଞ୍ଚାୟତରେ ଖୋଲାରେ ମଳତ୍ୟାଗ ଦୂରକରିବା ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବର୍ତ୍ତମାନ ରାୟଗଡ଼ ଜିଲାର ଲୋକଙ୍କୁ ସେ ଭୋଟଦାନର ଗୁରୁତ୍ୱ ବୁଝାଇବା ସହିତ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରିବେ ।

ମୋନିକା ଇଜାରଦାର (୨୫) ନାମ୍ନୀ ଏହି ମହିଳାଙ୍କୁ ରାଜ୍ୟରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ସିଷ୍ଟେମେଟିକ୍ ଭୋଟର୍ସ ଏଜୁକେଶନ୍ ଆଣ୍ଡ ଇଲେକ୍‌ଟୋରାଲ୍ ପାର୍ଟିସିପେଶନ୍ (ଏସ୍‌ଭିଇଇପି) ପ୍ରୋଗ୍ରାମ୍ ନିମନ୍ତେ ରାୟଗଡ ଜିଲାର ଆଇକନ୍ ଘୋଷଣା କରାଯାଇଛି । ଏହା ହେଉଛି ନିର୍ବାଚନ କମିଶନ୍‌ଙ୍କର ଏକ କାର୍ଯ୍ୟକ୍ରମ । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଯୋଗ୍ୟ ସାବାଳକ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ସହିତ ନିର୍ବାଚନରେ ଯେପରି ମତଦାନ କରିବାର ସୁବିଧା ପାଇପାରିବେ ତାହା ସୁନିଶ୍ଚିତ କରିବା । ଇଜାରଦାରଙ୍କ ଭଳି ଜଣେ ସ୍ୱଚ୍ଛ ଚାମ୍ପିୟନ୍‌ଙ୍କ ପାଇଁ ରାୟଗଡ ଜିଲା ଗର୍ବିତ । ସେ ପରିମଳ ବିଷୟରେ ଲୋକଙ୍କୁ ବୁଝାଇବାରେ ଶତପ୍ରତିଶତ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାୟଗଡ ଜିଲାପାଳ ଶାମି ଆବିଦି ପ୍ରକାଶ କରିଛନ୍ତି ।

ସେ ମଧ୍ୟ କମ୍ୟୁନିଟି ଆପ୍ରୋଚେସ୍ ଟୁ ସାନିଟେଶନ୍ (ସିଏଏସ୍) ପ୍ରୋଗ୍ରାମ୍‌ର ଜଣେ ଦୃଢ଼ ସମର୍ଥକ । ତେଣୁ ତାଙ୍କୁ 'ସ୍ୱଚ୍ଛତା ୱାରିୟର' ଭାବରେ ବିବେଚନା କରାଯାଏ । ପୂର୍ବରୁ ସେ ଲୋକଙ୍କୁ ସ୍ୱାସ୍ଥ୍ୟରକ୍ଷା ବିଷୟରେ ସଚେତନ କରାଉଥିବାବେଳେ ଆସନ୍ତା ନିର୍ବାଚନ ପାଇଁ ସେ ଏସ୍‌ଭିଇଇପି ପ୍ରୋଗ୍ରାମ ପାଇଁ ଜିଲା ଆଇକନ୍ ଭାବରେ କାର୍ଯ୍ୟ କରିବେ । ବାସ୍ତବରେ ମୋନିକା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ ।

## ଚିରନ୍ତନୀ

ଏ ପାରୁଁ ବାରତା ମୋର
ଲାଗଇ କି ସେ ବାରତା
ପଠାଏଁ ପବନେ
ତା'ର ଅପଘନେ ।
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୩

- ଜାପାନକୁ ୪ଟି ଦ୍ୱୀପ ଫେରାଇବା ପାଇଁ ପୂର୍ବତନ ସୋଭିଏଟ ୟୁନିୟନ ସରକାର ଜାପାନ ସହିତ ଯେଉଁ ବୁଝାମଣା କରିଥିଲା ରୁଷିଆ ତାହାକୁ ପାଳନ କରିବ ନାହିଁ ବୋଲି ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଘୋଷଣା ।
- ମଞ୍ଚଜଗତ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଉତ୍ପଳ ଦତ୍ତଙ୍କ ପରଲୋକ ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୧୨– ନୋବେଲ ପୁରସ୍କାରବିଜେତା ଭାରତୀୟ ବଂଶୋଦ୍ଭବ ବିଦ୍ୟାଧର ସୂରଜପ୍ରସାଦ ନୈପଲଙ୍କ ୮୫ ବର୍ଷ ବୟସରେ ପରଲୋକ ।

* ଜଷ୍ଟିସ୍ କଲ୍ଲେଶ ସତ୍ୟେନ୍ଦ୍ର ଝାବେରୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ।

୧୩– ବିଶିଷ୍ଟ ସାମ୍ୟବାଦୀ ନେତା ତଥା ପୂର୍ବତନ ଲୋକସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ୮୯ ବର୍ଷ ବୟସରେ ପରଲୋକ ।

୧୪– ଇଟାଲିର ଜେନୋଆ ସହରରେ ଏକ ଓଭରବ୍ରିଜ୍ ଭୁଶୁଡ଼ି ୩୫ ମୃତ ।

୧୬– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୯୩ ବର୍ଷ ବୟସରେ ପରଲୋକ ।

୧୭– ଯମୁନା ନଦୀକୂଳରେ ଥିବା ରାଷ୍ଟ୍ରୀୟ ସ୍ମୃତିସ୍ଥଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶେଷକୃତ୍ୟ ସମ୍ପନ୍ନ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ଡେରାବିଶ, ୧୯।୮ (ସ୍ୱ.ପ୍ର.):** ଡେରାବିଶ ଥାନ ଅଧୀନ ୫ ନଂ. (କ) ଜାତୀୟ ରାଜପଥର ନୂଆ ହାଟଠାରେ ସଡ଼କ ଦୁର୍ଘଟଣାରେ ରବିବାର ଅପରାହ୍ନରେ ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସ୍‌ଠାରୁ ମିଳିଥିବା ସୂଚନା ଅନୁସାରେ, ଚଣ୍ଡିଖୋଲରୁ ପାରାଦୀପ ଅଭିମୁଖେ ଯାଉଥିବା ଏକ ଟ୍ରକ (ନଂ.-ଓଡି-୦୪-ଏଚ୍-୫୩୫୩) ନୂଆ ହାଟଠାରେ ଚାଲି ଚାଲି ଯାଉଥିବା ଜନୈକ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବ୍ୟକ୍ତି ଜଣକ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ସହ ଏ ନେଇ ୧୧୨/୧୮ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ମୃତକ ଜଣକ ପରିଚୟ ମିଳି ନଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।

### ଚେତନା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ

**ପଟ୍ଟାମୁଣ୍ଡାଇ, ୧୯।୮ (ସ୍ୱ.ପ୍ର.):** କବି, ଲେଖକମାନେ ନୀରବିଚ୍ଛିନ୍ନ ଭାବେ କଲମ ଚାଳନା ଜାରି ରଖିଲେ ରୁଚି ସମ୍ପନ୍ନ ସାହିତ୍ୟ ସୃଷ୍ଟି ହୋଇ ପାରିବ। ସାର୍ବଜନୀନ ସାହିତ୍ୟ ସୃଷ୍ଟି କରିବା କବି ଓ ଲେଖକମାନଙ୍କ ଧର୍ମ ହେବା ଉଚିତ୍ ବୋଲି ପଟ୍ଟାମୁଣ୍ଡାଇ ଚେତନା ସାହିତ୍ୟ ସଂସଦର ମେଘମହ୍ଲାର କବିତା ପାଠୋତ୍ସବରେ ଅତିଥିମାନେ ମତ ଦେଇଛନ୍ତି। ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଚେତନା ସାହିତ୍ୟ ସଂସଦ ସଭାପତି ବରିଷ୍ଠ ସ୍ତମ୍ଭକାର ଦିବାକର ବିଶ୍ୱାଳଙ୍କ ପୌରୋହିତ୍ୟରେ ରବିବାର ସାହିତ୍ୟ ଆସର ଆୟୋଜିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧକ୍ଷ ଦେବବ୍ରତ ପ୍ରଧାନ ମୁଖ୍ୟଅତିଥି, ଅଧାପକ ରତ୍ନାକର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ମନୋରଞ୍ଜନ ଆଚାର୍ଯ୍ୟ ଓ କବୟିତ୍ରୀ ଚାରୁଲତା ଭୂୟାଁ ସଂଯୋଜନା କରିଥିଲେ। ଏଥିରେ କବି ଦାମୋଦର ମିଶ୍ର, ସରସ୍ୱତୀ ବେହେରା, ନିରୁପମା ଦାସ, ସାବିତ୍ରୀ ମହାରଣା, କୁଳମଣି ରାଉତ, ମନୋଜ କୁମାର ଶତପଥୀ, ସୁରେନ୍ଦ୍ର କୁମାର ରାଉତ, ଶିବପ୍ରସାଦ ରାଉତ, ତ୍ରିଲୋଚନ ଜେନା, ଅଶୋକ ପରିଡ଼ା, ସୁରପ୍ରଦାସ ଦାଶ, ଇଂ. ତପନ ପାତ୍ର, କସ୍ତୁରୀଚରଣ ସ୍ୱାଇଁ, ପଦ୍ମନାଭ ନାୟକ, ଡା. ନାରାୟଣ ପ୍ରସାଦ ଜେନା, ସୁନାମଣୀ ଦାଶ, ନରେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବୟିତ୍ରୀ ଓ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବୟିତ୍ରୀ ଆରଧନା ଦାଶ ଧନ୍ୟବାଦ ଦେଇଥିଲେ।

### ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଯୋଗ ଶିବିର

**ରାଜନଗର, ୧୯।୮ (ଡି.ଏନ୍.ଏ.):** ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରାଜନଗରରେ ଚାଲିଥିବା ୩ଦିନିଆ ଯୋଗ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜନଗର ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ପରିସରରେ ଆୟୋଜିତ ଏହି ଯୋଗ ଶିବିରରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ହାପିନେସ୍ ପ୍ରୋଗ୍ରାମ ମାଧମରେ ଯୋଗର ଉପାଦେୟତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଯୋଗ ପ୍ରଶିକ୍ଷକ ଲଳିତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ।

■ କେରଳରେ ପ୍ରଳୟଙ୍କରୀ ବନ୍ୟା

# କେନ୍ଦ୍ରାପଡ଼ାର ୩୦ରୁ ଊର୍ଦ୍ଧ୍ୱ ଜଳବନ୍ଦୀ



ଚେଙ୍ଗାନୁରଠାରେ ଅନୁଷ୍ଠିତ କୁମ୍ଭଶ୍ରୀ ସରସ ମେଳା ପରିସରରେ ପାଣି।



ସୋଲେମାନଙ୍କ ସହ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ।



ବନ୍ୟା ପାଣିରେ ଫସି ରହିଥିବା ଶେଖ୍ ରାଜ୍।

■ ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ୨ ଜଳବନ୍ଦୀ

■ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପରିବାର ଲୋକଙ୍କ ନିବେଦନ

**ଡେରାବିଶ, (ସ୍ୱ.ପ୍ର.)/ ମହାକାଳପଡ଼ା (ଡି.ଏନ୍.ଏ.) ୧୯।୮**

କେରଳରେ ପ୍ରବଳ ବର୍ଷା ଯୋଗୁ ଭୟାବହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଲକ୍ଷ ଲକ୍ଷ ଲୋକ ପାଣିଘେରରେ ଫସି ରହିଥିବା ବେଳେ ୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଲାଣି। ତେବେ ଓଡ଼ିଶାର ଶତାଧିକ ଲୋକ ଏବେ କେରଳ ବନ୍ୟା ଯୋଗୁ ଜଳବନ୍ଦୀ ଅବସ୍ଥାରେ ଥିବା ଜଣାପଡିଥିବା ବେଳେ ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ପାଖାପାଖି ୩୦ଜଣ ଅଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ଓରମାସ୍ ଆନୁକୂଲ୍ୟରେ ଆଲପୁଜା ଜିଲା ଚେଙ୍ଗାନୁରଠାରେ ଗତ ୧୪ ତାରିଖଠାରୁ କୁମ୍ଭଶ୍ରୀ ସରସ ମେଳା ଆରମ୍ଭ ହୋଇଥିଲା। ଏଥିରେ ଯୋଗଦେବା ପାଇଁ ଓରମାସ୍ ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲାରୁ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଚିଠି ଯୋଗେ ଜଣାଯାଇଥିଲା। ତେବେ ଡେରାବିଶର ଉତ୍କଳ ଗ୍ରାମୀଣ ସଂସ୍ଥା ଗୋଷ୍ଠୀ ଦ୍ୱାରା ତିଆରି ସାମଗ୍ରୀ ନେଇ ସୋଲେମାନ ଓ ଅଭିମନ୍ୟୁ ଉକ୍ତ ମେଳାରେ ଯୋଗଦେବାକୁ ୧୩ ତାରିଖରେ କେରଳରେ ପହଞ୍ଚିଥିଲେ। ୮ଦିନ ଧରି ହେବାକୁ ଥିବା ଏହି ମେଳାର ମାତ୍ର ଗୋଟିଏ ଦିନ ପରେ ସେଠାରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଥିଲା। ଏହାପରଠୁ ସେମାନେ ଭୋକ ଉପାସରେ ଜଳବନ୍ଦୀ ହୋଇ ରହିଛନ୍ତି। ଏହି ଖବର ମିଳିବା ପରେ ଘରେ ଚୁଲି ମଧ୍ୟ ଜଳିନାହିଁ ବୋଲି ଅଭିମନ୍ୟୁଙ୍କ ମା' ରାହାସ ଦେଇ ଓ ବାପା ନୀଳମଣି କହିଛନ୍ତି। ସୋଲେମାନଙ୍କୁ ଯୋଗାଯୋଗ କରିବାରେ ମେଳା ଚାଲୁଥିବା ସ୍ଥାନ ନିକଟସ୍ଥ ଏକ ହୋଟେଲରେ ସେମାନଙ୍କ ରହିବା ପାଇଁ ଓର୍‌ମାସ୍ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମେଳାର ଦ୍ୱିତୀୟ ଦିନରେ ବନ୍ୟା ଆଶଙ୍କାରେ ମେଳାସ୍ଥଳ ଛାଡି ହୋଟେଲକୁ ଚାଲିଯିବା ପାଇଁ ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଥିଲା। ତେବେ ସେମାନେ ରହୁଥିବା ହୋଟେଲର ପ୍ରଥମ ମହଲାରେ ବନ୍ୟାପାଣି ପଶି ଯିବାରୁ ୨ଦିନ ପର୍ଯ୍ୟନ୍ତ ବିସ୍କୁଟ ଓ ଶୁଖିଲା ଖାଦ୍ୟ ଖାଇଥିଲେ। ୧୭ ତାରିଖରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅନ୍ୟ ଏକ ସ୍ଥାନକୁ ନିଆଯାଇଥିବା ବେଳେ ସେଠାରେ ମଧ୍ୟ ବନ୍ୟା ତାଣ୍ଡବ ରଚିଥିଲା। ଫଳରେ ଶନିବାର ସେମାନଙ୍କୁ ତ୍ରିଭେନ୍ଦ୍ରମ୍ ଏୟାରପୋର୍ଟ ନିକଟସ୍ଥ ଅଲ୍ ସେଣ୍ଟସ୍ କଲେଜକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ଯୋଗୁ ତାଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇ ଯାଇଥିବା ସୋଲେମାନ ସୂଚନା ଦେଇଛନ୍ତି। ଅପରପକ୍ଷେ ଏବେ ସେଠାକାର ସରକାର ସେମାନଙ୍କ ପାଇଁ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଡାକ୍ତରୀ ଟିମ୍ ମଧ୍ୟ ଉପସ୍ଥିତ ରହିଛନ୍ତି। ସେହିପରି ସେଠାରେ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବାହାକୁଦ ଗ୍ରାମର ଶେଖ ରାଜ(୩୨), ପିଣ୍ଟୁ ମାଝୀ (୨୦), ବୁଧୁ ମାଝୀ(୧୯), ବାବୁଲା ବେହେରା(୨୭), ସୁରିଆ ବେହେରା (୨୩) ଗାଣ୍ଡୁଆ ମାଝୀ(୨୬), ନାଣ୍ଟୁ ବେହେରା (୨୪), ବାବୁ ମାଝୀ (୧୯), ଅଶୋକ ବେହେରା (୨୪), ବାବୁ ବେହେରା (୩୦), ମୁନା ବେହେରା (୨୯)ଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଜଣ ଫସି ରହିଥିବା ଜଣାପଡିଛି। ଏ ନେଇ ଶେଖ୍ ରାଜ୍ ଫୋନ୍ ଯୋଗେ ସୂଚନା ଦେଇଛନ୍ତି। ସେମାନେ ରହୁଥିବା ସ୍ଥାନର ୨ ତାଲା ପର୍ଯ୍ୟନ୍ତ ବନ୍ୟା ପାଣି ଲାଗି ରହିଥିବାର ସେମାନେ ଭୋକ ଉପାସରେ ରହିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରିଣୀ କଳ୍ପନା ମିଶ୍ର କହିଛନ୍ତି, କେରଳ ଫସିଥିବା ବାହାକୁଦ ଗ୍ରାମର ଶ୍ରମିକମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଏ ନେଇ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀଙ୍କୁ ପଚାରିବାରେ ଓଡ଼ିଶାରୁ ଉଦ୍ଧାରକାରୀ ଦଳ କେରଳକୁ ଯାଇଛନ୍ତି। ଫସି ରହିଥିବା ସମସ୍ତ ଓଡ଼ିଆ ଯୁବତୀଯୁବକଙ୍କୁ ଉଦ୍ଧାର କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

■ ଚାଷ ଜମିକୁ ଜଳସେଚନ ବିବାଦ ଘଟଣା

### କାଡା କେନାଲ ପାଇଁ ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ

**ଡେରାବିଶ, ୧୯।୮ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ୮ ନଂ. (୧) ଶାଖା କେନାଲ୍‌ରୁ ବାଲିଆ ପଞ୍ଚାୟତ ବାଲିଆ ଓ ଏଣ୍ଡର ପଞ୍ଚାୟତ ବିଭୁତିପଡ଼ା ଗ୍ରାମର ଚାଷ ଜମିକୁ ଜଳ ସେଚନ ନେଇ ୨୦୧୦ ମସିହାରୁ ବିବାଦ ଲାଗି ରହିଥିଲା। ତେବେ କେନ୍ଦ୍ରାପଡ଼ା ନଳତନ ଜିଲାପାଳ ଯୋଗଦେବା ପରେ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ରବିବାର ଜିଲା ପ୍ରଶାସନ ପକ୍ଷରୁ ଏଠାରେ କାଡ଼ା କେନାଲ ନିର୍ମାଣ ଖୋଳା ଯିବା ନିମନ୍ତେ ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯାଇଛି। ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ କାଡ଼ା କେନାଲ୍ ପାଇଁ ଜାଗା ଚିହ୍ନଟ କରାଯାଇଥିବା ତହସିଲଦାର କାହ୍ନୁଚରଣ ଲେଙ୍କା ସୂଚନା ଦେଇଛନ୍ତି। ଏଥିସହିତ ସୀମା ନିର୍ଦ୍ଧାରଣ ସମୟରେ ଉପସ୍ଥିତ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାଜକିଶୋର ସାହୁ, କାଡ଼ା ବିଭାଗ ସହକାରୀ ଯନ୍ତ୍ରୀ ମାନଭଞ୍ଜନ ମହାନ୍ତିଙ୍କୁ ତୁରନ୍ତ କେନାଲ ତିଆରି ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। କେନାଲ ପାଇଁ ସୀମା ନିର୍ଦ୍ଧାରଣ ବେଳେ ବରିଷ୍ଠ ପ୍ରଶାସନିକ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ଓ ତହସିଲଦାର ଲେଙ୍କା, ଥାନା ଅଧିକାରୀ ସୁଧୀର କୁମାର ସାହୁ ଉପସ୍ଥିତ ଥିଲେ।



ରାଜନଗର ବ୍ଲକ ହଂସୁଆ ପୋଲ ନିକଟସ୍ଥ ତ୍ରିନାଥ ବଜାରରେ ମା'ଖୁଦୁରୁକୁଣୀଙ୍କ ମୃଣ୍ମୟୀ ମୂର୍ତ୍ତି ବିକ୍ରି ହେଉଛି।

### ଡିମିରିପାଳରେ ବିଜୁ ଯୁବବାହିନୀ ପକ୍ଷରୁ କର୍ମଶାଳା

**ଆଳି, ୧୯।୮ (ଡି.ଏନ.ଏ.)**

ଆଳିବିଜୁଯୁବଜନତା ଦଳ ସଭାପତି କେଦାର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଡିମିରିପାଳ ପଞ୍ଚାୟତର ଯୁବବାହିନୀର ସଦସ୍ୟମାନଙ୍କ ଏକ କର୍ମଶାଳା ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଆଗାମୀ ଦିନରେ ପଞ୍ଚାୟତରେ ହେବାକୁ ଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ, ହ୍ୱାର୍ଟ୍ସଆପ କର୍ମଶାଳା ସମେତ ରାଶନକାର୍ଡରୁ ବାଦ ପଡିଥିବା ହିତାଧିକାରୀମାନେ କିପରି ରାଜ୍ୟ ସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାରେ ଉପକୃତ ହେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିପାଇଁ ବିଜୁ ଯୁବବାହିନୀର ସଦସ୍ୟମାନେ ସକ୍ରିୟ ହେବାକୁ ବେହେରା ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିମିରିପାଳ ଯୁବବାହୀନି ସଭାପତି ଶୁଭ୍ରଜିତ୍ ଦାସ, ସମ୍ପାଦକ ଚନ୍ଦନ କୁମାର ସାମଲ, ସୁରେନ୍ଦ୍ର ନାୟକ, ଶଶିଭୂଷଣ ରାଉତ, ନୀହାର ରଞ୍ଜନ କୁଅଁର, ଅମିତ କର, ନୀହାର ରଞ୍ଜନ ଦାସ, ଅମିତ ବୋଇତି, ତାପସ ଦାସ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ବିକାଶ ଯୁବକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଡେରାବିଶ, ୧୯।୮ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ କଲେଜ ଛକଠାରେ ଗ୍ରାମୀଣ ବିକାଶ ଯୁବକ ସଂଘର କାର୍ଯ୍ୟାଳୟ ଶନିବାର ଉଦ୍‌ଘଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଯୁବକ ସଂଘ ସଭାପତି ଅଶିଷ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ଆଇନଜୀବୀ ଦୀପକ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାହିତ୍ୟିକ ଅପର୍ଣ୍ଣା ତ୍ରିପାଠୀ ଯୋଗଦେଇଥିଲେ। ସଂଘର କୋଷାଧ୍ୟକ୍ଷ ଅବିନାଶ ଭଦ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କଟକ-ଚାନ୍ଦବାଲି ରାଜରାସ୍ତାରେ ଦୁର୍ଘଟଣା ପ୍ରତିରୋଧ ପାଇଁ ଦୁଇଟି ଗତିରୋଧକ ସୂଚନା ଷ୍ଟାଣ୍ଡ ରଖାଯାଇଥିଲା ଏବଂ ପାଟକୁରା ଗ୍ରାମରେ ଘର ଭୁଶୁଡ଼ି ଯାଇଥିବା ଦିଗମ୍ବର ସାହୁଙ୍କ ପରିବାରକୁ ଆର୍ଥିକ ସାହାଯତା ପ୍ରଦାନ କରାଯାଇଥିଲା। ବିକାଶ ଭଦ୍ର, ପ୍ରିତିରଞ୍ଜନ ସାହୁ, ନିର୍ମଳ ଭଦ୍ର, ଶ୍ରୀନାଥ ଘଡ଼େଇ, ସୁଧାଂଶୁ ଶତପଥୀ, ରତିପ ଭଦ୍ର, କିର୍ତ୍ତି ତ୍ରିପାଠୀ, ବାଇଧର ବେହେରା, ଜିତେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପୂର୍ବ ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ

### ଗ୍ରାମରେ ପୋଲିସ ମୁତୟନ, ଥାନାରେ ଅଭିଯୋଗ

**ମହାକାଳପଡା, ୧୯।୮ (ଡି.ଏନ୍.ଏ.)**

ମହାକାଳପଡା ଥାନା ଅଧୀନ ବଳିପାଳ ପଞ୍ଚାୟତର ବାଲିସାହି ଗ୍ରାମରେ ବିଭିନ୍ନ କାରଣକୁ ନେଇ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗିରହିଛି। ଏହି ବିବାଦକୁ ନେଇ ରବିବାର ମହାକାଳପଡା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ପୁଷ୍ପଲତା ଜେନା ଘର ଉପରକୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ୭ରୁ ୮ଜଣ ବ୍ୟକ୍ତି ତାଙ୍କ ଘର ଉପରକୁ ଟେକା ପଥର ମାଡ କରିଥିଲେ। ଏଥିଯୋଗୁ ଘରର ଆଜବେଷ୍ଟସ ଭାଙ୍ଗିଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ ୮୭/୧୮)ରୁଜୁ କରଯାଇଛି। ସୂଚନା ଯୋଗ୍ୟ ଯେ, ପୂର୍ବ ବିବାଦକୁ ନେଇ ୬ ମାସ ପୂର୍ବେ ଏକ ହତ୍ୟାକାଣ୍ଡ ହେବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡା ଅଧିକ ବଢ଼ିଛି। ଅଭିଯୋଗ ମିଳିବା ପରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ୧ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି ବୋଲି ଆଇଆଇସି ଶ୍ୟାମଘନ ବେହେରା ସୂଚନା ଦେଇଛନ୍ତି।



ବାଲିସାହି ଗ୍ରାମରେ ପୋଲିସ ପଇଁତରା ମାରୁଛି।

■ ମଶାଧୂଆଁରୁ ଅଗ୍ନିକାଣ୍ଡ

### ୨୫ ମେଣ୍ଢା, ୧୦ ଛେଳି ଜୀବନ୍ତଦଗ୍ଧ



ଜଳି ଯାଇଥିବା ଗୁହାଳ ଘର।

**ମାର୍ଶାଘାଇ, ୧୯।୮ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ନରୋତ୍ତମ ବେହେରାଙ୍କ ଏକ ବଖରା ଓ ଗୁହାଳ ଜଳି ଯାଇଛି। ଏଥିରେ ଘରର ସମସ୍ତ ଆସବାବ ପତ୍ର ଜଳି ଯାଇଥିବା ବେଳେ ବର୍ଷକର ଖାଦ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଏଥିସହ ଗୁହାଳ ଘରେ ବନ୍ଧା ହୋଇଥିବା ୨୫ ମେଣ୍ଢା, ୧୦ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୩ଗୋରୁ ଅର୍ଦ୍ଧ ଦଗ୍ଧ ହୋଇଛନ୍ତି।

ପ୍ରକାଶ ଯେ, ଗୁହାଳରେ ମଶା ନ ହେବା ପାଇଁ ଶନିବାର ସନ୍ଧ୍ୟାରେ ଧୂଆଁ ଦିଆ ଯାଇଥିଲା। ତେବେ ଧୂଆଁରୁ ଧାସ ବାହାରି ଗୁହାଳ ଘର ଚାଳରେ ଲାଗି ଯାଇଥିଲା। ଫଳରେ ଗୁହାଳ ସମେତ ବଖରାଏ ଘରେ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳେକୁ ଘରର ସମସ୍ତ ଆସବାବପତ୍ର ଜଳି ଯାଇଥିଲା। ରବିବାର ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ ବିପନ୍ନ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମାର୍ଶାଘାଇ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା, ସୁପରଭାଇଜର ସୁକାନ୍ତ ମଳିକ, ନେମ୍ବରା ରାଜସ୍ୱ ନିରୀକ୍ଷିକା ପୁଷ୍ପଲତା ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବିପନ୍ନଙ୍କୁ ୨ଟି ପଲିଥିନ ଯୋଗାଇ ଦେଇଛନ୍ତି। ନରୋତ୍ତମଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅନୁପ୍ରବେଶକାରୀଙ୍କ ଆଶ୍ରୟସ୍ଥଳୀ ପାଲଟିଛି ଉପକୂଳ

**ପଟ୍ଟାମୁଣ୍ଡାଇ, ୧୯।୮ (ସ୍ୱ.ପ୍ର.)**

ପ୍ରଶାସନିକ ଅଣଦେଖା ଓ ରାଜନୈତିକ ଫାଇଦା ଉଠାଇ କେନ୍ଦ୍ରାପଡା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି। ଯାହାକି ସ୍ଥାନୀୟ ଲୋକଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ଅସୁରକ୍ଷିତ ହୋଇ ପଡୁଛି ଉପକୂଳ ଅଞ୍ଚଳ। ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ଅନୁପ୍ରବେଶକାରୀଙ୍କୁ ରୋକିବାରେ ସବୁ କଟକଣା ବିଫଳ ହୋଇଛି। କେନ୍ଦ୍ରାପଡା ଜିଲାର ମହାକାଳପଡା, ରାଜନଗର ବ୍ଲକରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଉଦ୍‌ବେଗ ସୃଷ୍ଟି କରିଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତର ଜିଗରଣ କଲୋନୀ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଏସବୁ ଅଞ୍ଚଳରେ ବାଂଲା ଅନୁପ୍ରବେଶକାରୀଙ୍କ ଉତ୍ପାତ ଦିନକୁ ଦିନ ବଢି ଚାଲିଥିବା ବେଳେ ସମ୍ପୃକ୍ତ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ୨୦୧୪ ମସିହା ମେ ମାସରେ ୩ ଜଣ ବାଂଲାଦେଶୀ ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ଜଣେ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିଥିଲେ। ଏବେ ବି ସେହି ବିଭତ୍ସ ହତ୍ୟା ଘଟଣା ଲୋକଙ୍କ ମନରୁ ଲିଭିନାହିଁ କି ଭୟ ଯାଇନାହିଁ। ଅନୁପ୍ରବେଶକାରୀମାନଙ୍କୁ ଭାରତରେ ରଖାଇ ଦିଆଯିବ ନାହିଁ ବୋଲି ବାରମ୍ବାର କଥା ଉଠୁଛି। ତେବେ ସମୁଦ୍ରପଥରେ ଅନୁପ୍ରବେଶକାରୀମାନେ ନିର୍ଭୟରେ କେନ୍ଦ୍ରାପଡା ଜିଲାର ଉପକୂଳରେ ପ୍ରବେଶ କରୁଥିବାର ବହୁ ନଜିର ରହିଛି। ୨୦୦୫ ମସିହାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ୧୫୫୧ ଜଣ ବାଂଲା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର ନୋଟିସ ଦେଇଥିଲେ। ମାତ୍ର ତାହା କେଉଁ ଅଜ୍ଞାତ କାରଣ ଯୋଗୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। କେନ୍ଦ୍ରାପଡା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କ ଚରାଭୂଇଁ ପାଲଟିଛି। ଯାହାକି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ହୋଇପାରେ। ମହାକାଳପଡା ଓ ରାଜନଗର ବ୍ଲକରେ ସାମୁଦ୍ରିକ ଥାନା ଥିଲେ ମଧ୍ୟ ତାହା ବାଂଲା ଅନୁପ୍ରବେଶକାରୀଙ୍କୁ ରୋକିବାରେ ସକ୍ଷମ ହେବନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ୩ଟି ସାମୁଦ୍ରିକ ଥାନାରେ ଆବଶ୍ୟକ ସଂଖ୍ୟକ ପୋଲିସ ଓ କର୍ମଚାରୀ ନାହାନ୍ତି। ଏହାଛଡା ଜିପ୍ ଓ ସ୍ପିଡ୍ ବୋଟ ମଧ୍ୟ ନାହିଁ। ରାଜ୍ୟ ସରକାର କେବଳ ସାମୁଦ୍ରିକ ଥାନା ପ୍ରତିଷ୍ଠା କରି ଦେଇଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଆନୁସଙ୍ଗିକ ବ୍ୟବସ୍ଥା କରିନାହାନ୍ତି। ଫଳରେ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତି ସାମୁଦ୍ରିକ ଥାନାରେ ୮୧ଜଣ କର୍ମଚାରୀ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ଆବଶ୍ୟକ ଜିପ୍ ଓ ସ୍ପିଡ୍ ବୋଟ ଯୋଗାଇ ଦେଲେ ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଜିଗରଣ ରିଫ୍ୟୁଜି କଲୋନୀରେ ଅନୁପ୍ରବେଶକାରୀଙ୍କ ପ୍ରବେଶ ଆଶଙ୍କା

**ପଟ୍ଟାମୁଣ୍ଡାଇ, ୧୯।୮ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ଜିଗରଣ ରିଫ୍ୟୁଜି କଲୋନୀରେ ବାଂଲା ଅନୁପ୍ରବେଶକାରୀଙ୍କ ପ୍ରବେଶ ନେଇ ଆଶଙ୍କା ଦେଖାଦେଇଛି। ଏଥିନେଇ କଲୋନୀ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ଜଣେ ହେଲେ ଅନୁପ୍ରବେଶକାରୀଙ୍କୁ ସ୍ଥାନ ନ ଦେବାକୁ ସଜାଗ ହୋଇ ଉଠିଛନ୍ତି। ସୂଚନାଯୋଗ୍ୟ ଯେ, ବାଂଲାଦେଶରୁ ରିଫ୍ୟୁଜି ଭାବେ ୧୯୫୫ ମସିହାରେ ଭାରତକୁ ପଳାଇ ଆସିଥିବା ଲୋକମାନେ ପଶ୍ଚିମବଙ୍ଗ କ୍ୟାମ୍ପରେ ଆଶ୍ରୟ ନେଇଥିଲେ। ୧୯୫୭ ମସିହାରେ ଭାରତ ସରକାରଙ୍କ ନିର୍ଦ୍ଦେଶରେ ୧୩ଟି ପରିବାର ପ୍ରମାଣପତ୍ର ସହ ପଟ୍ଟାମୁଣ୍ଡାଇ ବ୍ଲକ ଜିଗରଣରେ ବସତି ସ୍ଥାପନ କରି ଆସୁଛନ୍ତି। ଏବେ ଏହି ପରିବାର ସଂଖ୍ୟା ୬୫ରେ ପହଞ୍ଚିଥିବା ବେଳେ ଜନସଂଖ୍ୟା ପ୍ରାୟ ୪ ଶହ ପାଖାପାଖି ହୋଇଛି। ହେଲେ ବିଭିନ୍ନ ସମୟରେ କଲୋନୀରେ ଥିବା ଲୋକଙ୍କ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀ ଏଭଳି ସୁରକ୍ଷିତ ସ୍ଥାନରେ ରହିବାକୁ ପଳାଇ ଆସୁଥିବା ଦେଖାଯାଉଛି।

## ସଂକ୍ଷେପରେ

### ଜୀବନ ଦ୍ୟୁତି ବିଦ୍ୟାଳୟରେ ବିଜ୍ଞାନ ମେଳା

ବାଲିକୁଦା,୧୯।୮(ସ୍ୱ.ପ୍ର.): ବାଲିକୁଦା ବ୍ଲକ କଣିଆଁସ୍ଥିତ ଜୀବନ ଦ୍ୟୁତି ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏହି ମେଳାରେ ମୋଟ ୫୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ମୁଖ୍ୟ ଅତିଥି ଓ ସରପଞ୍ଚ ଅଶୋକ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳା ଉଦ୍‌ଘାଟନ କରିଥିଲେ। ପ୍ରଥମେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ସାରା ଜିଲାରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ଶୀଖା ପଟ୍ଟନାୟକ ୩ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ନୃସିଂହ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜନ କରାଯାଇଥିଲା। ବିଚାରପତି ଭାବେ ଶରତ କୁମାର ଲେଙ୍କା ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ, ସଭାପତି ଗୌରାଙ୍ଗ ଚରଣ ଦାସ, ରୁକ୍ଷେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କୁନି ବିଜ୍ଞାନୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଅରୁଣ ଶତପଥୀ, ଗୁରୁଦେବ ସାହୁ, ପ୍ରଭାତ ଦାସ, ବାବାଜି ସେଠୀ, ଅଜୟଲକ୍ଷ୍ମୀ ଦାସ, ସୁଜାତା ସାହାଣି, ମଧୁସ୍ମିତା ପତି, ପ୍ରୟଦର୍ଶିନୀ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

### ପଠାଣି ସାମନ୍ତ ମେଧାବୃତ୍ତିରେ କୃତୀତ୍ୱ

ରାହାମା,୧୯।୮(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡ଼ା, ରାହାମାର ଦଶମ ଶ୍ରେଣୀ ଛାତ୍ରୀ ସ୍ୱପ୍ନା ମିଶ୍ର ଗତ ନବମ ଶ୍ରେଣୀରେ ଦେଇଥିବା ପଠାଣି ସାମନ୍ତ ଗଣିତ ମେଧାବୃତ୍ତିରେ ସଫଳତା ହାସଲ କରିଛନ୍ତି। ସେ ୬ଷ୍ଠ ଶ୍ରେଣୀରେ ମଧ ଏହି କୃତିତ୍ୱ ଅର୍ଜନ କରିଥିଲେ। ସାରଳା ମହାବିଦ୍ୟାଳୟ ରାହାମାର ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ସୁରେନ୍ଦ୍ରନାଥ ମିଶ୍ର ଓ ମା' ପ୍ରୀୟଦର୍ଶିନୀ ତ୍ରିପାଠୀଙ୍କ ଏକମାତ୍ର କନ୍ୟା ସ୍ୱପ୍ନା ଏହି ସଫଳତା ଅର୍ଜନ କରି ସ୍ଥାନୀୟ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସେ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଓ ଗୁରୁଜୀଙ୍କୁ ପ୍ରଦାନ କରିଛନ୍ତି।

### ଯୁବ ପ୍ରତିଭାଙ୍କ ସ୍ତୁତିଚାରଣ



ରାହାମା,୧୯।୮(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଗରେଇ ପଞ୍ଚାୟତର ଲଥାଙ୍ଗ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଯୁବ ପ୍ରତିଭା ରଦ୍ଧିଶ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ରଦ୍ଧିଶ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ବାର୍ଷିକ ସ୍ତୁତିସଭା ଅନୁଷ୍ଠିତ ହୋଇଛି। ଏଥିରେ ତିର୍ତ୍ତୋଲ କଲେଜ ଅଧକ୍ଷ ଭାଗ୍ୟଧର ରାଉତ, ଅଧ୍ୟାପକ ଅରୁଣ କୁମାର ପଣ୍ଡା, ଲେଫ୍‌ଟନାଣ୍ଟ ଜ୍ଞାନଜ ସାମନ୍ତରାୟ, ତିର୍ତ୍ତୋଲ ବାର ଆଶୋସିଏଶନ ଉପସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ରତିକ ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ଶାରଦା ପ୍ରସନ୍ନ ଦାସ, ନିଖିଳେଶ୍ୱର ଗିରି, ଶରତ ଚନ୍ଦ୍ର ସ୍ୱାଇଁ, ଗରେଇ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ତିର୍ତ୍ତୋଲ କଲେଜ, ଗରେଇ ପଞ୍ଚାୟତ ହାଇସ୍କୁଲ, ଗରେଇ ହାଇସ୍କୁଲର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରଦ୍ଧିଶଙ୍କ ପିତା ହୃଷିକେଶ ଆଚାର୍ଯ୍ୟ ଓ ଟ୍ରଷ୍ଟବୋର୍ଡ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏରସମା କନିଷ୍ଠ ଶିକ୍ଷକ ସଂଘ ଗଠିତ

ଏରସମା,୧୯।୮(ସ୍ୱ.ପ୍ର.): ଏରସମା ବ୍ଲକର କନିଷ୍ଠ ଶିକ୍ଷକ ସଂଘ ଶନିବାର ଗଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିହାର ରଞ୍ଜନ ଜେନା ସଭାପତି, ନିରଞ୍ଜନ ସାମଲ ଉପସଭାପତି, ସୁଚିତ୍ରା ପାତ୍ର କାର୍ଯ୍ୟକାରୀ ସଭାପତି, ସୁଧିର କୁମାର ଭୋଇ ସମ୍ପାଦକ, ସୁବ୍ରତ କୁମାର ଦାସ ସହସମ୍ପାଦକ, ଜୟନ୍ତ କୁମାର ପାତ୍ର କୋଷାଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ସୁରେଶ ମହାନ୍ତି, ବିଶ୍ୱଜିତା ନାୟକ, ଜୟଶ୍ରୀ ପ୍ରଧାନ, ଦିଲୀପ ପ୍ରଧାନ, ପ୍ରବୀର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବହେଳିତ ଅବସ୍ଥାରେ କୃଷି କାର୍ଯ୍ୟାଳୟ

**ନାଉଗାଁ,୧୯।୮(ସ୍ୱ.ପ୍ର.)**



**ନାଉଗାଁ ବ୍ଲକ**
- ବିଦ୍ୟୁତ୍ ନାହିଁ କି ପାନୀୟଜଳ ସୁବିଧା ନାହିଁ
- ବାହାରେ ହେଉଛି କମ୍ପ୍ୟୁଟର କାର୍ଯ୍ୟ

ନାଉଗାଁ ବ୍ଲକ ଅଧୀନ ୧୬ ପଞ୍ଚାୟତର ୮୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ତେଣୁ ଏହି ବ୍ଲକରେ କୃଷି ବିଭାଗ କାର୍ଯ୍ୟାଳୟର ଯଥେଷ୍ଟ ଗୁରୁତ୍ୱ ଥିବାବେଳେ ତାହା ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ରହିଛି। ୨୦୧୦ରୁ ଏଠାରେ ଆତ୍ମା କମିଟି ଗଠନ ହୋଇପାରିନାହିଁ। ଫଳରେ ଚାଷୀମାନେ କୃଷି ସମ୍ବନ୍ଧୀୟ କୌଣସି ପରାମର୍ଶ କିମ୍ବା ତାଲିମ ପାଇପାରୁ ନାହାନ୍ତି। କୃଷି କାର୍ଯ୍ୟାଳୟଟି ବ୍ଲକ ମୁଖ୍ୟାଳୟଠାରୁ ୨ କିମି ଦୂରରେ ରହିଛି। ଏଠାକୁ ଯିବା ପାଇଁ ସ୍ଥାୟୀ ରାସ୍ତା ଖଣ୍ଡେ ନାହିଁ। ବର୍ଷାଦିନେ କାର୍ଯ୍ୟାଳୟକୁ ଯିବାକୁ ହେଲେ ଆଣ୍ଠୁଏ କାଦୁଅରେ ଯିବାକୁ ପଡୁଛି। ସରକାର ଡିଜିଟାଲ ଇଣ୍ଡିଆ ଘୋଷଣାକୁ ଗୁରୁତ୍ୱ ଦେଉଥିବାବେଳେ ଏଠାରେ ଡିଜିଟାଲ ତ ଦୂରର କଥା କାର୍ଯ୍ୟାଳୟ ଆରମ୍ଭ ଦିନଠାରୁ ବିଜୁଳି ବତିଟିଏ ମଧ ଜଳିନାହିଁ। ତେଣୁ ଅନ୍‌ଲାଇନ୍ ମାଧମରେ କୃଷକ ପଞ୍ଜୀକରଣ ଓ କୃଷକଙ୍କ ପାଇଁ ଅନ୍‌ଲାଇନ୍ ମାଧମରେ ହେଉଥିବା ଅନ୍ୟ ସମସ୍ତ କାର୍ଯ୍ୟ ଏଠାରେ ଠପ୍ ହୋଇଯାଇଛି କହିଲେ ଚଳେ। ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ କମ୍ପ୍ୟୁଟର ଲାଗିପାରୁନାହିଁ। ଦୀର୍ଘବର୍ଷ ଧରି ଆତ୍ମା କମିଟି ଗଠନ ହୋଇ ନ ଥିବାରୁ କୃଷକଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହେଉଛି। ମୃତ୍ତିକା ପାଇଁ ପଞ୍ଜୀକରଣ, ଅତ୍ୟାଧୁନିକ ପଦ୍ଧତି ଓ ଇଣ୍ଟରନେଟ୍ ଜରିଆରେ କୌଣସି କାର୍ଯ୍ୟକ୍ରମ ହୋଇପାରୁନି। ତେଣୁ କର୍ମଚାରୀମାନେ ବାହାରେ କମ୍ପ୍ୟୁଟର କାର୍ଯ୍ୟ କରୁଛନ୍ତି। ରାସ୍ତା, ପାନୀୟଜଳ ଓ ବିଦ୍ୟୁତ୍ ନ ଥିବାରୁ କର୍ମଚାରୀମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଛନ୍ତି। ଏ ସମ୍ପର୍କରେ ନାଉଗାଁ କୃଷି ସମ୍ପ୍ରସାରଣ ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ ବିଦ୍ୟୁତ୍ ନ ଥିବାରୁ ଅନ୍‌ଲାଇନ୍ କାର୍ଯ୍ୟ ବାହାରେ ହେଉଛି। ପାନୀୟଜଳ ସୁବିଧା ନାହିଁ। ବିଦ୍ୟୁତ୍ ନ ଥିବାରୁ ଲାଇଟ୍ ଓ ପଙ୍ଖା ଲାଗିପାରୁନି। ପ୍ରବଳ ଗରମ ଯୋଗୁ ଏଠାରେ ବସି କାମ କରିବାରେ ଅସୁବିଧା ହେଉଛି ବୋଲି ସେ କହିଛନ୍ତି। ବ୍ଲକରେ ଥିବା କୃଷି ବିଭାଗ କାର୍ଯ୍ୟାଳୟର ଆଧୁନିକୀକରଣ କରିବାକୁ ସୁବାସ ସ୍ୱାଇଁ, ଜାମୁଗାଁ ସରପଞ୍ଚ ଲଲାଟେନ୍ଦୁ ପରିଡ଼ା, ଆଶୋକ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ଗୋବରୀ ନଦୀରେ ବୁଡ଼ି ବୃଦ୍ଧ ମୃତ

**ନାଉଗାଁ,୧୯।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ଚାନ୍ଦଖାଁପାଟଣା ଗ୍ରାମରେ ରବିବାର ଗୋବରୀ ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରିକ୍ଷିତ ସ୍ୱାଇଁ(୭୦)। ସକାଳେ ସେ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ସେ ପାଣିରେ ପଡିଯାଇଥିଲେ। ସେଠାରେ ଅଧିକ ପାଣି ଥିବାରୁ ଆଉ ଆସିପାରି ନ ଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଖବରପାଇ ନାଉଗାଁ ଦମକଳ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରି ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡା. ସଂଗ୍ରାମ କେଶରୀ ମହାନ୍ତି ତାଙ୍କ ମୃତ ଘୋଷଣା କରିଥିଲେ।

## ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବାଲିକୁଦା,୧୯।୮(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଡଙ୍ଗା ପଞ୍ଚାୟତର ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ଜଟାଧାରୀ ଦାସଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ମୋ' ସ୍କୁଲ ଅଭିଯାନର ସଭାପତି ସୁବଳ ବେହେରା ଅଧକ୍ଷତା କରିଥିଲେ। ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହା ଆଡମ୍ବରରେ କରାଯିବାକୁ ସମସ୍ତ ଛାତ୍ରୀଛାତ୍ରଙ୍କ ପରାମର୍ଶ ଲୋଡାଯାଇଥିଲା। ଏହି ଅବସରରେ ରୌପ୍ୟ ଜୟନ୍ତୀ ପାଇଁ ଏକ କମିଟି ଗଠନ ପାଇଁ ପ୍ରସ୍ତାବ ଗ୍ରହଣ ହୋଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ୯ ତାରିଖରେ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ବାରିକ, ସହକାରୀ ଶିକ୍ଷକ ନିରଞ୍ଜନ ବାରିକ, ଦେବେନ୍ଦ୍ର ପରିଡା, ପ୍ରତାପ ଚନ୍ଦ୍ର ନାୟକ, ନବଘନ ମୁଦୁଲି ପ୍ରମୁଖ ଯୋଗଦେଇ ଥିଲେ।




ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ଓ ଶିକ୍ଷକ।

## ଡେଙ୍ଗୁ ସଚେତନତା ସୃଷ୍ଟି କଲେ ଛାତ୍ରୀଛାତ୍ର

**ଏରସମା,୧୯।୮(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ଗ୍ରାମର କନାଗୁଳି ଓ ଆଖପାଖ ୬ ଗ୍ରାମରେ ଏବେ ଡେଙ୍ଗୁ ଆତଙ୍କ ସୃଷ୍ଟି କରିଛି। ୬୦ରୁ ଉର୍ଦ୍ଧ୍ୱ ଲୋକ ଜ୍ୱରରେ ପୀଡିତ ଥିବାବେଳେ ୩୫ଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଛି। ଗତ ସପ୍ତାହେ ହେଲା ଏହି ଅଞ୍ଚଳରେ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀ ଡେଙ୍ଗୁ ଜ୍ୱର ନିୟନ୍ତ୍ରଣ ପାଇଁ ଚେଷ୍ଟା ଚଳାଥିଲେ ମଧ ତାହା ନିୟନ୍ତ୍ରଣ ହୋଇପାରୁନାହିଁ। ଶନିବାର ସେଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଧୂଆଁ ଦିଆଯାଇଥିଲା। କନାଗୁଳି ଗ୍ରାମରୁ ଏହି ରୋଗ କୁଞ୍ଜକୋଠି ପଞ୍ଚାୟତର ଅନ୍ୟ ଗ୍ରାମକୁ ବ୍ୟାପିଲାଣି। ଏହାର ନିରାକରଣ ପାଇଁ ଶନିବାର ସ୍ଥାନୀୟ ବାଲୁଙ୍କେଶ୍ୱର ହାଇସ୍କୁଲର ଛାତ୍ରୀଛାତ୍ର ପଦଯାତ୍ରା ମାଧମରେ ସଚେତନତା ସୃଷ୍ଟି କରିଛନ୍ତି। ସେମାନେ ଏହି ପଞ୍ଚାୟତର ଖୁରଣ୍ଟ, ବାଲିଥୁଠ, କଣ୍ଟାବେଲାରୀ, ନଳପାହୀ, ଜଗତପଡା, କାଳିକୁଦ ଓ ଦାସ ମଠ ଗ୍ରାମ ପରିକ୍ରମା କରି ଡେଙ୍ଗୁ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, କ୍ରୀଡା ଶିକ୍ଷକ ଦିଲୀପ କୁମାର ନାୟକ, ଅନନ୍ତ କିଶୋର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କଲେଜରେ ପଢ଼ି ନ ପାରିବା ମୋ' ଜୀବନର ଅବସୋସ

**ଜଗତ୍‌ସିଂହପୁର ଅଫିସ,୧୯।୮**




ଦିନକର କାହାଣୀ

୧୦ମ ପାସ ପରେ କଲେଜରେ ପଢିବାକୁ ବହୁତ ଇଛା ଥିଲା। କିନ୍ତୁ ପଢି ପାରିଲିନି। ଏହା ମୋ ଜୀବନରେ ଏକ ଅବସୋସ। ବାପା ଧୀରେନ୍ଦ୍ର ଚାନ୍ଦଙ୍କ ଅସୁସ୍ଥତା ଓ ଅର୍ଥାଭାବ ମୋ ଜୀବନର ଗତି ବଦଳାଇଦେଲା। ଶେଷରେ ଫୁଟପାଥିରେ ଏକ ଚା ଦୋକାନ କରି ପରିବାର ଭରଣପୋଷଣ କରୁଛି। ଏହା ହେଉଛି ସ୍ଥାନୀୟ ଟାଉନ ହଲ୍ ପାର୍ଶ୍ୱରେ ଚା'ଦୋକାନ କରିଥିବା ମାନସ ଚାନ୍ଦ(୩୦)ଙ୍କ କଥା। ଚାଟରା (ନଡ଼ିଆବାଗ) ଗ୍ରାମର ମାନସ ମାଟ୍ରିକ୍ ପଢିବା ସମୟରେ କଲେଜରେ ପଢିବା, ଫୁଲ୍ ପ୍ୟାଣ୍ଟ ପିନ୍ଧିବା, ଉଚ୍ଚଶିକ୍ଷା ଲାଭ କରି ଚାକିରି କରିବା ଆଦି ସମ୍ପର୍କରେ ସାଙ୍ଗମାନଙ୍କ ସହ କଥା ହେଉଥିଲେ। କିନ୍ତୁ ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଯୁକ୍ତ ୨ରେ ନାମ ଲେଖାଇବାକୁ ଟଙ୍କା ଯୋଗାଡ଼ କରିପାରିଲେନି ବାପା। କାରଣ ବାପା ମୂଲ ଲାଗି ଯାହା ରୋଜଗାର କରୁଥିଲେ, ସେଥିରେ ପରିବାର ବହୁ କଷ୍ଟରେ ଚଳୁଥିଲା। ଏଥିସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏ ପରିସ୍ଥିତିରେ ପାଠପଢା ଛାଡ଼ି ରୋଜଗାର କରିବାକୁ ସେ ତାମିଲନାଡୁ ଯିବାକୁ ନିଷ୍ପତ୍ତି ନେଇଥିଲେ। କୌଣସି ପ୍ରକାରେ ଟଙ୍କା ଯୋଗାଡ଼ କରି ସେ ୨୦୦୯ ରେ କେତେଜଣଙ୍କ ସହ ମିଶି ତାମିଲନାଡୁ ଯାଇଥିଲେ। ସେଠାରେ ତାଙ୍କୁ ଠିକ୍ ସମୟରେ ପାରଶ୍ରମିକ ନ ମିଳିବାରୁ ସେ ବାଧହୋଇ ଜଗତ୍‌ସିଂହପୁର ଫେରିଆସିଥିଲେ। ୨୦୧୧ରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଏକ ଚା' ଦୋକାନ କରିଥିଲେ। କିନ୍ତୁ ଆଶାଜନକ ରୋଜଗାର ନ ହେବାରୁ ଆଉ ସେଠାରେ ଦୋକାନ କଲେ ନାହିଁ। ପରେ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ର ସାମ୍ନା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚା' ଦୋକାନ କରିଥିଲେ। ସେଠାରେ ତାଙ୍କ ଦୋକାନ ଭଲ ଚାଲିଲା। ପ୍ରତ୍ୟହ ପ୍ରାୟ ୮୦୦ କପ୍ ଚା ବିକ୍ରି ହେଲା। କିନ୍ତୁ ଦୁର୍ଭାଗ୍ୟ ଜିଲା ପ୍ରାଶାସନ ତରଫରୁ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯିବାରୁ ତାଙ୍କ ଦୋକାନ ଭାଙ୍ଗିଗଲା। ପରେ ପ୍ରଶାସନ ତାଙ୍କୁ ଟାଉନ ହଲ୍ ପାର୍ଶ୍ୱ ବାଗସାହି ରାସ୍ତା କଡରେ ସ୍ଥାୟୀ ବ୍ୟବସାୟ କରିବାକୁ ସୁଯୋଗ ଦେଇଥିବାରୁ ଦୋକାନ ଏହି ସ୍ଥାନରେ ଚାଲିଛି। ଏବେ ପ୍ରତ୍ୟହ ତାଙ୍କର ପାଖାପାଖି ୪୦୦ କପ୍ ଚା ବିକ୍ରି ହେଉଛି। ତଥାପି ଦୁଃଖ ନାହିଁ। ପରିବାର କହିଲେ ବୋଉ ଅଞ୍ଜନା(୫୦), ବାପା ଧୀରେନ୍ଦ୍ର ଓ ସାନ ଭାଇ ଉଲ୍ଲାସ। ନିଜ ଦୈନିକ କାର୍ଯ୍ୟ ସମ୍ପର୍କରେ ମାନସ କହିଛନ୍ତି ଯେ ମୁଁ ସକାଳ ପ୍ରାୟ ୬.୩୦ରେ ଉଠେ। ନିତ୍ୟକର୍ମ ସାରି ୭ଟା ଭିତରେ ଦୋକାନରେ ପହଞ୍ଚିଯାଏ। ଚା ତିଆରି ହେବା ଭିତରେ ଲୋକ ଗହଳି ହୋଇଯାଏ। ବେପାର ଚାଲେ। ସକାଳ ୯ରୁ ୧୦ଟା ଭିତରେ ଘରୁ ଜଳଖିଆ ଆସିଲେ ଖାଏ। ପରେ ଦୋକାନ ଅପରାହ୍ନ ୧ଟାରେ ବନ୍ଦ ହୁଏ। ଘରେ ମଧ୍ୟାହ୍ନଭୋଜନ କରି ବିଶ୍ରାମ ନିଏ। ଅପରାହ୍ନ ୩ଟା ୧୫ରେ ପୁଣି ଆସି ଦୋକାନ ଖୋଲେ। ରାତି ପାଖାପାଖି ୮.୩୦ ପର୍ଯ୍ୟନ୍ତ ଦୋକାନ ଚାଲେ। ଦୋକାନ ବନ୍ଦ କରି ଘରେ ପହଞ୍ଚି ଖାଇଲାବେଳକୁ ସମୟ ପାଖାପାଖି ୧୦ଟା ହୋଇଯାଏ। ରାତି ୧୧ଟା ସୁଧା ଶୋଇପଡେ। ଏହା ହେଉଛି ତାଙ୍କର ପ୍ରତିଦିନର କାର୍ଯ୍ୟ ବୋଲି ମାନସ କହିଛନ୍ତି।

## ବିଦ୍ୟୁତ ଆଘାତରେ ଠିକା ଶ୍ରମିକଙ୍କ ମୃତ୍ୟୁ

**ବିରିଡ଼ି,୧୯।୮(ଡି.ଏନ.ଏ.)**

ବିରିଡି ବିଦ୍ୟୁତ ସେକ୍‌ସନ ଅଧୀନ ଶିବପୁର ପଞ୍ଚାୟତ ଶଙ୍କରପୁର ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଇକପଡା ଗ୍ରାମର ଅକ୍ଷୟ କୁମାର ଦାସ(୩୫)। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସଂଯୋଗ କାର୍ଯ୍ୟରେ ସେ ଜଗତ୍‌ସିଂହପୁରର ଲେଜର ପାୱାର କମ୍ପାନୀର ଜଣେ ଠିକାଦାରଙ୍କ ଦ୍ୱାରା ନିୟୋଜିତ ହୋଇଥିଲେ। ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ ସଂଯୋଗ କରୁଥିବାବେଳେ ଅସାବଧାନତା ବସତଃ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଅକ୍ଷୟଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିରିଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଚିକିତ୍ସାଳୟକୁ ପଠାଇଛି। ଏନେଇ ବିରିଡ଼ି ଥାନାରେ ନଂ.୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅକ୍ଷୟଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଠିକାଦାର ଜଣକ ଫେରାର ଥିବା ପୋଲିସ କହିଛି।

## ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ରଘୁନାଥପୁର, ୧୯।୮( ଡି.ଏନ.ଏ.)**

ସ୍ଥାନୀୟ ଦ୍ୱୀପାଞ୍ଚଳ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱାଧୀନତା ଦିବସଠାରୁ ଆରମ୍ଭ ହୋଇଥିବା ପରିବେଶ ସମ୍ପର୍କିତ ସଚେତନତା ରାଲି ଓ ଚାରା ରୋପଣ କାର୍ଯ୍ୟକ୍ରମ ଶେଷ ହୋଇଛି। ଯୁବ ବାହିନୀର ସଭାପତି ଦୁର୍ଗା ପ୍ରସାଦ ଦାସ ଓ ସମ୍ପାଦକ ସଂଗ୍ରାମ ସାହାଣୀ ଓ କୋଷାଧକ୍ଷ ପ୍ରୀତିକା ପ୍ରିୟଦର୍ଶିନୀ ସାମଲଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗାଁରେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇ କିହଁକି ଆମେ ବୃକ୍ଷ ଲଗାଇବା ଶୀର୍ଷକ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦିଲୀପ କୁମାର ବିଶ୍ୱାଳ, ସମିତିସଭ୍ୟ ଶ୍ରୀକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହ ଯୁବ ପିଢିଙ୍କୁ ଚାରାରୋପଣ ଭଳି ମହତ କାର୍ଯ୍ୟ କରି ପରିବେଶକୁ ସୁରକ୍ଷା ଦେବାକୁ ପରାମର୍ଶ ରଖିଥିଲେ। ସେହିପରି ପିଁପୁର ୟ୍ୟୁଙ୍ଗଷ୍ଟାର ଲିଟିଲ କ୍ଲବର ସଭାପତି ସୁଶୀଲକାନ୍ତ ବେଉରା ଓ ସମ୍ପାଦକ ଅମିତ କୁମାର ବେଉରାଙ୍କ ନେତୃତ୍ୱରେ ସମସ୍ତ ସଭ୍ୟମାନେ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହ ସାମିଲ ହୋଇ ଉତ୍ତରକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ସ୍ଥାନୀୟ ଅଧିବାସୀ ବହୁମାତ୍ରାରେ ସାମିଲ ହୋଇ ଏମାନଙ୍କୁ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ ବାହିନୀ କର୍ମକର୍ତ୍ତା ଓ ଅନ୍ୟମାନେ।

# ସ୍ୱାବଲମ୍ବୀ କାରିଗର ସଂଘ ବୈଠକ




ବୈଠକରେ ଉପସ୍ଥିତ ସ୍ୱାବଲମ୍ବୀ କାରିଗର ସଂଘର କର୍ମକର୍ତ୍ତା।

**ନାଉଗାଁ,୧୯।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କୋକିଡ଼ିହସ୍ଥିତ ଇଚ୍ଛାମା ମନ୍ଦିର ପରିସରରେ ରବିବାର ସ୍ୱାବଲମ୍ବୀ କାରିଗର ସଂଘ ନାଉଗାଁ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ନାଉଗାଁ ଶାଖା ସଭାପତି ପ୍ରଦୀପ୍ତ ପରିଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଜିତେନ୍ଦ୍ର ବଳବନ୍ତ ରାୟ, ରାଜ କିଶୋର ମଲିକ, ଦିଲୀପ କୁମାର ସେଠୀ, ଦୀନବନ୍ଧୁ ଜେନା, ପୀତବାସ ଦାସ, ଲୋକନାଥ ସ୍ୱାଇଁ, ବିଭୁତି ରାୟ, ଦୁର୍ଯ୍ୟୋଧନ ଜେନା, ବିନୋଦ ମହାପାତ୍ର, ଭଗବାନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ଏସଇଏମମାନଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ଦାବିରେ ସେପ୍ଟେମ୍ବର ୧୧ରେ ବିଧାନ ସଭା ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଦୀର୍ଘଦିନ ହେବ ନାମକୁ ମାତ୍ର ପାରିଶ୍ରମିକ ବିନିମୟରେ ରାଜ୍ୟରେ ୧୦ହଜାରରୁ ଉର୍ଦ୍ଧ୍ୱ ପମ୍ପ ହାଉସ, ୩ ଲକ୍ଷର ଉର୍ଦ୍ଧ୍ୱ ନଳକୂପର ରକ୍ଷଣାବେକ୍ଷଣ କାମରେ ନିୟୋଜିତ ୧୨ ହଜାର ୬ ଶହ ନଳକୂପ ମିସ୍ତ୍ରୀ ଓ ପମ୍ପ ଚାଳକଙ୍କୁ ମାସିକ ମାତ୍ର ୧ ହଜାର ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। ଆନ୍ଦୋଳନ ପରେ ସରକାର ପାରିଶ୍ରମିକ ମାତ୍ର ୬ ଶହ ଟଙ୍କା ବୃଦ୍ଧି କରିଛନ୍ତି। ଅଦ୍ୟାବଧି କର୍ମଚାରୀମାନଙ୍କୁ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଇନାହିଁ। ଦୁର୍ଘଟଣାରେ ମୃତ କର୍ମଚାରୀଙ୍କ ପାଇଁ ଅନୁକମ୍ପାମୂଳକ ସାହାଯ୍ୟ ବ୍ୟବସ୍ଥା ମଧ ନାହିଁ। ସ୍ୱାବଲମ୍ବୀ କାରିଗରମାନଙ୍କ ଏହି ସବୁ ସମସ୍ୟାକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଆନ୍ଦୋଳନ କରାଯିବ ବୋଲି ସଭାପତି ପ୍ରଦୀପ୍ତ ପରିଜା ପ୍ରକାଶ କରିଛନ୍ତି।

## ଜଳମଗ୍ନ ଜମି ଅନୁଧ୍ୟାନ କଲେ ଅଧିକାରୀ

**ବାଲିକୁଦା,୧୯।୮(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜଳ ନିଷ୍କାସନ ବିଭାଜନ ଏରସମା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ଲବ କେଶରୀ ସାହୁଙ୍କ ନେତୃତ୍ୱରେ ଏକ ଦଳ ବାଲିକୁଦାର ବିଭିନ୍ନ ଅଞ୍ଚଳରେ ଚାଷଜମିରେ ଜମି ରହିଥିବା ପାଣି ଅନୁଧ୍ୟାନ କରି ଫେରିଛନ୍ତି। ଏହି ଦଳରେ ସହକାରୀ ଯନ୍ତ୍ରୀ ସୁଧିର କୁମାର ପ୍ରହରାଜ, ଯନ୍ତ୍ରୀ ଦିଲୀପ ଦାସ ସାମିଲ ଥିଲେ। ଏହି ଅନୁଧ୍ୟାନକାରୀ ଦଳ ସିଂହାରପୁର-ହରିପା ଡ୍ରେନେଜ୍ କଟ୍, ଅଳକା ନଦୀର ଗାରଡ଼ମଲଠାରେ ନଦୀର ପୁନରୁଦ୍ଧାର, ନାଣ୍ଡିଘାଇ ପୋଲର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ, ନାଣ୍ଡିଘାଇ ପୋଲ ସମ୍ପ୍ରସାରଣ ହେବା ଆବଶ୍ୟକ ବୋଲି ଅନୁଧ୍ୟାନ କରିଥିଲେ। ସେହିପରି ଥାଇଲୋ-କୋରଣିଆ କୋତରାଘାଇର ବିଶିପାଣି ଯୋରରେ ପୋଲ ନିର୍ମାଣ, ବିଶିପାଣି ଯୋର ପୁନରୁଦ୍ଧାର, ଥାଇଲୋ-ଅଳାଡିହରେ କଲଭର୍ଟ ନିର୍ମାଣ, ସୋଗଲ-ରୋଗଲ କେନାଲ ପୁନରୁଦ୍ଧାର ଓ କଲଭର୍ଟ ନିର୍ମାଣ, ଥାଇଲୋ-ତିତିରା ଡ୍ରେନେଜ ପୁନଃ ଖନନ ଆଦି କରାଯିବା ଆବଶ୍ୟକ ଥିବା ସେମାନେ ହୃଦ୍‌ବୋଧ କରିଥିଲେ। ଉକ୍ତ କାର୍ଯ୍ୟ ପାଇଁ ଏହି ଅନୁଧ୍ୟାନକାରୀ ଦଳ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ସଂକ୍ଷେପରେ

### ଘର ସହ ଗୁହାଳ ଜଳିଗଲା ୩ ଛେଳି ଜୀବନ୍ତ ଦଗ୍ଧ

ବାଲିକୁଦା,୧୯।୮(ସ୍ୱ.ପ୍ର.): ବାଲିକୁଦା ତହସିଲ ଅଧୀନ ଅଲିକଣା ଗ୍ରାମରେ ରବିବାର ରାତି ୯ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଶରତ ମଲିକଙ୍କ ବଖରାଏ ଘର ସହ ଏକ ଗୁହାଳ ଜଳିଯାଇଛି। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିବାବେଳେ ଗୁହାଳରେ ବନ୍ଧା ହୋଇଥିବା ୩ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏକ ଗାଈ ୮୦ଭାଗ ପୋଡ଼ିଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଖବର ପାଇ ବାଲିକୁଦା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶରତ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କୃଷ୍ଣ ମଲିକ ହେଲେ ପିସିସି ସମ୍ପାଦକ

ରାହାମା,୧୯।୮(ଡି.ଏନ୍.ଏ.): ତିର୍ତ୍ତୋଲ ବ୍ଲକ ତୁଳଙ୍ଗ ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ତଥା 'ବଉଳ'ର ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ମଲ୍ଲିକଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନକୁ ମଜବୁତ କରି ଆଗାମୀ ସାଧାରଣ ନିର୍ବାଚନରେ ଦଳ ପାଇଁ ନିଷ୍ଠାର ସହିତ କାମ କରିବେ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି। ଏଥିସହିତ ସେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଏମପି ରଞ୍ଜିବ ବିଶ୍ୱାଳଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବିଜୁ ଯୁବବାହିନୀର ଚାରାରୋପଣ

ବାଲିକୁଦା,୧୯।୮(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଗରାମ ପଞ୍ଚାୟତର ଫକିରପଡାସ୍ଥିତ ନାଗେଶ୍ୱର ପୀଠରେ ଗରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କରାଯାଇଛି। ଏଥିରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ବାଲିକୁଦା-ଏରସମା ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ, ବ୍ଲକ ବିଜେଡି ଯୁବ ସଭାପତି ରଶ୍ମିରଞ୍ଜନ କୁଅଁର, ଅରିଲୋର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ଯୁବ ନେତା ବିଚିତ୍ରାନନ୍ଦ ରାଉତ, ସୌଭାଗ୍ୟ ସାମନ୍ତରାୟ, ସୁରେଶ ବିଶ୍ୱାଳ ଓ ବିଜୟ ନାୟକ ପ୍ରମୁଖ ଯୋଗଦେଇ ବୃକ୍ଷର ଉପକାରିତା ଉପରେ ଆଲୋଚନା କରିଥିଲେ। ଅନାଦି ପରିଡା, ଅଜିତ ନାୟକ, ନୀଳମଣି ସେନାପତି, ଯୁବ ବାହିନୀ ସଭାନେତ୍ରୀ ସଂଘମିତ୍ରା ନାୟକ, ସମ୍ପାଦିକା ପୁଷ୍ପଲତା ନାୟକ, କୋଷାଧକ୍ଷ ସମୀର ହାତୀ ପ୍ରମୁଖ ଚାରା ରୋପଣ କରିଥିଲେ। ସେହିପରି ବଡଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଅନନ୍ତ ଗାଦିବ୍ରହ୍ମ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ କରାଯାଇଛି। ଏଥିରେ ଯୁବ ବାହିନୀ ସଭାପତି ରଶ୍ମିରଞ୍ଜନ ବାରିକ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ସମ୍ପାଦକ ଦୀପକ ସ୍ୱାଇଁ, କୋଷାଧକ୍ଷ ମିତୁନା ସାହୁ, ପୂର୍ବତନ ସରପଞ୍ଚ ହେନ୍ତ ସେଠୀ, ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ରବୀନ୍ଦ୍ର ପରିଡା, ବିଶ୍ୱରଞ୍ଜନ ଦାସ, ଅରୁଣ ଲେଙ୍କା, ପ୍ରସନ୍ନ ବିଶ୍ୱାଳ, ରାକେଶ ସେଠୀ, ସନାତନ ଦାସ, ଜ୍ୟୋତିରଞ୍ଜନ ବିଶ୍ୱାଳ, ସୌଦାମିନୀ ବିଶ୍ୱାଳ, ରୂପାଲି ମଲ୍ଲିକ, କୁନି ରାଉତ, ବେବିନା ଦାସ, ଲିଙ୍କନ୍ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବଜ୍ରପାତରେ ମହିଳା ଗୁରୁତର

ନରସିଂହପୁର,୧୯।୮(ଡି.ଏନ.ଏ.): ବଜ୍ରପାତ ଘଟି ରବିବାର ନରସିଂହପୁର ତହସିଲ ଅଧୀନ ଅଢ଼େଇଗୁଣ୍ଡି ପଞ୍ଚାୟତ ଜେମାଦେଇପୁରୁ ଗ୍ରାମରେ ଏକ ବଳଦର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ କାନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର ମାନସ ରଞ୍ଜନ ସାହୁଙ୍କ ସ୍ତ୍ରୀ ରୋଜାଲିନ ସାହୁ(୪୪)। ଘର ପଛପଟେ ବନ୍ଧା ହୋଇଥିବା ବଳଦକୁ ଖାଇବାକୁ ଦେଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ବଳଦର ମୃତ୍ୟୁ ହୋଇ ଯାଇଥିଲା ବେଳେ ରୋଜାଲିନଙ୍କ ଶରୀରର ପ୍ରାୟ ୫୦ ପ୍ରତିଶତ ପୋଡ଼ି ଯାଇଥିଲା। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

■ ବେଆଇନ ନର୍ସିଂହୋମ୍‌ରୁ ୨ ଶିଶୁ ଉଦ୍ଧାର ମାମଲା

# ଡିଏନ୍‌ଏ ପରୀକ୍ଷା ନାଟକ ରଚିଛି ପୋଲିସ

- ■ ୯ ଦିନ ପରେ ବି ପରୀକ୍ଷା ପାଇଁ ପଠାଯାଉନି ରକ୍ତ ନମୁନା
- ■ ୨୫ ଦିନ ବିତିଲା, ଅଭିଯୁକ୍ତଙ୍କୁ ଧରୁନି ପୋଲିସ
- ■ ମୋଟା ଅଙ୍କର ଅର୍ଥ କାରବାର ସନ୍ଦେହ

ଜଗତ୍‌ସିଂହପୁର ଅଫିସ, ୧୯।୮

ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ନିକଟରେ ବେଆଇନ୍ ଭାବେ ଚାଲିଥିବା ଆଚାର୍ଯ୍ୟ ନର୍ସିଂହୋମରୁ ଗତ ୨୬ ତାରିଖରେ ୨ଟି ଶୁଶୁ (୧ ପୁତ୍ର, ୧ କନ୍ୟା) ଉଦ୍ଧାର ହେବା ମାମଲାରେ ପୋଲିସର ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ନର୍ସିଂହୋମ ମାଲିକ ପରମାନନ୍ଦ ଆଚାର୍ଯ୍ୟଙ୍କୁ ସୁରକ୍ଷା ଦେବାରେ ପୁରା ଦମ୍‌ରେ ଲାଗିପଡିଥିବା କୁହାଯାଉଛି। ଘଟଣା ପର ୨ ଦିନ ପର୍ଯ୍ୟନ୍ତ ଅଭିଯୁକ୍ତ ଜଗତ୍‌ସିଂହପୁରରେ ଉପସ୍ଥିତ ରହି ଅନେକ ବେପରୁଆ କଥା କହିଥିଲେ। କିନ୍ତୁ ପୋଲିସ ସେତେବେଳେ ତାଙ୍କୁ ଗିରଫ କଲାନାହିଁ, ବରଂ ୨୮ ତାରିଖରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଥିଲା। ସେହିପରି ପ୍ରଥମେ ଶିଶୁ କନ୍ୟାଟିର ମା'ବାପା ଅଛନ୍ତି ଏବଂ ସେମାନେ ଆସିବେ ବୋଲି କୁହାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କେହି ଦାବିଦାର ପହଞ୍ଚିନାହାନ୍ତି। ଅନ୍ୟପକ୍ଷରେ ଘଟଣାଦିନ ଶିଶୁପୁତ୍ରର ମା'ବାପାଙ୍କ କୌଣସି ପତ୍ତା ମିଳି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏକ ଦମ୍ପତ୍ତି ସିଡବ୍ଲ୍ୟୁସିରେ ଶିଶୁ ପୁତ୍ରଟି ସେମାନଙ୍କର ବୋଲି ଦାବି କରିଛନ୍ତି। ତେବେ ସେମାନେ କୌଣସି କାଗଜପତ୍ର ଦେଖାଇ ପାରିନାହାନ୍ତି। ଏଥିପାଇଁ ସିଡବ୍ଲ୍ୟୁସି ଅଧକ୍ଷା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୨୫ ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଡିସିପିଓ ତାଙ୍କ ତଦନ୍ତ ରିପୋର୍ଟ ଦାଖଲ କରିନାହାନ୍ତି। ମହିଳାଙ୍କ ଗର୍ଭାବସ୍ଥାଠାରୁ ସନ୍ତାନ ଜନ୍ମ ଦେବା ପର୍ଯ୍ୟନ୍ତ କୌଣସି ବିଷୟରେ ତାଙ୍କ ବାପଘର, ଶାଶୁଘର ଗାଁର ଲୋକେ କିଛି କହିପାରୁନାହାନ୍ତି। ଅଙ୍ଗନୱାଡି, ଆଶାକର୍ମୀଙ୍କ ପାଖରେ ମଧ କୌଣସି ସୂଚନା ନାହିଁ ବୋଲି ଡିସିପିଓ କହିଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ପୋଲିସ ମାମଲାକୁ ଭିନ୍ନ ମୋଡ ଦେଉଛି। ନିଜ ଆଡୁ ପୋଲିସ ଶିଶୁ ପୁତ୍ରର ମା'ବାପାଙ୍କୁ ଚିହ୍ନଟ କରିବାକୁ ଡିଏନ୍‌ଏ ପରୀକ୍ଷା କରିବାର ନାଟକ କରିଛି। ଡିଏନ୍‌ଏ ପରୀକ୍ଷା ପାଇଁ ଆବଶ୍ୟକ ପ୍ରକ୍ରିୟାରେ ଜାଣିଶୁଣି ବିଳମ୍ବ କରାଯାଉଛି। ଗତ ୩ ତାରିଖରେ ପୋଲିସ ତରବରିଆ ଭାବେ ମା'ବାପା ଦାବି କରୁଥିବା ଦମ୍ପତ୍ତିଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲା। ସିଡବ୍ଲ୍ୟୁସିର ଅନୁମତି ନେଇ ନ ଥିବାରୁ ଶିଶୁପୁତ୍ରଟିର ରକ୍ତ ନମୁନା ସଂଗ୍ରହ ହେବାରେ ବିଳମ୍ବ ହୋଇଥିଲା। ତଥାପି ଗତ ୧୦ ତାରିଖରେ ଶିଶୁ ପୁତ୍ରଟିର ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। କିନ୍ତୁ ଏଥିମଧ୍ୟରେ ୯ ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ପୋଲିସ ଭୁବନେଶ୍ୱରସ୍ଥିତ ଓଡ଼ିଶା ଷ୍ଟେଟ୍ ଫରେନ୍ସିକ୍ ସାଇନ୍ସ ଲାବୋରେଟୋରୀ(ଏସ୍‌ଏଫ୍‌ଏସ୍‌ଏଲ୍)କୁ ରକ୍ତ ନମୁନା ପଠାଇନାହିଁ। ଏପରି କି ଏହି ୩ ରକ୍ତ ନମୁନା ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଧ ଦାଖଲ କରିନାହିଁ। କାହିଁକି ଏତେଦିନ ହେବ ପୋଲିସ ରକ୍ତ ନମୁନା ସାଇତି ରଖିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ସିଡବ୍ଲ୍ୟୁସି ଅଧକ୍ଷା ବିଶେଶ୍ୱରୀ ମହାନ୍ତି ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କଲା ପରେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ବାହାନା ଦେଖାଇଥିଲା। କେବଳ ନିଜ ଉପରୁ ଦୋଷ ଛଡାଇବା ପାଇଁ ଆଚାର୍ଯ୍ୟ ନର୍ସିଂହୋମ୍ ଓ ଡା. ଆଚାର୍ଯ୍ୟଙ୍କ କଟକସ୍ଥିତ ବାସଭବନ କାନ୍ଥରେ ଲଟ୍‌କା ଜାରି କରି ଲୋକଙ୍କୁ ଭକୁଆ ବନାଇବା ପାଇଁ ଅପଚେଷ୍ଟା କରିଛି। ଲଟ୍‌କାରେ ଉଲ୍ଲେଖ ଥିଲା ଦଫା ୧୬୦ ସିଆର୍‌ପିସି ଅନୁଯାୟୀ ଡା. ଆଚାର୍ଯ୍ୟ ୧।୮।୧୮ ସକାଳ ୯ଟା ଭିତରେ ଜଗତ୍‌ସିଂହପୁର ଥାନାରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ପହଞ୍ଚି ଜେରାର ସମ୍ମୁଖୀନ ହେବାକୁ ପଡିବ। କିନ୍ତୁ ଡା.ଆଚାର୍ଯ୍ୟ ଥାନାରେ ପହଞ୍ଚି ନ ଥିଲେ। ତେଣୁ ତାଙ୍କୁ ଗିରଫ ଏପରି କି ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ପାଇଁ ପ୍ରକ୍ରିୟା ଚାଲିବ ବୋଲି ତଦନ୍ତକାରୀ ଅଧିକାରୀ ତଥା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଥିଲେ। ସେ ଏକଥା ମଧ କହିଥିଲେ, ଆବଶ୍ୟକ ପଡିଲେ ତାଙ୍କ ସମ୍ପତ୍ତି ବାଯ୍ୟାପ୍ତି ପାଇଁ ପଦକ୍ଷେପ ନିଆଯିବ। କିନ୍ତୁ ଏହା ମଧ୍ୟରେ ୨୪ ଦିନ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ଆନ୍ତରିକତା ପ୍ରକାଶ କରୁନାହିଁ। ଏସବୁ ପାଇଁ ପୋଲିସ ବାବୁମାନଙ୍କୁ କାଳେ ମୋଟା ଅଙ୍କର ଉତ୍କୋଚ ମିଳିଛି ବୋଲି ଚର୍ଚ୍ଚା ହେଉଛି। ବିଶେଷକରି ଜଗତ୍‌ସିଂହପୁରରେ ରହୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ନାଁରେ ବେଶି ଚର୍ଚ୍ଚା ହେଉଛି। ଯୋଜନା ମୁତାବକ କାମ ନ କଲେ ଅଭିଯୁକ୍ତ ଡା.ଆଚାର୍ଯ୍ୟ ପୋଲିସର ଗୋଡି ଖୋଲିଦେବାର ଆଶଙ୍କା କରି ସମ୍ପୃକ୍ତ ଅଧିକାରୀ ମାମଲାକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛନ୍ତି। ଏହି ଅଧିକାରୀଙ୍କ ପାଖକୁ ଯାଇ ଡା. ଆଚାର୍ଯ୍ୟ କାଳେ ସୁରକ୍ଷା ଚାହିଁଥିଲେ। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହୋଇଛି।

■ ପିଣ୍ଡି ଆବଣ୍ଟନ ଦାବିରେ ପରିବା ବଜାର ବନ୍ଦ

## ବ୍ୟବସାୟୀ ସଂଘର ଆନ୍ଦୋଳନ



ଧାରଣାରେ ବସିଥିବା ବ୍ୟବସାୟୀମାନେ।

କୁଜଙ୍ଗ,୧୯।୮(ସ୍ୱ.ପ୍ର.)

ଆଖଣ୍ଡଳମଣୀ ପରିବା ବ୍ୟବସାୟୀ ସଂଘ ଆହ୍ୱାନ କ୍ରମେ କୁଜଙ୍ଗ ବଜାରର ପୁରାତନ ପରିବା ହାଟ ରବିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିଛି। ପରିବା ବଜାରରେ ନିର୍ମାଣ କରାଯାଇଥିବା ୧୯ ବଖରା ପିଣ୍ଡି ସେମାନଙ୍କୁ ପ୍ରଦାନ କରିବା ଦାବିରେ ଏହି ବଜାରବନ୍ଦ ଆନ୍ଦୋଳନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେଣୁ ତୁରନ୍ତ ପରିବା ପିଣ୍ଡି ଆବଣ୍ଟନ କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବଜାର ବନ୍ଦ ହେବାରୁ ଏହା ଉପରେ ନିର୍ଭର କରୁଥିବା ହଜାର ହଜାର ଗ୍ରାହକ ଏବଂ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ପରିବା ବ୍ୟବସାୟୀ ନାହିଁ ନ ଥିବା ଅସୁବିଧା ଭୋଗ କରିଛନ୍ତି। ବଜାର ଅନିର୍ଦ୍ଦିଷ୍ଟ କାଳ ବନ୍ଦ ଘୋଷଣା କରାଯାଇଥିବାରୁ ଏବେ ଗ୍ରାହକ ଓ ଚାଷୀ ହତାଶ ହୋଇ ପଡ଼ିଛନ୍ତି।

ପ୍ରକାଶଯୋଗ୍ୟ, କୁଜଙ୍ଗ ପରିବା ବଜାର ଉତ୍ତର ପାର୍ଶ୍ୱରେ ପ୍ରଶାସନ ପକ୍ଷରୁ ୨୦୦୩ରୁ ୧୯ ବଖରା ପରିବା ପିଣ୍ଡି ନିର୍ମାଣ କରାଯାଇଛି। ଏହି ପିଣ୍ଡିର ଦୁଇ ପାର୍ଶ୍ୱରେ କାନ୍ଥ ନିର୍ମାଣ କରାଯିବା ସହିତ ସମ୍ମୁଖ ଭାଗରେ ସଟର ପକାଇବାକୁ ପ୍ରଶାସନ ଯୋଜନା କରିଛି। ଏବେ ସ୍ଥାନୀୟ ରାଜନେତା ତାଙ୍କର କେତେକ ସମର୍ଥକ, କର୍ମୀ, ଠିକାଦାର ଏବଂ ବଡ଼ ବ୍ୟବସାୟୀଙ୍କୁ ଏହି ପିଣ୍ଡି ପ୍ରଦାନ କରିବାକୁ ମସୁଧା ଚଳାଇଥିବା ବ୍ୟବସାୟୀ ଆଶଙ୍କା ପ୍ରକାଶ କରିଛନ୍ତି। ବ୍ୟବସାୟୀମାନେ ୨୦୦୬ରେ ବ୍ଲକ ପ୍ରଶାସନ ଆହ୍ୱାନକ୍ରମେ ପିଣ୍ଡି ପାଇବା ନିମନ୍ତେ ହଜାର ଟଙ୍କା ଦାଖଲ କରି ଅପେକ୍ଷାରେ ରହିଛନ୍ତି। ମାତ୍ର ଏବେ ସେମାନେ ପିଣ୍ଡି ପାଇବାରୁ ବଞ୍ଚିତ ହେବା ଆଶଙ୍କା କରିଛନ୍ତି। ତେବେ ସେମାନଙ୍କୁ ପିଣ୍ଡି ପ୍ରଦାନ କରା ନ ଯିବାଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପରିବା ମାର୍କେଟ ବନ୍ଦ ରହିବ ବୋଲି ଶନିବାର ଘୋଷଣା କରିଥିଲେ। ନିଷ୍ପତ୍ତି ଆଧାରରେ ବଜାର ବନ୍ଦ ରହିଛି। ଅନ୍ୟପକ୍ଷରେ ବଜାର ବନ୍ଦ ହେବାରୁ ଶହଶହ ଗ୍ରାହକ ଆସି ଖାଲିହାତରେ ଫେରିଛନ୍ତି। ସଂଘର ସୋମନାଥ ନାଥ, ପବିତ୍ର ସେଠୀ, ବିଜୟ ପରିଡ଼ା, ବାବାଜୀ ବାରିକ, ଭ୍ରମରବର ପରିଡ଼ା ଓ ପ୍ରଶାନ୍ତ ବେହେରା ପ୍ରମୁଖ ବଜାରରେ ଧାରଣା ଦେବା ସହ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବାଲିଘରର କବିତା ପାଠୋତ୍ସବ

ତିର୍ତ୍ତୋଲ,୧୯।୮(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଖଡ଼ଗପୁରସ୍ଥିତ ଲକ୍ଷ୍ମୀନୃସିଂହ ମଠ ପରିସରରେ ରବିବାର 'ବାଲିଘର' ତରଫରୁ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆସରରେ ବରିଷ୍ଠ ଆଇନଜୀବୀ ବୈଷ୍ଣବ ଚରଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ସାଧୁ ଚରଣ ଦାସ ଯୋଗ ଦେଇଥିଲେ। 'ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ସାମାଜିକ ମୂଲବୋଧ' ଶୀର୍ଷକ ଆଲୋଚନାଚକ୍ରରେ ବହୁ ବକ୍ତା ସେମାନଙ୍କର ନିଜ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ପଣ୍ଡିତ ଧନେଶ୍ୱର ନନ୍ଦ, ଝଙ୍କଡ଼ବାଗ୍ମୀ ଭାସ୍କର ଚନ୍ଦ୍ର ଶତପଥୀ, ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ସୁଧିର କୁମାର ଖୁଣ୍ଟିଆ, ପୂର୍ବତନ ସରପଞ୍ଚ ବିଜୟ କୁମାର ଖଟେଇ ପ୍ରମୁଖ ସ୍ୱଭାବ କବିଙ୍କ ସାହିତ୍ୟ ସରଞ୍ଜନା ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ହୃଷିକେଶ ଜେନାଙ୍କ ସଂଯୋଜନାରେ କବି ସମୀର ରଞ୍ଜନ ଦାସ, ଶଶୀ ଭୂଷଣ ବାରିକ, ଜଗନ୍ନାଥ କର, ଶ୍ରୀକାନ୍ତ ଦାସ, ପ୍ରଭୁ ପ୍ରସାଦ ମହାନ୍ତି, ପ୍ରମୋଦ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାହାମା,୧୯।୮(ଡି.ଏନ୍.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାମନ୍ତରାୟପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଞ୍ଚାୟତରେ ଥିବା ସାହାବାଦପୁର ପ୍ରାଥମିକ ବିଦ୍ୟାଳୟ, ବିପଦଭଞ୍ଜନୀ ଉ.ପ୍ରା. ବିଦ୍ୟାଳୟ ସମେତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ ସଭାପତି ଦେବାଶିଷ ମହାପାତ୍ର, ସମ୍ପାଦକ କଳିଙ୍ଗ ରଞ୍ଜନ ନାୟକ, କୋଷାଧକ୍ଷ ସରୋଜ କୁମାର ସ୍ୱାଇଁ, ସରପଞ୍ଚ ମନୋଜ କୁମାର ବେହେରା, ଯୁବସଂଗଠକ ନିର୍ମଳ ଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଉପେନ୍ଦ୍ରନାଥ ମହାନ୍ତି, ଅଭିମନ୍ୟୁ ଭୂୟାଁ, ଗ୍ରାମ ରୋଜଗାର ସେବକ ସରୋଜ ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ସାହୁ, ଜିତେନ୍ଦ୍ର ବେହେରା, ସଞ୍ଜୟ କୁମାର ବାରିକ, ଚିତ୍ତନ ପ୍ରଧାନ, ବିଜୟଲକ୍ଷ୍ମୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ସତ୍ୟସାଇ ସେବା ସମିତିର ସ୍ୱାସ୍ଥ୍ୟ ଶିବିର

ରାହାମା,୧୯।୮(ଡି.ଏନ୍.ଏ.)

ଶ୍ରୀସତ୍ୟସାଇ ସେବା ସମିତି ତିର୍ତ୍ତୋଲ ଆନୁକୂଲ୍ୟରେ ତେନ୍ତୁଳିପଦା ପଞ୍ଚାୟତ ଦଣ୍ଡମିର ଗ୍ରାମରେ ଥିବା ଆବୁଆବଟ ମହାପୁରୁଷ ପ୍ରାଙ୍ଗଣରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଡ. ପହଲି ଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୦୧ ରୋଗୀଙ୍କୁ ମାଗଣା ଚିକିତ୍ସା କରାଯିବା ସହିତ ଔଷଧ ବଣ୍ଟନ କରାଯାଇଥିଲା। ଶିବିରକୁ ସତ୍ୟସାଇ ସେବା ସଂଗଠନ ଆବାହକ ଶିବ ଚରଣ ନାୟକ, ପଦ୍ମଚରଣ ମହାନ୍ତି, ଅଧ୍ୟାପକ ଚିତ୍ତ ରଞ୍ଜନ ଜେନା, ଦିଲୀ ଦୁରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ସୁକାନ୍ତ ଲେଙ୍କା, କିଶାନ କୁମାର ନାଥ, ସୁଦର୍ଶନ ସାହୁ, ସରୋଜ ଲେଙ୍କା, କମଳ ଲୋଚନ ସାହୁ, ସ୍ମିତେଶ ଲେଙ୍କା, ସୁଶାନ୍ତ ସ୍ୱାଇଁ, କାଳନ୍ଦି ମହାନ୍ତି, ଉଷାରାଣି ଜେନା ପ୍ରମୁଖ ପରିଚାଳାନା କରିଥିଲେ।

■ ଦାଦାବଟି ପାଇଁ ଫାଙ୍କା ଗୁଳିଚାଳନା ମାମଲା

## ଜଣେ ଅଟକ, ବାଇକ୍ ଜବତ

ଜଗତ୍‌ସିଂହପୁର ଅଫିସ,୧୯।୮

ଶନିବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳସ୍ଥିତ ଏସାର ପେଟ୍ରୋଲ ପମ୍ପରେ ଫାଙ୍କା ଗୁଳିଚାଳନା ହୋଇଥିଲା। ଏକ ବାଇକ୍‌ରେ ୨ ଜଣ ଯୁବକ ଆସି ପେଟ୍ରୋଲ ପମ୍ପରେ ୨ ହଜାର ଟଙ୍କା ଦାଦା ବଟି ମାଗିଥିଲେ। କିନ୍ତୁ ଟଙ୍କା ନ ମିଳିବାରୁ କର୍ମଚାରୀମାନଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା କରିଥିଲେ। ଏହି ମାମଲାରେ ପୋଲିସ ସାଳଗାଁର ଶିଶିର ସାହୁଙ୍କୁ ଧରିବା ସହ ବାଇକ୍ (ନଂ. ଓଡି ୨୧ ଏଫ୍ ୩୫) ଜବତ କରିଛି। ଶିଶିରଙ୍କଠାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। କିନ୍ତୁ ଅନ୍ୟ ଅଭିଯୁକ୍ତ ତଥା ସାଳଗାଁର ସୂର୍ଯ୍ୟ ସ୍ୱାଇଁ ଫେରାର ହୋଇଯାଇଛନ୍ତି। ପ୍ରକାଶଥାଉ କି, ଏଭଳି ଘଟଣା ଘଟିବା ସମୟରେ ନିକଟରେ ପିସିଆର୍ ଭ୍ୟାନ୍ ଥିଲା। କିନ୍ତୁ ଉପସ୍ଥିତ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କୁ ପିଛା କରିବା ସହଜ ହୋଇ ନ ଥିଲା। ଥାନାକୁ ଖବର ଦେବାରୁ ଆଇଆଇସିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ସେଠାରେ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ।

■ କୋଠିରେ ଆଞ୍ଚଳିକ ସୁରକ୍ଷା ସମିତି ବୈଠକ

## ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ

କୁଜଙ୍ଗ,୧୯।୮(ସ୍ୱ.ପ୍ର)

ପାରାଦୀପ ବନ୍ଦର ଏବଂ ଏହାକୁ ଭିତ୍ତିକରି ଗଢିଉଠିଥିବା ବିଭିନ୍ନ ଶିଳ୍ପଜନିତ ପ୍ରଦୂଷଣ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରଦୂଷଣ ଯୋଗୁ ରୋଗାଗ୍ରସ୍ତ ହୋଇ ଶହ ଶହ ଜୀବନ ଅକାଳରେ ଝଡ଼ିପଡୁଛି। ନା ପ୍ରଶାସନ ନା ଶିଳ୍ପାନୁଷ୍ଠାନ କେହିବି ସାଧାରଣ ଲୋକଙ୍କ ପ୍ରତି ସାମାନ୍ୟତମ ଦାୟିତ୍ୱ ନିର୍ବାହ କରୁନାହାନ୍ତି। ଏ କ୍ଷେତ୍ରରେ ରାଜନେତା ମଧ ମୁହଁ ଖୋଲୁନାହାନ୍ତି। ତେଣୁ ଶିଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ସମସ୍ତେ ଏକତ୍ରିତ ହୋଇ ଆନ୍ଦୋଳନ କରିବାକୁ ରବିବାର କୋଠି ପଞ୍ଚାୟତ ଗୃହରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ବୈଠକରେ ଆହ୍ୱାନ ଦିଆଯାଇଛି। ସମିତି ସଭ୍ୟ ଅରକ୍ଷିତ ଦାସଙ୍କ ଅଧ୍ୟକ୍ଷତାରେ ସମିତିର ଆବାହକ ରଘୁନାଥ ସାହୁ ଉପସ୍ଥିତ ଲୋକମାନଙ୍କୁ ଆନ୍ଦୋଳନ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ କୋଠି ସରପଞ୍ଚଙ୍କ ପ୍ରତିନିଧି କଣ୍ଠରାଜ ସ୍ୱାଇଁ, ସାମାଜିକ କର୍ମୀ ପବିତ୍ର ସାହୁ, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତର୍ମୟୀ ସ୍ୱାଇଁ, ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ଅତନୁ ସାମନ୍ତ, ଦୁଷ୍ମନ୍ତ କୁମାର ମାଝୀ, ବିଭୂତି ଭୂଷଣ ଦାସ, ଧୀରେନ୍ଦ୍ର କୁମାର ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ବାବୁରାମ ଚୌଧୁରୀ, ନାରୀନେତ୍ରୀ ଜାନକୀ ମହରାଥା, ତିଳୋତ୍ତମା ମାଝୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମି ଗୁରୁବାର ପରବର୍ତ୍ତୀ ବୈଠକ ବଗଦିଆ ପଞ୍ଚାୟତରେ କରାଯିବ ବୋଲି ଏଥିରେ ସୂଚନା ଦିଆଯାଇଥିଲା। ଯଦି ପ୍ରଶାସନ ଭୁତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ପ୍ରତି ଅଣଦେଖା କରନ୍ତି, ତେବେ ଆଗାମି ଅକ୍ଟୋବର ୧୧ରେ ସମିତି ପକ୍ଷରୁ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ସପ୍ତମ ଅଧିବେଶନ ଓ ସମାବେଶକୁ କୋଠି ଅଞ୍ଚଳର ବାବାଜୀ ବେହେରା, ନରହରି ସ୍ୱାଇଁ, ସୁବାସ ମହାପାତ୍ର, ସଞ୍ଜୟ ମହାନ୍ତି, ବାବୁଲି ସ୍ୱାଇଁ, ଖୋକନ ମହାନ୍ତି, ସୁରଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସଚେତନତା ଭିତ୍ତିକ ତାଲିମ

ରଘୁନାଥପୁର, ୧୯।୮( ଡି.ଏନ.ଏ.)




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ନିର୍ମାଣ ଶ୍ରମିକ।

ରଘୁନାଥପୁର ବ୍ଲକ ତାରପୁର ସ୍ଥିତ ମା' ନାରାୟଣୀ ପୀଠରେ ଓଡ଼ିଶା ନିର୍ମାଣ ଶ୍ରମିକ ତାରପୁର ଆଞ୍ଚଳିକ କମିଟି ପକ୍ଷରୁ ରବିବାର ୭୦ ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ସଚେତନତା ଭିତ୍ତିକ ତାଲିମ ପ୍ରଦାନ କରାଯାଇଛି। ଗୁପ୍ତା ଆଣ୍ଡ ଗୁପ୍ତା ସ୍କିଲ ଡେଭଲପ କମ୍ପାନୀ ପକ୍ଷରୁ ଟ୍ରେନ୍‌ର ସୁନୀଲ କୁମାର ନାୟକ ଓ ସମରଜିତ୍ ପ୍ରଧାନ ବିଶେଷ କରି ରାଜମିସ୍ତ୍ରିଙ୍କୁ କାର୍ଯ୍ୟ କରିବା ସମୟରେ ସଚେତନତା ଓ ଅଣକୁଶଳୀ ଶ୍ରମିକମାନେ କିପରି କୁଶଳୀ ହୋଇପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବଡ ଘର ନିର୍ମାଣ ସମୟରେ ଉଚ୍ଚ ସ୍ଥାନରେ କାମ କରୁଥିବା ଶ୍ରମିକମାନେ ବାଧ୍ୟତାମୂଳକ ଭାବେ ମୁଣ୍ଡରେ ହେଲମେଣ୍ଟ ପରିଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ପ୍ରବଳ ଖରା ଓ ବଜ୍ରପାତ ମାରିବା ସମୟରେ ଉପଯୁକ୍ତ ସ୍ଥାନକୁ ଚାଲି ଆସିବା ପାଇଁ ସଚେତନ କରାଇଥିଲେ। ରାଜ୍ୟ ନିର୍ମାଣ ଶ୍ରମିକ ସଂଘର ଉପସଭାପତି ତଥା ଜିଲା ସଭାପତି ଲୋଭାକାନ୍ତ ସ୍ୱାଇଁ, ନିର୍ମାଣ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଅସାବଧାନତା ବଶତଃ ଅତି ଉଚ୍ଚ ସ୍ଥାନରୁ ତଳେ ପଡି ମୃତ୍ୟୁମୁଖରେ ପଡୁଛନ୍ତି। ଏଭଳିସ୍ଥିତିରେ ନିଜକୁ ସୁରକ୍ଷା ଦେବା ପାଇଁ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷା କବଚ ପରିଧାନ କରିବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲା ଉପସଭାପତି ତଥା ତାରପୁର ଆଞ୍ଚଳିକ କମିଟିର ସଭାପତି ବିନ୍ଦୁସାଗର ଓଝା ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କର୍ମକର୍ତ୍ତା ଧନେଶ୍ୱର ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଗଳ ବାରିକ, ରବୀନ୍ଦ୍ରନାଥ ସାହୁ, ଧନେଶ୍ୱର ସାହୁ, ଶିବ ମହାରଣା ଓ କଳ୍ପନା ପରିଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



"୨୦୧୪ ପରଠୁ କେନ୍ଦ୍ରର ପରିବେଶ ମନ୍ତ୍ରୀମାନେ 'ଅନୁମୋଦନ' ମନ୍ତ୍ରୀ ପାଲଟିଯାଇଛନ୍ତି। ପରିବେଶ ମନ୍ତ୍ରୀ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିବା ଅପେକ୍ଷା ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ।

-ଜୟରାମ ରମେଶ, କଂଗ୍ରେସ ନେତା



## ସଂକ୍ଷେପରେ

### ଯବାନ ଶହୀଦ, ଆତଙ୍କବାଦୀ ନିହତ

ଶ୍ରୀନଗର,୧୯।୮(ପି.ଟି.): ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ର ଗୁଲାବ ପୋଷ୍ଟରେ ଶନିବାର ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟପକ୍ଷରେ ବାରାମୁଲ୍ଲା ଜିଲାରେ ଜଣେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି ସେନା। କସ୍ତୁରୀ ନାର ଦେଇ ଆତଙ୍କବାଦୀ ଜଣକ ଅନୁପ୍ରବେଶ କରୁଥିବାବେଳେ ଯବାନଙ୍କ ଗୁଳିରେ ନିହତ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର ରାଜେଶ କାଲିଆ ସୂଚନା ଦେଇଛନ୍ତି।

### ଆଇଏସ୍ ଲିଙ୍କ୍ କଶ୍ମୀରୀ ଇଞ୍ଜିନିୟରଙ୍କୁ ପ୍ରତ୍ୟର୍ପଣ କଲା ୟୁଏଇ



ଶ୍ରୀନଗର,୧୯।୮(ପି.ଟି.): ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ସମ୍ପର୍କ ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ଜଣେ ଯୁବ ଇଞ୍ଜିନିୟରଙ୍କୁ ନିକଟରେ ଭାରତକୁ ପ୍ରତ୍ୟର୍ପଣ କରିଛି ୟୁନାଇଟେଡ୍ ଆରବ୍ ଏମିରେଟ୍ସ (ୟୁଏଇ)। ଶ୍ରୀନଗର ନିକଟସ୍ଥ ଛତାବଲ୍ ଅଞ୍ଚଳର ବାସିନ୍ଦା ୩୬ ବର୍ଷୀୟ ଅହମ୍ମଦ ଜାର୍‌ଗରଙ୍କୁ ଦୁବାଇ ପୋଲିସ ଏପ୍ରିଲ ୨୮ରେ ଗିରଫ କରିଥିଲା। ଉପସାଗରୀୟ ଦେଶରୁ ଗତ ୧୪ ତାରିଖରେ ତାଙ୍କୁ ଭାରତକୁ ଅଣାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜାର୍‌ଗରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ସମେତ କେତେକ ସୁରକ୍ଷା ସଂସ୍ଥା ଜେରା କରିବେ। ସିରିଆରେ ଆଇଏସ୍‌ର କାର୍ଯ୍ୟକଳାପକୁ ସୋସିଆଲ ମିଡିଆରେ ସେ ବହୁଳ ଭାବେ ପସନ୍ଦ କରୁଥିଲେ ବୋଲି ଜଣାପଡ଼ିଛି।

### ପାକିସ୍ତାନୀ ବୋଟ୍ ଜବତ, ୯ ଗିରଫ

ଅହମ୍ମଦାବାଦ,୧୯।୮(ପି.ଟି.): ଆରବ ମହାସାଗରର ଗୁଜରାଟ ଉପକୂଳରୁ ପାକିସ୍ତାନର ଏକ ମାଛଧରା ବୋଟ୍‌କୁ ଭାରତୀୟ ତଟରକ୍ଷା ବାହିନୀ ଜବତ କରିଛି। ଏଥିସହ ୯ ପାକିସ୍ତାନୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନୀ ବୋଟ୍ ଶନିବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା ଅତିକ୍ରମ କରି ଭାରତ ପଟକୁ ଆସୁଥିବା ମୀରା ବେହନ୍ ନାମକ ତଟରକ୍ଷା ଜାହାଜ ଜାଣିବାକୁ ପାଇଥିଲା। ଅଲ୍ ଆଶା ନାମକ ପାକିସ୍ତାନୀ ବୋଟ୍‌ରେ ୯ ଜଣ ଥିଲେ। ବୋଟ୍ ସହ ସେମାନଙ୍କୁ ଗିରଫ କରାଯାଇ ଦ୍ୱାରକା ଜିଲା ଓଖା ବନ୍ଦରକୁ ନିଆଯିବା ପରେ ସ୍ଥାନୀୟ ସାମୁଦ୍ରିକ ପୋଲିସକୁ ହସ୍ତାନ୍ତର କରାଯାଇଥିବା ତଟରକ୍ଷୀ ବାହିନୀ ସୂଚନା ଦେଇଛି।

## ■ ଆଲିଙ୍ଗନ ପରେ ସଫେଇ

# ବହୁତ ସ୍ନେହ ଦେଇଛି ପାକିସ୍ତାନ

ଚଣ୍ଡିଗଡ଼/ଲାହୋର,୧୯।୮



**ଭାରତ ଫେରିଲେ ସିଦ୍ଧୁ**

■କ୍ଷମତା ପାଇଁ ଦେଶକୁ ମଧ ବିକିଦେବେ କଂଗ୍ରେସ: ସ୍ୱାମୀ

■ଯବାନମାନେ ଶହୀଦ ହେଉଥିବାବେଳେ ପାକ୍ ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିବା ଅଶୋଭନୀୟ: ଅମରିନ୍ଦର

ପାକିସ୍ତାନର ସ୍ଥଳସେନା ମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା କଂଗ୍ରେସ ନେତା ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମହଙ୍ଗା ପଡ଼ିଛି। ଭାରତ ନ ଫେରୁଣୁ ତାଙ୍କୁ ଚାରିଆଡେ ସମାଲୋଚନା କରାଯାଉଛି। ଏପରି କି ଖୋଦ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ ମଧ ସିଦ୍ଧୁଙ୍କ ଏଭଳି ଆଚରଣକୁ ନିନ୍ଦା କରିଛନ୍ତି।

ପିଟିଆଇ ଅଧକ୍ଷ ଇମ୍ରାନ ଖାନ୍ ଶନିବାର ପାକିସ୍ତାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାଷ୍ଟ୍ରପତି ଭାବନରେ ଶପଥଗ୍ରହଣ ଉତ୍ସବରେ ପୂର୍ବତନ କ୍ରିକେଟର ସିଦ୍ଧୁ ଜଣେ ମାତ୍ର ଭାରତୀୟ ଅତିଥି ଭାବେ ଯୋଗଦେଇଥିଲେ। ସେଠାରେ ସେ ପାକିସ୍ତାନୀ ସେନା ମୁଖ୍ୟ ବାଜ୍‌ୱାଙ୍କୁ ଆଲିଙ୍ଗନ କରୁଥିବା ଫଟୋ ଗଣମାଧମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିସହ ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଷ୍ଟ୍ରପତି ମାସୁଦ୍ ଖାନ୍‌ଙ୍କ ନିକଟରେ ସିଦ୍ଧୁ ବସିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭାଜପା ପକ୍ଷରୁ କଂଗ୍ରେସକୁ ଟାର୍ଗେଟ କରାଯାଇଛି। ସିଦ୍ଧୁଙ୍କ ଜଘନ୍ୟ ଅପରାଧ ପାଇଁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଦାବି କରିଛନ୍ତି। କେବଳ ସିଦ୍ଧୁ ନୁହନ୍ତି, କଂଗ୍ରେସ ମଧ ଏକ ବିଶ୍ୱାସଘାତକ। ଏମାନେ କ୍ଷମତା ପାଇଁ ନିଜ ଦେଶକୁ ବି ବିକିଦେବେ ବୋଲି ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ସମାଲୋଚନା କରିଛନ୍ତି। ୨୦୧୩ରେ ପାକିସ୍ତାନ ଜେଲରେ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ଭଉଣୀ ଦଲବୀର କୌର କହିଛନ୍ତି, ସିଦ୍ଧୁ ଶପଥଗ୍ରହଣ ଉତ୍ସବକୁ ଯାଇ ନିଜ ଦେଶ ଅପେକ୍ଷା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର କହିଛନ୍ତି, ସୀମାରେ ପାକିସ୍ତାନୀ ସେନାର ଆକ୍ରମଣରେ ପ୍ରତିଦିନ ଆମ ଯବାନମାନେ ଶହୀଦ ହେଉଛନ୍ତି। ଏଭଳି ସମୟରେ ସିଦ୍ଧୁ ବାଜ୍‌ୱାଙ୍କୁ ଆଲିଙ୍ଗନ କରିବା ଦୁର୍ଭାଗ୍ୟଜନକ। ବାଜ୍‌ୱାଙ୍କୁ ସେ ଏତେ ସ୍ନେହ ଦେଖାଇବା ଉଚିତ ନ ଥିଲା ବୋଲି ଅମରିନ୍ଦର ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସିଦ୍ଧୁ ରବିବାର ୱାଘା-ଅଟ୍ଟାରି ସୀମା ଦେଇ ପାକିସ୍ତାନରୁ ଭାରତକୁ ଫେରିଛନ୍ତି। ଏହି ଅବସରରେ ସେ ସଫେଇ ଦେଇ କହିଛନ୍ତି, ଭାରତରେ ସରା ଜୀବନ ଯାହା ମିଳିଲା ନାହିଁ ସେ ୨ ଦିନରେ ପାକିସ୍ତାନରେ ତାହା ପାଇଛନ୍ତି। ତାଙ୍କ ଇସ୍‌ଲାମାବାଦ ଗସ୍ତ ପରେ ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିବ ଓ ଶାନ୍ତି ଫେରିବ।

## ଗଙ୍ଗାରେ ବିଲୀନ ଅଟଳଙ୍କ ଚିତାଭସ୍ମ



ହରିଦ୍ୱାର,୧୯।୮(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ ଗଙ୍ଗାନଦୀରେ ବିଲୀନ ହୋଇଛି। ବାଜପେୟୀଙ୍କ ପରିବାର ସଦସ୍ୟମାନେ ରବିବାର ହରିଦ୍ୱାରର ହର୍ କୀ ପୌଡ଼ିସ୍ଥିତ ଗଙ୍ଗାକୂଳରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଚିତାଭସ୍ମକୁ ବିସର୍ଜନ କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଏମ୍ସରେ ଗୁରୁବାର ବାଜପେୟୀଙ୍କ ପରଲୋକ ହୋଇଥିଲା। ଶୁକ୍ରବାର ସ୍ମୃତିସ୍ଥଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରବିବାର ଏକ ସ୍ୱତନ୍ତ୍ର ଯାନରେ ତାଙ୍କର ଚିତାଭସ୍ମ ଓ ଅସ୍ଥିକୁ ହରିଦ୍ୱାର ଅଣାଯାଇଥିଲା। ଭାଲ୍ଲା କଲେଜ ପଡ଼ିଆରୁ ୨ କି.ମି. ଯାତ୍ରା କରିବା ପରେ ପୁଷ୍ପ ସଜ୍ଜିତ ଯାନ ହର୍ କୀ ପୌଡ଼ିରେ ପହଞ୍ଚିଥିଲା। ତୀର୍ଥ ପୁରୋହିତ ଅଖିଳେଶ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହିନ୍ଦୁ ରୀତିନୀତି ଅନୁସାରେ ସମସ୍ତ ବୈଦିକ କର୍ମ କରାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ 'ଅଟଳଜୀ ଅମର ରହେ' ସ୍ଲୋଗାନ ମଧ୍ୟରେ ବାଜପେୟୀଙ୍କ ପାଳିତା କନ୍ୟା ନମିତା କୌଲ ଭଟ୍ଟାଚାର୍ଯ୍ୟ ଅସ୍ଥି କଳସରୁ ଚିତାଭସ୍ମ ବିସର୍ଜନ କରିଥିଲେ। ନମିତାଙ୍କ ସହ ସ୍ୱାମୀ ରଞ୍ଜନ ଭଟ୍ଟାଚାର୍ଯ୍ୟ ମଧ ଏଥିରେ ସାମିଲ ଥିଲେ। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ସମେତ ଅନେକ ନେତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# କେରଳ ପରେ କର୍ଣାଟକ, ତାମିଲନାଡୁ

ବାଙ୍ଗାଲୋର/ଚେନ୍ନାଇ, ୧୯।୮ (ପି.ଟି.)

**କର୍ଣାଟକ ବର୍ଷାରେ ୬ ମୃତ**

କେରଳରୁ ବନ୍ୟା ସ୍ଥିତି ସୁଧୁରି ନ ଥିବାବେଳେ କର୍ଣାଟକ ଏବଂ ତାମିଲନାଡୁରେ ମଧ ରବିବାର ବନ୍ୟା ସ୍ଥିତି ଜଟିଳ ରୂପ ଧାରଣ କରିଛି। ପ୍ରବଳ ବର୍ଷା ଯୋଗୁ କର୍ଣାଟକର କୋଡାଗୁ ଜିଲାରେ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ଜିଲାରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ୬ ଜଣ ପ୍ରାଣ ହରାଇଛନ୍ତି। ୩୫୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ହିଁ କ୍ୟାମ୍ପ୍ କରି ରହିଛନ୍ତି। ସ୍ଥିତିର ଗମ୍ଭୀରତା ବିଷୟରେ ଜାଣିବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ ଫୋନ୍ କରି ସ୍ଥିତି ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟକୁ ସବୁସମ୍ଭବ ସହଯୋଗ ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ତାମିଲନାଡୁର ମେଟ୍ଟୁର ଏବଂ ଭବାନୀସାଗର ଡ୍ୟାମ୍‌ରୁ ବନ୍ୟାଜଳ ଛଡ଼ାଯିବା ପରେ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏରୋଡ୍ ଜିଲା ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ରବିବାର ବନ୍ୟାଞ୍ଚଳ ପରିଦର୍ଶନ କରି ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦିଆଯିବ ବୋଲି କୃଷକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଆରମ୍ଭ ହେଲା ହଜ୍‌ଯାତ୍ରା

ମକ୍କା,୧୯।୮(ପି.ଟି.)

ଆରମ୍ଭ ହେଲା ପବିତ୍ର ହଜ୍ ଯାତ୍ରା। ଇସ୍‌ଲାମ ଧର୍ମାବଲମ୍ବୀଙ୍କ ଏହି ପବିତ୍ର ତୀର୍ଥଯାତ୍ରା ପାଇଁ ବିଶ୍ୱର କୋଣ ଅନୁକୋଣରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସୌଦିଆରବର ମକ୍କା ସହରରେ ରବିବାର ରୁଣ୍ଡ ହୋଇଛନ୍ତି। ୬ ଦିନିଆ ତୀର୍ଥଯାତ୍ରା ସୁଗମ ଢଙ୍ଗରେ ସମ୍ପନ୍ନ କରିବା ଲାଗି ସୌଦିଆରବ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରକାଶ ଯେ, ହଜ୍ ଯାତ୍ରାକୁ ବିଶ୍ୱର ସର୍ବବୃହତ୍ ଜନସମାଗମ ବୋଲି କୁହାଯାଏ।

## ଫୁର୍‌ସତ

# ସୌରମଣ୍ଡଳ ବାହାରେ 'ଜଳଜଗତ'

**ବୋଷ୍ଟନ:** ସୌରମଣ୍ଡଳ ବାହାରେ ପୃଥିବୀ ଆକୃତିର ୨ରୁ ୪ଗୁଣ ବିଶିଷ୍ଟ ଅନେକ ଗ୍ରହ ରହିଛି। ସେଗୁଡିକରେ ପ୍ରଚୁର ପରିମାଣ ଜଳ ଥିବା ଅନୁମାନ କରାଯାଉଛି। ଏହାଦ୍ୱାରା ଆମ ଗାଲାକ୍ସିରେ ଏଲିଏନ୍ ଅନୁସନ୍ଧାନ ସହଜ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। ଏକ୍ସୋପ୍ଲାନେଟ୍-ହଣ୍ଟିଂ କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ଏବଂ ଗାଇଆ ମିଶନ୍ ଦ୍ୱାରା ସଂଗୃହୀତ ତଥ୍ୟରୁ ପୃଥିବୀ ବାହାରେ ଅଧିକାଂଶ ଗ୍ରହରେ ସର୍ବାଧିକ ୫୦% ଜଳ ଥିବା ସୂଚନା ମିଳେ। ଏହା ପୃଥିବୀରେ ଥିବା ଜଳର ୦.୦୨%ଠାରୁ ଖୁବ୍ ଅଧିକ ବୋଲି ଗବେଷକମାନେ କହିଛନ୍ତି। ଏ ସମ୍ପର୍କରେ ଆମେରିକାସ୍ଥିତ ହାର୍ଭାର୍ଡ ୟୁନିଭର୍ସିଟିର ଗବେଷକ ଲି ଜେଙ୍ଗ୍ କହନ୍ତି, ସୌରମଣ୍ଡଳ ବାହାରେ ଅନେକ ଜଳଜଗତ ଥିବା ବିଷୟ ଆଶ୍ଚର୍ଯ୍ୟଜନକ। ପୃଥିବୀ ବାହାରେ ଏଭଳି ୪,୦୦୦ ଗ୍ରହ ଆବିଷ୍କାର ହୋଇଛି। ସେଗୁଡ଼ିକ ମଧ୍ୟରୁ କେତେକ ପୃଥିବୀ ଆକୃତିର ୨ଗୁଣ। ସେଗୁଡିକର ବ୍ୟାସାର୍ଦ୍ଧ ପୃଥିବୀର ହାରାହାରି ୧.୫ ଗୁଣ ଏବଂ ଆଉ କେତେର ବ୍ୟାସାର୍ଦ୍ଧ ପୃଥିବୀର ପ୍ରାୟ ୨.୫ଗୁଣ। ଗାଇଆ ଉପଗ୍ରହରୁ ତଥ୍ୟ ଅନୁଯାୟୀ, ବୈଜ୍ଞାନିକମାନେ ଗ୍ରହଗୁଡିକର ବସ୍ତୁତ୍ୱ ଏବଂ ବ୍ୟାସାର୍ଦ୍ଧ ବିଶ୍ଳେଷଣ କରି ସେଗୁଡିକର ଆଭ୍ୟନ୍ତରୀଣ ଗଠନର ଏକ ମଡେଲ୍ ବିକାଶ କରିଛନ୍ତି। ଏହା ମୁତାବକ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୧.୫ ଗୁଣ ସେଭଳି ଗ୍ରହ ପଥୁରିଆ ହୋଇଥିବା ବେଳେ ଯେଉଁ ଗ୍ରହର ବ୍ୟାସାର୍ଦ୍ଧ ପୃଥିବୀର ୨.୫ଗୁଣ ସେଗୁଡିକ ସମ୍ଭବତଃ ଜଳଜଗତ (ପୃଥିବୀ ବସ୍ତୁତ୍ୱର ୧୦ଗୁଣ) ବୋଲି ଜେଙ୍ଗ୍ ପ୍ରକାଶ କରିଛନ୍ତି।



## ତମାଖୁ ନିୟନ୍ତ୍ରଣ ପାଇଁ ଜାତିସଂଘ ପୁରସ୍କାର

**ନୂଆଦିଲ୍ଲୀ:** ଦିଲ୍ଲୀ ସରକାରଙ୍କ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏସ୍.କେ. ଆରୋରାଙ୍କୁ ସମ୍ମାନଜନକ 'ହୁ ୱାର୍ଲଡ ନୋ ଟବାକୋ ଡେ-୨୦୧୮' ପୁରସ୍କାର ପ୍ରଦାନ କରାଯାଇଛି। ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଲାଗି ତାଙ୍କୁ ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଗଷ୍ଟ ୧୬ରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଭାରତ ମୁଖ୍ୟ ହେଙ୍କ୍ ବେକେଡାମ୍ ଆରୋରାଙ୍କୁ ସମ୍ମାନିତ କରିଛନ୍ତି। ଭାରତ ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି-୨୦୧୭ ଅନୁଯାୟୀ ୨୦୨୦ ସୁଦ୍ଧା ଭାରତରେ ତମାଖୁ ବ୍ୟବହାର ୧୫% ଏବଂ ୨୦୨୫ ସୁଦ୍ଧା ୩୦% ହ୍ରାସ ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି। ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ-୨(ଗାଟ୍‌ସ-୨, ୨୦୧୬-୧୭) ଅନୁସାରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ତମାଖୁ ବ୍ୟବହାର ୧୭% ହ୍ରାସ ପାଇଥିବା ବେଳେ ସେହି ତୁଳନାରେ ଦିଲ୍ଲୀରେ ୨୭% ହ୍ରାସ ପାଇଛି।

## ଇତିହାସର ଆଇନାରେ

### ଅଗଷ୍ଟ ୨୦ର ପ୍ରମୁଖ ଘଟଣା

୧୯୬୦ ଅଗଷ୍ଟ ୨୦ରେ ମାଲି ଫେଡେରେଶନ୍‌ରୁ ଅଲଗା ହୋଇ ସେନିଗାଲ୍ ସ୍ୱାଧୀନତା ହାସଲ କରିଥିଲା। ଫ୍ରେଞ୍ଚ୍ କଲୋନି ଏବଂ ସୁଦାନ ପ୍ରଜାତନ୍ତ୍ରକୁ ନେଇ ପ୍ରତିଷ୍ଠିତ ମାଲି ଫେଡେରେଶନ୍ ପଶ୍ଚିମ ଆଫ୍ରିକାର ଏକ ଦେଶ ଥିଲା। ଏହା ଫ୍ରାନ୍ସର ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ମାତ୍ର ଦୁଇମାସ ଏହା ସ୍ୱତନ୍ତ୍ର ଦେଶ ହୋଇ ରହିଥିଲା। ୧୯୫୯ ଏପ୍ରିଲ ୪ରେ ଏହା ପ୍ରତିଷ୍ଠାତା ହୋଇଥିଲା।

୨୦୦୮ ଅଗଷ୍ଟ ୨୦ରେ ସ୍ପେନ୍‌ର ସ୍ପାନ୍‌ଏୟାର୍ ଫ୍ଲାଇଟ୍ ୫୦୨୨ ନାମକ ଏକ ବିମାନ ଦୁର୍ଘଟଣା ଯୋଗୁ ୧୫୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ୧୪୬ ଜଣ ପ୍ରାଣ ହରାଇଥିବାବେଳେ ପରବର୍ତ୍ତୀ ସମୟରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୮ ଜଣ ଯାତ୍ରୀ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବିମାନଟି ମାଡ୍ରିଡ୍-ବାରାଜସ୍ ବିମାନବନ୍ଦରରୁ ଗ୍ରାନ୍ କାନାରିଆ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୫.୯ |
| ଚାନ୍ଦବାଲି | ୩୪.୦ | ୨୭.୨ |
| କଟକ | ୩୩.୨ | ୨୩.୮ |
| ପାରାଦ୍ୱୀପ | ୩୩.୭ | ୨୭.୭ |
| ଭୁବନେଶ୍ୱର | ୩୩.୫ | ୨୫.୨ |
| ଗୋପାଳପୁର | ୩୪.୫ | ୨୬.୪ |
| ପୁରୀ | ୩୩.୦ | ୨୬.୦ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୪.୨ | ୨୭.୬ |
| ଝାରସୁଗୁଡ଼ା | ୩୪.୫ | ୨୫.୦ |
| କେନ୍ଦୁଝର | ୩୨.୦ | ୨୩.୮ |
| ସମ୍ବଲପୁର | ୩୩.୮ | ୨୧.୧ |
| ସୁନ୍ଦରଗଡ଼ | ୩୪.୦ | ୨୧.୦ |
| ହୀରାକୁଦ | ୩୨.୬ | ୧୯.୯ |
| ତାଳଚେର | --- | ୨୫.୫ |
| ଭବାନୀପାଟଣା | ୩୨.୦ | ୨୫.୪ |
| ବଲାଙ୍ଗୀର | ୩୩.୩ | ୨୫.୨ |
| କୋରାପୁଟ | ୨୪.୦ | ୨୦.୦ |
| ଫୁଲବାଣୀ | ୩୦.୫ | ୨୧.୪ |
| ଟିଟିଲାଗଡ଼ | --- | ୨୨.୫ |
| ମାଲକାନଗିରି | ୨୬.୫ | ୨୪.୬ |
| ସୋନପୁର | ୩୩.୬ | ୨୩.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୯.୫ |
| ଢେଙ୍କାନାଳ | --- | ୨୪.୬ |

ଡିଗ୍ରୀ ସେଲ୍‌ସିୟସ୍

## 'କେବିସି' ଶୁଟିଂ ଆରମ୍ଭ

**ମୁମ୍ବାଇ:** ମେଗାଷ୍ଟାର ଅମିତାଭ୍ ବଚ୍ଚନ ପୁଣିଥରେ ତାଙ୍କର ହିଟ୍ ଗେମ୍ ଶୋ 'କୌନ ବନେଗା କରୋଡପତି' (କେବିସି) ୧୦ମ ସିଜିନ୍‌ର ଶୁଟିଂ ଆରମ୍ଭ କରିଛନ୍ତି। ୭୫ ବର୍ଷୀୟ ଏହି ସୁପରଷ୍ଟାର ଏକ ନୂଆ ବ୍ଲଗ୍ ପୋଷ୍ଟରେ ବିଗତ ଦିନର ସ୍ମୃତିଚାରଣ କରିଛନ୍ତି। ଏଭଳି ଏକ ମେଗା କାର୍ଯ୍ୟକ୍ରମ ୨୦୦୦ରେ ପ୍ରଥମକରି ଆରମ୍ଭ ହୋଇଥିଲା।ଅମିତାଭ୍ ତାଙ୍କ ବ୍ଲଗ୍‌ପୋଷ୍ଟରେ ଉଲ୍ଲେଖ କରିଛନ୍ତି-'କେବିସିର ପ୍ରଥମ ଦିନର ଶୁଟିଂ ବେଶ୍ ଆଶଙ୍କାଭରା ଥିଲା। ଏଥିପାଇଁ ଖୁବ୍ ନର୍ଭସ ବି ଲାଗୁଥିଲା। ୟା' ଭିତରେ କେବିସିକୁ ୧୮ବର୍ଷ ହେଲାଣି। ୧୦ମ ସିଜିନ୍ ଆରମ୍ଭ ହୋଇଛି। ଶୁଟିଂର ଅଧିକାଂଶ ଭାଗ ମୋ ସହ ଜଡିତ ରହୁଥିଲେ ବି କିଛି ବିଷୟ ଅଜ୍ଞାତ ମନେହେଉଛି।' ଯଦିଓ ଶୋ ପାଇଁ କେତେକ ଶୁଟିଂ 'ହତୋତ୍ସାହଜନକ' ଏବଂ 'ଖୁବ୍ କଷ୍ଟସାଧ' ମନେହୁଏ ତଥାପି ଦର୍ଶକଙ୍କ ପକ୍ଷରୁ କ୍ରମାଗତ ସମର୍ଥନ ଏଥିପାଇଁ ସହାୟକ ହୋଇପାରିବ। ଏହାକୁ ପାଥେୟ କରି ଦୀର୍ଘ ୧୮ବର୍ଷ ପରେ ବି ଏପରି ଏକ କାର୍ଯ୍ୟକ୍ରମ ପୁଣି ଆରମ୍ଭ ହେବାକୁ ଯାଉଛି। ଭାରତର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଜାଣିବା ଏବଂ ଭେଟିବାର ଅବସର ଏଥିରେ ମିଳେ। କେତେକ ଲୋକଙ୍କ ସଂଗ୍ରାମର କାହାଣୀ ଏବଂ ଜୀବନଯାପନ ପରିସ୍ଥିତି ଖୁବ୍ ହୃଦୟବିଦାରକ। ତେବେ ଉକ୍ତ ଗେମ୍‌ରେ ସେମାନେ ସଫଳ ହେବାର ସମୟ ଏବଂ ସବୁ ଦୁଃଖ ଓ ଅବସାଦ ଅପସରି ଯିବାର ମୁହୂର୍ତ୍ତ ଅତ୍ୟନ୍ତ ସନ୍ତୋଷଜନକ। ପ୍ରତ୍ୟେକଙ୍କ ଜୀବନରେ ପରିବର୍ତ୍ତନ ଘଟେ। ପରିବର୍ତ୍ତନକାରୀର ଭୂମିକା କେବିସି ନିର୍ବାହ କରୁଥିବାରୁ ଏହି ଗେମ୍ ଶୋ ସହ ଜଡିତ ବ୍ୟକ୍ତିବିଶେଷ ଅଧିକ ସମ୍ମାନାସ୍ପଦ ମନେହୁଅନ୍ତି ବୋଲି ଅମିତାଭ୍ ପ୍ରକାଶ କରିଛନ୍ତି।




ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ମହାକାଶରେ ଦାନ୍ତଘଷା



କମଳାକାନ୍ତ ଜେନା

"ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି । ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଏବେ ବ୍ରଶ୍ କରିବାର ଅଛି । ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, 'ହଁ, ଦୟାକରି ତୁମେ କର । ମୁଁ ଦେଖିବି ।'"





ମହାକାଶକୁ ଯିବା କଥା ଅନେକ ଥର ଭାବିଛି । କିନ୍ତୁ ମୋର ସବୁ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିଲା । ହେଲେ ସେଦିନ ଆଇ.ଏସ୍.ଏସ୍. ମହାକାଶ-ଗବେଷଣାକେନ୍ଦ୍ର ଭିତରେ ଶୋଇଥିବା ଅବସ୍ଥାରେ ନିଜକୁ ଯେତେବେଳେ ଆବିଷ୍କାର କଲି, ବିଶ୍ୱାସ କରିପାରିଲି ନାହିଁ । ମୁଁ କେବେ ମହାକାଶକୁ ଯିବାର ତାଲିମ ନେଇ ନଥିଲି କିମ୍ବା ମହାକାଶ ଉପରେ ମୋର ସେମିତି କୌଣସି ମୌଳିକ ଗବେଷଣା ବି ନଥିଲା । କେବଳ ଜଣେ ପଦାର୍ଥ ବିଜ୍ଞାନୀ ଭାବରେ ମହାକାଶ ସମ୍ପର୍କରେ ଅଳ୍ପ କିଛି ଜ୍ଞାନ ଥିଲା । ତେଣୁ ମୁଁ କେମିତି ହଠାତ୍ ମହାକାଶ ଷ୍ଟେଶନ୍‌କୁ ଆସିଗଲି, ସେହି କଥା ଭାବୁଥିଲି । କାନ୍ଥ ସହିତ ବନ୍ଧା ହୋଇଥିବା ଗୋଟିଏ ପ୍ଲାଷ୍ଟିକ୍ ଖୋଳ ଭିତରେ ମୁଁ ଶୋଇଥିଲି । ମୁହଁଟା କେବଳ ବାହାରକୁ ଥିଲା । ଆଖି ଖୋଲିଲା ବେଳକୁ ମୋ ଆଗରେ ଜଣେ ଗୋରା ଲୋକ ମୋ ଆଡକୁ ଚାହିଁ ଓଠ ଚିପି ଚିପି ହସୁଥିବାର ଦେଖିଲି । ପରେ ଜାଣିଲି ସେ ଥିଲେ କାନାଡାର ଏୟାର-ମାର୍ଶଲ ଜିମ୍ କ୍ୟୁରେଟୋ । ମୁଁ ନିଦରୁ ଉଠିବାର ଦେଖି ସେ ପଚାରିଲେ, 'କିଛି ଅସୁବିଧା ହେଇନାହିଁ ତ, ଅଧ୍ୟାପକ ।'

ମୁଁ କହିଲି, 'ନା, ଗୋରାଭାଇ । ମୁଁ ଠିକ୍ ଅଛି । ହେଲେ ମୁଁ କେମିତି ଏଠାକୁ ଆସିଲି ଜାଣି ପାରୁନାହିଁ ।' ସେ ହସି ହସି କହିଲେ, ଚମତ୍କାର । ଭାରତୀୟମାନଙ୍କର 'ଭାଇ' ଡାକ ମତେ ଭଲ ଲାଗେ । ହଁ, କ'ଣ କହିଲ, 'ଗୋରା ଭାଇ' । ଆରେ ତୁମେ ତ ଖାଣ୍ଟି ଭାରତୀୟ । ତା' ପରେ ଜୋର ହସିଲେ । ମୁଁ କହିଲି, 'ତୁମ ନାଁ ଜାଣିନାହିଁ । ତେଣୁ ଗୋରାଭାଇ ଡାକିଦେଲି ।' ସେ କହିଲେ, ଚମତ୍କାର ସମ୍ବୋଧନ । ମୁଁ ଖୁସି । ତୁମେ ମତେ ସବୁବେଳେ 'ଗୋରା ଭାଇ' ବୋଲି ଡାକିବ । କିଛି ସମୟ ରହିଯାଇ ପୁଣି କହିଲେ, "ଆରେ ହଁ, ମହାକାଶକୁ ନେଇ ତୁମେ ଅନେକ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧ ଲେଖିଛ । ତୁମର ମହାକାଶ ଭ୍ରମଣ ଇଚ୍ଛା ବିଷୟରେ ବି ଅନେକ ଥର ଟୁଇଟରରେ ଲେଖିଛ । ତେଣୁ ଆମ ଦେଶ ତୁମ ପରି ଜଣେ ଆଗ୍ରହୀ ଲେଖକକୁ ମହାକାଶ ଭ୍ରମଣର ସୁଯୋଗ ଦେଇଛି । ବ୍ୟସ୍ତ ହୁଅନା । ଆମେ ଏଠି ଛଅ ଜଣ ଅଛୁ । ତୁମର କିଛି ଅସୁବିଧା ହେବନି ।" ମୁଁ ପଚାରିଲି, 'ଏ ଖୋଳ ଭିତରୁ କେମିତି ବାହାରିବି ?' ଗୋରାଭାଇ ବୁଝେଇଦେଲେ, 'ସିମ୍ପଲ, ଭାବିଦିଅ ତୁମେ ପାଣିରେ ବେଲୁନ୍ ପରି ଭାସୁଛ । କାହିଁକି ନା, ତୁମେ ତ ଜାଣିଛ, ତୁମ ଶରୀର ଉପରେ ଶୂନ ମାଧ୍ୟାକର୍ଷଣ ବଳ ପଡୁଛି । ତେଣୁ ତଳେ କଚାଡି ହେଇ ପଡିବାର ସମ୍ଭାବନା ନାହିଁ । ଏବେ ଜ୍ୟାକେଟ୍‌ର ଚେନ୍ ଖୋଲିଦିଅ । ତା' ପରେ ଉଡି ଉଡି ମୋ ପାଖକୁ ଚାଲିଆସ ।'

ମୁଁ ସେଇଆ କଲି । ଖୋଳ ଭିତରୁ ବାହାରି ଉଡି ଉଡି ଗୋରାଭାଇଙ୍କ ପାଖକୁ ଚାଲିଗଲି । ଅଜବ ଲାଗୁଥିଲା । ମହାକାଶରେ ଜୀବନ ସମ୍ପର୍କରେ ଅନେକ ଲେଖିଥିଲି । କିନ୍ତୁ ବାସ୍ତବ ଅନୁଭୂତିର ମୁହୂର୍ତ୍ତଗୁଡିକ ବେଶ୍ ରୋମାଞ୍ଚକର ମନେ ହେଉଥିଲା । ଗୋରାଭାଇ କହିଲେ, 'ବାଃ, ବହୁତ ଚାଲାକ୍ ଅଛ । ନୂଆ ହେଲେ ବି ସୁନ୍ଦର ଭାବରେ ମହାକାଶଯାନ ଭିତରେ ଗତି କରିପାରୁଛ । ତଥାପି ଜଗିରହି କାନ୍ଥ ଧରି ଧରି ଗତି କରିବ । ନଚେତ୍ କୋଉଠି ମୁଣ୍ଡ ବାଡେଇ ହୋଇଯାଇପାରେ ।' ମୁଁ ମୁଣ୍ଡ ହଲେଇ ସମ୍ମତି ଜଣେଇଲି । ଗୋରାଭାଇ ପଚାରିଲେ, 'ତୁମେ ଏବେ ଦାନ୍ତ ଘଷିବ ?' ମୁଁ ହଁ କହିଲି । ସେ କହିଲେ, 'ଠିକ୍ ଅଛି । ତୁମେ ସାମନା ଗାଧୁଆଘର ଭିତରକୁ ଚାଲିଯାଅ । ସେଇଠି ବ୍ରଶ୍ ଓ ପେଷ୍ଟ ଅଛି ।' ମୁଁ ଆଗ୍ରହର ସହିତ ଭାସି ଭାସି ଗାଧୁଆଘର ଭିତରକୁ ପଶିଲି । ଆରେ, ମୋର ଭୁଲ ହେଇଗଲା । ସେଇଟା ଗାଧୁଆଘର ନଥିଲା । ନା ପାଣି ଟ୍ୟାପ୍ ଥିଲା, ନା ବେସିନ୍, ନା ବାଲଟି । ସାବୁନ୍ ବି ନଥିଲା । ମୁଁ ପଚାରିଲି, 'ଗୋରାଭାଇ, ଗାଧୁଆଘର ପାଉନାହିଁ ।' ଉତ୍ତର ଆସିଲା, 'ଅଧ୍ୟାପକ, ତୁମେ ମୋ ସହିତ ମଜା କରୁନ ତ ?' କହିଲି, 'ଆରେ, ନା ଭାଇ । ଗାଧୁଆଘରକୁ ଯିବା ପାଇଁ ରାସ୍ତା କୁହ ।' ଉତ୍ତର ଆସିଲା, 'ତୁମେ ଠିକ୍ ଜାଗାରେ ଅଛ । ସେଇଟା ହିଁ ଗାଧୁଆଘର । ଅପେକ୍ଷା କର । ମୁଁ ଯାଉଛି ।' ସେ ମୋ ପାଖକୁ ଉଡି ଉଡି ଆସିଗଲେ । ହସି ହସି କହିଲେ, 'ମହାକାଶ ଉପରେ ଲେଖିଥିବା ପ୍ରବନ୍ଧ ତୁମର ମନେ ପଡୁନି କି । ଆଚ୍ଛା ଠିକ୍ ଅଛି, ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ଏବେ ବ୍ରଶ୍ କରିବାର ଅଛି । ତୁମେ ଦେଖ । ତା'ପରେ ନିଜେ କରିବ ।' ମୁଁ କହିଲି, ହଁ, ଦୟାକରି ତୁମେ କର । ମୁଁ ଦେଖିବି ।'

ଗାଧୁଆଘର କାନ୍ଥରେ ଲାଗିଥିବା ମୁଣିରୁ ସେ ତାଙ୍କ ବ୍ରଶ୍ ଓ ପେଷ୍ଟ ବାହାର କରି ବ୍ରଶ୍‌ରେ ପେଷ୍ଟ ଲଗେଇଲେ । ପେଷ୍ଟ ଲାଗିଥିବା ବ୍ରଶ୍‌କୁ ସେଇଠି ଛାଡିଦେଇ ପେଷ୍ଟକୁ ପୁଣି ମୁଣି ଭିତରେ ଥୋଇଦେଲେ । ବ୍ରଶ୍ ତଳେ ନପଡି ଶୂନ୍ୟରେ ସେମିତି ଭାସୁଥିଲା । ଗୋରାଭାଇ ଟିକିଏ ପଛକୁ ଯାଇ ଲମ୍ବା ଟ୍ୟୁବ୍ ଲାଗିଥିବା ପତଳା ପାଣି ପାଉଚ୍ ଧରି ଆସିଲେ । ଟ୍ୟୁବ୍ ମୁହଁ ଖୋଲି ପାଉଚ୍‌କୁ ଆସ୍ତେ ଚିପିଲେ । ପାଣି ଧୀରେ ଧୀରେ ବାହାରି ଟ୍ୟୁବ୍ ଅଗରେ ଗୋଟିଏ କୁନି ଗୋଲକ ଆକାର ଧାରଣ କଲା । ସେ ପାଉଚ୍ ବନ୍ଦକରି ପଛ ପଟେ ଖୋପରେ ରଖିଲେ । ବଡ ଜେଲିବଲ ପରି ଦିଶୁଥିବା ପାଣିର ସେଇ କୁନି ଗୋଲକଟି ସେଇଠି ଭାସୁଥିଲା । ମତେ ତ ସବୁ ଜାଦୁ ପରି ମନେ ହେଉଥିଲା । ସେ କହିଲେ, 'ବାସ୍, ମୁଁ ଏବେ ଦାନ୍ତଘଷା ଆରମ୍ଭ କରିବି ।' ଏତିକି କହି ପାଖରେ ଭାସୁଥିବା ବ୍ରଶ୍‌କୁ ଧରିନେଲେ ଓ ବଡ ଆଁ କରି ଶୂନ୍ୟରେ ଭାସୁଥିବା ପାଣି-ବଲକୁ ପାଟି ଭିତରକୁ ନେଲେ । ବ୍ରଶ୍ ଓ ପେଷ୍ଟକୁ ଓଦା କରିବା ପାଇଁ ଯେତିକି ପାଣି ଦରକାର, ଅନୁମାନ କରି ସେତିକି ପାଣି ପାଟିରେ ରଖି ବାକିତକ ପାଣି ଢୋକିଦେଲେ । ପାଟି ଭିତରେ ବ୍ରଶ୍ ପୂରେଇ ଦୁଇ ମିନିଟ୍ ଏପଟ ସେପଟ କରିବା ପରେ କହିଲେ, 'ଏଠି ତ ବେସିନ୍ ଭିତରେ ଛେପ ପକେଇ ହାତମୁହଁ ଧୋଇବାର ବ୍ୟବସ୍ଥା ନାହିଁ । ଏବେ ମୋ ପାଖରେ ଦୁଇଟା ବାଟ । ପାଟିରେ ଥିବା ଦାନ୍ତଘଷା ଫେଣକୁ ଖାଇଦେଇ ପାରିବି, ଅଥବା ବାହାର କରି କାଗଜ-ତଉଲିଆରେ ପକେଇ ପାରିବି । କିନ୍ତୁ, କାଗଜ-ତଉଲିଆ ନଷ୍ଟ କରିବାକୁ ଚାହୁଁନି । ଭଲ ହେବ, ଖାଇଦେବି । ଆଇ ଲଭ୍ ଇଟ୍ ।' ଏତିକି କହୁ କହୁ ଗନ୍ଧିଆ ଛେପକୁ ସିଧା ଢୋକିଦେଲେ । ଇସ୍, ମତେ ତ ପୂରା ବାନ୍ତି ଲାଗୁଥିଲା । ହେଲେ ପରିସ୍ଥିତିରେ ପଡି ସେମିତି ଅଭ୍ୟାସ କରିଛନ୍ତି ବୋଲି ପରେ ବୁଝିଲି । ବାହାରେ କାଗଜ-ତଉଲିଆରେ ଛେପ ପକେଇବା ବଦଳରେ ଖାଇ ଦେଲେ ଆବର୍ଜନା କମିଯିବ । ଶରୀରକୁ ମଧ୍ୟ ଛେପ ରୂପରେ ଟୋପାଏ ଜଳ ମିଳିଯିବ । ସତରେ, ମହାକାଶଚାରୀମାନଙ୍କର ଜଳର ସୁଚାରୁ ବିନିଯୋଗ ଏବଂ ଆବର୍ଜନା ସୃଷ୍ଟି ନ କରିବାର ସଚେତନତା ଆଗରେ ମୋର ମୁଣ୍ଡ ନଇଁ ଯାଉଥିଲା । ମହାକାଶରେ ନିଜର ଛଅ ମାସ ରହଣି ଭିତରେ ସେମାନେ ଅଳ୍ପରେ ଚଳିବା ସହିତ କଠିନ ଗବେଷଣାରେ ମନ ଦେଉଥିଲେ । ଗୋରାଭାଇ କହିଲେ, 'ଅଧ୍ୟାପକ, ଏବେ ତୁମେ ବ୍ରଶ୍ କରିପାର ।' ସେ ଗାଧୁଆଘରୁ ବାହାରକୁ ବାହାରିଯାଇ ନିଜ କାମରେ ବ୍ୟସ୍ତ ରହିଲେ । ମୁଁ ତାଙ୍କ ଷ୍ଟାଇଲରେ ଡାହାଣ ହାତରେ ବ୍ରଶ୍ ଧରି ଦାନ୍ତ ଘଷିବା ଆରମ୍ଭ କଲି । ହଠାତ୍ ଗୋରାଭାଇ ମୋ ପାଖକୁ ଉଡି ଆସି ପଚାରିଲେ, 'ତୁମ ବାମ ହାତ ଦେଖେଇଲ ।' ମୁଁ ପଛରେ ଲୁଚେଇଥିବା ବାମହାତକୁ ଆଗକୁ ଆଣିଲି । ବାମ ହାତରେ ଦୁଇଟା କାଗଜ-ତଉଲିଆ ଧରିଥିଲି । କହିଲି, 'ଭାଇ, ମୁଁ ଦୁଃଖିତ । ଦାନ୍ତଘଷା ଫେଣକୁ ମୁଁ ଢୋକି ପାରିବିନି । ମୋର ବାନ୍ତି ହେଇଯିବ ।' ସେ କହିଲେ, 'ନା, ସେମିତି କେମିତି ହେବ ? ତୁମେ ଯଦି ସବୁ ଦିନ ଏତେ ଏତେ ତଉଲିଆ ବ୍ୟବହାର କରିବ, ଆମେ ସମସ୍ତେ ଚଳିବା କେମିତି ? ତୁମକୁ ଛେପ ଢୋକିବାକୁ ହେବ । ତଉଲିଆ ମତେ ଦେଇଦିଅ ।' ମୁଁ କହିଲି, 'ନା, ମୁଁ ଢୋକି ପାରିବିନି ।' ସେ ଟିକିଏ ରାଗିଯାଇ କହିଲେ, 'ତୁମକୁ ଢୋକିବାକୁ ହେବ ।' ମୁଁ ବି ରାଗିଯାଇ ଜୋରରେ କହିଲି, 'ନା, ମୁଁ ଛେପ ଢୋକି ପାରିବିନି ।'

ହଠାତ୍ ମୋ ନିଦ ଭାଙ୍ଗିଗଲା । ଝିଅ ମୋ ବିଛଣା ପାଖରେ ଛିଡା ହୋଇ ପଚାରୁଥିଲା, 'ବାପା, କ'ଣ ହେଲା ? ଛେପ ଢୋକିବା କଥା କାହାକୁ କହୁଥିଲ ? କି ଛେପ ?' ମୁଁ ହସି ଦେଇ ପଚାରିଲି, 'ଝିଅ, ତୁ ବଡ ହେଲେ ମହାକାଶଚାରୀ ହେବୁ ବୋଲି ସବୁବେଳେ କହୁଛୁ । ତୁ କ'ଣ ମହାକାଶରେ ଦାନ୍ତ ଘଷି ସାରି ସେଇ ଛେପକୁ ଢୋକିପାରିବୁ ?' ଝିଅ ଖୁସିରେ ଉତ୍ତର ଦେଲା, 'ହଁ, ମହାକାଶଚାରୀ ହେବା ପାଇଁ ମୁଁ ସବୁ କରିପାରିବି । ମୁଁ ତ ପେଷ୍ଟ ଖାଇବାକୁ ଭଲପାଏ ।' ମୁଁ କହିଲି, 'ବହୁତ୍ ଭଲ କଥା । ମୋ ତଉଲିଆ ଆଣ । ଗାଧୁଆଘରକୁ ଯିବି ।' ଝିଅ ତଉଲିଆ ଆଣିବାକୁ ଚାଲିଗଲା । ମୁଁ ଗୋରାଭାଇଙ୍କର ଦାନ୍ତଘଷା କଥା ଭାବୁଥିଲି ।

*-ସହକାରୀ ପ୍ରଫେସର (ଫିଜିକ୍ସ),*
*ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ,*
*ମୋ : ୯୪୩୯୫୦୧୬୫୧*



# ଖାଇବା ଥାଳିରେ ବିଦେଶୀ ଖାଦ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ

ଆପଣଙ୍କ ରାତି ଖାଇବା ନିମନ୍ତେ ଥାଳିରେ ବଢା ହୋଇଛି ରୁଟି, ମଟର ଆଳୁ ଓ ବନ୍ଧାକୋବି ତରକାରି, ଟମାଟୋ, ପିଆଜ ଓ ଗାଜର ସାଲାଡ ; ଫାଳେ ପାଚିଲା ଅମୃତଭଣ୍ଡା ଏବଂ ଖାଇସାରିବା ପରେ କପେ କଫି । ଖାଇବା ଆରମ୍ଭ କରିବା ଆଗରୁ ଆପଣ ଏହି ଭୋଜନ ସାମଗ୍ରୀଗୁଡ଼ିକୁ ଟିକିଏ ନିରେଖି ଲକ୍ଷ୍ୟ କରନ୍ତୁ ଏବଂ କହନ୍ତୁ ତ, ଏଗୁଡ଼ିକ ଭିତରୁ କେଉଁ ଦ୍ରବ୍ୟଟିର ଆଦି ଜନ୍ମଭୂମି ଭାରତ ? ମାତ୍ର ଏହି ଗହମ, ଯାହାର ଅଟାରୁ ତିଆରି ହୋଇଛି ରୁଟି, ମଟର, ଆଳୁ, ବନ୍ଧାକୋବି, ଟମାଟୋ, ପିଆଜ, ଗାଜର, ଅମୃତଭଣ୍ଡା ଓ କଫି କୌଣସି ଗୋଟିଏ ହେଲେ ବି ଭାରତରେ ଭୂମିଷ୍ଠ ହୋଇ ନ ଥିଲା । ବନ୍ଧାକୋବି ତରକାରିରେ ପଡ଼ିଥିବା ଲଙ୍କା, ରସୁଣ, ସୋରିଷ ଓ ସୋରିଷ ତେଲ ମଧ ଜନ୍ମ ନେଇ ନ ଥିଲା ଭାରତରେ । ଏଗୁଡ଼ିକ ସର୍ବପ୍ରଥମେ ଜନ୍ମ ନେଇଥିଲେ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳରେ । ଅନେକ ବର୍ଷ ପରେ ଏଗୁଡ଼ିକ ଆସି ଆମ ଦେଶରେ ପଦାର୍ପଣ କରି ପାଲଟି ଗଲେ ଆମ ଦେଶର ବାସିନ୍ଦା !

ଉଦାହରଣ ସ୍ୱରୂପ ପାଖାପାଖି ୮୦୦୦ ବର୍ଷ ତଳେ ଗହମ ଚାଷ ଆରମ୍ଭ ହୋଇଥିଲା ଆଫଗାନିସ୍ତାନରେ । ପରେ ଏହା ଆସି ପହଞ୍ଚିଲା ହରପ୍ପାରେ । ପିଆଜ, ମଟର, ଗାଜର, ପଶ୍ଚିମଏସିଆ ଅଞ୍ଚଳରୁ ଏବଂ ବନ୍ଧାକୋବି ପୂର୍ବ ଏସିଆ ଅଞ୍ଚଳରୁ ଆମ ଦେଶକୁ ଆସିଛି । ଲଙ୍କା ଓ ଅମୃତଭଣ୍ଡା କେନ୍ଦ୍ରୀୟ ଆମେରିକାରୁ, ଆଳୁ ଓ ଟମାଟୋ ଦକ୍ଷିଣ ଆମେରିକାରୁ, ସୋରିଷ ଭୂମଧ୍ୟସାଗରୀୟ ଅଞ୍ଚଳରୁ, ରସୁଣ କେନ୍ଦ୍ରୀୟ ଏସିଆ ଅଞ୍ଚଳରୁ ଏବଂ କଫି ଆଫ୍ରିକାରୁ ଆସି ଆସ୍ଥାନ ଜମେଇଲେ ଭାରତରେ । ଏବେ ଏମାନେ ବିଦେଶାଗତ ହୋଇମଧ ସମ୍ପୂର୍ଣ୍ଣ ଭାରତୀୟ ।

ସମ୍ପ୍ରତି ବଜାରରେ ଦେଖିବାପାଇଁ ମିଳୁଛି ଏପରି କେତେକ ପରିବାପତ୍ର ଓ ଫଳ, ଯେଉଁଗୁଡିକୁ ଆମେ ନୂଆ ଦେଖିବା ପାଇଁ ପାଉଛେ । ଏଗୁଡ଼ିକ ସହ ଆଗରୁ ଆମର ପରିଚୟ ନ ଥିଲା । ଆମେ ତ କ୍ୟାପ୍‌ସିକମ୍ ଦେଖି ନ ଥିଲେ । ଦେଖି ନ ଥିଲେ ବ୍ରୋକୋଲି, ଦେଖି ନ ଥିଲେ କି ଖାଇ ନଥିଲେ ଆଲୋକାଡୋ କି ଡ୍ରାଗନ୍‌ଫ୍ରୁଟ । ହେଲେ ଏଗୁଡ଼ିକ ଆମ ପରିବା ଦୋକାନ ଫଳ ଦୋକାନରେ ମିଳିଲାଣି ଓ ବାଜିଲାଣି ଆମ ପାଟିରେ, ହେଉପଛେ ତାହା କଦବା କେମିତି ।

> "ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସବାପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା । ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ । ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ ।"

ଗ୍ରୀଷ୍ମମଣ୍ଡଳୀୟ କୃଷି ସମ୍ପର୍କରେ ଅନୁଧ୍ୟାନ କରୁଥିବା ଅନ୍ତର୍ଜାତୀୟ କେନ୍ଦ୍ର ବା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଫର୍ ଟ୍ରପିକାଲ ଏଗ୍ରିକଲଚରର ବୈଜ୍ଞାନିକମାନେ ୧୭୭ଟି ଦେଶର ୧୩୨ଟି ଭିନ୍ନଭିନ୍ନ ପ୍ରକାରର ଫଳ ଓ ପନିପରିବା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ସେଗୁଡିକୁ ବିଶ୍ଳେଷଣ କରିଛନ୍ତି । ସେହି ତଥ୍ୟକୁ ଅନୁଶୀଳନ କଲେ ପୃଥିବୀର ରାଷ୍ଟ୍ରସମୂହ ନିଜ ଖାଦ୍ୟଦ୍ରବ୍ୟ ବିଷୟରେ କିପରି ପରସ୍ପରର ନିର୍ଭରଶୀଳ ଏହା ସ୍ପଷ୍ଟ ଭାବରେ ଜଣାପଡେ ।

ଆମେ ଭାରତୀୟମାନେ ଯେଉଁ ସମସ୍ତ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ଚାଷ କରିଥାଉ ଓ ଖାଇଥାଉ, ଏହାର ପାଖାପାଖି ଏକ ତୃତୀୟାଂଶ ସର୍ବପ୍ରଥମେ ବିଦେଶ ଭୂଇଁରୁ ଭାରତକୁ ଆସିଥିଲା । ଭାରତରେ ଆମେ ସମୁଦାୟ ଯେତେ ପରିମାଣର କ୍ୟାଲୋରୀ ବା ଶକ୍ତି ଖାଦ୍ୟରୁ ଆହରଣ କରିଥାଉ, ତା'ର ମୋଟାମୋଟି ୪୫ ପ୍ରତିଶତ ଆମେ ପାଇଥାଉ ବିଦେଶାଗତ ଖାଦ୍ୟଦ୍ରବ୍ୟରୁ । ସେହିପରି ଭାରତରେ ଉତ୍ପାଦିତ ବିଭିନ୍ନ ଖାଦ୍ୟଦ୍ରବ୍ୟର ଶତକଡା ୩୫ ଭାଗର ମୂଳ ମାତୃଭୂମି କୌଣସି ନା କୌଣସି ବିଦେଶୀ ଅଞ୍ଚଳ । ବିଶ୍ୱସ୍ତରରେ ଦେଖିଲେ ସମଗ୍ର ବିଶ୍ୱବାସୀ ମୋଟ ଯେତେ କ୍ୟାଲୋରୀର ଖାଦ୍ୟ ଖାଇଥାନ୍ତି, ତା'ର ଶତକଡା ୬୬ ଭାଗ କ୍ୟାଲୋରୀ ଯୋଗାଉଥିବା ଖାଦ୍ୟଦ୍ରବ୍ୟର ଉତ୍ସ ବିଦେଶୀରାଷ୍ଟ୍ର ଏବଂ ଉତ୍ପାଦିତ ଖାଦ୍ୟଦ୍ରବ୍ୟର ଶତକଡା ୭୧ ଭାଗ ଖାଦ୍ୟଦ୍ରବ୍ୟ ବହନ କରିଛି ବିଦେଶୀ ଛାପ ।



ଏଭଳି ଏକ ଅନୁସନ୍ଧାନମୂଳକ ଅନୁଶୀଳନ କରିଥିବା ଅନୁଧ୍ୟାନକାରୀଙ୍କ ମୁଖ୍ୟ ଥିଲେ କୋଲିନ ଖୋଉରି । ତେବେ ଭାରତୀୟ ଉପମହାଦେଶ ହେଉଛି ସମ୍ଭବତଃ ସର୍ବାଧିକ ଖାଦ୍ୟଦ୍ରବ୍ୟର ମୂଳଉତ୍ସ । ଧାନ, ମାଣ୍ଡିଆ, ଡାଲି, ଆଖୁ, କଦଳୀ, ଆମ୍ବ, ଲେମ୍ବୁ, ଦେଶୀଆଳୁ, ଓଲୁଅ, କଲରା, ବାଇଗଣ, ନଡ଼ିଆ, ସାରୁ, କାକୁଡ଼ି, ଅଦା, କୋଳଥ, ଖଜୁର, ତରଭୁଜ, ପୋଟଳ, କଖାରୁ, ସାଗଫଳ, ତେଜପତ୍ର, ହଳଦୀ, ଡାଳଚିନି ଇତ୍ୟାଦି ହିଁ ବିଶ୍ୱବାସୀଙ୍କ ରୋଷେଇ ଶାଳକୁ ଭାରତର ଦାନ । ଏପରିକି ଲେଉଟିଆ ଶାଗ ଦକ୍ଷିଣ ଆମେରିକାରୁ ଆସିଥିବାବେଳେ ପାଳଙ୍ଗ ଓ ଅଙ୍ଗୁର ପଶ୍ଚିମ ଏସିଆ, ଆପଲ କେନ୍ଦ୍ର ଏସିଆ ଏବଂ କମଳା ପୂର୍ବ ଏସିଆରୁ ଆସିଛି ଭାରତକୁ, ଲାଉ, ଗୁଆଁର ଓ ତିନ୍ତୁଳି ଆଦିର ବାସସ୍ଥାନ ଆଫ୍ରିକା ହୋଇଥିବା ବେଳେ କାଜୁର ବାସସ୍ଥାନ ଥିଲା ବ୍ରାଜିଲ । ପୁଣି ପିଜୁଳି, ସପୁରି, ପଣସ, ଡାଳିମ୍ବ କି ଆମର ଅତି ପରିଚିତ ଭେଣ୍ଡି ମଧ୍ୟ ନ ଥିଲା ଭାରତ ମାଟିର ସନ୍ତାନ । ଦକ୍ଷିଣ ଆମେରିକାର ପେରୁରୁ ପିଜୁଳି, ସପୁରି, ମାଲୟେସିଆରୁ ପଣସ, ଇରାନ୍‌ରୁ ଡାଳିମ୍ବ ଏବଂ ଆଫ୍ରିକାରୁ ଭେଣ୍ଡି ଆସିଥିଲା ଭାରତକୁ । ବିଭିନ୍ନ ଉଦ୍ଭିଦର ମୂଳ ଉତ୍ସ ରୂପେ ଖୋଉରି ପୃଥିବୀର ୨୩ଟି ଅଞ୍ଚଳକୁ ଚିହ୍ନଟ କରିଛନ୍ତି ।

ସୁତରାଂ କୌଣସି ନା କୌଣସି ରାଷ୍ଟ୍ରରେ ଖାଦ୍ୟପାଇଁ ଯାହା ସବୁ ଚାଷ ହୋଇଥାଏ, ସବୁଯାକର ମୂଳଉତ୍ସ ସେହି ନିର୍ଦ୍ଦିଷ୍ଟ ରାଷ୍ଟ୍ରଟି ନୁହେଁ । ଏଥିରେ ରହିଛି ଅନ୍ୟ ଅନେକ ରାଷ୍ଟ୍ରର ଅବଦାନ । ଏହି ପରିପ୍ରେକ୍ଷୀରେ ଦେଖିଲେ ଆମେ ପ୍ରତିଦିନ ଯେତିକି କିଲୋ କ୍ୟାଲୋରୀ ବିଶିଷ୍ଟ ଖାଦ୍ୟ ଖାଉଛେ, ତା'ର କିଛି ଅଂଶ ହେଉଛି ଆମ ଭାରତ ଭୂଇଁରେ ପ୍ରଥମେ ଅଙ୍କୁରିତ ହୋଇଥିବା ଖାଦ୍ୟ-ଉଦ୍ଭିଦର ଅବଦାନ ତ ଅବଶିଷ୍ଟ କାଲୋରୀତକ ଆମେ ପାଉଛୁ ବିଦେଶୀ ରାଷ୍ଟ୍ରରେ ପରେ ଆମ ଭାରତରେ ଚାଷ ହେଉଥିବା ଖାଦ୍ୟ ଉଦ୍ଭିଦରୁ ।

*-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୯ ୧୧୩୧, ଅଭିନବ ବିଡ଼ାନାସୀ,*
*କଟକ ,ମୋ : ୯୯୩୭୭୬୬୧୧୭*

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା ଲଙ୍କା



କଞ୍ଚା ଲଙ୍କା ଖାଇବାକୁ ରାଗ ଲାଗେ । ଏଥିପାଇଁ ଅନେକେ ଏହାକୁ ଖାଇବାକୁ ପସନ୍ଦ କରି ନ ଥାନ୍ତି । ହେଲେ ଏଥିରେ କେତେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଳ୍ପ ପରିମାଣରେ କଞ୍ଚା ଲଙ୍କା ଖାଆନ୍ତି ତେବେ ତାହା ତାଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । କେବଳ ସେତିକି ନୁହେଁ, ଏହାକୁ ଖାଇବା ଦ୍ୱାରା ଶରୀରେ ଥିବା ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ । କଞ୍ଚାଲଙ୍କାରେ ଭିଟାମିନ୍ 'ଏ', 'ବି-୬', ଆଇରନ୍, ପୋଟାସିୟମ ଏବଂ କାର୍ବୋହାଇଡ୍ରେଡ ଭରି ରହିଛି ।

## ବ୍ଲଡପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ

ସାଧାରଣତଃ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ସମୟରେ ଅଳେଇଚ ବ୍ୟବହାର କରାଯାଇଥାଏ । ଏହା ତା'କୁ ଆହୁରି ସ୍ୱାଦିଷ୍ଟ କରିଥାଏ । ତେବେ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଜଣେ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ । ଏହାକୁ ପ୍ରତିଦିନ ଖାଇଲେ ବ୍ଲଡପ୍ରେସର ସନ୍ତୁଳିତ ରହିଥାଏ । ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲ୍‌ସ ରେଟ୍ ଠିକ ରହିଥାଏ । କିଡ୍‌ନୀକୁ ସୁରକ୍ଷା ଦେବାରେ ଏହା କତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି । ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମର ଅନ୍ୟତମ ଉତ୍ସ ହେଲା ଅଳେଇଚ ।

## ବିଶିଷ୍ଟ ବୈଜ୍ଞାନିକ
## ଫ୍ରାନ୍‌ସିସ ୱିଲିୟମ ଅଷ୍ଟନ

# ମାସ୍ ସ୍ପେକ୍ଟ୍ରୋଗ୍ରାଫ୍‌ର ଉଦ୍ଭାବକ



ଅଦମ୍ୟ ଚେଷ୍ଟା ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ଅନେକାଂଶରେ ସହାୟକ ହୋଇଥାଏ । ଏହାର ଉଦାହରଣ ଭାବରେ ବିଶିଷ୍ଟ ରସାୟନବିତ୍ ତଥା ନୋବେଲ ପୁରସ୍କାର ବିଜେତା ଫ୍ରାନସିସ ଅଷ୍ଟନଙ୍କୁ ନିଆଯାଇପାରେ । ରସାୟନ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଇଂଲଣ୍ଡର ବର୍ମିଂହାମସ୍ଥିତ ହାରବୋର୍ଣ୍ଣଠାରେ ସେ ୧୮୭୭ ସେପ୍ଟେମ୍ବର ୧ରେ ଜନ୍ମଗ୍ରହଣ କରିଥିଲେ । ପିତା ୱିଲିୟମ ଅଷ୍ଟନ ଏବଂ ମା' ଚାର୍ଲୋଟି ହୋଲିସଙ୍କର ଫ୍ରାନସିସ୍ ଥିଲେ ତୃତୀୟ ସନ୍ତାନ । ପ୍ରଥମେ ହାରବୋର୍ଣ୍ଣ ଭିକାରେଗ ସ୍କୁଲ ଏବଂ ପରେ ମ୍ୟାସନ କଲେଜରେ ତାଙ୍କର ଛାତ୍ର ଜୀବନ କଟିଥିଲା । ମ୍ୟାସନ ୟୁନିଭର୍ସିଟି (ବର୍ତ୍ତମାନର ବର୍ମିଂହାମ ୟୁନିଭର୍ସିଟି)ରେ ସେ ଜନ୍ ହେନେରି ପଣ୍ଟିଂଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନରେ ଗବେଷଣା ଆରମ୍ଭ କରିଥିଲେ । ହେଲେ ଧୀରେ ଧୀରେ ସେ ରସାୟନ ବିଜ୍ଞାନ ପ୍ରତି ଆକର୍ଷିତ ହେଲେ । ଅର୍ଗାନିକ କେମେଷ୍ଟ୍ରି ଉପରେ ତାଙ୍କର ଗବେଷଣା ଏହି ରାସ୍ତାକୁ ଆହୁରି ପ୍ରଶସ୍ତ କରିଦେଇଥିଲା । ଗବେଷଣା ସହ ସେ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଥିଲେ । ନିଜର ସ୍ୱତନ୍ତ୍ର ଶିକ୍ଷାଦାନ ଶୈଳୀ ତାଙ୍କୁ ଛାତ୍ରୀଛାତ୍ରଙ୍କ ନିକଟରେ ବେଶ ପରିଚିତ କରାଇପାରିଥିଲା । 'ମାସ୍ ସ୍ପେକ୍ଟ୍ରୋଗ୍ରାଫ' ଉଦ୍ଭାବନ କରି ସେ ରସାୟନ ବିଜ୍ଞାନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ । ଏଭଳି ଗବେଷଣା ପାଇଁ ତାଙ୍କୁ ୧୯୨୦ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଫ୍ରାଙ୍କଲିନ୍ କେବଳ ଜଣେ ରାସାୟନ ବିଜ୍ଞାନୀ ନ ଥିଲେ, ଜଣେ ସ୍କେଟିଂ ଖେଳାଳି ଭାବରେ ସେ ପରିଚିତ ଥିଲେ । ଫଟୋଗ୍ରାଫି ପ୍ରତି ମଧ ତାଙ୍କର ରୁଚି ରହିଥିଲା । ନିଜର ଗବେଷଣା ଜୀବନକୁ ଆଗେଇ ନେବାପାଇଁ ସେ ନିଜକୁ ଚିର ଅବିବାହିତ ରଖିବାକୁ ନିଷ୍ପତ୍ତି ନେଇଥିଲେ । ଫ୍ରାଙ୍କଲିନ୍‌ଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ୧୯୪୫ ନଭେମ୍ବର ୨୦ରେ । ୬୮ ବର୍ଷ ବୟସରେ ସେ ଆରପାରିକୁ ଚାଲିଯାଇଥିଲେ ।

## ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରାଏ ଭିଟାମିନ୍ 'ଡି'

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ମସ୍ତିଷ୍କ । ଏହା ଯଦି ଠିକ୍ ଭାବରେ କାମ ନ କରେ, ତେବେ ସବୁକିଛି ଓଲଟପାଲଟ ହୋଇଯାଇଥାଏ । ତେଣୁ ଏହା କିପରି ସୁସ୍ଥ ରହିବ ଏବଂ ଉପଯୁକ୍ତ ଭାବରେ କାମ କରିବ, ସେଥିପାଇଁ ଆମେ ସତର୍କ ରହିବା ଆବଶ୍ୟକ । ମସ୍ତିଷ୍କକୁ ଅଧିକ କ୍ରିୟାଶୀଳ କରିବା ପଛରେ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି ବୋଲି ମତପୋଷଣ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ । ସେମାନେ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି ଏବଂ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ମସ୍ତିଷ୍କରେ 'ସେରୋଟୋନିନ' ନାମକ ତତ୍ତ୍ୱ ସନ୍ତୁଳିତ ରହିଥାଏ । ଫଳରେ ମସ୍ତିଷ୍କ ପୂର୍ବ ପରି ସତେଜ ରହେ ଏବଂ ଏହାର କାର୍ଯ୍ୟଧାରା ପ୍ରଭାବିତ ହୋଇ ନ ଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ।





“ ଅଭିବୃଦ୍ଧି ପାଇଁ ଉପା ସରକାର ଅମଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବଡ଼ ଅସ୍ଥିରତାର କାରଣ ପାଲଟିଥିଲା।

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ମନ୍ତ୍ରୀ



“ ଅନାଦାୟ ଋଣ ଯୋଗୁ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ପରେ ଏକ ଉତ୍ତରଦାୟୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆଣିବାର ସୁଯୋଗ ରହିଛି।

– ରାଜୀବ କୁମାର, ଅର୍ଥ ସେବା ସଚିବ

## ସଂକ୍ଷେପରେ

### ୭.୫%ରୁ ଅଧିକ ରହିବ ଅଭିବୃଦ୍ଧି

**ନୂଆଦିଲ୍ଲୀ,୧୯-୮(ପି.ଟି.):** ଘରୋଇ ବଜାରର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆସୁଛି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୭.୫%ରୁ ଅଧିକ ରହିବ। ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ବୀରମଣି ରବିବାର ଏହା କହିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ବର୍ତ୍ତମାନ ଟାରିଫଂକୁ ନେଇ ଯୁଦ୍ଧ ଚାଲିଥିବା ବେଳେ ଏହା ଭାରତ ପାଇଁ ଏକ ସୁଯୋଗ । ଏହି ସମୟରେ ରପ୍ତାନି ବୃଦ୍ଧି ଦ୍ୱାରା ଭାରତ ଲାଭବାନ ହୋଇ ପାରିବ ବୋଲି ସେ କହିଛନ୍ତି। ଗତ ୭ ବର୍ଷ ଧରି ଅର୍ଥନୀତିରେ ବିଭିନ୍ନ ଅସୁବିଧା ଆସିଥିବା ବେଳେ ବର୍ତ୍ତମାନ ଏଥିରେ ସୁଧାର ଆସୁଛି। ସରକାରୀ ସ୍ତରରେ ନିବେଶ, ବିତ୍ତୀୟ ଧାରାକୁ ଠିକ୍ ରଖିବା ଲାଗି ବିଭିନ୍ନ ପଦକ୍ଷେପ ବଜାର ଉପରେ ଭଲ ପ୍ରଭାବ ପକାଉଛି। ଏହି ଧାରା ଜାରି ରହିଲେ ଅଭିବୃଦ୍ଧି ୭.୫%ରୁ ଉନ୍ନତ ହେବ ବୋଲି ବୀରମଣି କହିଛନ୍ତି। ତୈଳ ଦର ବୃଦ୍ଧି ବଜାର ଲାଗି ଏକ ଚ୍ୟାଲେଞ୍ଜ ରହିବ। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ସାମୟିକ ଲାଗି ବଜାର ଉପରେ ପ୍ରଭାବ ପକାଇବ। ମାତ୍ର ଭାରତ ଏହାଦ୍ୱାରା ଫାଇଦା ଉଠାଇ ପାରିବ ବୋଲି ସେ କହିଛନ୍ତି। ୨୦୩୫ ବେଳକୁ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତି ପାଲଟିବ ବୋଲି ସେ ମତ ରଖିଛନ୍ତି। ୨୦୧୮-୧୯ରେ ଅଭିବୃଦ୍ଧି ୭.୫% ଛୁଇଁବ ବୋଲି ନିକଟରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଥିଲେ।

### ଜିଡିପିର ୨.୮% ଛୁଇଁବ ସିଏଡି



**ନୂଆଦିଲ୍ଲୀ,୧୯-୮:** ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ମୋଟ ଜିଡିପିର ୨.୮% ଛୁଇଁବ। ଜାପାନର ଫାଇନାନ୍ସିଆଲ୍ ହୋଲଡିଂ କମ୍ପାନୀ ନୋମୁରା ପକ୍ଷରୁ ଏଭଳି ଆକଳନ କରାଯାଇଛି। ଅଶୋଧିତ ତୈଳ ଦର ବୃଦ୍ଧି, ଟଙ୍କା ମୂଲ୍ୟରେ ହ୍ରାସ, ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାଗମନ ଭଳି ବିଭିନ୍ନ ପ୍ରମୁଖ କାରଣ ଯୋଗୁ ସିଏଡିରେ ଏଭଳି ପରିବର୍ତ୍ତନ ଆସିପାରେ ବୋଲି ନୋମୁରା ପକ୍ଷରୁ ଆସିଥିବା ରିପୋର୍ଟରେ ଏହା ପ୍ରକାଶ ପାଇଛି। ଗତ ବର୍ଷ ସିଏଡି ୧.୯% ସ୍ତରରେ ରହିଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାର ଉପରେ ବିଭିନ୍ନ ବାହ୍ୟ ପ୍ରଭାବ ରହିଥିବା ଯୋଗୁ ଏହା ୨.୮% ସ୍ତର ଛୁଇଁବ ବୋଲି ପ୍ରକାଶ କରିଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ୨୦୧୭-୧୮ ଆର୍ଥିକ ବର୍ଷ ସିଏଡି ୦.୬% ଅଧିକ ରହିଛି। ଜୁଲାଇରେ ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ୧୮ ବିଲିୟନ ଡଲାର ରହିଥିଲା। ଏହା ୫ ବର୍ଷର ସର୍ବୋଚ୍ଚ ସ୍ତର ବୋଲି ଜଣାଯାଇଛି।

### ଜେରଥ ପାଥ୍ ଲାବ୍ ପକ୍ଷରୁ ଆଲର୍ଜି ପରୀକ୍ଷଣ

**ଭୁବନେଶ୍ୱର,୧୯-୮:** ସମସ୍ତଙ୍କ ଶରୀର ସବୁ ଜିନିଷକୁ ଗ୍ରହଣ କରିପାରି ନ ଥାଏ। କେହି କେହି ଫଳମୂଳର ବାସ୍ନା ସହ୍ୟ କରିପାରନ୍ତି ନାହିଁ ତ ଆଉ କେହି ଗାଡି ମୋଟରର ଧୂଆଁ। ଏହି ଗ୍ରହଣ କରି ନ ପାରିବାକୁ ହିଁ ଆଲର୍ଜି ବୋଲି କୁହାଯାଏ। ପୂର୍ବରୁ ଏହି ରୋଗକୁ ଚିହ୍ନଟ କରିବା ଏକ ଜଟିଳ ପ୍ରକ୍ରିୟା ଥିଲା। ଏବେ ଦେଶର ପ୍ରମୁଖ ଅଟୋମେଟେଡ୍ ଆଣ୍ଡ୍ କମ୍ପ୍ୟୁଟରାଇଜ୍ଡ ପାଥୋଲୋଜି ଲାବରେଟୋରି ଚେନ୍ ଜେରଥ ପାଥ ଲାବ୍ ଆଣ୍ଡ୍ ଆଲର୍ଜି ଟେଷ୍ଟିଂ ସେଣ୍ଟର ରକ୍ତ ପରୀକ୍ଷା ମାଧ୍ୟମରେ ଏହାର ସମାଧାନ ବାଟ ବାହାର କରିଛି। ନ୍ୟାଶନାଲ ଆକ୍ରିଡିଏଶନ ବୋର୍ଡ ଟେଷ୍ଟିଂ ଆଣ୍ଡ୍ କ୍ୟାଲିବରେଶନ ଲାବ୍ରୋଟରିଜ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ସଂସ୍ଥା ଓଡିଶାର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଭବାନୀପାଟଣା, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଆଦି ବିଭିନ୍ନ ସ୍ଥାନରେ ଏହାର କଲେକଶନ ସେଣ୍ଟରରେ ଆଲର୍ଜି ପରୀକ୍ଷଣ ସୁବିଧା ଆରମ୍ଭ କରିଛି। ଚଳିତ ମାସ ୧୮ ଓ ୧୯ ତାରିଖ ଏହି ଦୁଇ ଦିନ କାର୍ଯ୍ୟକ୍ରମ ଚାଲିବ ବୋଲି ଅନୁଷ୍ଠାନ ସୂଚନା ଦେଇଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହେଉଛି। ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମ୍‌ରେ ଏହି ସୁବିଧା ପ୍ରଦାନ କରାଯାଉଛି ବୋଲି ଜେରଥ ପାଥ୍ ଲାବ୍ ପକ୍ଷରୁ କୁହାଯାଇଛି।

### ନିର୍ଦ୍ଦେଶନାମା ଜାରିକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

# ରାତି ୯ଟା ପରେ ଏଟିଏମ୍‌କୁ ଯିବନି ଟଙ୍କା

ନୂଆଦିଲ୍ଲୀ,୧୯-୮(ପି.ଟି.)





- ଆସନ୍ତା ବର୍ଷରୁ ହେବ କାର୍ଯ୍ୟକାରୀ
- ଗ୍ରାମାଞ୍ଚଳରେ ୬ଟା ପୂର୍ବରୁ ଭର୍ତ୍ତି ହେବ
- ମାଓବାଦୀପ୍ରବଣ ଅଞ୍ଚଳରେ ଅପରାହ୍ନ ୪ଟା ଡେଡ୍‌ଲାଇନ୍
- ଥରକେ ୫ କୋଟିରୁ ଅଧିକ ପରିବହନ ହେବ ନାହିଁ
- କ୍ୟାଶ୍‌ଭ୍ୟାନ୍‌ରେ ରହିବ ସିସିଟିଭି, ଅଗ୍ନି ନିର୍ବାପକ ଓ ସତର୍କ ଘଣ୍ଟି

ସହରାଞ୍ଚଳରେ ରହିଥିବା ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍)ରେ ରାତି ୯ଟା ପରେ ଆଉ ଟଙ୍କା ଭର୍ତ୍ତି କରାଯିବ ନାହିଁ। ଗ୍ରାମାଞ୍ଚଳରେ ଥିବା ଏଟିଏମ୍‌ଗୁଡ଼ିକରେ ସନ୍ଧ୍ୟା ୬ ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ସେହିପରି ଯେଉଁ ଅଞ୍ଚଳଗୁଡ଼ିକ ମାଓବାଦୀପ୍ରବଣ ସେଠାରେ ଥିବା ଏଟିଏମ୍‌ଗୁଡ଼ିକରେ ଅପରାହ୍ନ ୪ଟା ପୂର୍ବରୁ ଟଙ୍କା ଭର୍ତ୍ତି କରାଯିବ। ୨୦୧୯ ଫେବୃୟାରୀ ୮ରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ଏହା କୁହାଯାଇଛି।

ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍‌ରେ ଭର୍ତ୍ତି କରିବା ପାଇଁ ଯେଉଁ ଘରୋଇ ଏଜେନ୍ସିଗୁଡ଼ିକ ଦାୟିତ୍ୱ ଗ୍ରହଣ କରିଛନ୍ତି ସେମାନେ ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରିବେ। ବନ୍ଧୁକଧାରୀ ସୁରକ୍ଷାକର୍ମୀ କ୍ୟାଶ୍ ଭ୍ୟାନ୍‌ରେ ସକ୍ରିୟ ରହିଲେ ମଧ୍ୟ ଟଙ୍କା ଭର୍ତ୍ତି ପାଇଁ ଯେଉଁ ସଂଶୋଧିତ ସମୟ ଧାର୍ଯ୍ୟ କରାଯାଇଛି ତାକୁ ଅତିକ୍ରମ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

ଏହି ବ୍ୟବସ୍ଥାକୁ ସହଜ କରିବା ପାଇଁ ଏଜେନ୍ସିଗୁଡ଼ିକ ମଧ୍ୟାହ୍ନଭୋଜନ ବିରତି ପୂର୍ବରୁ ବ୍ୟାଙ୍କରୁ ଟଙ୍କା ସଂଗ୍ରହ କରିବେ। ମନ୍ତ୍ରଣାଳୟ ଜାରିକରିଥିବା ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟୋରସ୍ (ଏସ୍ଓପିଏସ୍) ଅନୁସାରେ କ୍ୟାଶ୍‌ଭ୍ୟାନ ଉପରେ ଆକ୍ରମଣ, ଏଟିଏମ୍‌ରୁ ଟଙ୍କା ଚୋରି ଭଳି କେତେକ ସମସ୍ୟାକୁ ଦୂର କରିବା ପାଇଁ ଏହି ନୂତନ ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ ପ୍ରାୟ ୮୦୦୦ ପ୍ରାଇଭେଟ୍ କ୍ୟାଶ୍ ଭ୍ୟାନ୍ ଅପରେଟିଂ ଏଜେନ୍ସି ସକ୍ରିୟ ଅଛନ୍ତି। ଏଗୁଡ଼ିକୁ ନନ୍-ବ୍ୟାଙ୍କିଙ୍ଗ୍ ପ୍ରାଇଭେଟ୍ ଏଜେନ୍ସି କୁହାଯାଉଥିବା ବେଳେ ଦୈନିକ ପ୍ରାୟ ୧୫,୦୦୦ କୋଟି ଟଙ୍କା ବ୍ୟାଙ୍କରୁ ଏଟିଏମ୍‌କୁ ପରିବହନ କରୁଛନ୍ତି।

ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ, ପ୍ରତି କ୍ୟାଶ୍‌ଭ୍ୟାନ୍‌ରେ ଡ୍ରାଇଭର ସମେତ ଦୁଇଜଣ ସଶସ୍ତ୍ର ସୁରକ୍ଷା କର୍ମୀ, ଦୁଇଜଣ ଏଟିଏମ୍ ଅଧିକାରୀ ରହିବେ। ଜଣେ ସୁରକ୍ଷା କର୍ମୀ ଡ୍ରାଇଭର ପାଖରେ ସତର୍କ ରହିବେ ଏବଂ ଅନ୍ୟ ଜଣେ ଟଙ୍କା ରଖାଯାଇଥିବା ସ୍ଥାନରେ ଜଗି ରହିବେ।

କ୍ୟାଶ୍ ଲୋଡିଂ ଏବଂ ଅନ୍‌ଲୋଡିଂ ସମୟରେ ଯଦି ଜଣେ ସୁରକ୍ଷା କର୍ମୀଙ୍କୁ ଶୌଚାଳୟ ଯିବାକୁ ହୁଏ ତେବେ ଅନ୍ୟଜଣେ କ୍ୟାଶ୍ ଭ୍ୟାନ୍ ପାଖରେ ରହିବେ। ଚା'ପାନ ବା ଜଳଖିଆ ଖାଇବାକୁ ଥିଲେ ମଧ୍ୟ ଜଣକ ପରେ ଜଣେ ଯିବେ। ଏହି କ୍ୟାଶ୍ ଭ୍ୟାନ୍‌ଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା ରହିବ, ଫଳରେ ଉକ୍ତ ଭ୍ୟାନ୍ କେଉଁ ସ୍ଥାନରେ ରହିଛି ତାହା ମୋବାଇଲ୍ ମାଧ୍ୟମରେ ଜାଣି ହେବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## କଟକରେ କୋବ୍‌ର ସ୍ୱତନ୍ତ୍ର ଷ୍ଟୋର




କଟକ,୧୯-୮

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋବ୍ ପକ୍ଷରୁ କଟକର ବକ୍ସି ବଜାରସ୍ଥିତ ଜିପିଓ ସାମ୍ନାରେ ଏକ ସ୍ୱତନ୍ତ୍ର ଷ୍ଟୋର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ସମାଜସେବୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିଥିଲେ। ଓଡିଶାରେ ଏହା କମ୍ପାନୀର ଦ୍ୱିତୀୟ ଷ୍ଟୋର। କମ୍ପାନୀ ପୁରୀରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଥିଲା। ଶୋରୁମ ଶୁଭାରମ୍ଭ ଅବସରରେ ଓପନିଂ ଧମାକା ସେଲ ଆରମ୍ଭ ହୋଇଛି। ଏଥିରେ ଗ୍ରାହକଙ୍କ ପାଇଁ ବାଏ ୨ ଗେଟ୍ ୬ ଅଫର ରହିଛି। ପରିବର୍ତ୍ତିତ ଫ୍ୟାଶନ ଟ୍ରେଣ୍ଡକୁ ଚିହ୍ନଟ କରିବା ସହ ଏଥି ସଂକ୍ରାନ୍ତ ବିଭିନ୍ନ ବ୍ୟବସ୍ଥା ଗ୍ରହଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ ବୋଲି କମ୍ପାନୀର ଡାଇରେକ୍ଟର ଜେନେରାଲ ମାର୍କେଟିଂ (ଭାରତ) ମହସିନ ଶେଖ୍ କହିଛନ୍ତି। ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ୫୦ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରର ପାଲହାଇଟ୍ସଠାରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରହିଥିବା ସେ କହିଛନ୍ତି। ଅନ୍ୟ ଷ୍ଟୋରଗୁଡିକ ଯାଜପୁର, ଅନୁଗୋଳ, ତାଳଚେର ଓ ଝାରସୁଗୁଡା ଭଳି ସହରରେ ସ୍ଥାପନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଘରୋଇ ବଜାରରେ କମ୍ପାନୀର ୨୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ ମଲ୍ଟି ବ୍ରାଣ୍ଡ ଆଉଟଲେଟ ରହିଛି। ଗ୍ରାହକଙ୍କୁ ଡିଜାଇନ ପ୍ରେରିତ ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। କମ୍ପାନୀର ଷ୍ଟୋରଗୁଡିକରେ ସାର୍ଟ, ଟ୍ରାଉଜର, ଡେନିମ୍, ଡେନିମ୍, ଟିସାର୍ଟ, ବ୍ଲେଜର ଉପଲବ୍ଧ ହେଉଛି। ଏହି ଅବସରରେ ମାଷ୍ଟର ଫ୍ରାଞ୍ଚାଇଜି ଶ୍ରଦ୍ଧାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କେରଳକୁ ରିଲିଫ୍ ପଠାଇଲେ ରେଳଭଡ଼ା ଛାଡ଼

ଭୁବନେଶ୍ୱର, ୧୯-୮

କେରଳରେ ଲାଗି ରହିଥିବା ବନ୍ୟାରୁ ସ୍ଥାନୀୟ ଲୋକଙ୍କୁ ଉଦ୍ଧାର କରିବା ତଥା ବିଭିନ୍ନ ରିଲିଫ୍ ସାମଗ୍ରୀ ପ୍ରେରଣ ପାଇଁ ଭାରତୀୟ ରେଳ ମାଗଣା ପରିବହନ ସେବା ଯୋଗାଇବ। ସମସ୍ତ ସରକାରୀ ଓ ବେସରକାରୀ ସଂଗଠନ ଏହାର ସୁଯୋଗ ନେଇ ପାରିବେ। ରେଳ ଯୋଗେ ଯେଉଁ ସବୁ ଜରୁରୀ ରିଲିଫ୍ ସାମଗ୍ରୀମାନ ପଠାଯିବ ସେଥି ବାବଦ କୌଣସି ପରିବହନ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଭାରତୀୟ ରେଳ ପକ୍ଷରୁ ଜାରି ଏକ ବିବୃତିରେ ଏହା କୁହାଯାଇଛି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଦରକାର ପଡିଲେ ଏହି ସମୟକୁ ବଢ଼ାଇ ଦିଆଯିବ ବୋଲି ବିବୃତିରେ କୁହାଯାଇଛି।

ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ କୌଣସି ସଂସ୍ଥା ଯଦି କେରଳକୁ ରେଳଯୋଗେ ଜରୁରୀ ସାମଗ୍ରୀ ପଠାଇବା ପାଇଁ ଆଗ୍ରହୀ ସେମାନେ ସେଠାକାର ସିନିୟର ଡିଭିଜନ କମର୍ସିଆଲ୍ ମ୍ୟାନେଜରଙ୍କୁ ୮୪୫୫୮୮୭୯୫୦ ନମ୍ବରରେ ଯୋଗାଯୋଗ କରିପାରିବେ। ସେହିପରି ସମ୍ବଲପୁର ରେଳ ଡିଭିଜନ ପାଇଁ ୮୪୫୫୮୮୬୯୫୦ରେ ଯୋଗାଯୋଗ କରିହେବ ବୋଲି ପୂର୍ବତଟ ରେଳପଥ ସୂଚନା ଦେଇଛି।

ଅନ୍ୟପକ୍ଷରେ ସେଠାରେ ଫସି ରହିଥିବା ଓଡିଆଙ୍କୁ ସ୍ଥାନାନ୍ତର କରିବା ପାଇଁ ରବିବାର ଏର୍ନାକୁଲମ୍‌ରୁ ଦୁଇଟି ସ୍ପେଶିଆଲ୍ ଟ୍ରେନ୍ ବାହାରିଛି। ଏହି ଦୁଇ ଟ୍ରେନ୍ ସାନ୍ତ୍ରାଗାଛି ପର୍ଯ୍ୟନ୍ତ ଯାତ୍ରାକରିବାକୁ ଥିବା ବେଳେ ଆସନ୍ତା ବୁଧବାର ଦିନ ୭ ଟାରୁ ୧୧ଟା ୩୦ ମଧ୍ୟରେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## ଟ୍ରାଇଡେଣ୍ଟ ଏକାଡେମୀରେ ସିସ୍କୋର ଥିଙ୍କୁବେଟର

ଭୁବନେଶ୍ୱର, ୧୯-୮

ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପରିସରରେ ସିସ୍କୋ ପକ୍ଷରୁ ନୂତନ ଥିଙ୍କୁବେଟରର ଶୁଭାରମ୍ଭ ହୋଇଛି। ଏହାକୁ ରାଜ୍ୟ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ସ୍ୱତନ୍ତ୍ର ସଚିବ ସି.ଜେ. ଭେଣୁଗୋପାଳ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଇଣ୍ଟରନେଟ ସଂକ୍ରାନ୍ତ ଜ୍ଞାନକୌଶଳ ବିକାଶ, ଆଞ୍ଚଳିକ ସମସ୍ୟା ସମାଧାନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଯୁକ୍ତି ଭିତ୍ତିକ ଔଦ୍ୟୋଗିକ ପ୍ରଗତି, ଦକ୍ଷତା ବିକାଶ କ୍ଷେତ୍ରର ଉନ୍ନତି ସାଧନ ହୋଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

## ‘ଉପା ଅମଳର ଉଚ୍ଚ ଅଭିବୃଦ୍ଧିରୁ ଭୁଶୁଡ଼ିଥିଲା ଅର୍ଥନୀତି’

ନୂଆଦିଲ୍ଲୀ,୧୯-୮(ପି.ଟି.)

**ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ପ୍ରତିକ୍ରିୟା**

ପୂର୍ବର ୟୁପିଏ ସରକାରଙ୍କ ସମୟରେ ଉଚ୍ଚ ସ୍ତରର ଅଭିବୃଦ୍ଧି ଯୋଗୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥିଲା। ଅନିୟନ୍ତ୍ରିତ ବିତ୍ତୀୟ ନିଅଣ୍ଟ ଓ ବ୍ୟାଙ୍କଗୁଡିକ ପକ୍ଷରୁ ବେପାରୁଆ ଭାବେ ଋଣ ପ୍ରଦାନ ଯୋଗୁ ଅର୍ଥନୀତି ଭୁଶୁଡିଥିଲା ବୋଲି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ସୂଚନା ଦେଇଛି। ରାଜୀବ ଗାନ୍ଧୀଙ୍କ ସମୟର ୧୦% ଅଭିବୃଦ୍ଧି ବିଶେଷ ଭାବେ ଉଚ୍ଚ ଋଣ ପ୍ରଦାନ ଦ୍ୱାରା ହୋଇଥିବାରୁ ୧୯୯୦-୯୨ରେ ଭାରତର ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ଏହି ଭଳି ଅସୁବିଧା ପାଇଁ ଉକ୍ତ ସମୟରେ ଭାରତକୁ ଗୋଲ୍ଡ ରିଜର୍ଭକୁ ବିଦେଶ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ଋଣ ସେବା ଖିଲାପ ଭୟକୁ ଏଡ଼ାଇବା ଲାଗି ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଥିଲା ବୋଲି କୁମାର କହିଛନ୍ତି।

ୟୁପିଏ ସମୟରେ ଅଭିବୃଦ୍ଧି ସର୍ବାଧିକ ବୋଲି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ କମିଶନ (ଏନଏସ୍‌ସି)ର ସବ୍‌କମିଟି ନିକଟରେ ଆକଳନ କରିଥିଲା। ୨୦୧୧-୧୨ ଜିଡିପି ଅଭିବୃଦ୍ଧି ସିରିଜକୁ ନେଇ କମିଟି ଏଭଳି ଆକଳନ କରିଥିଲା। ଗଣମାଧ୍ୟମରେ ଏ ନେଇ ଆସିଥିବା ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି କୁମାର ଏହା କହିଛନ୍ତି। ବ୍ୟାକ ସିରିଜ ଡାଟା ମୁତାବକ ୨୦୦୬-୦୭ରେ ମନମୋହନ ସିଂଙ୍କ ସରକାର ସମୟରେ ଦେଶର ଜିଡିପି ଅଭିବୃଦ୍ଧି ୧୦.୦୮% ରହିଥିଲା। ଏହା ୧୯୯୧ ପରର ଉଦାରୀକରଣ ପରଠାରୁ ସର୍ବୋଚ୍ଚ ସ୍ତର ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଅପରପକ୍ଷରେ ମୋଦି ସରକାରଙ୍କ ସମୟରେ ଅଭିବୃଦ୍ଧି ୟୁପିଏ ସରକାରର ଶେଷ ୪ ବର୍ଷର ଅଭିବୃଦ୍ଧିଠାରୁ ଅଧିକ ବୋଲି କୁମାର ଟ୍ୱିଟ ଯୋଗେ କହିଛନ୍ତି। ଏନ୍‌ଏସ୍‌ସିର ସବକମିଟି ଦେଇଥିବା ତଥ୍ୟ ବର୍ତ୍ତମାନ ସୁଦ୍ଧା ଅଫିସିଆଲ ନୁହେଁ ବୋଲି କୁମାର କହିଛନ୍ତି।

# ରାଜନଙ୍କୁ ସଂସଦୀୟ କମିଟିର ଡାକରା

ନୂଆଦିଲ୍ଲୀ,୧୯-୮(ପି.ଟି.)

**ଏନ୍‌ପିଏ ଚିନ୍ତା**



- ଏଷ୍ଟିମେଟ୍ କମିଟିକୁ ଭେଟିବେ ରାଜନ୍
- ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ହୋଇଛି ଜେରା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବର୍ତ୍ତମାନ ଅନାଦାୟ ଋଣ(ଏନ୍‌ପିଏ) ଏକ ସମସ୍ୟା ଭାବେ ଉଭା ହୋଇଛି। ଏହା ଉଭୟ ସରକାର ଓ ବ୍ୟାଙ୍କଗୁଡିକ ଲାଗି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନ୍‌ପିଏ ବୃଦ୍ଧିକୁ ଧ୍ୟାନରେ ରଖି ସଂସଦୀୟ କମିଟି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କୁ ହାଜର ହେବା ଲାଗି କହିଛି। ଏନ୍‌ପିଏ ସମସ୍ୟାକୁ ନେଇ ରାଜନ କମିଟି ସାମ୍ନାରେ ନିଜର ମତ ରଖିବେ। ସଂସଦୀୟ ଏଷ୍ଟିମେଟ କମିଟର ମୁଖ୍ୟ ଭାବେ ଭାଜପା ନେତା ମୁରଲୀ ମନୋହର ଜୋଷୀ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାର ଚିହ୍ନଟ ତଥା ଏହାର ସମାଧାନ ଉପରେ କମିଟି କାର୍ଯ୍ୟ କରୁଛି। ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ ରାଜନଙ୍କୁ କମିଟି ସାମ୍ନାରେ ପ୍ରଶଂସା କରିଥିଲେ। ଏହା ପରେ ରାଜନଙ୍କୁ ହାଜର ହେବା ଲାଗି କମିଟି କହିଥିବା ଜଣାଯାଇଛି।

ଏହି ପ୍ରସଙ୍ଗ ଉପରେ ମତ ରଖିବା ଲାଗି କମିଟି ସାମ୍ନାରେ ହାଜର ହେବାକୁ ଜୋଷୀ ରାଜନଙ୍କୁ ଏକ ଚିଠି ଲେଖିଥିବା ଜଣାଯାଇଛି। ରଘୁରାମ ରାଜନ ଆର୍‌ବିଆଇରେ ୩ ବର୍ଷ ଗଭର୍ନର ଦାୟିତ୍ୱ ଭାର ସମ୍ଭାଳି ଥିଲେ। ୨୦୧୬ ସେପ୍ଟେମ୍ବର ଯାଏ ସେ ଆର୍‌ବିଆଇରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଶିକାଗୋ ବୁଥ ସ୍କୁଲ ଅଫ୍ ବିଜନେସରେ ଫାଇନାନ୍ସ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏନ୍‌ପିଏ ସମସ୍ୟାକୁ ନେଇ ସିଇଏ ସଂସଦୀୟ କମିଟି ସାମ୍ନାରେ ହାଜର ହେବା ସହ ନିଜର ମତ ରଖିଛନ୍ତି। ଏନ୍‌ପିଏ ସମାଧାନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ମତ ରଖିବା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ବୃହତ୍ ଋଣ ଯୋଗୁ ଏପରି ସ୍ଥିତି ଆସିଥିବା ସେ କହିଛନ୍ତି। ବୃହତ୍ ପରିମାଣର ଋଣ ପ୍ରଭାବ ପକାଇ ମଞ୍ଜୁରୀ କରାଯାଇଥିବା ସୁବ୍ରମଣ୍ୟନ କହିଛନ୍ତି।

ବର୍ତ୍ତମାନ ସ୍ଥିତି ଜଟିଳ ଥିବା ବେଳେ ବ୍ୟାଙ୍କରମାନେ ରିଟେଲ ବାଦ୍ ଅନ୍ୟାନ୍ୟ ଋଣ ପ୍ରଦାନ କରିବାକୁ ବିଶେଷ ଭାବେ ଆଗ୍ରହୀ ହେଉ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସଂସଦୀୟ କମିଟି ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ପ୍ରଶ୍ନ କରି ସାରିଛି। ଏହା ମଧ୍ୟରେ ଅର୍ଥ ସଚିବ ହସମୁଖ ଆଧିଆ ମଧ୍ୟ ରହିଛନ୍ତି।

## ୧୫ ଦିନରେ ମିଳିବ ଆଇଟିଆର୍ ରିଫଣ୍ଡ

ନୂଆଦିଲ୍ଲୀ,୧୯-୮




- ପୂର୍ବରୁ ଲାଗୁଥିଲା ୨ରୁ ୩ ମାସ
- ଇ-ଯାଞ୍ଚ ହୋଇଥିଲେ ପ୍ରାଥମିକତା

ଆୟକର ରିଟର୍ନ ଭରୁଥିବା ଟିକସଦାତାଙ୍କ ପାଇଁ ଖୁସି ଖବର। ଆୟକର ରିଟର୍ନର ରିଫଣ୍ଡ ତ୍ୱରିତ ହେବ ବୋଲି ଜଣାଯାଇଛି। ୧୫ ଦିନ ମଧ୍ୟରେ ଟିକସଦାତାଙ୍କୁ ରିଫଣ୍ଡ ମିଳିବ। ଯଦି କୌଣସି ଟିକସଦାତା ଆୟକର ରିଟର୍ନ ଫାଇଲ କରନ୍ତି ତେବେ ତାଙ୍କୁ ୧୫ ଦିନ ମଧ୍ୟରେ ରିଫଣ୍ଡ ମିଳିଯିବ। ରିଫଣ୍ଡ ଲାଗି ଲୋକଙ୍କୁ ପୂର୍ବରୁ ୨ରୁ ୩ ମାସ ସମୟ ଲାଗୁ ଥିଲା। ଯେଉଁ ଟିକସଦାତାଙ୍କ ଇନକମ୍ ଟାକ୍ସ ଫାଇଲିଂ ହେବା ସହ ଇ-ଯାଞ୍ଚ ହୋଇଛି ଉକ୍ତ କ୍ଷେତ୍ରରେ ରିଫଣ୍ଡ ୧୦ରୁ ୧୨ ଦିନ ମଧ୍ୟରେ ଆସିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ରିଫଣ୍ଡ ପ୍ରଦାନ ଲାଗି ଆୟକର ବିଭାଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ରିଫଣ୍ଡ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଯେଉଁ ଟିକସଦାତାଙ୍କ ଇ-ଯାଞ୍ଚ ହୋଇ ନାହିଁ ଉକ୍ତ କ୍ଷେତ୍ରରେ ରିଫଣ୍ଡ ମିଳିବା ବିଳମ୍ବ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି। ଏପରି ସ୍ଥିତିରେ ଶୀଘ୍ର ଇ-ଯାଞ୍ଚ କରାଇବା ଲାଗି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ସୂଚନା ରହିଛି। ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଆୟକର ରିଟର୍ନ ଭରିବା ଲାଗି ଶେଷ ତାରିଖ ୩୧ ଅଗଷ୍ଟ ରହିଛି। ଧାର୍ଯ୍ୟ ସୀମା ମଧ୍ୟରେ ଆୟକର ରିଟର୍ନ ଫାଇଲ ନ କରିଲେ ୫,୦୦୦ ଟଙ୍କାର ଜରିମାନା ପ୍ରଦାନ କରିବାକୁ ପଡିବ ବୋଲି ଜଣାପଡ଼ିଛି।

# ଘରେ ପହଞ୍ଚିବ ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୧୯-୮



- ପୋଷ୍ଟମ୍ୟାନ ହେବେ ବ୍ୟାଙ୍କର
- ୨୧ରେ ଆଇପିପିବି ଶୁଭାରମ୍ଭ
- ସୁଗମ ହେବ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା

ଘରେ ଘରେ ପହଞ୍ଚିବ ବ୍ୟାଙ୍କ ସେବା। ଭାରତୀୟ ଡାକ ବିଭାଗ ପକ୍ଷରୁ ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଚଳିତ ମାସ ୨୧ ତାରିଖ ଠାରୁ ଶୁଭାରମ୍ଭ ହେବାକୁ ଥିବା ବେଳେ ଏହା ଦ୍ୱାରା ବ୍ୟାଙ୍କ ଘରେ ଘରେ ପହଞ୍ଚିବ। ଡାକ ବିଭାଗର ବ୍ୟାଙ୍କ ସେବାକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ ବୋଲି ଜଣାଯାଇଛି। ଡିଜିଟାଲ ବ୍ୟାଙ୍କିଙ୍ଗ ଆପ୍ ଦ୍ୱାରା ଡାକବାଲାମାନେ ବ୍ୟାଙ୍କସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ। ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଗମ କରାଇବାକୁ ଡାକ ବିଭାଗ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ୬୫୦ ଶାଖା ଦ୍ୱାରା ଏହି ସେବା ଉପଲବ୍ଧ ହେବ। ସେହିଭଳି ଉକ୍ତ ବ୍ୟାଙ୍କର ୩୨୫୦ ଆକସେସ୍ ପଏଣ୍ଟ ରହିବ। ସେବା ସହ ୧୧,୫୦୦ ପୋଷ୍ଟମ୍ୟାନ ଯୋଡି ହେବେ। ଅପରପକ୍ଷରେ ସେବା ସହ ୧୭ କୋଟି ପୋଷ୍ଟାଲ ଜମା ଖାତାକୁ ଯୋଡିବା ଲାଗି ସୁବିଧା କରାଯିବ।

ସେହିଭଳି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୫ ଲକ୍ଷ ଡାକଘରକୁ ଆଇପିପିବି ସହ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅନ୍ୟ ବ୍ୟାଙ୍କ ଭଳି ବିଭିନ୍ନ ବ୍ୟାଙ୍କ ସେବା ଏଠାରେ ଉପଲବ୍ଧ ଥିବା ବେଳେ ବ୍ୟାଙ୍କରେ କ୍ରେଡିଟ୍ ରିସ୍କ ଉପଲବ୍ଧ ହେବ ନାହିଁ। ଏହା କ୍ରେଡିଟ୍ କାର୍ଡ କିମ୍ବା ଅଗ୍ରୀମ ଋଣ ପ୍ରଦାନ କରିବ ନାହିଁ। ବ୍ୟାଙ୍କରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରାଯାଇପାରିବ। ସେହିଭଳି ମୋବାଇଲ ପେମେଣ୍ଟ, ଟ୍ରାନ୍ସଫର, କ୍ରୟ ଏବଂ ଏଟିଏମ୍ ସୁବିଧା ଉପଲବ୍ଧ ହେବ। ନୂଆ ବ୍ୟାଙ୍କିଙ୍ଗ ସେବାର ବିସ୍ତାର ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନୂଆ ଆକାଉଣ୍ଟ, କ୍ୟାଶ ଜମା, ଟଙ୍କା ଉଠାଣ, ମନି ଟ୍ରାନ୍ସଫର, ରିଚାର୍ଜ, ବିଲ୍ ପେମେଣ୍ଟ, ବୀମା ଏବଂ ନିବେଶ ଭଳି ସୁବିଧା ଘରେ ଘରେ ଉପଲବ୍ଧ ହେବ।

ଏହି ଭଳି ସେବାଗୁଡିକୁ ଡାକବାଲା ଲୋକଙ୍କ ନିକଟରେ ପହଞ୍ଚାଇବେ। ମୋବାଇଲ ଏବଂ ଏସ୍‌ଏମ୍‌ଏସ୍ ବ୍ୟାଙ୍କିଂ ବାଦ୍, କ୍ୟୁଆର କାର୍ଡର ସୁବିଧା ମଧ୍ୟ କରାଯିବ। ଏହାଦ୍ୱାରା ବ୍ୟାଙ୍କ ସେବା ଉପଲବ୍ଧ ହେବ। ସମସ୍ତ ପ୍ରକାରର ନେଣଦେଣ ବାୟୋମେଟ୍ରିକ ବ୍ୟବହାର ଦ୍ୱାରା ହେବ। କାର୍ଡ ହଜିଗଲେ ମଧ୍ୟ ଗ୍ରାହକଙ୍କ ଆକାଉଣ୍ଟ ସୁରକ୍ଷିତ ରହିବ। ଯଦି କୌଣସି ବ୍ୟକ୍ତି ପୂର୍ବରୁ ଡାକଘରେ ଖାତା ଖୋଲିଥାନ୍ତି ତେବେ ଏହାକୁ ଆଇପିପିବି ସହ ଯୋଡି ପାରିବେ। ୧ ଲକ୍ଷରୁ ଅଧିକ ବାଲାନ୍ସ ରହିଥିବା ଆକାଉଣ୍ଟଗୁଡିକୁ ସଞ୍ଚୟ ଖାତାରେ ରୂପାନ୍ତରିତ କରାଯାଇପାରେ। ଏଥିରେ ମାସିକ ସର୍ବନିମ୍ନ ଜମା ରଖିବାର କୌଣସି ନିୟମ ନାହିଁ। ସେହିଭଳି ମାସିକ ଉଠାଣ ଏବଂ ଜମାର ସୀମା ମଧ୍ୟ ଧାର୍ଯ୍ୟ ହୋଇ ନ ଥିବା ଜଣାଯାଇଛି।

## ଚାଇନାର ସୁନଙ୍କୁ ପ୍ରଥମ ସ୍ୱର୍ଣ୍ଣ

**ଜାକର୍ତ୍ତା,୧୯।୮(ଏଏଫ୍‌ପି):** ଚାଇନିଜ୍ ଉଷୁ ଆଥ୍‌ଲେଟ୍ ସୁନ ପେୟୁଆନ ଚଳିତ ଏସିଆନ୍ ଗେମ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୮ ବର୍ଷୀୟ ସୁନ ଚାଙ୍ଗକୁଆନ କାଟଗୋରୀରେ ଆୟୋଜକ ଇଣ୍ଡୋନେସିଆ ଆଥ୍‌ଲେଟ ଜାଭିଅର ମାର୍ଭେଲୋଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଚାଇନିଜ୍ ଆଥ୍‌ଲେଟ ସର୍ବାଧିକ ୯.୭୫ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ଚାଇନିଜ୍ ତାଇପେ ସାଇ ସେମିନ ପ୍ରଥମ ବ୍ରୋଞ୍ଜ ପଦକ ନେଇଛନ୍ତି। ଉଲ୍ଲେଖଥାଉ କି, ଇଞ୍ଚନଠାରେ ଅନୁଷ୍ଠିତ ୨୦୧୪ ଏସିଆନ୍ ଗେମ୍ସରେ ଚାଇନା ସର୍ବାଧିକ ୧୫୧ ସ୍ୱର୍ଣ୍ଣ ପଦକ ଜିତିଥିଲା। ଆଞ୍ଚଳିକ ତଥା ଏସିଆନ ଅଲିମ୍ପିକ୍ସ ଭାବେ ପରିଚିତ ଏସିଆନ୍ ଗେମ୍ସରେ ୧୯୮୨ଠାରୁ ଚାଇନା ପଦକ ତାଲିକାର ଶୀର୍ଷରେ ରହି ଆସୁଛି ।

## ବାସ୍କେଟବଲ: ଚାଇନିଜ୍ ତାଇପେଠାରୁ ହାରିଲା ଭାରତ

**ଜାକର୍ତ୍ତା,୧୯।୮(ପି.ଟି.):** ଭାରତୀୟ ମହିଳା ବାସ୍କେଟବଲ ଦଳର କ୍ରମାଗତ ୨ୟ ପରାଜୟ ଯୋଗୁ ଏସିଆନ୍ ଗେମ୍ସରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଯାଇଛି। ଭାରତୀୟ ଦଳକୁ ୬୧-୮୪ ବ୍ୟବଧାନରେ ଚାଇନିଜ ତାଇପେ ଦଳ ପରାସ୍ତ କରିଛି। ଏହା ଭାରତୀୟ ଦଳର କ୍ରମାଗତ ୨ୟ ପରାଜୟ। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୬୧-୭୯ ପଏଣ୍ଟରେ କାଜାକସ୍ତାନଠାରୁ ପରାସ୍ତ ହୋଇଥିଲା। ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ୨୮-୩୩ ବ୍ୟବଧାନରେ ପଛୁଆ ଥିଲା। କିନ୍ତୁ ମ୍ୟାଚ୍‌ର ୩ୟ କ୍ୱାର୍ଟରରେ ପ୍ରତିପକ୍ଷ ଦଳ ତା'ର ଅଗ୍ରଣୀ ବ୍ୟବଧାନକୁ ୬୪-୪୫ ବୃଦ୍ଧି କରି ନେଇଥିଲା। ଫଳରେ ୪ର୍ଥ କ୍ୱାର୍ଟରରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ଦଳ ମୁକାବିଲାକୁ ଫେରି ପାରି ନ ଥିଲା। ଆଗାମୀ ୨୩ ତାରିଖରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ, ମିଳିତ କୋରିଆକୁ ଭେଟିବ।

## ପଦାର୍ପଣରେ ରୋନାଲ୍ଡୋ ବିଫଳ

**ଭେରୋନା(ଇଟାଲି),୧୯।୮ (ଏଏଫ୍‌ପି):** ପର୍ତ୍ତୁଗାଲ ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ସିରି ଏ' ଲିଗ୍ ପଦାର୍ପଣରେ ବିଫଳ ହୋଇଛନ୍ତି। କିନ୍ତୁ ଲିଗ୍‌ର ଡିଫେଣ୍ଡିଂ ଚାମ୍ପିୟନ ଜୁଭେଣ୍ଟସ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେଣ୍ଟସ ୩-୨ ଗୋଲ୍‌ରେ ଚିଏଭୋକୁ ପରାସ୍ତ କରିଛି। ୩୩ ବର୍ଷୀୟ ରୋନାଲ୍ଡୋ ଗତ ମାସରେ ସ୍ପାନିଶ କ୍ଲବ ରିଅଲ ମାଡ୍ରିଡ୍ ଛାଡ଼ି ଜୁଭେଣ୍ଟସ କ୍ଲବରେ ସାମିଲ ହୋଇଛନ୍ତି। ତାଙ୍କ ବିଫଳ ପ୍ରଦର୍ଶନ ସତ୍ତ୍ୱେ ଇଟାଲିର କ୍ଲବ ସମ୍ପୂର୍ଣ୍ଣ ୩ ପଏଣ୍ଟ ଅର୍ଜନ କରିଛି।

## ଇଣ୍ଡିଆ ରେଡ୍- ଇଣ୍ଡିଆ ବ୍ଲୁ ଫାଇନାଲ

**ବେଙ୍ଗାଲୁରୁ, ୧୯।୮:** ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ମଧ୍ୟରେ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ୯ ଉଇକେଟ୍‌ରେ ଇଣ୍ଡିଆ ଗ୍ରୀନ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ଗ୍ରୀନ୍ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ୧୮.୪ ଓଭରରେ ମାତ୍ର ୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସଜୀବନ ସାଜନ (୧୧) ଓ ସି. ପ୍ରତ୍ୟୁଷା (୧୪)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସ୍‌ମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ସୁଶ୍ରୀ ପ୍ରଧାନ ଓପନିଂ କରିବାକୁ ଆସି ୮ଟି ବଲ୍ ଖେଳି ମାତ୍ର ୧ ରନ୍ କରିଥିଲେ। ଇଣ୍ଡିଆ ରେଡ୍ ପକ୍ଷରୁ ରୀମା ଲକ୍ଷ୍ମୀ ଏକ୍କା ୩ଟି ଓ ଶିଖା ପାଣ୍ଡେ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଇଣ୍ଡିଆ ରେଡ୍ ୯.୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପୁନମ ରାଉତ ୨୬ ଓ ହରିନ ଦେଓ୍ୱଲ ୨୪ ରନ୍ କରି ଅପରାଜିତ ରହିଥିଲେ। ଇଣ୍ଡିଆ ରେଡ୍ ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ସର୍ବାଧିକ ୧୨ ପଏଣ୍ଟ ପାଇଥିବାବେଳେ ଇଣ୍ଡିଆ ବ୍ଲୁ (୮) ଓ ଇଣ୍ଡିଆ ଗ୍ରୀନ୍ (୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଅଗଷ୍ଟ ୨୧ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଅପୂର୍ବୀ-ରବି ଖାତା ଖୋଲିଲେ



୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂ ଅବସରରେ ଭାରତର ରବି କୁମାର ଓ ଅପୂର୍ବୀ ଚାଣ୍ଡିଲା।



ସ୍ୱର୍ଣ୍ଣ ପଦକ ଜିତିବା ପରେ ତ୍ରିରଙ୍ଗା ସହ ରେସଲର୍ ବଜରଙ୍ଗ ପୁନିଆ (ମଝି)।

**ପାଲେମବାଙ୍ଗ, ୧୯।୮(ପି.ଟି.)**

ଏସିଆନ୍ ଗେମ୍ସର ୧୮ତମ ସଂସ୍କରଣର ପ୍ରଥମ ଦିନରେ ଭାରତ ପଦକ ତାଲିକାରେ ଖାତା ଖୋଲିଛି। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟ ଶୁଟିଂରେ ଭାରତର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାର ବ୍ରୋଞ୍ଜ ଜିତି ଭାରତ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି। ୪୮ ଶଟ୍ ଫାଇନାଲରେ ଭାରତର ଏହି ଦୁଇ ଶୁଟର ୪୨ ଶଟ୍‌ରେ ଏଗ୍ରିଗେଟ୍ ୪୨୯.୯ ସ୍କୋର କରିଥିଲେ। ଚାଇନା ଯୋଡ଼ି ରୁଓଝୁ ଝାଓ ଓ ହାଓରାନ ୟାଙ୍ଗ୍ ୪୯୨.୫ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଚାଇନିଜ ତାଇପେଇ ଯୋଡି ୟିଙ୍ଗଶିନ୍ ଲିନ୍ ଓ ଶାଓଚୁଆନ ଲୁ ୪୯୪.୧ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୋରିଆ ଓ ମଙ୍ଗୋଲିଆ ଶୁଟରମାନେ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ତାରକା ରେସ୍‌ଲର ବଜରଙ୍ଗ ପୁନିଆ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗ ପ୍ରତିଯୋଗିତାରେ ବାଜି ମାରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଇଭେଣ୍ଟର ପ୍ରଥମ ସିରିଜ ପରେ ୧୦୨.୯ ପଏଣ୍ଟ ପାଇ ଭାରତ ଦ୍ୱିତୀୟ ଓ କୋରିଆ ୧୦୩.୪ ପଏଣ୍ଟ ପାଇଁ ପ୍ରଥମ ସ୍ଥାନରେ ଥିଲେ। ତୃତୀୟ ସିରିଜ୍ ପର୍ଯ୍ୟନ୍ତ ଭାରତ ଅବଶ୍ୟ ତା' ସ୍ଥାନ ବଜାୟ ରଖିଥିଲା। କିନ୍ତୁ ଶେଷରେ ଚାଇନା ଯୋଡି ଉନ୍ନତ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲା। ମଙ୍ଗୋଲିଆ ପ୍ରଥମେ ଓ ପରେ କୋରିଆ ପ୍ରତିଯୋଗିତାରୁ ବାଦ୍ ପଡିଥିଲା। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଅପୂର୍ବୀ ଓ ରବି ୮୩୫.୩ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୫୦ ମିନିଟର ଏହି ସେସନରେ ଉଭୟ ୪୦ଟି ଶଟ୍ ଫାୟାର କରିଥିଲେ। ଏଥିରେ ଦକ୍ଷିଣ କୋରିଆ ଯୋଡି ହେଓନଜୁନ କିମ ଓ ଇଉନହି ଜୁଙ୍ଗ ଶୀର୍ଷରେ ରହିଥିଲେ। ମଙ୍ଗୋଲିଆ ତୃତୀୟ, ଚାଇନା ଚତୁର୍ଥ ଓ ତାଇପେଇ ପଞ୍ଚମ ଏବଂ ଫାଇନାଲ କ୍ୱାଲିଫିକେଶନ ସ୍ଥାନରେ ରହିଥିଲେ। ଏଥିସହ ଚାଣ୍ଡିଲା ପ୍ରଥମଥର ପାଇଁ ଏସିଆନ ଗେମ୍ସ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏବେ ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଆହୁରି ଭଲ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଛନ୍ତି। ଚାଣ୍ଡିଲା ପୂର୍ବରୁ ଏକାଧିକ ବାର ବିଶ୍ୱକପ୍ ବିଜୟିନୀ ସାବ୍ୟସ୍ତ ହୋଇଛନ୍ତି। ସେ ମଧ୍ୟ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବିଶ୍ୱକପ୍ ବ୍ରୋଞ୍ଜ ପଦକ ବିଜେତା ରବି ଗତ ଇଞ୍ଚିଅନ ଏସିଆନ ଗେମ୍ସରେ ପୁରୁଷ ୧୦ ମିଟର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

ପ୍ରଥମ ଏସିଆନ ଗେମ୍ସ ପଦକ ହାସଲ କରିଥିବାରୁ ଚାଣ୍ଡିଲା ତାଙ୍କ ପ୍ରଦର୍ଶନ ନେଇ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ଏହା ପୂର୍ବରୁ ବିଶ୍ୱକପ୍‌ରେ ଆମେ ଚତୁର୍ଥ ସ୍ଥାନରେ ରହି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲୁ ଓ ଏବେ ଏଥିରେ ଉନ୍ନତି ଆଣି ପଦକ ହାସଲ କରିଛୁ। ଭାରତ ପାଇଁ ମୋର ଏହା ପ୍ରଥମ ପଦକ। ଏବେ ସୋମବାର ଖେଳାଯିବାକୁ ଥିବା ୧୦ ମିଟର ରାଇଫଲ ଇଭେଣ୍ଟ ଉପରେ ମନୋନିବେଶ କରୁଛି ବୋଲି ଚାଣ୍ଡିଲା କହିଛନ୍ତି। ଫାଇନାଲରେ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିବା ନେଇ ସେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶୁଟିଂ ଏପରି ହୋଇଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ ଯୋଗ୍ୟତା ପର୍ଯ୍ୟାୟରେ ଆମେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଭଲ ସ୍କୋର କରିପାରି ନ ଥିଲୁ ଓ ଅପୂର୍ବୀଙ୍କ ପାଇଁ ବ୍ରୋଞ୍ଜ୍ ଜିତିଲୁ ବୋଲି ରବି କହିଛନ୍ତି। ପୂର୍ବରୁ ଆମେ ସାଥୀ ହୋଇ ଏକାଠି ପ୍ରଶିକ୍ଷଣ ନେବାର ସୁଯୋଗ ପାଇ ନ ଥିଲୁ ବୋଲି ସେ କହିଛନ୍ତି। ତେବେ ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତୀୟ ଶୁଟରମାନେ ନିରାଶ କରିଛନ୍ତି। ଟିନ୍ ସେନ୍‌ସେସନ ମନୁ ଭାକର ଓ ଅଭିଷେକ ବର୍ମା ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ମନୁ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଅଭିଷେକଙ୍କ ପ୍ରଦର୍ଶନ ମଧ୍ୟ ଆଶାନୁରୂପ ହୋଇପାରି ନ ଥିଲା।

ଅନ୍ୟପଟେ ପୁରୁଷ ଟ୍ରାପ୍ କ୍ୱାଲିଫିକେଶନରେ ଅଭିଜ୍ଞ ମାନବଜିତ୍ ସିଂ ସାନ୍ଧୁ ୭୫ରୁ ୭୨ ସ୍କୋର କରି ଶୀର୍ଷରେ ରହିଛନ୍ତି। ସେହିପରି ଲକ୍ଷ୍ୟ ସୋରେନ ୭୧ ସ୍କୋର କରି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ଟ୍ରାପ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ଶ୍ରେୟାସି ସିଂ ୭୫ରୁ ୭୧ ସ୍କୋର କରି ଦ୍ୱିତୀୟ ଓ ସୀମା ତୋମାର ୭୧ ସ୍କୋର କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଶ୍ରେଷ୍ଠ ୬ଟି ସ୍ଥାନରେ ରହିଥିବା ଶୁଟରମାନେ ସୋମବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୧୯।୮(ପି.ଟି.)**

ଜାକର୍ତ୍ତାରେ ଆରମ୍ଭ ହୋଇଥିବା ୧୮ତମ ଏସିଆ ଗେମ୍ସରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ରେସଲର୍ ବଜରଙ୍ଗ ପୁନିଆ ଓ ପ୍ରଥମ ପଦକ ଜିତି ଖାତା ଖୋଲିଥିବା ଦୁଇ ଶୁଟର ଅପୂର୍ବୀ ଚାଣ୍ଡିଲା ଓ ରବି କୁମାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଏହି ଦୁଇ ଶୁଟର ଯୋଡି ୧୦ ମିଟର ଏୟାର ରାଇଫଲ ମିକ୍ସ ଟିମ୍ ଶୁଟିଂ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ବଜରଙ୍ଗ ପୁରୁଷ ଫ୍ରି ଷ୍ଟାଇଲ ୬୫ କେଜି ବର୍ଗରେ ବାଜି ମାରିଥିଲେ। ଆଗକୁ ଏମାନେ ଆହୁରି ପଦକ ହାସଲ କରିବେ ବୋଲି ସେ ଟୁଇଟ୍ କରି ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ରାଉଣ୍ଡରୁ ସୁଶୀଲ ବିଦା



ଭାରତୀୟ ଅଭିଜ୍ଞ ରେସ୍‌ଲର ତଥା ଡବଲ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର ଏସିଆନ ଗେମ୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଫଳରେ ତାଙ୍କ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୭୪ କେ.ଜି. ବର୍ଗ ରେସ୍‌ଲିଂରେ ସେ ବାହାରିନ୍‌ର ଆଡାମ ବାଟିରୋଭ୍‌ଙ୍କଠାରୁ ପ୍ରଥମ ରାଉଣ୍ଡରେ ୩-୫ରେ ପରାଜୟ ବରଣ କରି ବିଦାୟ ନେଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ୩୫ ବର୍ଷୀୟ ସୁଶୀଲ କିନ୍ତୁ ଆଗକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜୋର୍ ଦେଇ କହିଛନ୍ତି। ଏହି ପରାଜୟ ମୁଁ ଆଶା କରି ନ ଥିଲି ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସୁଶୀଲ ଗତ ୪ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ବାଉଟ୍‌ରେ ପରାଜୟ ବରଣ କରିଥିଲେ। ସେ ଗତ ମାସ ଟିବିଲିସ୍ ଗ୍ରାଣ୍ଡ ପ୍ରିକ୍ସରେ ପରାସ୍ତ ହୋଇଥିଲେ। ସେ ମଧ୍ୟ ଶ୍ରେଷ୍ଠ ଫର୍ମରେ ନ ଥିବା ନେଇ ଚର୍ଚ୍ଚା ହେଉଥିଲା।

## କବାଡ଼ିରେ ବିଜୟ ଅଭିଯାନ




ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଏସିଆନ ଗେମ୍ସରେ ଗତଥର ଚାମ୍ପିୟନ ଭାରତୀୟ ପୁରୁଷ ଓ ମହିଳା କବାଡ଼ି ଦଳ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ରବିବାର ମହିଳା ଦଳ ଜାପାନକୁ ହରାଇଥିବା ବେଳେ ପୁରୁଷ ଦଳ ବାଂଲାଦେଶକୁ ପରାସ୍ତ କରିଛି। ଭାରତୀୟ ପୁରୁଷ ଦଳ ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୫୦-୨୧ରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୪୪-୨୮ରେ ହରାଇଥିଲା।

ଅନ୍ୟପଟେ ଭାରତୀୟ ମହିଳା ଦଳ ଗ୍ରୁପ୍ ଏ'ରେ ତା'ର ପ୍ରଥମ ମ୍ୟାଚ୍‌ରେ ଜାପାନକୁ ୪୩-୧୨ରେ ହରାଇଥିଲା। ସୋମବାର ମହିଳା ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡକୁ ଭେଟିବ। ସେହିପରି ପୁରୁଷ ଦଳ ଦକ୍ଷିଣ କୋରିଆ ବିପକ୍ଷ ମୁକାବିଲାରେ ଅବତୀର୍ଣ୍ଣ ହେବ। ଉଭୟ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ଓ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ।

## ସୁଇମିଂ: ସଜନ, ଶ୍ରୀହରିଙ୍କ ଅଭିଯାନ ଶେଷ

ଦୁଇ ଭାରତୀୟ ସନ୍ତରଣକାରୀ ସଜନ ପ୍ରକାଶ ଓ ଶ୍ରୀହରି ନଟରାଜ ଯଥାକ୍ରମେ ପଞ୍ଚମ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସଜନ ପଞ୍ଚମ ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ସପ୍ତମ ସ୍ଥାନରେ ରହି ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ସାଜନ ୧:୫୭.୭୫ ସେକେଣ୍ଡ ସମୟ ନେଇଥିଲେ। ଜାବାନର ସେଟୋ ଡାଇୟା ୧:୫୪.୫୩ ସେକେଣ୍ଡ ସମୟ ନେଇ ବିଜୟୀ ହୋଇଥିଲେ। ସଜନ ହିଟ୍ସରେ ତୃତୀୟ ଦ୍ରୁତତମ ସନ୍ତରଣକାରୀ ଭାବେ ଯୋଗ୍ୟତା ହାସଲ କରିଥିଲେ। ସେହିପରି ୧୦୦ ମି. ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଶ୍ରୀହରି ୫୬.୧୯ ସେକେଣ୍ଡ ନେଇଥିଲେ। ତାଙ୍କର କ୍ୱାଲିଫିକେଶନ ଟାଇମ୍ ଥିଲା ୫୫.୮୬। ୮ ଜଣ ଫାଇନାଲିଙ୍କ ମଧ୍ୟରେ ସେ ସବୁଠାରୁ ମନ୍ଥର ଥିଲେ। ପୂର୍ବରୁ ରବିବାର ଅନ୍ୟତମ ଭାରତୀୟ ସନ୍ତରଣକାରୀ ସୌରଭ ସାଙ୍ଗଭେକର ୨୦୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟରେ ୧:୫୪.୮୭ ସେକେଣ୍ଡ ସମୟ ନେଇ ବିଦାୟ ନେଇଥିଲେ।

## ମହିଳା ହକିରେ ଭାରତର ବୃହତ୍ ବିଜୟ

### ଗୁରଜିତଙ୍କ ହ୍ୟାଟ୍ରିକ୍

**ଜାକର୍ତ୍ତା,୧୯।୮(ପି.ଟି.)**

ଡ୍ରାଗ୍ ଫ୍ଲିକର ଗୁରଜିତ୍ କୌରଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସରେ ଏକ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଭାରତ ରବିବାର ପୁଲ୍ ବି'ରେ ତା'ର ପ୍ରଥମ ମ୍ୟାଚରେ ୮-୦ ଗୋଲରେ ଆୟୋଜକ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଏହି ମ୍ୟାଚରେ ଭାରତ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍ ଚାର୍ଟରେ ସ୍ଥାନ ପାଇ ନ ଥିବା ଇଣ୍ଡୋନେସିଆ ଅଭିଜ୍ଞତାର ଅଭାବ କାରଣରୁ ଏକପ୍ରକାର ଆତ୍ମସମର୍ପଣ କରିଥିଲା। ଅନ୍ୟପଟେ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ଥିବା ଭାରତ ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲା। ଗୁରଜିତ ୧୬, ୨୨ ଓ ୫୭ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସେହିପରି ବନ୍ଦନା କାଟାରିୟା ୧୩ ଓ ୨୭ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଉଦିତା ଷଷ୍ଠ, ଲାଲରେମସିଆମି ୨୪ ଓ ନବନୀତ କୌର ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଭାରତ ଇଣ୍ଡୋନେସିଆ ଗୋଲପୋଷ୍ଟକୁ ୩୧ଥର ଶଟ୍ ମାରିଥିଲା। ଭାରତ ମଧ୍ୟ ଏହି ମ୍ୟାଚ୍‌ରେ ୧୯ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଭାରତ ମାତ୍ର ୩ଟିକୁ ଗୋଲରେ ପରିଣତ କରିବାକୁ ସକ୍ଷମ ହୋଇଥିଲା ଓ ଏଗୁଡିକ ଗୁରଜିତଙ୍କ ମାଧ୍ୟମରେ ସଫଳ ହୋଇଥିଲା। ଉଲ୍ଲେଖଥାଉ କି, ୨୦୧୪ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚରେ କାଜାଖସ୍ତାନକୁ ଭେଟିବ।

## ସ୍ୱର୍ଣ୍ଣ ବିଜୟିନୀ ଓଡ଼ିଆ ଖେଳାଳି ଫେରିଲେ

### ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ

**କଟକ ଅଫିସ, ୧୯।୮**

ଜାତୀୟ ଦଳରୁ ପ୍ରତିନିଧିତ୍ୱ କରି ସାଫ୍ ୧୫ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତକୁ ଚାମ୍ପିୟନ କରାଇବା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ୪ ଓଡ଼ିଆ ଝିଅ ରବିବାର ଓଡ଼ିଶା ଫେରିଛନ୍ତି। ଏହି ୪ ପ୍ରତିଭା ହେଲେ କଟକ ସାଇ ହଷ୍ଟେଲର ଜ୍ୟୋତି କୁମାରୀ, ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ମଞ୍ଜୁ ଗଞ୍ଜୁ, ସରିତା ସୋରେଙ୍ଗ ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ସଙ୍ଗୀତା ଦାସ। ଭୁବନେଶ୍ୱର ଏୟାରପୋର୍ଟରେ ୪ଜଣ ଯାକ ସନ୍ଧ୍ୟା ୬.୧୦ରେ ପହଞ୍ଚିଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି, ଭୁଟାନ ଠାରେ ଖେଳାଯାଉଥିବା ଏହି ଚାମ୍ପିୟନଶିପ୍‌ର ଫାଇନାଲ ମୁକାବିଲାରେ ଭାରତ ୧-୦ ଗୋଲରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା ।



ଫାଓ ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମାଙ୍କ ସହ ୪ ଓଡ଼ିଆ ବାଳିକା ଫୁଟବଲ ଖେଳାଳି।

## ଫାଓ ଲିଗ୍ ରୋଭର୍ସ କ୍ଲବ ବିଜୟୀ

**କଟକ ଅଫିସ,୧୯।୮**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଲାଲ୍‌ବାଗ କ୍ଲବ ଓ ୱେଷ୍ଟର୍ନ ମହାବୀର କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ରୋଭର୍ସ କ୍ଲବ ୨-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ରୋଭର୍ସ କ୍ଲବ ପକ୍ଷରୁ ଉକ୍ତ ୨ଟି ଯାକ ଗୋଲ ସ୍କୋର ହୋଇଥିଲା। ବିଜୟ ମୁଖୀ ୧୦ମ ମିନିଟ୍‌ରେ ଓ ଅନ୍ତର୍ଯ୍ୟାମୀ ନାୟକ ୧୩ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ରୋଭର୍ସ କ୍ଲବକୁ ବିଜୟୀ କରାଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଅଗଷ୍ଟ, ୨୦୧୮





“ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି କ୍ରିକେଟ ଟେଷ୍ଟରେ ଲଜ୍ଜାଜନକ ପରାଜୟ ଦ୍ୱାରା ଆମ ଖେଳାଳିମାନେ ଚାପରେ ରହିଛନ୍ତି ।

**–ସଞ୍ଜୟ ବାଙ୍ଗର, ଭାରତର ସହକାରୀ କୋଚ୍**



“ତୃତୀୟ ଟେଷ୍ଟରେ ଟସ୍ ଜିତିବା ପରେ ଆମେ ଭାରତକୁ ଶୀଘ୍ର ଆଉଟ୍ କରି ଚାପ ସୃଷ୍ଟି କରିବାକୁ ଚାହିଁଥିଲୁ, କିନ୍ତୁ ସେମାନେ ଭଲ ଖେଳିଲେ ।

**–କ୍ରିସ୍ ଓକ୍ସ, ଇଂଲଣ୍ଡ ପେସ୍ ବୋଲର**

## ସଂକ୍ଷେପରେ

### କ୍ରିକେଟରୁ ଜନ୍‌ସନଙ୍କ ଅବସର



**ସିଡ୍‌ନୀ, ୧୯।୮ (ଏଏଫ୍‌ପି):** ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଜନ୍‌ସନ ରବିବାର କ୍ରିକେଟର ସମସ୍ତ ପ୍ରକାର ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ପୂର୍ବରୁ ୩୬ ବର୍ଷୀୟ ଜନସନ ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇସାରିଥିଲେ। କିନ୍ତୁ ଏହାପରେ ସେ ଟି୨୦ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ପର୍ଥ ସ୍କଚର୍ସ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିଆସୁଥିଲେ। ‘ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟି୨୦ ଲିଗ୍ ଆସନ୍ତାବର୍ଷ ପର୍ଯ୍ୟନ୍ତ ଖେଳିବାକୁ ଚାହୁଁଥିଲି। କିନ୍ତୁ ମୋ ଶରୀର ସହାୟତା ନ କରିବାରୁ ଅବସର ନେବାକୁ ନିଷ୍ପତ୍ତି ନେଲି’ ବୋଲି ସେ କହିଛନ୍ତି। ନିଜର ଘାତକ ବୋଲିଂ ପାଇଁ ବେଶ୍ ଜଣାଶୁଣା ଥିବା ବାମହାତୀ ବୋଲର ଜନ୍‌ସନ ୭୩ଟି ଟେଷ୍ଟ ଓ ୧୫୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୩୧୩ ଓ ୨୩୯ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୩୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରୁ ୩୮ଟି ଉଇକେଟ୍ ନେଇଛନ୍ତି। ଆଇପିଏଲ୍‌ରେ ସେ ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ୍ ରାଇଡର୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

### ଅରବିନ୍ଦ-କେନ୍ଦ୍ରୀୟ ବିଦ୍ୟାଳୟ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୧୯।୮ (ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବିନା ହାର୍‌ଜିତ୍‌ରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଅରବିନ୍ଦ ସ୍କୁଲ ପକ୍ଷରୁ ଦେବେନ୍ଦ୍ର ସାମଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଓମ୍ ଆଶୀର୍ବାଦ ଖୁଣ୍ଟିଆ ଗୋଟିଏ ଲେଖାଏ ଗୋଲ କରିଥିଲେ। ପୂର୍ବତନ ଆଥ୍‌ଲେଟ୍ ପ୍ରଣତୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅରବିନ୍ଦ ସ୍କୁଲର ବିକାଶ ପଢ଼ିହାରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଭାରତ ସ୍ଥିତି ସୁଦୃଢ

**ନଟିଂହାମ୍, ୧୯।୮**

ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍‌ଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଛି। ଟସ୍ ହାରି ପ୍ରଥମେ ଭଲ ବ୍ୟାଟିଂ କରିବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୫ ଉଇକେଟ ସଫଳତା ଯୋଗୁ ଦଳ ଇଂଲଣ୍ଡକୁ ୩୮.୨ ଓଭରରେ ୧୬୧ ରନ କରି ଅଲଆଉଟ କରିଦେଇଛି। ଫଳରେ ଭାରତ ୧୬୮ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି। ଘରୋଇ ଦଳର ଟପ୍ ସ୍କୋରର ଜୋସ୍ ବଟଲର ମାତ୍ର ୩୯ ରନ କରିଥିବାବେଳେ ଆଲିଷ୍ଟର କୁକ୍ ୨୯ ଓ କିଟନ ଜେନିଙ୍ଗ୍ସ ୨୦ ରନ କରିଥିଲେ। ପାଣ୍ଡ୍ୟା ୬ ଓଭର ବୋଲିଂ କରି ୧ ମେଡେନ ସହ ୨୮ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଯଶପ୍ରୀତ ବୁମ୍‌ରା ଓ ଇଶାନ୍ତ ଶର୍ମା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିବାବେଳେ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୨ ଉଇକେଟ ବିନିମୟରେ ୧୨୪ ରନ କରିଛି। ହାତରେ ଆଉ ୮ ଉଇକେଟ ରହିଥିବାବେଳେ ମୋଟ ଉପରେ ୨୯୨ ରନ ଅଗ୍ରଣୀ ଲାଭ କରି ମ୍ୟାଚରେ ନିଜ ସ୍ଥିତିକୁ ସୁଦୃଢ କରିନେଇଛି। ଲୋକେଶ ରାହୁଲ ୩୬ ଓ ଶିଖର ଧାୱନ ୪୪ରନ କରି ଆଉଟ ହୋଇଯାଇଥିବା ବେଳେ ଚେତେଶ୍ୱର ପୂଜାରା ୩୩ ଓ ଅଧିନାୟକ ବିରାଟ କୋହଲି ୮ରନ କରି ଅପରାଜିତ ରହିଛନ୍ତି। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଓ ଆଡିଲ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ରବିବାର ସକାଳେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋର ୩୦୭/୬ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ଟେଲ୍ ଏଣ୍ଡରଙ୍କ ବିଫଳତା ପାଇଁ ଦଳ ୭.୫ ଓଭରରେ ଆଉ ମାତ୍ର ୨୨ ରନ ଯୋଗ କରି ୩୨୯ ରନରେ ଅଲଆଉଟ ହୋଇଯାଇଥିଲା। ୯୪.୫ ଓଭରରେ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା। ଭ୍ରମଣକାରୀ ଦଳର ଟପ୍ ସ୍କୋର ରହିଥିଲେ ଅଧିନାୟକ ବିରାଟ କୋହଲି। ସେ ୯୭ ରନ କରିଥିବାବେଳେ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଥିଲେ ଅଜିଙ୍କ୍ୟ ରାହାନେ ୮୧ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ (୩/୬୪), ଷ୍ଟୁଆର୍ଟ ବ୍ରଡ୍ (୩/୭୨) ଓ କ୍ରିସ୍ ଓକ୍ସ (୩/୭୫) ତିନୋଟି ଲେଖାଏଁ ଉଇକେଟ ନେଇଥିଲେ।



ଆଲିଷ୍ଟର କୁକ୍‌ଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

ବର୍ଷାଯୋଗୁ ରବିବାର ଦ୍ୱିତୀୟ ଦିବସ ଖେଳ ୩୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର ଯୁବ ଖେଳାଳି ରିଷଭ ପନ୍ତ (୨୪ରନ)ଙ୍କ ଉପରେ ରହିଥିଲା। ସେ ତାଙ୍କ ପୂର୍ବଦିନ ସ୍କୋରରେ କେବଳ ୨ରନ ଯୋଗ କରିପାରିଥିଲେ। ବ୍ରଡ୍ ତାଙ୍କୁ ବୋଲ୍ଡ କରିଦେଇଥିଲେ। ପନ୍ତଙ୍କ ପରେ ଅନ୍ୟ ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୧୪ ରନ କରି ବ୍ରଡ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ମହମ୍ମଦ ଶାମି (୩) ଓ ଯଶପ୍ରୀତ ବୁମ୍‌ରା (୦)ଙ୍କୁ ଜେମ୍ସ ଆଣ୍ଡରସନ ତାଙ୍କର ଲଗାତର ଦୁଇଟି ବଲ୍‌ରେ ଆଉଟ କରିଦେଇଥିଲେ। ଏଥିସହିତ ସେ ଭାରତୀୟ ଇନିଂସରେ ପରିସମାପ୍ତି ଘଟାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ** (କୋହଲି–୯୭, ରାହାନେ–୮୧, କ୍ରିସ୍ ଓକ୍ସ–୩/୭୫, ଷ୍ଟୁଆର୍ଟ ବ୍ରଡ୍–୩/୭୨, ଆଡିଲ ରସିଦ–୧/୪୬, ଜେମ୍ସ ଆଣ୍ଡରସନ–୩/୬୪)।

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮.୨ ଓଭରରେ ୧୬୧/ଅଲଆଉଟ** (ଜୋସ୍ ବଟଲର–୩୯, ଆଲିଷ୍ଟର କୁକ୍–୨୯, କିଟନ ଜେନିଙ୍ଗ୍ସ–୨୦; ହାର୍ଦ୍ଦିକ ପାଣ୍ଡ୍ୟା–୫/୨୮, ଇଶାନ୍ତ ଶର୍ମା–୨/୩୨, ଯଶପ୍ରୀତ ବୁମ୍‌ରା–୨/୩୭, ମହମ୍ମଦ ଶାମି–୧/୫୬)।

**ଭାରତ ଦ୍ୱିତୀୟ ଇନିଂସ: ୩୧ ଓଭରରେ ୧୨୪/୨** (ଧାୱନ–୪୪, ରାହୁଲ–୩୬, ପୂଜାରା–୩୩*, କୋହଲି–୮*; ଷ୍ଟୋକ୍ସ–୧/୩୦, ରସିଦ୍–୧/୨୩)।

# ନାକାମୁରାଙ୍କ ସହ ଡ୍ର ରଖିଲେ ଆନନ୍ଦ

**ସେଣ୍ଟ ଲୁଇସ୍ (ଆମେରିକା), ୧୯।୮ (ପି.ଟି.)**

ସିଙ୍କ୍‌ଫିଲ୍ଡ କପ୍ ଚେସ୍ ଟୁର୍ନାମେଣ୍ଟରେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଭଲ ଆରମ୍ଭ କରିଛନ୍ତି। ସେ ପ୍ରଥମ ରାଉଣ୍ଡରେ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷ ଗେମ୍ ସହଜ ଡ୍ର ରଖିଛନ୍ତି। ଗ୍ରାଣ୍ଡ ଚେସ୍ ଟୁର୍‌ର ଅଂଶବିଶେଷ ଏହି ପ୍ରତିଯୋଗିତା ଖେଳାଯାଉଛି। ଅନ୍ୟପକ୍ଷରେ ଶାଖ୍ରିୟାର ମାମେଦୟାରୋଭ ତାଙ୍କ ପ୍ରଥମ ରାଉଣ୍ଡ ଗେମ୍‌ରେ ଆମେରିକାର ୱେସ୍‌ଲେ ସୋଙ୍କୁ ହରାଇ ଦେଇଛନ୍ତି। ରବିବାର ଫଇସଲା ହୋଇଥିବା ଅନ୍ୟ ଏକ ଗେମ୍‌ରେ ଆର୍ମେନିଆର ଲେଭନ ଆରୋନିଆନ ଚମତ୍କାର ପ୍ରଦର୍ଶନ ସହ ରୁଷିଆର ସର୍ଗେ କାର୍ଜାକିନ୍‌ଙ୍କୁ ହରାଇ ଦେଇଥିଲେ। ୧୦ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ରାଉଣ୍ଡ-ରବିନ୍ ବିଶିଷ୍ଟ ଟୁର୍ନାମେଣ୍ଟର ଅନ୍ୟ ଦୁଇଟି ଗେମ୍ ଡ୍ର’ ଭାବେ ଶେଷ ହୋଇଥିଲା। ମାକ୍ସିମ ଭାଚିର-ଲାଗ୍ରେଭ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କ ସହିତ ପଏଣ୍ଟ ବଣ୍ଟୁଆରା କରିଥିବାବେଳେ ଆମେରିକାର ଫାବିଆନୋ କାରୁଆନା ରୁଷିଆର ଆଲେକ୍‌ଜାଣ୍ଡର ଗ୍ରିସ୍‌ଚୁକ୍‌ଙ୍କ ବିପକ୍ଷ ଗେମ୍ ଅମୀମାଂସିତ ରଖିଥିଲେ। ୩୦୦୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ଆଉ ୮ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ମାମେଦୟାରୋଭ ଓ ଆରୋନିଆନ ପ୍ରତ୍ୟେକ ଗୋଟିଏ ପଏଣ୍ଟ ସହ ମିଳିତ ଅଗ୍ରଣୀ ଲାଭ କରିଥିବାବେଳେ ଆନନ୍ଦ, ନାକାମୁରା, କାର୍ଲସେନ, ଭାଚିର-ଲାଗ୍ରେଭ, କାରୁଆନା ଓ ଗ୍ରୀସ୍‌ଚୁକ୍ ଅଧା ପଏଣ୍ଟ ସହ ସେମାନଙ୍କ ପଛରେ ରହିଛନ୍ତି।

### ଆସାମ ସୁପର କପ୍ ଖେଳିବାକୁ ପ୍ରମୋଦଙ୍କୁ ନିମନ୍ତ୍ରଣ



**କଟକ ଅଫିସ, ୧୯।୮**

ସେପ୍ଟେମ୍ବର ୨୧ରେ ଆସାମରେ ହେବାକୁ ଥିବା ବାହୁ କୁସ୍ତି ଚାମ୍ପିୟନଶିପ୍ ସୁପର କପ୍ ଖେଳିବାକୁ ରାଜ୍ୟର ପ୍ରତିଭାବାନ୍ ବାହୁକୁସ୍ତି ଖେଳାଳି ପ୍ରମୋଦ ମୁଖୀଙ୍କୁ ନିମନ୍ତ୍ରଣ କରାଯାଇଛି। ଗତ ମେ’ରେ ଲକ୍ଷ୍ନୌର ରବିନ୍ଦ୍ରାଳୟ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ୪୨ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ପ୍ରମୋଦ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜୟୀ ହୋଇଥିଲେ। ଦେଶର ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜେତା ହୋଇଥିବାରୁ ଆସାମ ବାହୁକୁସ୍ତି ସଂଘ ଗତ ଦୁଇଦିନ ତଳେ ସ୍ୱତନ୍ତ୍ର ଭାବେ ମୋତେ ଏହି ନିମନ୍ତ୍ରଣ କରିଛି ବୋଲି ପ୍ରମୋଦ ସୂଚନା ଦେଇଛନ୍ତି। ସୁପର କପ୍‌ରେ ଆସାମର ଶ୍ରେଷ୍ଠ ୫ଜଣ ପ୍ରତିଯୋଗୀଙ୍କ ସହ ପ୍ରାଥମିକ ପର୍ଯ୍ୟାୟରେ ମୁକାବିଲା ହେବ। ପରେ ଦେଶର ଅନ୍ୟ ପ୍ରତିଭାମାନଙ୍କୁ ନେଇ ସେ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କଟକ ଅଲିସା ବଜାରର ପ୍ରମୋଦ ଅକ୍ଟୋବର ୧୩ରୁ ତୁର୍କୀର ଆଣ୍ଟାଲ୍ୟା ସହରରେ ହେବାକୁ ଥିବା ୪୦ତମ ବିଶ୍ୱ ଚାମ୍ପିୟନଶିପ୍ ନିମନ୍ତେ ମଧ୍ୟ ପ୍ରସ୍ତୁତି ଜୋର୍‌ଦାର ଚଳାଇଥିବା କହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରମୋଦ ସିନିୟର ପୁରୁଷ ୯୦ କେଜି ବର୍ଗରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉକ୍ତ ଚାମ୍ପିୟନଶିପ୍ ନିମନ୍ତେ ସେ ଆର୍ଥିକ ସଙ୍କଟ ମଧ୍ୟରେ ରହିଥିଲେ। ତାଙ୍କୁ ମୋଟ୍ ୧ଲକ୍ଷ ୫୪ହଜାର ଟଙ୍କା ଭାରତୀୟ ବାହୁକୁସ୍ତି ମହାସଂଘ ନିକଟରେ ପୈଠ କରିବାକୁ ହେବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଗତ ମାସରେ କଟକ ଜିଲାପାଳ ସୁଶାନ୍ତ ମହାପାତ୍ରଙ୍କ ଦ୍ୱାରା ଏକ ଘରୋଇ ସଂସ୍ଥା ୫୧ହଜାର ଟଙ୍କା ପ୍ରମୋଦଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା।

■ ରାଜ୍ୟସ୍ତରୀୟ ଉଷୁ ଚାମ୍ପିୟନଶିପ୍

## ସୁନ୍ଦରଗଡ଼ ଚାମ୍ପିୟନ

**ବେଲପାହାଡ଼, ୧୯।୮ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ଠାରେ ଚାଲିଥିବା ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଚାମ୍ପିୟନ ହୋଇଛି। ସୁନ୍ଦରଗଡ଼ର ପ୍ରତିଯୋଗୀମାନେ ୨୭ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜ୍ ପଦକ ସହ ଏହି ସଫଳତା ହାସଲ କରିଛନ୍ତି। ବଡ଼ବିଲ ଜିନ୍ଦଲରୁ ଆସିଥିବା ପ୍ରତିଯୋଗୀମାନେ ୨୭ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ୍ ପଦକ ପାଇ ପ୍ରଥମ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି। ସେହିପରି ଖୋର୍ଦ୍ଧାର ପ୍ରତିଯୋଗୀମାନେ ୧୩ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୨୧ଟି ବ୍ରୋଞ୍ଜ୍ ପଦକ ସହ ଦ୍ୱିତୀୟ ରନର୍ସଅପ୍ ଟ୍ରଫି ଜିତିଛନ୍ତି। ଶନିବାର ବେଲପାହାଡ଼ର ଜୁବୁଲି ହଲ୍‌ଠାରେ ଉଷୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟର ୨୭ଟି ଜିଲାରୁ ଆସିଥିବା ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ସାମନ୍ତରାୟ, ଶରତ ଦାସ, ଶୁଭ୍ରାଂଶୁ ପଣ୍ଡା, ଅନୁରାଧା ଡୋରା, ମିଥୁନ ଚକ୍ରବର୍ତ୍ତୀ, ବିନୋଦ ପ୍ରଧାନ, ସୁଜନ ରଥ, ଯୁଧିଷ୍ଠିର ଗୁରୁହାଣ୍ଡି, ବିଭୂତି ଭୂଷଣ ବେହେରା, ନଟବର ସେଠୀ, କିଶୋର ମହାନ୍ତି ଓ ନବୀନ ସିଂ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ରବିବାର ସନ୍ଧ୍ୟାରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଉଷୁ ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଆୟୋଜକ ସମ୍ପାଦକ ନବୀନ ସିଂ ଓ ଝାରସୁଗୁଡ଼ା ଜିଲା ଉଷୁ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ଉପସ୍ଥିତ ଥିଲେ।




ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଚାମ୍ପିୟନ ସୁନ୍ଦରଗଡ଼ ଜିଲାର ପ୍ରତିଯୋଗୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୦/୨୦୧୮ | Bhubaneswar, Monday, August 20/ 2018

# ଟଙ୍କା ମୂଲ୍ୟ କମୁଛି: ବିଦେଶରେ କାର୍ଯ୍ୟରତ ଶ୍ରମିକଙ୍କ ଖୁସି ବଢ଼ିଛି

**କେନ୍ଦ୍ରାପଡା ଅଫିସ, ୧୯।୮**

- ଘରକୁ ଆସୁଛି ଅଧିକ ଅର୍ଥ
- ଭାରତର ଅର୍ଥନୀତି ଉପରେ ପଡୁଛି କୁପ୍ରଭାବ

ଆମେରିକାନ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ କମିଛି । ଆମେରିକାର ୧ ଡଲାର ମୂଲ୍ୟ ଏବେ ଭାରତୀୟ ମୁଦ୍ରାରେ ୭୦ ଟଙ୍କା ଅତିକ୍ରମ କରିଛି। ଏହା ଭାରତୀୟ ଅର୍ଥନୀତି ଉପରେ ପ୍ରଭାବ ପକାଇବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଡଲାର ତୁଳନାରେ ଟଙ୍କା ମୂଲ୍ୟ କମି ଥିବାରୁ ବିଦେଶରେ କାମ କରୁଥିବା ଦାଦନ ଶ୍ରମିକଙ୍କ ପାଇଁ ଖୁସି ଆଣିଦେଇଛି। ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲାର ପ୍ରାୟ ୩୫ ହଜାର ଲୋକ ବିଦେଶରେ ଦାଦନ ଖଟୁଛନ୍ତି। ବିଶେଷକରି ସୌଦିଆରବ, ୟୁଏଇ, ଇରାନ, ଇରାକ, କୁଏତ, ବାହାରିନ ଆଦି ଦେଶରେ କେନ୍ଦ୍ରାପଡା ଜିଲାର ବହୁ ଲୋକ ଶ୍ରମିକଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପାଣି ପାଇପ୍ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଡଲାର ତୁଳନାରେ ଟଙ୍କାରେ ମୂଲ୍ୟ କମିଥିବାରୁ ବିଦେଶରୁ ପଠାଯାଉଥିବା ଅର୍ଥ ଭାରତୀୟ ମୁଦ୍ରାରେ ଅଧିକ ମିଳୁଛି। ଫଳରେ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇର ହାଡିବନ୍ଧୁ ନାୟକ କୁହନ୍ତି ଯେ, ପୁଅ ବିଜୟ ଦୁବାଇରେ ପାଣିମିସ୍ତ୍ରୀ କାର୍ଯ୍ୟ କରନ୍ତି। ଏବେ ଭାରତୀୟ ମୁଦ୍ରାର ଅବ ମୂଲ୍ୟାୟନ ଯୋଗୁ ପୁଅ ଘରକୁ ପଠାଉଥିବା ଟଙ୍କା ପୂର୍ବପେକ୍ଷା ଅଧିକ ମିଳୁଛି।ସେହିପରି ୟୁଏଇରେ ପ୍ଲମ୍ବର କାର୍ଯ୍ୟ କରୁଥିବା ଆଳିର ବସନ୍ତ ପ୍ରଧାନ କୁହନ୍ତି, ଗତ ବର୍ଷ ୟୁଏଇର ଗୋଟିଏ ମୁଦ୍ରା ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୧୭ ଟଙ୍କା ରହିଥିଲା । ଏବେ ଏହା ୧୯ ଟଙ୍କା ଅତିକ୍ରମ କରିଛି। ଏବେ ଏକ କୁଏତ ମୁଦ୍ରା ବଦଳରେ ୨୩୧ରୁ ଉର୍ଦ୍ଧ୍ୱ ଟଙ୍କା ମିଳୁଛି । ଏହାଦ୍ୱାରା ଘରର ଆବଶ୍ୟକତାକୁ ସହଜରେ ପୂରଣ କରିହେଉଛି ବୋଲି ସେ କହିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ରାଜକନିକା ଅଞ୍ଚଳର ବହୁ ଲୋକେ କାମ ଅନ୍ୱେଷଣରେ ବିଦେଶକୁ ଯିବାକୁ ଆଗଭର ହେଉଛନ୍ତି ବୋଲି ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରକାଶ କରିଛନ୍ତି। ଏହା ଦେଶର ଅର୍ଥନୀତି ଉପରେ କୁପ୍ରଭାବ ପକାଉଛି ବୋଲି ସେ କହିଛନ୍ତି।

# ଯୋଗାଣ ବିଭାଗ ଯୁଗ୍ମ ସଚିବଙ୍କ ମାର୍ଶାଘାଇ ଗସ୍ତ

**ମାର୍ଶାଘାଇ ୧୯।୮ (ଡି.ଏନ୍.ଏ.)**

ରାଜ୍ୟ ଯୋଗାଣ ବିଭାଗର ଯୁଗ୍ମ ସଚିବ ଶକୁନ୍ତଳା ବିନ୍ଧାଣି ମାର୍ଶାଘାଇ ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାର ସମୀକ୍ଷା କରିଛନ୍ତି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ମାର୍ଶାଘାଇ ବ୍ଲକ୍ କାର୍ଯ୍ୟାଳୟରେ ସମୀକ୍ଷା କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ରାପଡା ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ଜିଲା ସହକାରୀ ଯୋଗାଣ ଅଧିକାରିଣୀ ରଶ୍ମିତା ସାହୁ, ବ୍ଲକ ଯୋଗାଣ ନିରୀକ୍ଷକ ରବୀନ୍ଦ୍ରନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ: ୨ ଗୁରୁତର

**କୋରେଇ,୧୯।୮(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ତାହାରପୁର ପଞ୍ଚାୟତ କୁଆଁରଦା ଗ୍ରାମରେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ କୋରେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକଶ ଯେ, କୁଆଁରଦା ଗ୍ରାମର ବିଦ୍ୟାଧର ସାହୁଙ୍କ ଅଭିଯୋଗ ମୁତାବକ ସେ ଗ୍ରାମରେ ଥିବା ତାଙ୍କ ଦୋକନରେ ବସିଥିଲେ । ଉକ୍ତ ଗ୍ରାମର ଉଦୟ ସାହୁ ଓ ସଦାନନ୍ଦ ସାହୁ ମଧ୍ୟ ସେଠାରେ ଥିଲେ । ସେହି ସମୟରେ ଘନ ମହାରଣା ଆସି ପୂର୍ବରୁ ଥିବା କେବିନ ଭଡାକୁ ନେଇ ସଦାନନ୍ଦଙ୍କ ସହ ଝଗଡା କରିଥିଲେ । ଉଦୟ ଏହାର ପ୍ରତିବାଦ କରିବାରୁ ଘନଙ୍କ ସାନପୁଅ ଟିଟୁଆ ଆସି ତାଙ୍କୁ ମାଡ ମାରିଥିଲେ । ଉଦୟ ତଳେ ପଡିଯିବାରୁ ବିଦ୍ୟାଧର କେବିନରୁ ଓହ୍ଲାଇ ଆସି ତାଙ୍କୁ ରକ୍ଷା କରିବାରୁ ଘନ ତାଙ୍କୁ ମାଡ ମାରିଥିଲେ । ବିଦ୍ୟାଧରଙ୍କ ବଡ଼ଭାଇ ବନମାଳୀ ପ୍ରତିବାଦ କରିବାରୁ ତାଙ୍କୁ ରଡ଼ରେ ପିଟି ରକ୍ତାକ୍ତ କରିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ସେମାନେ ଫେରାର ହୋଇଯାଇଥିଲେ । ବିଦ୍ୟାଧର ଏବଂ ବନମାଳୀଙ୍କୁ ପ୍ରଥମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା’ ଉଦ୍ଦେଶ୍ୟ ବିଷୟରେ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍



## ସଂକ୍ଷେପରେ

### ଛିଡ଼ିଲା ୧୧ କେଭି ତାର, ବର୍ତ୍ତିଲେ ଛାତ୍ରୀଛାତ୍ର

**ଯାଜପୁରରୋଡ,୧୯।୮(ନି.ପ୍ର):** ବ୍ୟାସନଗର ପୌର ପରିଷଦର ଜବାହର ନୋଡାଲ ଚୋରଦା ସ୍କୁଲ ପରିସରରେ ଶନିବାର ୧୧ କେଭି ତାର ଛିଡି ଯାଇଥିଲା। ସେଦିନ ଶନିବାର ଯୋଗୁ ସକାଳୁଆ ସ୍କୁଲ ଥିବାରୁ ଛାତ୍ରୀଛାତ୍ର ବଡ଼ ବିପଦରୁ ରକ୍ଷା ପାଇଛନ୍ତି। ସ୍କୁଲ ନିକଟରେ ଏକ ଟେଲିଫୋନ୍ ଟାୱାର ରହିଛି। ସ୍କୁଲ ପରିସର ଦେଇ ୧୧ କେଭି ତାର ଟାୱାର ଟ୍ରାନ୍ସଫର୍ମରରେ ସଂଯୋଗ ହୋଇଛି। ସରକାରୀ ନିୟମ ଉଲ୍ଲଂଘନ କରି ବିଦ୍ୟୁତ୍ ବିଭାଗ ଏପରି କରିଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୋରଦା ଜବାହର ନୋଡାଲ ସ୍କୁଲରୁ ୧୧ କେଭି ତାର ହଟାଇବା ପାଇଁ ଗ୍ରାମର ପ୍ରଦ୍ୟୁମ୍ନ କୁମାର ବୋଇତାଇ ଓ ପବିତ୍ର ମହାନ୍ତି ଦାବି କରିଛନ୍ତି। ଏହିପରି ଭାବେ ଯାଜପୁର ରୋଡ ସହରର ଅନେକ ସ୍କୁଲ ପରିସର ଦେଇ ୩୩ କେଭି ଓ ୧୧ କେଭି ଲାଇନ୍ ଯାଇଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ୪୯୬ଜଣ ଦେଲେ ବୃତ୍ତି ପରୀକ୍ଷା

ଦଶରଥପୁର,୧୯।୮(ଡିଏନ୍ଏ)- ଦଶରଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ତୃତୀୟ ଓ ପଞ୍ଚମ ଶ୍ରେଣୀର ୪୯୬ଜଣ ଛାତ୍ରୀଛାତ୍ର ଶନିବାର ବୃତ୍ତି ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଲାଗି ବ୍ଲକର ମହତାବ ନୋଡାଲ ଉପ୍ରା ବିଦ୍ୟାଳୟ ମଙ୍ଗଳପୁର ଏବଂ କେ.ସି ଜେନା ନୋଡାଲ ଉପ୍ରା ବିଦ୍ୟାଳୟ ବିନ୍ଧାଚାନ୍ଦପୁରକୁ ସେଣ୍ଟର କରାଯାଇଥିଲା। ମହତାବ ନୋଡାଲ ଉ.ପ୍ରା ବିଦ୍ୟାଳୟରେ ୯ଜଣ ଓ ପଞ୍ଚମ ଶ୍ରେଣୀରେ ୧୬ଜଣ ଅନୁପସ୍ଥିତ ଥିଲେ। ସେହିପରି କେ.ସି.ଜେନା ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟରେ ୩ୟ ଶ୍ରେଣୀରେ ୩ଜଣ ଓ ପଞ୍ଚମ ଶ୍ରେଣୀର ୮ଜଣ ଅନୁପସ୍ଥିତ ରହି ମୋଟ୍ ୨ସେଣ୍ଟରରେ ୪୯୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏବିଇଓ ହୃଷିକେଶ ବେହେରା ଓ କେ.ସି. ଜେନା ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ଏବିଇଓ ରବିନାରାୟଣ ତ୍ରିପାଠୀ ପରୀକ୍ଷା ପରିଚାଳନା କରିଥିଲେ।

### ରେଳ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ

**କଳିଙ୍ଗନଗର,୧୯।୮ (ଡି.ଏନ୍.ଏ):** ରେଳ ବିଭାଗରେ ଲାଇନ ମ୍ୟାନ ଥିବା ବିଜୟ ସାହୁ(୨୬)ଙ୍କର ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ଘର ଆଠଗଡର ବଡମ୍ବା ଠାରେ ହୋଇଥିବା ବେଳେ ସେ ବଲ୍ଲଭ ସାହୁଙ୍କ ପୁଅ ବୋଲି ଜଣାପଡ଼ିଛି। ସେ ଶନିବାର ରାତିରେ ଭିସା ଜିନ୍ଦଲ ମଧ୍ୟରେ ଥିବା ରେଳ ଲାଇନ ଧାରଣାକୁ ଯାଞ୍ଚ କରିବାକୁ ଯାଉଥିଲେ। ଯାଉଥିବା ସମୟରେ ହଠାତ୍ ତାଙ୍କର ମୁଣ୍ଡ ବୁଲାଇବାରୁ ସେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରାଯାଇ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଖପୁରା ପୋଲିସ ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ-୮/୧୮) ରୁଜୁ କରିଛି।

■ରାମ୍‌କୋକୁ ଭୂତଳ ଜଳ ବ୍ୟବହାର ଅନୁମତି

# ଦୈନିକ ୧୦୦ କିଲୋଲିଟର ଶୋଷିବ

ଯାଜପୁର ଅଫିସ,୧୯।୮

■ଖରାଦିନେ ପାଣି ପାଇଁ ହନ୍ତସନ୍ତ ହେବେ ଅଞ୍ଚଳବାସୀ
■ଜନଶୁଣାଣି ନ କରି ଚଳାଇଛି କାରଖାନା କାର୍ଯ୍ୟ
■ଜନଶୁଣାଣି ନ ହେଲେ ଇସି ମିଳିବ ନାହିଁ

ପରିବେଶଗତ ଅନୁମତି (ଏନ୍‌ଭାଇରନ୍‌ମେଣ୍ଟ କ୍ଲିୟରାନ୍ସ) ପ୍ରାପ୍ତ କିମ୍ବା ଜନଶୁଣାଣିର ଆୟୋଜନ କରି ନ ଥିବା ଏକ ସିମେଣ୍ଟ କମ୍ପାନୀକୁ ଅଯାଚିତ ଭାବେ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି। ଏଥିରେ ଜଣେ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଆଶୀର୍ବାଦ ରହିଥିବାରୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁରଠାରେ ନିର୍ମାଣାଧିନ ରାମକୋ ସିମେଣ୍ଟ କାରଖାନାରେ ଏହିସବୁ ବେଆଇନ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଚଳିତ ମାସ ପ୍ରଥମ ସପ୍ତାହରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ରାମକୋକୁ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଥମେ ଜନଶୁଣାଣି ଓ ପରେ ପରିବେଶଗତ ଅନୁମତି ନ ମିଳିବା ପର୍ଯ୍ୟନ୍ତ କୌଣସି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା କରିପାରିବ ନାହିଁ ବୋଲି ଆଇନ ରହିଛି। କିନ୍ତୁ ରାମକୋ କ୍ଷେତ୍ରରେ ଏହି ଆଇନର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶାର ବିକାଶରେ ଶିଳ୍ପ ହିଁ ମୁଖ୍ୟ ଆୟୁଦ୍ଧ ବୋଲି ମନେ କରି ସରକାର ଓ ପ୍ରଶାସନିକ ଅଧିକାରୀ ଶିଳ୍ପକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଯାଜପୁର ଜିଲାରେ ଶିଳ୍ପ କମ୍ପାନୀକୁ ଅଖଣ୍ଡ କ୍ଷମତା ଦିଆଯାଇଛି। କମ୍ପାନୀ ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ କଥା ବୁଝିବାକୁ କାହାରି ପାଖରେ ସମୟ ନାହିଁ। କମ୍ପାନୀ ସପକ୍ଷରେ ଯାଉଥିବା ବ୍ୟକ୍ତି ରାତାରାତି ଲକ୍ଷପତି ହୋଇଯାଉଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇମାମି ଓ ଜେଏସ୍‌ଡବ୍ଲ୍ୟୁ ଜନଶୁଣାଣିରେ ଲୋକଙ୍କ ସମର୍ଥନ ନେଇ କାରଖାନା ପ୍ରତିଷ୍ଠା କରୁଛନ୍ତି। କିନ୍ତୁ ଏକ ଅଣଓଡିଆ ସଂସ୍ଥା ରାମକୋ ଉପରେ ଜନଶୁଣାଣି ମାଫ୍ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଏକ ଓଡ଼ିଆ ସିମେଣ୍ଟ କମ୍ପାନୀ ଯାଜପୁର ସିମେଣ୍ଟକୁ ଜନଶୁଣାଣି କରିବାକୁ ବାଧ କରାଯାଇଛି। ତାମିଲନାଡୁ ରାଜ୍ୟର ବିରୁଧୁନଗର ରାଜାପଲାୟମ ତହସିଲ ଅଧୀନ ଏହି କମ୍ପାନୀ ୪୪୦ କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ନିର୍ମାଣାଧିନ ଅବସ୍ଥାରେ ରହିଛି। ଏଥିପାଇଁ ବାଟିଜଙ୍ଗା, ଟେଲର, ଥାନୁଆଳ, ଜୋଗଡା, ମୁରାରୀପୁର, ନାନପୁର, ହରିଦାସପୁର, ଉଡଙ୍ଗା, ବାଜବାଟି, ଭାତୁରୁପୋଷି ଓ ରଥିଆ ଗ୍ରାମ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବେ। କାରଖାନା ଉତ୍ପାଦନ ଆରମ୍ଭ ହେଲେ ନିଶ୍ଚିତ ଭାବରେ ଲୋକେ ପ୍ରଦୂଷଣ ଯାତନା ସହିବେ। ତଥାପି ଜନଶୁଣାଣି ନ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜନଶୁଣାଣି ନ କରି ନିର୍ମାଣରେ ଲାଗିଥିବା ଏହି ରାମକୋ କମ୍ପାନୀକୁ ଏବେ ଜଳସମ୍ପଦ ବିଭାଗ ପକ୍ଷରୁ ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଏଥିପାଇଁ ଗତ ୨୩।୬।୨୦୧୮ରେ ଡିଏଲଇସି ବୈଠକରେ ମଞ୍ଜୁର ହେବା ପରେ ଜାରକା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୨୭୬୬/ଡବ୍ଲ୍ୟୁଇ/୨୧।୭।୨୦୧୮ରେ ଅନୁପାଳନ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଜଳସମ୍ପଦ ବିଭାଗର ଚିଫ ଇଞ୍ଜିନିୟର ବିଭୂତିଭୂଷଣ ଧଳ ତାଙ୍କ ପତ୍ରସଂଖ୍ୟା ୨୩୬୫୭/୧।୮।୨୦୧୮ରେ ୧୭ ଦଫା ବିଭିନ୍ନ ସର୍ତ୍ତ ରଖି ଭୂତଳ ଜଳ ବ୍ୟବହାର କରିପାରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ପତ୍ରସଂଖ୍ୟା ୫୧୬/୧।୩।୨୦୧୬ରେ ସଂସ୍ଥାଗୁଡିକ ନିଜ ନିଜ କାରଖାନା ଅଞ୍ଚଳରେ ବୋରୱେଲ ଖନନ କରି ଭୂତଳ ଜଳ ବ୍ୟବହାର କରୁଥିବାରୁ ଜଳସ୍ତର ନିମ୍ନଗାମୀ ହୋଇ ଖରା ଦିନେ ନଳକୂପଗୁଡିକରୁ ଆବଶ୍ୟକ ପାଣି ବାହାରୁ ନ ଥିବା ସ୍ୱୀକାର କରିଛନ୍ତି। ଏଭଳିସ୍ଥଳେ ରାମକୋ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କଲେ ନିଶ୍ଚିତ ଭାବେ ଅଞ୍ଚଳବାସୀ ପାଣି ପାଇଁ ଉଦ୍‌ବେଳିକଳ ହେବେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଆଞ୍ଚଳିକ ଅଧିକାରୀ(ଆରଓ) ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ପଚାରିବାରୁ, ଜନଶୁଣାଣି ନ ହେଲେ ପରିବେଶଗତ ଅନୁମତି ମିଳିବା କଥା ନୁହେଁ ପରିବେଶ ଅନୁମତି ମିଳିବା ପୂର୍ବରୁ କମ୍ପାନୀ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ। ରାମକୋ କ୍ଷେତ୍ରରେ କେଉଁ ନିର୍ଦ୍ଦେଶ ଦିଆଯାଇଛି ତାହା ଅନୁଧ୍ୟାନ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଖାଦାନ ଜବରଦଖଲକୁ ନେଇ ଗଣ୍ଡଗୋଳ ଘଟଣା, ଜଣେ କୋର୍ଟ ଚାଲାଣ

ଧର୍ମଶାଳା,୧୯।୮(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡରେ ଏକ ବେଆଇନ କଳାପଥର ଖାଦାନ ଜବରଦଖଲକୁ ନେଇ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବିଛାଖଣ୍ଡି ଗ୍ରାମର ଘନଶ୍ୟାମ ମଳିକ। ଗତ ୧୨ତାରିଖରେ ବିଛାଖଣ୍ଡିରେ ଥିବା ବେଆଇନ କଳାପଥର ଖାଦାନକୁ ଜବରଦଖଲ କରି ପଥର ଉତ୍ତୋଳନ କରିବାକୁ ନେଇ ଉକ୍ତ ଗ୍ରାମର ୨ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ବେଆଇନ ଖାଦାନ ହୋଇଥିବାରୁ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲା। ଜେନାପୁର ଥାନା ପୋଲିସ ଏ ସମ୍ପର୍କରେ ଖବର ପାଇ ନିଜ ଆଡୁ ଏକ ମାମଲା (୨୦୯/୧୮)ରେ ରୁଜୁ କରି ତଦନ୍ତ ଚଲାଇଥିଲା ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି।

■ବ୍ୟବସାୟୀଙ୍କୁ ଆକ୍ରମଣ କରି ଫେରାର ଉଦ୍ୟମ

# ଲୁଟେରାଙ୍କୁ କାବୁ କଲେ ଲୋକେ

ଦଶରଥପୁର/ବିରଜାକ୍ଷେତ୍ର,୧୯।୮ (ଡିଏନ୍ଏ)



କେନାଲରେ ପଡିଥିବା ଲୁଟେରାଙ୍କ ବାଇକ୍।

ଦଶରଥପୁର ବ୍ଲକ ଅନ୍ତର୍ଗତ ନନ୍ଦିପୁର-ରାମବାଗ ରାସ୍ତା କରତରା ପୋଲ ନିକଟରେ ୨ଜଣ ଲୁଟେରା ଏକ ବାଇକ୍‌ରେ ଆସି ଜଣେ କୁକୁଡା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହ ତାଙ୍କଠାରୁ ନଗଦ ୧୨ ହଜାର ଟଙ୍କା, ମୋବାଇଲ୍ ଏବଂ ସୁନାମୁଦି ଲୁଟ୍ କରି ଖସି ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଲୁଟେରାଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିବା ଜଣାଯାଇଛି। ସୂଚନା ଯେ, ବିଞ୍ଝାରପୁର ବ୍ଲକ ଶାସନ୍ଦା ଅଞ୍ଚଳର କୁକୁଡା ବ୍ୟବସାୟୀ ମହମ୍ମଦ ଫରିଦ୍ ନନ୍ଦିପୁରରୁ ସନ୍ଧ୍ୟାରେ ଫେରୁଥିବା ବେଳେ ୨ଜଣ ଯୁବକ ଏକ ନମ୍ବର ବିହୀନ ବାଇକ୍‌ରେ ଆସି ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ଏହାପରେ ତାଙ୍କ ପାଖରେ ଥିବା ଟଙ୍କା, ମୋବାଇଲ୍ ଏବଂ ଏକ ସୁନାମୁଦି ଲୁଟ୍ କରି ଚାଲି ଯିବାକୁ ଉଦ୍ୟମ କରିଥିଲେ। ମହମ୍ମଦ ତତ୍‌କ୍ଷଣାତ୍ ସ୍ଥାନୀୟ ଲୋକଙ୍କୁ ଘଟଣା ସମ୍ପର୍କରେ ପ୍ରକାଶ କରିବାରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଲୁଟେରାଙ୍କ ପିଛା କରିଥିଲେ। ଲୁଟେରା ଦ୍ୱୟ ଖସି ପଳାଉଥିବା ରାସ୍ତାରେ ଗହଳି ଯୋଗୁ ଯାଜପୁର ଟାଉନ ସିଂହପୁର ରାସ୍ତା ବାଲିପଦା ଛକ ନିକଟରେ ବାଇକ୍‌ଟିକୁ କେନାଲ ଭିତରକୁ ଠେଲିଦେଇ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଜଣେ ଲୁଟେରା ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିଯାଇଥିବା ବେଳେ ଅନ୍ୟ ଜଣେ ଖସି ପଳାଇ ଯିବାକୁ ସକ୍ଷମ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ଲୁଟେରାଙ୍କୁ କାବୁ କରି ନିସ୍ଥୁକ ଛେଚିବା ପରେ ଯାଜପୁର ଟାଉନ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଉକ୍ତ ଲୁଟେରା ଓ ଲୁଟରେ ବ୍ୟବହୃତ ନମ୍ବରବିହୀନ ବାଇକଟିକୁ ଜବତ କରିଛି। ଧରା ପଡ଼ିଥିବା ଲୁଟେରା ଜଣଙ୍କ ନିଜ ଠିକଣା ସିଂହପୁର ଅଞ୍ଚଳରେ ବୋଲି କହୁଥିବାବେଳେ ଖସି ପଳାଇଥିବା ଲୁଟେରାର ଘର ଯାଜପୁର ପୌରାଞ୍ଚଳରେ ବୋଲି କହୁଥିବା ଶୁଣାଯାଇଛି। ତେବେ ଲୁଟେରାଙ୍କ ନାଁ ଜଣାପଡ଼ି ନାହିଁ।

### ବିଶ୍ୱ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ରସୁଲପୁର,୧୯।୮(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁରସ୍ଥିତ କଳିଙ୍ଗ ପାଠାଗାର ପକ୍ଷରୁ ଗୁରୁବାର ବିଶ୍ୱ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଥିଲା। ଅପରାହ୍ନରେ ଚଣ୍ଡିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୋବର୍ଦ୍ଧନ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ବୈଦ୍ୟନ୍ଦ୍ରନାଥ ସାହୁ, ସମ୍ମାନିତ ଅତିଥି ଭାବେ ବାବୁଲି ସାହୁ, ସନ୍ତୋଷ ସାହୁ, ବୁଲୁ ସାହୁ, ଶୁଭଲକ୍ଷ୍ମୀ ସାହୁ, ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ଯୋଗଦେଇ ପାଠାଗାର ତରଫରୁ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ୨୬ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପାଠାଗାରର ସମ୍ପାଦକ ବିଷ୍ଣୁଚରଣ ସାହୁଙ୍କ ଦ୍ୱାରା ରଚିତ ‘ବିଶ୍ୱ ପାଇଁ ଦିନଟିଏ’କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ଆବର୍ଜନାରେ ପରିପୂର୍ଣ୍ଣ ଗୋପବନ୍ଧୁ ଛକ

ଯାଜପୁରରୋଡ,୧୯।୮(ନି.ପ୍ର)

ଯାଜପୁରରୋଡ ସହରର ଗୋପବନ୍ଧୁ ଛକରେ ଏବେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି କାର୍ଯ୍ୟ କରାଯାଉଥିଲା। ଅନ୍ୟପକ୍ଷରେ ପ୍ରତିମୂର୍ତ୍ତି ପାଖରେ ବିଭିନ୍ନ ଫାଷ୍ଟଫୁଡ୍ ଦୋକାନ ଖୋଲିଥିବାରୁ ଏଠାରେ କୁଢ କୁଢ ଅଳିଆ ଗଦା ହେଉଛି। ଅଳିଆ ସଫା କରା ନ ଯିବାରୁ ଦୁର୍ଗନ୍ଧ ବାହାରୁଛି। ପୋଲିସ୍ ଓ ପୌର ପରିଷଦ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପୂଜ୍ୟପୂଜାଙ୍କୁ ସମ୍ମାନ ଦେବାପାଇଁ ପୌର ପରିଷଦ ପକ୍ଷରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ହେଲେ ଏହାର ଚତୁଃପାର୍ଶ୍ୱରେ ଅଳିଆ ଗଦା ହେବା କେତେଦୂର ସମୀଚୀନ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାଜପୁର ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଶ୍ରମିକ ନେତା ପରମାନନ୍ଦ ସେଠୀ ଶନିବାର ଲିଖିତ ଭାବେ ଜଣାଇଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ସେ ସୂଚନା ଦେଇଛନ୍ତି।



ଗୋପବନ୍ଧୁ ଛକ।

## ମାରପିଟ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ରସୁଲପୁର,୧୯।୮(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତର ଓରାଳି ଗ୍ରାମର କେଶବ ନାୟକ (୨୪) ବଡ ନିରଞ୍ଜନପୁର ଗ୍ରାମର ସୁଶାନ୍ତ ସାହୁଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ତାଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ମାଡପିଟ୍ ହୋଇଥିଲା। ଏ ନେଇ ସୁଶାନ୍ତ ଶନିବାର ସନ୍ଧ୍ୟାରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ସୁଶାନ୍ତ କୁଆଖିଆ ଥାନା ଅନ୍ତର୍ଗତ ସରିଫାବାଦ ଗ୍ରାମସ୍ଥ ତାଙ୍କ ପିଉସାଙ୍କ ଘରକୁ ଯାଇଥିଲେ। ଏହା ଜାଣି କେଶବ ଓ ତାଙ୍କର ଦୁଇଜଣ ସାଙ୍ଗ ମିଶି ପିଉସାଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ମାଡ ମାରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ-୧୩୨/୧୮) ରୁଜୁ କରି ତାଙ୍କୁ ଗିରଫ କରିଥିଲା।

## ରତ୍ନଗିରିରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ଦାବି

ବରୀ,୧୯।୮(ସ୍ୱ.ପ୍ର)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବୌଦ୍ଧ କୀର୍ତ୍ତିରାଜି ରତ୍ନଗିରି ପଞ୍ଚାୟତରେ ସର୍ବଦା ଜନଗହଳି ରହିଥାଏ। ଦୈନିକ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ଫଳରେ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରତ୍ନଗିରି ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ ବିଟ୍ ହାଉସ ଖୋଲାଯାଇଥିଲା। ଦୀର୍ଘଦିନ ଧରି ଏହି ବିଟ୍ ହାଉସ ଚାଲିଥିବାବେଳେ ଏବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ବିଟ ହାଉସ୍ ଉଠାଇ ନିଆଯାଇଛି। ରତ୍ନଗିରି ପାହାଡ଼ ଓ ସଂଗ୍ରହାଳୟକୁ ଆସୁଥିବା ପର୍ଯ୍ୟଟକ ସୁରକ୍ଷିତ ମନେ କରୁ ନ ଥିବା ଅଭିଯୋଗ କରିଛନ୍ତି। ରତ୍ନଗିରି ପଞ୍ଚାୟତ ବରୀ ଥାନା ଅଧୀନରେ ରହିଥିବାବେଳେ ରତ୍ନଗିରି ଏଠାରୁ ୧୨ କି.ମି ଦୂର। ଏପରି କି ବୌଦ୍ଧ ପଥର ଖୋଦିତ ମୂର୍ତ୍ତି ଚୋରି ହୋଇଥିବା ପୋଲିସ ଫାଇଲରେ ରହିଛି। ସନ୍ଧ୍ୟା ହେଲେ ରତ୍ନଗିରି ବଜାର, କେଲୁଅଛକ, ପାହଡତଳ, କୃଷ୍ଣଦାସପୁର ରାସ୍ତାର ଡାହାଣ ପାର୍ଶ୍ୱ ବାଘପାହଡ ଛକ ନିକଟରେ ଅସାମାଜିକ ଯୁବକ ଓ ମଦ୍ୟପଙ୍କ ଆଡ୍ଡା ଜମିଥାଏ। ଏସବୁକୁ ଦୃଷ୍ଟିରେ ରଖି ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ହେଲେ କେବେ ପ୍ରତିଷ୍ଠା ହେବ ସଠିକ ଖବର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ସଠିକ୍ ସୂଚନା ମିଳିପାରୁ ନାହିଁ। ରତ୍ନଗିରି ଅଞ୍ଚଳରେ ଦିନକୁଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ବରୀ ପୋଲିସ ପକ୍ଷରୁ ପାଟ୍ରୋଲିଙ୍ଗ କରାଯାଉଛି। ତେବେ ସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ପାଇଁ ସାଧାରଣରେ ଦାବି ଜୋର ଧରିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମିନାଙ୍କୁ ଯୋଗାଯୋଗ କରିବାରେ, ରତ୍ନଗିରିରେ ଫାଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି ବୋଲି କହିଛନ୍ତି।

## ପ୍ରତ୍ନତତ୍ତ୍ୱ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉଦୟଗିରି ପରିଦର୍ଶନ



ପ୍ରତ୍ନତତ୍ତ୍ୱ ସୁପରିଣ୍ଟେଣ୍ଡେଣ୍ଟ ଉଦୟଗିରି ପରିଦର୍ଶନ କରୁଛନ୍ତି।

ବାଲିଚନ୍ଦ୍ରପୁର,୧୯।୮(ସ୍ୱ.ପ୍ର.)

ଯାଜପୁର ଜିଲା ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ବୌଦ୍ଧ ବିହାରଠାରେ ରବିବାର ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭ୍ୟ ଉମାକାନ୍ତ ବଳ ସଭାପତିତ୍ୱ କରିଥିଲେ। ବୈଠକ ଚାଲିଥିବାବେଳେ ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲିକ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜୀବ ଦ୍ୱିବେଦୀ ଲଳିତଗିରି ପରିଦର୍ଶନ କରି ଉଦୟଗିରିଠାରେ ପହଞ୍ଚିଥିଲେ। ସମିତି ପକ୍ଷରୁ ସେମାନଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ବୌଦ୍ଧପୀଠ ଉଦୟଗିରିଠାରେ ନିର୍ମାଣାଧୀନ ପାଚେରି, ରାସ୍ତା, ଗାଡ଼ି ପାର୍କିଂ ସ୍ଥାନ, ଶୌଚାଳୟ ଆଦି ପରିଦର୍ଶନ କରି ଫେରିଯାଇଥିଲେ। କମିଟି ସଦସ୍ୟଙ୍କ ସହିତ ଉଦୟଗିରିର ବିଭିନ୍ନ ଉନ୍ନୟନ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରତ୍ନଗିରି ଓ ଲଳିତଗିରିଠାରେ ସେଠାକାର ଆବିଷ୍କୃତ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ପାଇଁ ମ୍ୟୁଜିୟମ ପ୍ରତିଷ୍ଠା ସରିଥିବାବେଳେ ଉଦୟଗିରିରୁ ଆବିଷ୍କୃତ ବହୁଳ କୀର୍ତ୍ତିରାଜିଗୁଡ଼ିକର ସରଂକ୍ଷଣର ଆବଶ୍ୟକତା ରହିଛି। ତେଣୁ ମ୍ୟୁଜିୟମ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମିତି ସମ୍ପାଦକ ମହେଶ୍ୱର ବଳ ବିବରଣୀ ପାଠ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଈଶ୍ୱର ଚନ୍ଦ୍ର ପରିଡ଼ା, ପ୍ରଦୀପ ଦେଓ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପଞ୍ଚାନନ ଧଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଶାନ୍ତି, ଭାଗ୍ୟଧର ସାହୁ, କିଶୋର ଚନ୍ଦ୍ର ଦାସ, ରତିକାନ୍ତ ପ୍ରଧାନ, ଶୈଳେନ୍ଦ୍ର ରାୟ, ଉମ୍ବରୁଧର ଜେନା, ଅନିରୁଦ୍ଧ ପାଢ଼ୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଆଇଜି ମହିଳା ମହାବିଦ୍ୟାଳୟରେ ପିଛା ଛାଡୁନି ସମସ୍ୟା

ଯାଜପୁରରୋଡ,୧୯।୮(ନି.ପ୍ର)

■ଯୁକ୍ତ ୨ ବାଣିଜ୍ୟ ଓ ଯୁକ୍ତ ୩ ବିଜ୍ଞାନ ବିଭାଗ ଖୋଲିବା ପାଇଁ ଦାବି
■ଖାଲି ପଡ଼ିଛି ଯୁକ୍ତ ୨ ଓଡ଼ିଆ, ଇଂଲିଶ ବିଭାଗ ଅଧାପିକା ଅଧାପକ ପଦବୀ
■ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର ପାଇଁ ଦାବି

ନାରୀ ଶିକ୍ଷାର ପ୍ରସାର ପାଇଁ ତତ୍କାଳୀନ କୋରେଇ ବିଧାୟକ ରାମଚନ୍ଦ୍ର ଖୁଣ୍ଟିଆ ଯାଜପୁରରୋଡରେ ୧୯୮୭ରେ ଇନ୍ଦିରା ଗାନ୍ଧୀ(ଆଇଜି) ମହିଳା ମହାବିଦ୍ୟାଳୟ ସ୍ଥାପନ କରିଥିଲେ। ଏହି ମହାବିଦ୍ୟାଳୟ ବହୁ ସମସ୍ୟାର ସମ୍ମୁଖୀନ କରି ଏବେ ଜିଲା ତଥା ରାଜ୍ୟରେ ଏକ ପ୍ରମୁଖ ମହାବିଦ୍ୟାଳୟ ଭାବେ ପ୍ରସିଦ୍ଧି ଲାଭ କରିଛି। ପ୍ରତିଷ୍ଠା ସମୟରେ ବ୍ୟାସନଗର ପୌର ପରିଷଦର ବହୁ ଜ୍ଞାନୀ, ଗୁଣି, ବୁଦ୍ଧିଜୀବୀ ଓ ରାଜନେତା ବିଧାୟକ ଖୁଣ୍ଟିଆଙ୍କୁ ସହଯୋଗ କରିଥିଲେ। କଲେଜର ବିକାଶ ପାଇଁ ପୂର୍ବତନ ଅଧକ୍ଷା ସ୍ୱର୍ଗତା ଲଳିତା ରାଉତଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ। ଯୁକ୍ତ ୨ କଳାରେ ମୋଟ ୫୧୨ ଛାତ୍ରୀ ଥିବାବେଳେ ବିଜ୍ଞାନରେ ୧୯୨ ଛାତ୍ରୀ ଅଧ୍ୟୟନରତ। ଏଥିରୁ ଭୋକେସନାଲ୍‌ରେ ୪୮ ଜଣ ଛାତ୍ରୀ ଅଛନ୍ତି। ସେହିପରି ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ଏବଂ ତୃତୀୟ ବର୍ଷରେ ମୋଟ ୪୮୩ ଛାତ୍ରୀ ପାଠ ପଢୁଛନ୍ତି। ଗୁଣାତ୍ମକ ଶିକ୍ଷା ଦିଆଯାଉଥିବାରୁ ପରୀକ୍ଷା ଫଳ ଶତକଡା ୮୦ ହେଉଛି। ବିଶେଷକରି ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥନୀତି ଛାତ୍ରୀମାନେ ଭଲ ନମ୍ବର ରଖୁଛନ୍ତି। ଯୁକ୍ତ ୩ରେ ବିଜ୍ଞାନ ବିଭାଗ ଖୋଲିବା ପାଇଁ ଛାତ୍ରୀମାନଙ୍କ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ ସରକାର ଅନୁମତି ନ ଦେବାରୁ ବିଜ୍ଞାନ ବିଭାଗ ଖୋଲାଯାଇ ପାରୁନାହିଁ। ମହାବିଦ୍ୟାଳୟର ବହୁ ଛାତ୍ରୀ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୌଡରାଣୀ ଦୂତୀ ଚାନ୍ଦ, ଆୟସା କାଣ୍ଡୁଲିନା, ଆସାୟିନୀ କାଣ୍ଡୁଲିନା ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ହେଲେ ବିଦ୍ୟାଳରେ ଅନେକ ସମସ୍ୟା ମଧ୍ୟ ରହିଛି। ଯୁକ୍ତ ୨ ରେ ଓଡିଆ, ଇଂଲିଶରେ ଅଧାପିକା ଅଧାପକ ପଦବୀ ଖାଲି ରହିଛି। ଯୁକ୍ତ ୨ ଓ ଯୁକ୍ତ ୩ରେ ଶ୍ରେଣୀ ଅଭାବ ଯୋଗୁ ଛାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ୮ଟାରୁ ଆସି ୪ଟା ପର୍ଯ୍ୟନ୍ତ ରହୁଛନ୍ତି। ସହରର ଦୂଷିତ ପାଣି କଲେଜ ପରିସରରେ ନିଷ୍କାସନ ହେଉଥିବାରୁ ଛାତ୍ରୀମାନେ ବର୍ଷା ଋତୁରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୌର ପରିଷଦ କର୍ତ୍ତୃପକ୍ଷ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଛାତ୍ରୀମାନେ ପୌର ପରିଷଦ ଘେରାଉ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ସମସ୍ୟା ପ୍ରତି ଆଖି ବୁଜି ଦେଉଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଯୁକ୍ତ ୨ରେ ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର କରାଯିବା ପାଇଁ ଦାବି କରାଯାଉଛି।



“ ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ପାସ୍ ହାର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ହେଉଛି। ଯୁକ୍ତ ୨ରେ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ଆବେଦନ କରାଯାଇଛି। ଓଡିଆ, ଇଂଲିଶ ଅଧାପକ ପଦବୀ ଖାଲି ରହିଛି। ସହରର ଦୂଷିତ ପାଣି ମହାବିଦ୍ୟାଳୟ ଦେଇ ନିଷ୍କାସନ ହେଉଥିବାରୁ ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପୌର କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳୁନାହିଁ।

**-ପଙ୍କଜିନୀ ପାଣି, ଯୁକ୍ତ ୨ ଅଧକ୍ଷା**



“ ଯୁକ୍ତ ୩ରେ ବିଜ୍ଞାନ ବିଭାଗ ଖୋଲିବା ଏବଂ ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିବେଦନ କରାଯାଇଛି। ବିଶେଷ କରି ଶ୍ରେଣୀ ଗୃହର ଅଭାବ ରହିଛି। ଏକ ଅର୍ଦ୍ଧନିର୍ମିତ ଗୃହ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅର୍ଥ ବାଧକ ସାଜିଛି। ଛାତ୍ରୀ ମାନେ ଡିଷ୍ଟଙ୍କସନରେ ପାସ୍ କରୁଛନ୍ତି। ଏହି ମହାବିଦ୍ୟାଳୟରୁ ଅନେକ ଛାତ୍ରୀ ଅର୍ନ୍ତଜାତୀୟ ସ୍ତରରେ ଖେଳି ସୁନାମ ଅର୍ଜନ କରିଛନ୍ତି। ପାଠପଢା ସହ ଖେଳ, ନାଚ, ଗୀତ ପ୍ରଭୃତିରେ ଅଗ୍ରାଧିକାର ଦିଆଯାଉଛି।

**-ପ୍ରଶାନ୍ତ ରାଉତ, ଯୁକ୍ତ ୩ ଅଧକ୍ଷ**



“ କଲେଜରେ ନିର୍ବାଚନ କରିବାକୁ ଚାହୁଁଛୁ। ହେଲେ ନିର୍ବାଚନ କରାଯାଉନାହିଁ। ସହରର ଦୂଷିତ ପାଣି କଲେଜ ପରିସର ଦେଇ ନିଷ୍କାସନ ହେଉଛି। ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବେ।

**-ଜ୍ୟୋତିଶ୍ରୀ ସାହୁ, ଯୁକ୍ତ ୩ ଛାତ୍ରୀ**



“ ଶ୍ରେଣୀ ଗୃହ ଅଭାବ ଯୋଗୁ ବହୁ ସମସ୍ୟା ହେଉଛି। ଶ୍ରେଣୀ ଗୃହ ବୃଦ୍ଧି କରିବା ପାଇଁ ଛାତ୍ରୀଙ୍କ ପକ୍ଷରୁ ଦାବି କରାଯାଉଛି। ଜଳ ନିଷ୍କାସନ ସମସ୍ୟା ନେଇ ଆଗାମୀ ଦିନରେ ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବେ।

**-ଶୁଭଦର୍ଶିନୀ ମହାନ୍ତି, ଯୁକ୍ତ ୨ ଛାତ୍ରୀ**

# ଅବହେଳିତ ସ୍ଥିତିରେ ବୁଣାକାର ପରିବାର

**ଯାଜପୁର ଅଫିସ,୧୯।୮**

ବୁଣାକାର ପରିବାର ରହୁଥିବା ଗ୍ରାମରେ ବୁଣାକାର ଗୋଷ୍ଠୀକେନ୍ଦ୍ର ନିର୍ମାଣ ନ ହୋଇ ୧୬ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍) ପାର୍ଶ୍ୱରେ ନିର୍ମାଣ ଚାଲିଛି। ଏହାଦ୍ୱାରା ବୁଣାକାର ଗ୍ରାମ କୁହାଯାଉଥିବା ଗୋପାଳପୁର ଗ୍ରାମର ବୁଣାକାରମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। କେତେକ ରାଜନୈତିକ ସ୍ୱାର୍ଥନ୍ୱେଷୀ ଚକ୍ରାନ୍ତ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବୁଣାକାରମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାସହ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଦୂର କରିବାରେ ସରକାର ବିଫଳ ହୋଇଛନ୍ତି। ବୁଣାକାରମାନେ ଯେତେ ପରିଶ୍ରମ କଲେ ବି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପାଇ ପାରୁନାହାନ୍ତି। ଯଦ୍ୱାରା ବୁଣାକାର ପରିବାରଙ୍କ ଆର୍ଥିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ତନ୍ତ ମେଶିନ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହେବା ସହ ପ୍ରୟୋଗଶାଳା ନ ଥିବାରୁ ବୁଣାକାର ପରିବାର ଖରା ଓ ବର୍ଷାରେ ବହୁ ହନ୍ତସନ୍ତ ହେଉଥିବା ଦେଖାଯାଇଛି।

ବହୁ କାଳରୁ ବୟନଶିଳ୍ପକୁ ନିଜର ଜୀବିକା ଭାବରେ ଗ୍ରହଣ କରି ବୁଣାକାର ସମ୍ପ୍ରଦାୟ ସମସ୍ତଙ୍କୁ ବସ୍ତ୍ର ଯୋଗାଇ ଆସୁଛନ୍ତି। ଇତିହାସରେ ଏହି ବୁଣାକାର ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ କି ସମାଜଠାରୁ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ ପାଇଥିବେ। କିନ୍ତୁ ସେହି ଶ୍ରଦ୍ଧା ଓ ସମ୍ମାନ ପାଇଥିବା ବୁଣାକାର ପରିବାର ଓ ଦାୟାଦମାନେ ଆଜି ଏକବିଂଶ ଶତାବ୍ଦୀରେ କେତେ ଦୟନୀୟ ଓ ଅବହେଳିତ ତାହା ଏବେ ଅନୁଧାନର ବିଷୟ ହୋଇଛି। ଏହି ପରିବାର ଭିତରେ ଭୂଲିଆ, କୁଲି ଓ ହରିଜନ ସମ୍ପ୍ରଦାର ଲୋକେ ସମ୍ପୃକ୍ତ। ଯାଜପୁର ଜିଲାରେ ହଜାରରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ରହିଛନ୍ତି। ଏହି କଳାକୁ କୁଟୀରଶିଳ୍ପର ମାନ୍ୟତା ମିଳିଛି। ବୁଣାକାର ପରିବାର ଏକ ସମବାୟ ପରିବାର ଏବଂ ବୁଣାକାମ ଏକ ସମବାୟ ଶିଳ୍ପ। ଏହି ଶିଳ୍ପ ପାଇଁ ପରସ୍ପର ସାହାଯ୍ୟ ଓ ସହଯୋଗ ନିହାତି ଆବଶ୍ୟକ। ତେଣୁ ଯେଉଁଠି ବୁଣାକାର ପରିବାର ରୁହନ୍ତି ଗୋଷ୍ଠୀ ଜୀବନଯାପନ ପାଇଁ ବେଶ ପସନ୍ଦ କରିଥାନ୍ତି। ସେଥିମଧ୍ୟରୁ ଯାଜପୁର ଜିଲା ରସୁଲପୁର ବ୍ଲକର ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର ଅନ୍ୟତମ। ଏଠାରେ ପ୍ରାୟ ୯୦୦ ପରିବାର ବସବାସ କରୁଥିଲେ ସୁଦ୍ଧା ଏହି ଗ୍ରାମ ଏପର୍ଯ୍ୟନ୍ତ ରାଜସ୍ୱ ଗ୍ରାମ ମାନ୍ୟତା ପାଇନାହିଁ। ଏହି ବୁଣାକାର ପରିବାରର ଛୁଆମାନେ ସ୍କୁଲ ଯାଆନ୍ତି ସତ ହେଲେ ଭଲ ପାଠ ପଢିବାର ସୁଯୋଗ ପାଆନ୍ତି ନାହିଁ। ତେଣୁ ସ୍କୁଲରୁ ଫେରି ବୁଣା କାମରେ ଲାଗି ପଡିଥାନ୍ତି। ଏହାବାଦ ଏମାନଙ୍କ



ସାମାଜିକ ସ୍ଥିତି ଅତି ନ୍ୟୁନ। ସାମାଜିକ ଦୃଷ୍ଟିକୋଣରୁ ଏମାନେ ଭାରି ଅନୁନ୍ନତ ଓ ଅବହେଳିତ। ସରକାର ଯେଉଁଭଳି ଭାବରେ ଏହି ପରିବାର ପ୍ରତି ଦୃଷ୍ଟି ଦେବା କଥା ଏଯାଏ ଦେଇପାରୁ ନାହାନ୍ତି। ଗୋଟିଏ ଶାଢୀ ବୁଣିଲେ ପ୍ରାୟ ୩ ଦିନ ସମୟ ଲାଗିଥାଏ। ଏଥିରେ ଅତିବେଶୀରେ ୫୦୦ଟଙ୍କା ଲାଭ ମିଳିଥାଏ। ଯେଉଁଥିରେ କି ପ୍ରାୟ ୩ଜଣ ଖଟିଥାନ୍ତି। ଏପରିଭାବରେ ଦୈନିକ ଜଣପିଛା ୧୦୦ଟଙ୍କା ବି ମଜୁରୀ ପାଉନାହାନ୍ତି। ଅନ୍ୟପକ୍ଷେ ବୟନିକାର ଏଠାରେ କୌଣସି ଶାଖା ନ ଥିବାରୁ ଭୁବନେଶ୍ୱର ଯାଇ ଶାଢୀ କିମ୍ବା ଅନ୍ୟାନ୍ୟ ବସ୍ତ୍ର ବିକ୍ରି କରିଥାନ୍ତି। ସେଥିରେ ପୁଣି ୧୦୦ଟଙ୍କା ଅଧିକ ଖର୍ଚ୍ଚ ହୋଇଥାଏ। ଏଭଳି ସ୍ଥିତିରେ ସ୍ଥାନୀୟ ଅଞ୍ଚଳରେ ଏକ ବୟନିକା ଶାଖା ପ୍ରତିଷ୍ଠା କରିବାକୁ ଦାବି ହୋଇ ଆସୁଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଏବେ ପ୍ରାୟ ୫ ଲକ୍ଷ ଟଙ୍କାର ଏକ ବୁଣାକାର ଗୋଷ୍ଠୀକେନ୍ଦ୍ର ନିର୍ମାଣ ହେଉଛି। ତାହା ପୁଣି ବୁଣାକାର ଗ୍ରାମଠାରୁ ୫ କିମି ଦୂରରେ। ଯେନତେନ ପ୍ରକାରେ ସେହି ଗୋଷ୍ଠୀକେନ୍ଦ୍ରକୁ ନିର୍ମାଣ କରି ସିଂହଭାଗ ଅର୍ଥକୁ ଚଲୁ କରିବାକୁ ଉଦ୍ୟମ ହେଉଥିବା ବୁଣାକାର ପରିବାର ଅଭିଯୋଗ ଆଣିଛନ୍ତି। ବୁଣାକାର ସୁବାସ ଚାନ୍ଦ, ନାରାୟଣ ଦାସ ପ୍ରମୁଖ କୁହନ୍ତି ସରକାର ଯେଉଁସବୁ ଯୋଜନା କରୁଥିଲେ ବି କିଛି ଲାଭ ମିଳୁନାହିଁ। ଏଥିରେ ଯାହାର ହାତ ବେଶୀ ରହିଛି ସେମାନେ ଲାଭବାନ ହେଉଛନ୍ତି। ଗରିବ ବୁଣାକାର ପରିବାର ସଦାସର୍ବଦା ଅବହେଳିତ ରହୁଛନ୍ତି। ବୁଣାକାର ପରିବାର ରହୁଥିବା ଗ୍ରାମରେ ସରକାରୀ ଜମି ଅଛି, ହେଲେ ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମାଣ କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ରସୁଲପୁର ବିଡିଓ ଅଶୋକ କୁମାର ବେହୁରାଙ୍କୁ ପଚାରିବାରୁ ସେ କହିଛନ୍ତି ଗମନାଗମନ ସୁବିଧା ଦୃଷ୍ଟିରୁ ଜାତୀୟ ରାଜପଥ ପାର୍ଶ୍ୱ ଗୋପାଳପୁର ନିକଟରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ହେଉଛି। ଗ୍ରାମରେ ଉପଯୁକ୍ତ ସ୍ଥାନରେ ଜମି ନାହିଁ। ତେଣୁ ଏଥିରେ କୌଣସି ପ୍ରକାର ଅନିୟମିତତା ହେଉନାହିଁ।

- ଗ୍ରାମରେ ଗୋଷ୍ଠୀକେନ୍ଦ୍ର ନ ହୋଇ ଏନ୍ଏଚ୍ ପାର୍ଶ୍ୱରେ ନିର୍ମାଣାଧୀନ
- ପ୍ରୟୋଗଶାଳା ସୁବିଧା ନାହିଁ, ବୟନିକା ଶାଖା ଖୋଲିବାକୁ ଦାବି
- ଗୋପାଳପୁର ରାଜସ୍ୱ ଗ୍ରାମ ମାନ୍ୟତାରୁ ବଞ୍ଚିତ

## ମିଳିତ ଅଧିଷ୍ଠାନ ଉତ୍ସବ

**ଯାଜପୁରରୋଡ,୧୯।୮(ନି.ପ୍ର)**

ରବିବାର ଯାଜପୁର ରୋଡ ଲାୟନ୍ସ କ୍ଲବର ୧୧ ତମ ଓ ଷ୍ଟିଲ ସିଟି ଲାୟନ୍ସ କ୍ଲବର ତୃତୀୟ ମିଳିତ ଅଧିଷ୍ଠାନ ଦିବସ ରବିବାର ପାଳିତ ହୋଇଯାଇଛି। ଚନ୍ଦ୍ରଶେଖର ପଟ୍ଟନାୟକ ମୁଖ୍ୟ ଅତିଥି, ଭାବଗ୍ରାହୀ ପତ୍ରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚଳିତବର୍ଷର ଜନସେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଚଳିତବର୍ଷ ଲାୟନ୍ସ କ୍ଲବ୍ ସଭାପତି ଭାବେ ବନ୍ଦିତା ପରିଡା, ଯୁଗ୍ମ ସମ୍ପାଦକ ଭାବେ ରାଜକିଶୋର ପରିଡା, କୋଷାଧ୍ୟକ୍ଷ ଭାବେ ଅର୍ଚ୍ଚନା ବିଶ୍ୱାଳ, ଉପ ସଭାପତି ବିଜୟ ମହାନ୍ତି, ଅକ୍ଷୟ ପାତ୍ର ଓ ଷ୍ଟିଲ ସିଟି ଲାୟନ୍ସ କ୍ଲବର ସଭାପତି ଭାବେ ପ୍ରିୟଦର୍ଶିନୀ ମହାରଣା, ସମ୍ପାଦକ ଭାବେ ଅମିୟ ଶଙ୍କର ଜେନା ଓ କୋଷାଧ୍ୟକ୍ଷ ଭାବେ ପବନ ଓସ୍ୱାଲ ଏବଂ ଉପସଭାପତି ଭାବେ ମନୋଜ କୁମାର ରାଉତ, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରି ଶପଥ ନେଇଥିଲେ। ଚିନ୍ମୟ ଜେନା ଓ ମାନସ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବିଶ୍ୱାଳ, ରାଜେଶ ଜୈନ, ଗିରିଧାରୀ ବାରିକ, ହୃଦାନନ୍ଦ ସାମଲ, ଲୋକନାଥ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟିଲ ସିଟି ପକ୍ଷରୁ ଯୁଗ୍ମ ସମ୍ପାଦକ ଭାବେ ଟିକାୟତ ପାଲ, ମୋନାଲିସା ସାହୁ, ଜୟନ୍ତୀ ଗୁପ୍ତା, ଅନୁପ କୁମାର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବସନ୍ତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଭୁଶୁଡ଼ିଲା ନଦୀବନ୍ଧ, ସୁରକ୍ଷା ପାଇଁ ବିଧାୟକଙ୍କୁ ଦାବି



**କୋରେଇ,୧୯।୮(ସ୍ୱ.ପ୍ର.):** କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତସ୍ଥିତ ସରସଦା ଗ୍ରାମ ନିକଟରେ ବୈତରଣୀ ରୋଡ ରେଳ ଗେଟ ଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଯାଇଥିବା ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ଭୁଶୁଡ଼ି ପଡିଛି। ଏଠାରେ ପୂର୍ବରୁ ଘାଇ ହୋଇ ବହୁ ଧନଜୀବନ ନଷ୍ଟ ହୋଇଥିଲା। ସରସଦା ଗ୍ରାମର ସୁରକ୍ଷା କବଚ ସାଜିଥିବା ଏହି ବନ୍ଧ ପୁଣି ଭୁଶୁଡି ପଡିବାରୁ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି। ତୁରନ୍ତ ମରାମତି କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚ ପ୍ରତିନିଧି ସଞ୍ଜୀବ ନାୟକ, ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରକାଶ ସାହୁ କୋରେଇ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି। ବିଧାୟକ ଆକାଶ ଦାସ ନାୟକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

### କଲେଜରେ ଗଣ୍ଡଗୋଳ କରି ଯୁବକ କୋର୍ଟଚାଲାଣ

**କୋରେଇ,୧୯।୮(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥିତ ମା’ ହିଙ୍ଗୁଳା ମହାବିଦ୍ୟାଳୟରେ ଅଧକ୍ଷଙ୍କୁ ଧକ୍କା ମାରିବା ସହ ଗାଳିଗୁଲଜ କରିବା ଅଭିଯୋଗରେ ପାଣିକୋଇଲି ପୋଲିସ ରବିବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମର ବିଜୟ ବେହେରା। ବିଜୟ କଲେଜରେ ଅଧକ୍ଷଙ୍କୁ ଧକ୍କା ମାରିବା ସହ ଗାଳିଗୁଲଜ କରିଥିଲେ ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅଧକ୍ଷ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୧୨୪/୧୮) ରୁଜୁ କରିଥିଲା।

### ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୧୯।୮(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ପାଳନ ନେଇ ରବିବାର ସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ମିଶ୍ର ଅଧକ୍ଷତାରେ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ ଆସନ୍ତା ସେପ୍ଟମ୍ବର ୧ରେ ଅନୁଷ୍ଠିତ ହେବାନେଇ ସ୍ଥିର କରାଯାଇଛି। ଏହି ଅବସରରେ ବୃକ୍ଷରୋପଣ କରାଯିବା ସହ ସ୍କୁଲ ପ୍ରତିଷ୍ଠାରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ ଓ ମ୍ୟାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ଉପଦେଷ୍ଟା ରମାକାନ୍ତ ଜେନା, ପଦ୍ମନାଭ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ନବଘନ ମହାନ୍ତି, ଯୁଗଳ କିଶୋର ଦାସ, ପ୍ରସନ୍ନ କୁମାର ରାୟ, ଦେବବ୍ରତ ରାଉତ, ରମେଶ ସ୍ୱାଇଁ, ଜଟାଧାରୀ ପତି, ଦେବ ରାୟ, ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା, ୧୯।୮(ଡି.ଏନ୍.ଏ.):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଧର୍ମଶାଳା ଭାଜପା ପକ୍ଷରୁ ଶନିବାର ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ବ୍ଲକ ଉପାଧକ୍ଷ ସୁବାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ପରିଡା, ଜିଲାପରିଷଦ ସଭ୍ୟ ରଶ୍ମୀରଞ୍ଜନ ନାୟକ, ସୀତାକାନ୍ତ ଶତପଥୀ, ନିରଞ୍ଜନ ବେହେରା, ରମେଶ ଚନ୍ଦ୍ର ବେହେରା, ବାମଦେବ ପାଢୀ, ଚୈତନ୍ୟ ସାମଲଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅର୍ଦ୍ଧନିର୍ମିତ ଅବସ୍ଥାରେ ସାଂସଦ ସ୍ମାରକୀ କଲ୍ୟାଣ ମଣ୍ଡପ

**ରତ୍ନଗିରି,୧୯।୮(ଡି.ଏନ୍.ଏ)**

ଗୋଳକୁଣ୍ଡ ପଞ୍ଚାୟତର ଶ୍ରୀଶ୍ରୀ ବଟ ମଙ୍ଗଳା ପୀଠ ନିକଟରେ ସାଂସଦ ସ୍ମାରକୀ କଲ୍ୟାଣ ମଣ୍ଡପ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ସୂଚନାଯୋଗ୍ୟ, ୨୦୦୭-୦୮ ଆର୍ଥିକ ବର୍ଷରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଯାଜପୁରର ତତ୍କାଳୀନ ଏମ୍ପି ମୋହନ କୁମାର ଜେନା ସାଂସଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଦାୟିତ୍ୱରେ ଥିବା ଠିକାଦାର କାର୍ଯ୍ୟ କରି ପ୍ରାପ୍ୟ ନେଇ ସାରିଛନ୍ତି। ଇତିମଧ୍ୟରେ ଦୀର୍ଘ ୧୦ ବର୍ଷ ବିତିଗଲାଣି। ହେଲେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ଉକ୍ତ ମଣ୍ଡପ ପୂର୍ଣ୍ଣାଙ୍ଗ କ୍ଷେତ୍ରରେ ନଜର ପଡୁନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ କରିବା ପାଇଁ ଜିଲାପାଳଙ୍କ ଜନଶୁଣାଣିରେ ଗ୍ରାମ୍ୟ କମିଟି ତରଫରୁ ଲିଖିତଭାବେ ଅଭିଯୋଗ କରାଯାଇଥିଲା। ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ, ବରୀ ବିଧାୟକ ଦେବାଶିଷ ନାୟକ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି। ଏବେ ଏହି ଅର୍ଦ୍ଧନିର୍ମିତ ଗୃହ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଖୁବ୍‌ଶୀଘ୍ର ଏହି ମଣ୍ଡପ କାର୍ଯ୍ୟ ଶେଷ କରିବା ପାଇଁ ଅର୍ଥ ମଞ୍ଜୁର କରିବାକୁ ଗ୍ରାମବାସୀ ବରୀ ବିଧାୟକଙ୍କୁ ଅନୁରୋଧ କରିଛନ୍ତି।



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କଲ୍ୟାଣ ମଣ୍ଡପ।

## ଜନତା ହାଇସ୍କୁଲରୁ ଚୋରି ଘଟଣାରେ ଜଣେ ଅଟକ

**ଚଣ୍ଡିଖୋଲ,୧୯।୮(ଡି.ଏନ.ଏ)**

ଯାଜପୁର ଜିଲା ବୈରୀ ଥାନା ବନ୍ତଳାସ୍ଥିତ ଜନତା ନୋଡାଲ ହାଇସ୍କୁଲରୁ ଚୋରି ଘଟଣାରେ ବୈରୀ ପୋଲିସ ରବିବାର ବନ୍ତଳା ଗାଁର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। ପ୍ରକାଶ ଯେ, ଗତ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ଗ୍ରୀଲ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାଧିକାରୀ ନିରଞ୍ଜନ ଶବର ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲେ। ଦୁର୍ବୃତ୍ତମାନେ ୯ଟି କମ୍ପ୍ୟୁଟର, ଗୋଟିଏ ପ୍ରିଣ୍ଟର ଚୋରି କରିଥିବା ଜଣାପଡ଼ିଛି।

## ଇଶାଣେଶ୍ୱର ହାଇସ୍କୁଲରେ ଚାରାରୋପଣ

**ରସୁଲପୁର,୧୯।୮(ଡିଏନଏ):** ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତର ଇଶାଣେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ବେହେରା, ପ୍ରଧାନ ଶିକ୍ଷକ ଦୁଃଶାସନ ସାହୁ, ସମିତି ସଭ୍ୟ ଅମୂଲ୍ୟ ଦାସଙ୍କ ସମେତ ବିଦ୍ୟାଳୟର ଶିକ୍ଷିକାଶିକ୍ଷକ ଓ ଛାତ୍ରୀଛାତ୍ରଗଣ ଉପସ୍ଥିତ ଥିଲେ।

## ଚା’ ଦୋକାନରୁ ମିଳିଛି ପରିଚୟ

**ଦିନକର କାହାଣୀ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ବରଡା ଛକରେ ରହିଛି ଶସା ବାରିକଙ୍କ ଚା’ ଦୋକାନ। ସ୍ଥାନୀୟ ଅଞ୍ଚଳରେ ସମସ୍ତେ ତାଙ୍କୁ ଶସା ଭାଇ ବୋଲି ଜାଣନ୍ତି। ଏବେ ତାଙ୍କୁ ୪୩ ବର୍ଷ ହୋଇଥିବା ବେଳେ ଦୀର୍ଘ ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ଏହି ଛକରେ ଚା’ ଦୋକାନ କରିଛନ୍ତି। ମାନବ ସେବାକୁ ମାଧବ ସେବା ବୋଲି ମାନୁଥିବା ଶସା ଅର୍ଥ ଅଭାବ ଯୋଗୁ ବେଶି ପାଠ ପଢ଼ିପାରି ନ ଥିଲେ। ଅଳ୍ପ ବୟସରେ ତାଙ୍କ ଉପରେ ପରିବାରର ବୋଝ ପଡିଥିଲା। ଏଥିଯୋଗୁ ସେ କଟକରେ ଜଣେ ଓକିଲଙ୍କ ଘରେ ରହି କାମ କରିଥିଲେ। ମାତ୍ର ପାଉଥିବା ଦରମାରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିଲା। ତେଣୁ କଟକରୁ ଫେରିଆସି ଶସା ବରଡା ଛକରେ ଏକ ଛୋଟିଆ କ୍ୟାବିନ୍‌ରେ ଚା’ ଦୋକାନ ଆରମ୍ଭ କରିଥିଲେ। ତାଙ୍କ ପ୍ରସ୍ତୁତ ଚା’ ର ଚାହିଦା ବଢିବାରୁ ଦୋକାନରେ ଧୀରେଧୀରେ ସକାଳ ଓ ସଞ୍ଜରେ ବହୁ ଲୋକଙ୍କ ଭିଡ ଜମୁଛି। ଶସାଙ୍କ ଉତ୍ତମ ବ୍ୟବହାର ଓ ପ୍ରସ୍ତୁତ କଫି ଲୋକଙ୍କୁ ତାଙ୍କ ଦୋକାନକୁ ଟାଣିଆଣିଥାଏ ବୋଲି କେତେକ ଗ୍ରାହକ କୁହନ୍ତି। ଏହା ଛଡା ଶସା ଜଣେ ସମାଜସେବୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ। ଅଞ୍ଚଳରେ କାହାର କୌଣସି ଅସୁବିଧା ପଡିଲେ ସେ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି । ଖରାଦିନେ ଜଳଛତ୍ର ଖୋଲି ବାଟୋଇଙ୍କୁ ପାଣି ଦିଅନ୍ତି। ପ୍ରତିଦିନ ଭୋର ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚା’ ଦୋକାନରେ ଗ୍ରାହକଙ୍କ ଭିଡ ଲାଗିଥାଏ। ଦୋକାନରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳିଯାଏ ବୋଲି ଶସା କୁହନ୍ତି। ପରିବାର କହିଲେ ସ୍ତ୍ରୀ, ତିନି ଝିଅ, ମା’ ଓ ବାପା। ପରିବାର ଭିତରେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଥିବାରୁ ଅଳ୍ପ ରୋଜଗାରରେ ମଧ ହସ ଖୁସିରେ ଦିନ କଟିଯାଉଛି ଏବଂ ସ୍ତ୍ରୀଙ୍କ ହାତ ରନ୍ଧା ମାଛ ତରକାରି ଖାଇବାକୁ ତାଙ୍କୁ ଖୁବ୍ ଭଲଲାଗେ ବୋଲି ଶସା କୁହନ୍ତି। ଏହି ଛୋଟିଆ ଚା’ ଦୋକାନ ତାଙ୍କୁ ଅଞ୍ଚଳରେ ପରିଚିତ କରାଇ ପାରିଥିବାରୁ ସେ ନିଜକୁ ଗର୍ବିତ ମନେ କରନ୍ତି ବୋଲି କହିଛନ୍ତି।



ଶସା ବାରିକ

**ରିପୋର୍ଟ: ଦିଲୀପ ପରିଡା, ଚଢ଼େଇଧରା**

## ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୧୯।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଶ୍ୟାମସୁନ୍ଦର ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ପ୍ରଶାସକ ତଥା ପୁରାତନ ଛାତ୍ର ଅକ୍ଷୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ହୀରକ ଜୟନ୍ତୀ ସମାରୋହ ଆସନ୍ତା ଡିସେମ୍ବର ଶେଷ ସପ୍ତାହରେ ଅନୁଷ୍ଠିତ ହେବା ନେଇ ସ୍ୱୀକୃତି ପାଇଛି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପୁରୀ ଗଜପତି ମହାରାଜ, ରାଜ୍ୟ ରାଜ୍ୟପାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରିତ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଅଭ୍ୟର୍ଥନା କମିଟି, ଅର୍ଥ ପରିଚାଳନା କମିଟି, ସାଂସ୍କୃତିକ କମିଟି, ପତ୍ରିକା କମିଟି, ଆଦି ଗଠନ କରାଯାଇ ପୁରାତନ ଛାତ୍ରୀଛାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଦେବେନ୍ଦ୍ର ନାଥ ସାହୁ, ଯତୀନ୍ଦ୍ରନାଥ ଦାଶ, ମଧୁରମୁରଲୀ ଦାଶ, ବିଶ୍ୱନାଥ ପଣ୍ଡା, ରାଘବ ଦାସ, ପଦ୍ମନାଭ ଓଝା, କରୁଣାକର ନାୟକ, ସସ୍ମିତା ଦାଶ, ଅନିରୁଦ୍ଧ ବଳ, ପୁରୁଷୋତ୍ତମ ବିଶ୍ୱାଳ, ଜଗନ୍ନାଥ ସେଠୀ, ଶ୍ରୀଧର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଦାସ, ଘନଶ୍ୟାମ ପୃଷ୍ଟି, ରଜନୀ କାନ୍ତ ବିଶ୍ୱାଳ, ଅକ୍ଷୟ ଶତପଥୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପାଟପୁର ସମିତି ସଭ୍ୟ ସୁବ୍ରତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା: ଯୌତୁକ ହତ୍ୟା ଅଭିଯୋଗ

**ଧର୍ମଶାଳା,୧୯।୮(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ନିକଟସ୍ଥ ପଣ୍ଡୁଆ ଶିଳ୍ପାଞ୍ଚଳରେ ରବିବାର ଜଣେ ମହିଳା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ତାଙ୍କ ମାମୁ ଅଭିଯୋଗ କରିଛନ୍ତି। ମୃତ ମହିଳା ଜଣଙ୍କ ନୀଳକଣ୍ଠପୁର ଗ୍ରାମର ରତିକାନ୍ତ ଦାସଙ୍କ ସ୍ତ୍ରୀ ରଞ୍ଜିତା(୨୭)। ମାମୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (୩୧୭/୧୮)ରେ ରୁଜୁ କରି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇଛି। ଏନେଇ ସ୍ୱାମୀ ରତିକାନ୍ତକୁ ଅଟକ ରଖି ଘଟଣା ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ଏହି ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ରତିକାନ୍ତ ଦାସ ଶିଳ୍ପାଞ୍ଚଳରେ ୧୦ବର୍ଷ ହେବ ଘରବାରୀ କରି ରହୁଛନ୍ତି। ରତିକାନ୍ତ ୪ବର୍ଷ ପୂର୍ବେ ମାହଙ୍ଗା ଥାନା ଅନ୍ତର୍ଗତ ନଡିଆ ସାହସପୁର ଗ୍ରାମର ଦୋଳ ଗୋବିନ୍ଦ ଗାହାଣଙ୍କ ଝିଅ ରଞ୍ଜିତାଙ୍କୁ ବିବାହ କରିଥିଲେ। ରତିକାନ୍ତ ଦାବି ମୁତାବକ ଯାନି ଯୌତୁକ ପାଇଥିଲେ। ମାତ୍ର ଆଉ ୫୦ ହଜାର ଟଙ୍କା ଅଧିକ ଯୌତୁକ ପାଇଁ ସେ ରଞ୍ଜିତାଙ୍କ ଉପରେ ଚାପ ପକାଇଥିବା ସହ ମାରଧର କରୁଥିବା ନେଇ ମାମୁ ଉମାକାନ୍ତ ଦଣ୍ଡପାଟ ଥାନରେ ଅଭିଯୋଗ କରିଛନ୍ତି। ତେବେ ରଞ୍ଜିତାର ଶାଶୁଘର ଲୋକ ଶନିବାର ପାରିବାରିକ କଳହ ଯୋଗୁ ସିଢି ଘରେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସକୁ କହିଛନ୍ତି। ମୃତ ରଞ୍ଜିତାଙ୍କ ୧୪ ମାସର ଏକ ଝିଅ ଅଛି।

## ଅଗ୍ନି ବିପନ୍ନଙ୍କୁ ଭେଟିଲେ ବିଧାୟକ

**କୋରେଇ,୧୯।୮(ସ୍ୱ.ପ୍ର)**

କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତସ୍ଥିତ ସରସଦା ଗ୍ରାମର ତପନ ନାୟକଙ୍କ ଘରେ ଶନିବାର ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟବାରୁ ୨ ବଖରା ଜଳି ଯାଇଥିଲା। କୋରେଇ ବିଧାୟକ ବିପନ୍ନଙ୍କ ପରିବାର ନିଟରେ ପହଞ୍ଚି କ୍ଷତିପୂରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇଥିଲେ। ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ପ୍ରମୋଦ ବଳ, ରମେଶ ସାହୁ, ସରପଞ୍ଚ ପ୍ରତିନିଧି ସଞ୍ଜୀବ ନାୟକ, ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ସନ୍ତାନଙ୍କ ସହ ଭଙ୍ଗା କୁଡ଼ିଆରେ ମହିଳା

**ଡୁବୁରୀ, ୧୯।୮(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ରଣଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ମଣ୍ଡପଡା ଗ୍ରାମରେ ସୁନେ ବାନରା ୪ ସନ୍ତାନଙ୍କ ସହ ବାସ କରନ୍ତି। ବିଧବା ଆଦିବାସୀ ମହିଳା ହୋଇଥିଲେ ମଧ୍ୟ ସରକାରୀ ଯୋଜନା ତାଙ୍କ ପାଇଁ ଯୋଜନ ଦୂର ପାଲଟିଛି। ଏକ ଭଙ୍ଗା ଦଦରା ଜରିପାଲ ଘରେ ବଡ଼ କଷ୍ଟମଷ୍ଟେ ଜୀବନ ବିତିଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ନ ପଡିବା ଘଟଣା ଜିଲାରେ ଆଦିବାସୀ କଲ୍ୟାଣ ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସୀତା ପୂର୍ତ୍ତୀଙ୍କୁ ପଚାରିବାରୁ ଉକ୍ତ ପରିବାରଙ୍କୁ ଖୁବ୍‌ଶୀଘ୍ର ମୋ କୁଡିଆ ଯୋଜନାରେ ଘର ଯୋଗାଇ ଦେବାକୁ ଯୋଜନା କରାଯାଉଥିବା ସେ କହିଛନ୍ତି।

ଅଜଣା ରୋଗରେ ସ୍ୱାମୀ ଚନ୍ଦ୍ରମୋହନଙ୍କ ୧ ବର୍ଷ ତଳେ ମୃତ୍ୟୁ ହେବା ପରେ ସୁନେ ବାନରା ୩ ଝିଅ ଓ ଜଣେ ପୁଅଙ୍କୁ ନେଇ ମଣ୍ଡପଡା ଗ୍ରାମରେ ବାସ କରନ୍ତି। ସ୍ୱାମୀଙ୍କ ମୃତ୍ୟୁପରେ ୪ ସନ୍ତାନଙ୍କ ପାଇଁ ଦୁଇଓଳି ଦୁଇମୁଠା ଦାନା ଯୋଗାଡ କରିବା ସୁନେଙ୍କ ପକ୍ଷେ କଷ୍ଟ ସାଧ୍ୟ ହୋଇପଡିଛି। ଏଭଳି ଅବସ୍ଥାରେ ଏକ ବିପଦସଙ୍କୁଳ ଚାଳଛପର ଘରେ ଜରିପାଲ ଟାଣି ପୁଅ ସାଲୁ ବାନରା(୧୧), ଝିଅ ବିମଳା(୮), ବାସନ୍ତୀ (୬) ଓ ମମି(୨)ଙ୍କୁ ନେଇ ସୁନେ ରହୁଛନ୍ତି। ରାଶନ କାର୍ଡରେ ମିଳୁଥିବା ଚାଉଳ ହିଁ ଏବେ ପରିବାରର ଏକ ମାତ୍ର ସାହାଭରସା ପାଲଟିଛି। ସ୍ୱାମୀଙ୍କ ମୃତ୍ୟୁର ୧ବର୍ଷ ବିତିଯାଇଥିଲେ ମଧ୍ୟ ସୁନେଙ୍କୁ ବିଧବାଭତ୍ତା ଯୋଗାଇ ଦିଆଯାଇ ପାରିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ ଆଦି ଯୋଜନା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଘର ମରାମତି କରିବାକୁ ପାଖରେ ଟଙ୍କା ନ ଥିବାରୁ ଲଘୁଚାପଜନିତ ବର୍ଷାରେ ଘରେ ଏବେ ପାଣି ଗଳୁଛି। ଯେନତେନ ପ୍ରକାରରେ ଧାରଉଧାରକରି ସୁନେ ଜରିପାଲ ଘର ଉପରେ ପକାଇଥିଲେ ମଧ ତାହା ବର୍ଷାଜଳ ରୋକିବାରେ ସକ୍ଷମ ତାହା ହୋଇପାରୁ ନାହିଁ। ଫଳରେ ଏବେ କାନ୍ଥ ଭୁଶୁଡିବାକୁ ଲାଗିଲାଣି। ବର୍ଷା ହେଲେ ଘର ବାହାର ଭିତରେ ପାଣି ସମାନ ହୋଇଯାଉଛି।



୪ ପିଲାଙ୍କ ସହ ଭଙ୍ଗା ଘର ଆଗରେ ସୁନେ ବାନରା।

- ଶିକ୍ଷାରୁ ବଞ୍ଚିତ ୩ ଝିଅ, ପୁଅ
- ରାଶନ କାର୍ଡରୁ ମିଳୁଥିବା ଚାଉଳ ପାଲଟିଛି ଭରଷା
- ସ୍ୱାମୀଙ୍କ ମୃତ୍ୟୁର ବର୍ଷେ ପରେ ବି ମିଳିନି ବିଧବା ଭତ୍ତା

ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରିଛନ୍ତି। ହେଲେ ଏହି ଆଦିବାସୀ ପିଲାଙ୍କ କ୍ଷେତ୍ରରେ ସମସ୍ତ ଯୋଜନା ସତେ ଏକ ଦିବାସ୍ୱପ୍ନ ପାଲଟିଛି। ଶିକ୍ଷାରୁ ସଂପୂର୍ଣ୍ଣ ବଞ୍ଚିତ ହେତୁ ବିଦ୍ୟାଳୟ ତଥା ଅଙ୍ଗନୱାଡି କେନ୍ଦ୍ରରେ ମିଳୁଥିବା ପୁଷ୍ଟିକର ଖାଦ୍ୟ ସାତସପନ ପାଲଟିଛି। ଏ ନେଇ ସୁନେଙ୍କୁ ପଚାରିବାରୁ ପେଟକୁ ଦୁଇଓଳି ଦାନା ଯୋଗାଡ କରିବା କଷ୍ଟ ସାଧ୍ୟ ହୋଇପଡୁଥିବା ବେଳେ ପିଲାମାନଙ୍କ ପାଠ ପଢା କଥା କିପରି ଚିନ୍ତା କରିପାରିବେ ବୋଲି କହିଛନ୍ତି। ଏଭଳି ସ୍ଥିତିରେ ପରିବାରକୁ ସହାୟତା ନିମନ୍ତେ ସୁକିନ୍ଦା ବିଧାୟକ, ଯାଜପୁର ଜିଲାପାଳ, ଦାନଗଦୀ ବିଡିଓ ଓ ଜିଲା ଶିଶୁ ସୁରକ୍ଷା ୟୁନିଟଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### କିଡ୍‌ନୀ ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ସହାୟତା




**ବ୍ରହ୍ମପୁର ଅଫିସ,୧୯।୮:** ଲକ୍ଷ୍ମୀ ନୃସିଂହ ସାହିସ୍ଥିତ ଟି. ରଞ୍ଜନ ପାତ୍ରଙ୍କ ୩ ବର୍ଷୀୟ ପୁଅ ଟି. ଉଜ୍ଜ୍ୱଳ କିଡ୍‌ନୀ ରୋଗରେ ପୀଡିତ ହୋଇ ବର୍ତ୍ତମାନ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଶିଶୁଟିର ଚିକିତ୍ସା ହୋଇପାରୁ ନ ଥିଲା। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ସହରର ବହୁ ବ୍ୟକ୍ତି ସହଯୋଗର ହାତ ବଢ଼ାଇଛନ୍ତି। ବ୍ରହ୍ମପୁର ଇନରହୁଇଲ କ୍ଲବ୍ ତରଫରୁ ପରିବାର ଟି. ଉଜ୍ଜ୍ୱଳଙ୍କ ଚିକିତ୍ସା ଲାଗି ତାଙ୍କ ପରିବାରକୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। କ୍ଲବ୍ ସଭାନେତ୍ରୀ ଜେ. ସରିତା ଓ ସମ୍ପାଦିକା କେ. ସୁନୀତାଙ୍କ ତତ୍ତ୍ୱାବଧାନାରେ ସଦସ୍ୟ ପି.ମମତା, ଇ. କବିତା, ଅମୃତା ପଣ୍ଡା, ଜେ. ମାଧବୀ, ବି. ସୁଷମା ଟି. ଭବାନୀ,କେ. ଦୀପା, ଅପିରିମିତା ମଙ୍ଗରାଜଟି. ଶ୍ରାବଣୀ ପ୍ରମୁଖ ଉପସ୍ଥିତ ରହି ସହାୟତା ଅର୍ଥ ପ୍ରଦାନ କରିଥିଲେ। ଆଇନଜୀବୀ ଲୋହିତ ମଙ୍ଗରାଜ, ଅସିତ କୁମାର ସାବତ, ଅନିଲ କୁମାର ଚୌଧୁରୀ, ଗୌରବ ସେଠୀ, ମିଟୁ ଗୌଡ, ବାବୁ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

### ଲାୟନ୍ସ କ୍ଲବର ଅଧିଷ୍ଠାନ ଉତ୍ସବ

**ବ୍ରହ୍ମପୁର ଅଫିସ,୧୯।୮:** ଲାୟନ୍ସ କ୍ଲବ ଅଫ ବ୍ରହ୍ମପୁର ଗୋଲ୍ଡର ୬ଷ୍ଠ ଅଧିଷ୍ଠାନ ଉତ୍ସବ ଗାନ୍ଧୀନଗର ସିଏସି ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ଜିଲା ଗଭର୍ଣ୍ଣର(ଡିଜି) ବିଶ୍ୱନାଥ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ଡିଜି ଡା. ନିମାଇଁ ଚରଣ ପାଢୀ ଅଧିଷ୍ଠାନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ । ଅବସରପ୍ରାପ୍ତ ପ୍ରଫେସର ଡ. ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିଶିର କୁମାର ଦାଶ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. ବି.ଏମ ଶାସମଲ, ସାହିତ୍ୟିକା ସ୍ୱର୍ଣ୍ଣପ୍ରଭା ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ। ଭାଇସ ଡିଜି ପ୍ରଦୀପ୍ତ କୁମାର ପଣ୍ଡା ଓ ହରିହର ଦାଶଙ୍କ ସମେତ ରେବତୀ ଶାହ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂତନ ସଭ୍ୟାସଭ୍ୟାଙ୍କୁ କ୍ଲବରେ ସାମିଲ କରାଯିବା ସହ ଲାୟନ୍ସ କ୍ଲବ ଅଫ ଗୋଲଡ୍ସର ସଙ୍କେତ ପ୍ରଦାନ କରାଯାଇଥିଲା। ଜ୍ୟୋତ୍ସ୍ନା ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କୋଷାଧକ୍ଷ ରମାବଲ୍ଲଭ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ରଘୁନାଥ ପାଢୀ ଶର୍ମା, ପଦ୍ମଚରଣ ପରିଡା, ମନୋରମା ପାତ୍ର, ସ୍ମିତାରାଣୀ ନାୟକ, ଇଂ ସୁବାସ ଚନ୍ଦ୍ର ମହାରଣା, ଅମର କୁମାର ପାତ୍ର, ଜ୍ୟୋତ୍ସ୍ନା ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ

**ବ୍ରହ୍ମପୁର ଅଫିସ,୧୯।୮:** ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସଞ୍ଜିବ କୁମାର ପଟ୍ଟନାୟକଙ୍କ ଅଧତାରେ ଆୟୋଜିତ ଏହି ବୈଠକରେ ପ୍ରତ୍ୟେକ ସହରତଳି ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦିନରେ ସହରତଳି ଅଞ୍ଚଳରେ ଏକ ହଜାର ଚାରାରୋପଣ କରାଯିବା ସହ ଅଞ୍ଚଳବାସୀଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସହରତଳି ଅଞ୍ଚଳଗୁଡିକୁ ବିଏମସିରେ ସାମିଲ କରିବାକୁ ସରକାର ଗୁରୁତ୍ୱ ଦେଉ ନଥିବାରୁ ସରକାରଙ୍କ ଚେତାଇବା ନେଇ କମିଟି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିଲା। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ବ୍ରଜନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ପ୍ରଫେସର ରଙ୍ଗନାଥ ମିଶ୍ର, ସୁବାସ ପାତ୍ର, ନାରାୟଣ ଚନ୍ଦ୍ର ପରିଚ୍ଛା, ପ୍ରମୋଦ ଚନ୍ଦ୍ର ସାହୁ, ରବିନ୍ଦ୍ର କୁମାର ସାହୁ, ଡା, ଶିବ ପ୍ରସାଦ ମିଶ୍ର, ବଳରାମ ପାତ୍ର, ହରିହର ନାୟକ, ବିଭି ସାଗର, କାହ୍ନୁଚରଣ ପତି, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ଦୀପୁ ସାହୁ, ସଚ୍ଚିନ ମହାନ୍ତି, ଶ୍ରୀମନ୍ତ ପାଣିଗ୍ରାହୀ, ଶିବ ପାତ୍ର, କୈଳାଶ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ନାୟକ, ଲୋକନାଥ ରଥ ପ୍ରମୁଖ ଯୋଗ ଦେଇଥିଲେ।

■ ଡୋପ୍ ଟେଷ୍ଟରେ ଘାସିରାମ ଧରାପଡ଼ିବା ଘଟଣା

# ଭାରୋତ୍ତୋଳକ ସଂଘ-କୋଚ୍ ଦୋଷ ଠେଲାଠେଲି

**ବ୍ରହ୍ମପୁର ଅଫିସ,୧୯।୮**

ଯୁବ ଭାରୋତ୍ତୋଳକ ଘାସିରାମ ଖରା ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ ପାଇଁ ନିଷିଦ୍ଧ ଔଷଧ ସେବନ କରି ଏବେ ସବୁଆଡୁ ସମାଲୋଚନାର ଶିକାର ହେଉଛନ୍ତି। ଘାସିରାମ୍‌ଙ୍କଠୁ ଅଧିକ ସମାଲୋଚନାର ପାତ୍ର ହୋଇଛନ୍ତି କ୍ରୀଡ଼ା ଛାତ୍ରାବାସ କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଂଘ ଘାସିରାମ୍‌ଙ୍କୁ ରିପୋର୍ଟ ପଠାଇଦେଇ ଚୁପ୍ ବସିଛି । ଏଭଳି ସ୍ଥଳରେ ଉଭୟ ସଂଘ ଏବଂ କୋଚ୍ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ଉଦ୍ୟମ କରୁଛନ୍ତି । ଘାସିରାମ୍‌ଙ୍କ ଉପରେ ପକାଯାଇ ଥିବା ୫୦ହଜାର ଟଙ୍କା ଜରିମାନା କିଏ ଦେବ, ତାହାକୁ ନେଇ ସନ୍ଦେହ ଦେଖାଦେଇଛି। ଡୋପ୍ ଟେଷ୍ଟରେ ବିଫଳ ହେବା ପରଠୁ ଘାସିରାମ୍‌ଙ୍କୁ କ୍ରୀଡ଼ା ଛାତ୍ରାବାସରୁ ବାହାର କରିଦିଆଯାଇଛି। ସେ କେଉଁଠି ଅଛନ୍ତି, ଛାତ୍ରାବାସ କର୍ତ୍ତୃପକ୍ଷଙ୍କ ପାଖରେ ସୂଚନା ନାହିଁ ।

ବ୍ରହ୍ମପୁର ଷ୍ଟାଡିୟମସ୍ଥିତ କ୍ରୀଡ଼ା ଛାତ୍ରାବାସରେ ଘାସିରାମ୍ ପ୍ରଶିକ୍ଷଣ

**ସନ୍ଦେହରେ କ୍ରୀଡ଼ା ଛାତ୍ରାବାସ କର୍ତ୍ତୃପକ୍ଷଙ୍କ ଭୂମିକା**

ନେଉଥିଲେ। ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରୀୟ ଭାରୋତ୍ତୋଳକ ସୃଷ୍ଟି କରିବାରେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହି ଆସିଥିଲେ ମଧ କିଛି ବର୍ଷ ହେଲା ପ୍ରଶିକ୍ଷଣ ଶୈଳୀ ଖରାପ୍ ଯୋଗୁ ଆଉ ଉଦୟମାନ୍ ଖେଳାଳି ସୃଷ୍ଟି ହୋଇପାରୁନାହାନ୍ତି। ଯାହା ଫଳରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଟାର୍ଗେଟ୍‌ରେ ଥିଲେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ଦେଉଥିବା କୋଚ୍‌ମାନେ। ଖେଳାଳିଙ୍କ ପ୍ରତିଭା ବିକାଶ ସହ ନିଷିଦ୍ଧ ଔଷଧ ସଂପର୍କରେ ସଚେତନ କରିବା ଦାୟିତ୍ୱ କୋଚ୍‌ଙ୍କର। ଏପରି ପରିସ୍ଥିତିରେ ଘାସିରାମ୍ ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଏବେ କ୍ରୀଡ଼ା ଛାତ୍ରାବାସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶାଖାପାଟଣା ଠାରେ ଫେବୃୟାରୀ ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ୧୩ତମ ଜାତୀୟ ସବ୍‌ଜୁନିୟର୍ ଭାରୋତ୍ତୋଳନ ପ୍ରତିଯୋଗିତା ଘାସିରାମ୍ ଗୌପ୍ୟ ପଦକ ହାସଲ କରିଥିଲେ । କିନ୍ତୁ ଡୋପ ଟେଷ୍ଟରେ ବିଫଳ ହୋଇଥିଲେ । 'ଏ' ନମୁନା ପଜିଟିଭ୍ ବାହାରିବା ପରେ ସେ 'ବି' ନମୁନା ପରୀକ୍ଷା ପାଇଁ ନ୍ୟାସନାଲ୍ ଆଣ୍ଟି ଡୋପିଂ ଏଜେନ୍ସି(ନାଡ଼ା) ଠାରେ ଆବେଦନ କରିଥିଲେ । ହେଲେ 'ବି' ନମୁନା ମଧ୍ୟ ପଜିଟିଭ୍ ବାହାରିଛି । ପଦକ ହାସଲ ପାଇଁ ନାଡ଼ା ପକ୍ଷରୁ ନିଷିଦ୍ଧ ଔଷଧ ସେ ସେବନ କରିଥିବା ଧରାପଡ଼ିଥିଲା । ତାଙ୍କ ଉପରେ ୫୦ହଜାର ଟଙ୍କାର ଜରିମାନା ପକାଯାଇଛି ।

ତେବେ ଏବେ ଏହି ୫୦ହଜାର ଟଙ୍କା କିଏ ଦେବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶା ଭାରୋତ୍ତୋଳନ ସଂଘର ସଂପାଦକ ନାରାୟଣ ସାହୁ କହିଛନ୍ତି, ଜରିମାନା ଟଙ୍କା ଘାସିରାମ୍ ପଇଠ କରିବେ । ଯଦି ସେ ପଇଠ କରିବାରେ ବିଫଳ ହୁଅନ୍ତି, ସଂଘ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବ । ସେହିପରି ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘର ସମ୍ପାଦକ ଗାଗାରିନ ନାୟକ କହିଛନ୍ତି, ଜରିମାନା ଟଙ୍କା ଘାସିରାମଙ୍କ ଠାରୁ ଆଦାୟ କରାଯିବ। କାରଣ ପଦକ ହାସଲ କରିବା ପରେ ଯେଉଁ ପୁରସ୍କାର ରାଶି ମିଳିଥାଏ, ତାହା ସଂପୃକ୍ତ ଖେଳାଳିଙ୍କୁ ପ୍ରଦାନ କରାଯାଏ । ଖେଳାଳି ଡୋପ୍ ଟେଷ୍ଟରେ ବିଫଳ ହେଲେ ଟଙ୍କା କାହିଁକି ସଂଘ ଦେବ। ଏ ନେଇ ଘାସିରାମ୍‌ଙ୍କୁ ଅବଗତ କରାଯାଇଛି । ଅନ୍ୟପଟେ ଓଡ଼ିଶା ଭାରୋତ୍ତୋଳନ ସଂଘର ଯୁଗ୍ମ ସମ୍ପାଦକ ରମେଶ ପାଢ଼ୀ କହିଛନ୍ତି, ଘାସିରାମ୍‌ଙ୍କ କ୍ରୀଡ଼ା ଛାତ୍ରାବାସରେ ତାଲିମ୍ ନେଉଥିଲେ । ତାଙ୍କୁ ନିଷିଦ୍ଧ ଔଷଧ ଦେବାରେ ଛାତ୍ରବାସର ଜଣେ କୋଚ୍‌ଙ୍କ ହାତ ରହିଛି । ଏଣୁ ଜରିମାନା ଟଙ୍କା ମଧ କୋଚ୍‌ଙ୍କଠାରୁ ଆଦାୟ କରିବା ଆବଶ୍ୟକ।

ଏନେଇ ବ୍ରହ୍ମପୁର ଷ୍ଟାଡିୟମ୍ ଇନ୍ଡୋର୍ଜତଥା ଛାତ୍ରାବାସର କୋଚ୍ ସଚ୍ଚିନ୍ଦ ମାଝି କୁହନ୍ତି, ଘାସିରାମ ଛାତ୍ରାବାସ ଛାଡ଼ିସାରିଛନ୍ତି । ତାଙ୍କ ଉପରେ ଯେଉଁ ଜରିମାନା ପଡ଼ିଛି, ତାହା ସଂଘ ପଇଠ କରିବ। କାରଣ ନାଡ଼ା ଚିଠିରେ ମଧ୍ୟ ତାହା ହିଁ ଉଲ୍ଲେଖ ରହିଛି । ଛାତ୍ରାବାସରେ କୌଣସି ଅନ୍ତେବାସୀଙ୍କୁ ନିଷିଦ୍ଧ ଔଷଧ ଦିଆଯାଉନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

# ମିଲନ୍ ହେଲେ ମିସ ଟିନ୍ ଇଣ୍ଡିଆ



ମା, ବାପାଙ୍କ ସହ ମିଲନ୍ ।

**ବ୍ରହ୍ମପୁର ଅଫିସ,୧୯।୮**

ନୂଆଦିଲ୍ଲୀରେ ଏଲି କ୍ଲବ ପକ୍ଷରୁ ଚାଲିଥିବା ୨୧ତମ ମିଶ୍ ଆଣ୍ଡ ମିଷ୍ଟର୍ ଟିନ୍ ଇଣ୍ଡିଆ ପ୍ରତିଯୋଗିତା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବାଜି ମାରିଛନ୍ତି ଓଡ଼ିଆ ଝିଅ ମିଲନ୍ କୁମାରୀ ପଣ୍ଡା। ବ୍ରହ୍ମପୁର ଅଶୋକ ନଗର ନିବାସୀ ସନ୍ତୋଷ ପଣ୍ଡା ଏବଂ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ଝିଅ ମିଲନ୍ ମିଶନ୍ ଟିନ୍ ଇଣ୍ଡିଆ ମୁକୁଟ ହାସଲ କରିଛନ୍ତି । ମିଲନ୍ ଭୁବନେଶ୍ୱରସ୍ଥିତ ଲୋଏଲା ସ୍କୁଲରେ ଯୁକ୍ତ ୨ ପଢୁଛନ୍ତି । ସେ କଲିକତାରେ ଆୟୋଜିତ ହୋଇଥିବା ଅଡିସନ୍‌ରେ ଭାଗ ନେଇଥିଲେ । ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୪ହଜାର ପ୍ରତିଯୋଗୀ ସେଥିରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ ଉତୀର୍ନ୍ନ ହୋଇ ମିଲନ ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

■ ବାଇକ୍ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ

# ୧୫ ବାଇକ୍ ଜବତ, ୬ ଗିରଫ

**ବ୍ରହ୍ମପୁର ଅଫିସ,୧୯।୮**

ଗୋଷାଣୀ ନୂଆଗାଁ ପୋଲିସ ରବିବାର ଏକ ବାଇକ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ୧୮ ତାରିଖରେ ଗୋଷାଣୀ ନୂଆଗାଁ ଅଞ୍ଚଳରୁ ବାଇକ ଚୋରି ହୋଇଥିବା ଅଭିଯୋଗ ପରେ ପୋଲିସ ଦୁଇ ଜଣଙ୍କୁ ଧରିଥିଲା । ସେମାନଙ୍କୁ ଅଧିକ ପଚରା ଉଚୁରା କରିବା ପରେ ବାଇକ ଚୋରି ର୍‍ୟାକେଟ୍ ସମ୍ପର୍କରେ ଜାଣିପାରିଥିଲା। ଏହି ର୍‍ୟାକେଟର ୬ ଜଣଙ୍କୁ ଗିରଫ କରାଯିବା ସହ ୧୫ଟି ବାଇକ ଜବତ ହୋଇଥିବା ଗୋଷାଣୀ ନୂଆଗାଁ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଅତିରିକ୍ତ ଏସପି ଶାନ୍ତନୁ ଦାଶ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଷାଣୀ ନୂଆଗାଁ ଡିପାସାହି ଅଞ୍ଚଳର ରାଜେନ୍ଦ୍ର ପାଣିଗ୍ରାହୀ ଓ ଦିଗପହଣ୍ଡି ବ୍ଲକ୍ ପାଇକସାହି ଅଞ୍ଚଳର ସୀମାଞ୍ଚଳ ମହାନ୍ତି, ଲାଞ୍ଜିପଲ୍ଲୀ ଡିପାସାହି ଅଞ୍ଚଳର ଆର. କବି କୁମାର, ହିଞ୍ଜିଳିକାଟୁ ଥାନା ଅଞ୍ଚଳର ମଙ୍ଗୁଲୁ ବେହେରା ଓରଫ ଡେଲା ଓ ଗଞ୍ଜାମ ବ୍ଲକ୍ ଆଲିଆବାଦି ଗ୍ରାମର ରୁପି ନାୟକ, କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ଜିତେନ୍ଦ୍ର କୁମାର ଦିଗାଲ ଓରଫ ଜିତୁ। ପୋଲିସ ପ୍ରଥମେ ରାଜେନ୍ଦ୍ର ଓ ସୀମାଞ୍ଚଳଙ୍କୁ ଅଟକ ରଖିଥିଲା। ସେମାନଙ୍କ ପାଖରୁ ୩ଟି ଚୋରି ବାଇକ ମିଳିଥିଲା । ଏ ବାବଦରେ ଅଧିକ ପଚରା ଉଚୁରା ପରେ ଅନ୍ୟ ୪ ଅଭିଯୁକ୍ତଙ୍କ ସମ୍ପର୍କରେ ଜଣାପଡିଥିଲା। ଏଥିସହ ୧୨ଟି ଚୋରି ବାଇକ ଉଦ୍ଧାର ହୋଇଥିଲା। ଅଭିଯୁକ୍ତମାନେ ଗାଡି ଚୋରି କରି କନ୍ଧମାଳ ଜିଲାରେ କମ୍ ଦାମରେ ବିକ୍ରି କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ବାଇକ୍ ଚୋରି ର୍‍ୟାକେଟ୍‌ରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି କି ନାହିଁ ଜାଣିବା ପାଇଁ ଅଭିଯୁକ୍ତମାନଙ୍କୁ ପୋଲିସ ରିମାଣ୍ଡରେ ନେଇ ପଚରାଉଚରା କରିବ ବୋଲି ଟାଉନ ଏସ୍‌ଡିପିଓ ପ୍ରଭାତ ଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଗୋଷାଣୀ ନୂଆଗାଁ ଥାନାଧିକାରୀ କୁଳମଣୀ ସେଠୀ, ବୈଦ୍ୟନାଥପୁର ଥାନାଅଧିକାରୀ ଜୟ କୁମାର ପଟ୍ଟନାୟକ, ବଡବଜାର ଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।



ଉଦ୍ଧାର ହୋଇଥିବା ଚୋରି ପୁରୁଣା ବାଇକ।

■ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣା

# ଭୁବନେଶ୍ୱର ଗଲା ସ୍ପେଶାଲ ସ୍କ୍ୱାଡ୍

**ଛତ୍ରପୁର,୧୯।୮(ଡି.ଏନ.ଏ)**

ଛତ୍ରପୁର ରେଲୱେ ଫାଟକ ନିକଟ ଧାରଣାରୁ ଶୁକ୍ରବାର ସକାଳୁ ଛତ୍ରପୁର ବ୍ଲକ ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ର ଡା. ଅର୍ଚ୍ଚନା ଦାଶଙ୍କ ମୃତଦେହ ଉଦ୍ଧାର ଘଟଣାର ରହସ୍ୟ ଖୋଲିବାରେ ଲାଗିଛି । ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ପକ୍ଷରୁ ଦାଖଲ ହୋଇଥିବା ଛାଡପତ୍ର ପିଟିଶନ ଭୁବନେଶ୍ୱରସ୍ଥିତ ପରିବାର ଜଜ୍ କୋର୍ଟରେ ଦାଖଲ କରାଯାଇଥିଲା । ଆସନ୍ତା ୧୦ ତାରିଖରେ କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିବେ ବୋଲି ନୋଟିସ୍ ପାଇବା ପରେ ଅର୍ଚ୍ଚନା ଭାଙ୍ଗିପଡିଥିଲେ । ସମସ୍ୟା ସମାଧାନ ହେଉ ଏବଂ ପରିବାର ନ ଭାଙ୍ଗୁ ବୋଲି ସ୍ୱାମୀ ଓ ଶ୍ୱଶୁରଙ୍କୁ ଅନୁରୋଧ କରିବା ସହ ବ୍ରହ୍ମପୁରସ୍ଥିତ ପ୍ରମିଳାଦେବୀ ମହିଳା କଲ୍ୟାଣ ସଂଘର ମୁଖ୍ୟ ପ୍ରମିଳା ତ୍ରିପାଠୀଙ୍କୁ ଭେଟିଥିଲେ ବୋଲି ଜଣାପଡିଛି। କୋର୍ଟ ନୋଟିସ୍ ପାଇବା ପରେ ଅର୍ଚ୍ଚନା ଛତ୍ରପୁର ଥାନାର ସହାୟତା ଚାହିଁଥିଲେ । ମାତ୍ର ତାହା ମଧ ମିଳି ନ ଥିଲା ବୋଲି ମା' କୁସୁମ ପ୍ରଭା ମିଶ୍ର ଅଭିଯୋଗ କରିଛନ୍ତି। ମୃତ୍ୟୁ ପୂର୍ବରୁ ପ୍ରମିଳା ଦେବୀଙ୍କୁ ଏକ ଚିଠି ଲେଖିଥିଲେ ମଧ ଦେଇପାରି ନ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ରବିବାର ପ୍ରମିଳା ତ୍ରିପାଠୀ ଛତ୍ରପୁର ଆସି ଅର୍ଚ୍ଚନାଙ୍କ ଶ୍ରୀନଗରସାହିସ୍ଥିତ ବାପ ଘରକୁ ଯାଇ ବାପା, ମାଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ପୂର୍ବରୁ ଛାଡପତ୍ର ନୋଟିସ ସମ୍ବନ୍ଧରେ ଅର୍ଚ୍ଚନା ମତେ ଜଣାଇଥିଲେ ବୋଲି ପ୍ରମିଳା କହିଛନ୍ତି। ସମାଧାନ ପାଇଁ ଶ୍ୱଶୁର ଘର ଲୋକଙ୍କୁ ବୁଝାଇବେ ବୋଲି ସେ ଅର୍ଚ୍ଚନାଙ୍କୁ କହିଥିଲେ। ପୂର୍ବରୁ ଅର୍ଚ୍ଚନା ରଖିଥିବା ଏକ ସିଡିକୁ ତାଙ୍କ ମାମୁଁ ପ୍ରମିଳାଙ୍କୁ ଦେଇଥିଲେ। ସେପଟେ ଅର୍ଚ୍ଚନାଙ୍କ ମସ୍ତିଷ୍କ ବିକୃତି ଥିବା ତାଙ୍କ ସ୍ୱାମୀ କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ଏହା ଉପରେ ଅର୍ଚ୍ଚନାଙ୍କ ବାପା ରଘୁନାଥ ଦାଶ କହିଛନ୍ତି, ମୁଣ୍ଡ ଖରାପ ଥିଲା ଯଦି ଡାକ୍ତର ନିଯୁକ୍ତି ମିଳିଥିଲା କିପରି ବୋଲି ପ୍ରଶ୍ନ କରିଛନ୍ତି। ଅର୍ଚ୍ଚନାଙ୍କୁ ଡାଇବେଟିସ୍ ଥିବା ବିବାହ ପୂର୍ବରୁ ତାଙ୍କ ସ୍ୱାମୀ ଜାଣିଥିଲେ ବୋଲି ରଘୁନାଥ କହିଛନ୍ତି। ମୃତା ଅର୍ଚ୍ଚନାଙ୍କ ମା' ଛତ୍ରପୁର ଥାନା ପୋଲିସକୁ ଆକ୍ଷେପ କରିଛନ୍ତି। ଏ ସମ୍ପର୍କରେ ତଦନ୍ତ କରିବାକୁ ସେ ଗଞ୍ଜାମ ଏସପିଙ୍କୁ ଚିଠି ମାଧମରେ ଅନୁରୋଧ କରିଛନ୍ତି। ଛତ୍ରପୁର ଥାନାକୁ ୧୬ ତାରିଖରେ ୨ ଥର ଯାଇ ଝିଅଙ୍କ ସମସ୍ୟା ସମାଧାନ କରିବାକୁ ଅନୁରୋଧ କରାଯାଇଥିଲା । ଏପରିକି ସନ୍ଧ୍ୟାରେ ଝିଅ ଅର୍ଚ୍ଚନା ମଧ ମା' ସହ ଛତ୍ରପୁର ଥାନାକୁ ଯାଇଥିଲା। ମାତ୍ର ଛତ୍ରପୁର ପୋଲିସ କୌଣସି ସହାୟନତା ନକରି ଚନ୍ଦ୍ରଶେଖରପୁର ଥାନାରେ ଜଣାଇବାକୁ କହିଥିଲେ ବୋଲି ମା' ଅଭିଯୋଗ କରିଛନ୍ତି। ଶୁକ୍ରବାର ଭୋରରୁ ଘରୁ ଅର୍ଚ୍ଚନା ନିଖୋଜ ହେବା ନେଇ ଥାନାକୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ହେଁ ଏହାକୁ ରିସିଭ କରାଯାଇନଥିବା କୁସୁମ ପ୍ରଭା ଅଭିଯୋଗ କରିଛନ୍ତି। ଅର୍ଚ୍ଚନାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଦିଆଯାଉଥିବା ନିର୍ଯ୍ୟାତନା ନେଇ ଏତଲା କୁ ଭିତି କରି ଛତ୍ରପୁର ପୋଲିସ ମୃତା ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ସମେତ ୮ଜଣଙ୍କ ନାଁରେ ମାମଲା ରୁଜୁ କରିଛି । ଏମାନଙ୍କୁ ଧରିବା ପାଇଁ ଭୁବନେଶ୍ୱରକୁ ଏକ ପୋଲିସର ଟିମ୍ ଯାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।



ମୃତା ଅର୍ଚ୍ଚନାଙ୍କ ପରିବାର ସହ ପ୍ରମିଳା ତ୍ରିପାଠୀ ଆଲୋଚନା କରୁଛନ୍ତି।

# ମା ତୁଝେ ସଲାମ୍ ସାଂସ୍କୃତିକ କାର୍ଯ୍ୟକ୍ରମ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୯।୮**

କ୍ରାନ୍ତି ଅନୁଷ୍ଠାନ ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମା' ତୁଝେ ସାଲାମ୍' ସ୍ଥାନୀୟ କେ.ସି. ପବ୍ଲିକ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶଙ୍କ ଅଧକ୍ଷତା ତଥା ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ବିକ୍ରମ ପଣ୍ଡା, ଏସ୍‌ଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟତ, କଲାମ୍ ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁଟ୍‌ର ସମ୍ପାଦକ ସନ୍ତୋଷ କୁମାର ଜେନା, ମହିଳା ବିଜେଡ଼ି ସଭାପତି ସଂଘମିତ୍ରା ଦଳାଇ, ସାଉଥ୍‌କୋ ୟୁଟିଲିଟିର ବ୍ରହ୍ମପୁର ସର୍କଲ୍ ଜି.ଏମ୍. ପ୍ରମୋଦ କୁମାର ଚୌଧୁରୀ, ବିଏମ୍‌ସି କର୍ପୋରେଟର୍ ପି. ଆଶାରାଣୀ, କେସି ପବ୍ଲିକ୍ ସ୍କୁଲ୍ ଅଧକ୍ଷ ଅଶୋକ କୁମାର ମିଶ୍ର, ଦକ୍ଷିଣ ଓଡ଼ିଶା ନାଟକ ସମାରୋହର ସଭାପତି କେ. ବଳରାମ ଦାଶ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡଃ. କିଶୋରହରି ବାଡ଼ତ୍ୟା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରୂପାକ୍ଷ ଦାଶ, ନାରୀ ହସ୍ପିଟାଲ୍ ନିର୍ଦ୍ଦେଶକ ଡା କୃଷ୍ଣଚନ୍ଦ୍ର ପାଢ଼ୀ ଏବଂ ନିର୍ଦ୍ଦେଶିକା ନିଳାଙ୍ଗୀ ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନ ସହ ୪୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର ରଥ, ଦେବରାଜ ରାଉତ, ସରୋଜ କୁମାର ସାହୁ, ନିର୍ମଳା ଦାଶ, ଦେବବ୍ରତ ଗୌଡ଼, ମାନସ ରଞ୍ଜନ ରଥ, ଅନିଲ୍ କୁମାର ସେଠୀ, ଶୁଭଶ୍ରୀ ପଟ୍ଟନାୟକ, ସୁଶ୍ରୀ ଲାବଣ୍ୟା, ଆଦିତ୍ୟ ପଟ୍ଟନାୟକ, ସୁଶିଲ୍ କୁମାର ପାଢ଼ୀ, ପରମାନନ୍ଦ ପଣ୍ଡା, ବିଦ୍ୟାପତି, ସୁଭଦ୍ରା ସାହୁ, ଦିଲ୍ଲୀପ ମହାପାତ୍ର, ସୁନିତା ପଣ୍ଡା, ଅବିନାଶ ନାୟକ, କୃଷ୍ଣଚରଣ ଚୌଧୁରୀ, ଦିବ୍ୟାଂଶୁ ରାଉତ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାହ୍ନୁ ରାଉତ ଉଦ୍‌ଘୋଷକ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ନିର୍ମଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ଶିକ୍ଷକ, କର୍ମଚାରୀ ସଂଘର ଅଧିବେଶନ

**ବ୍ରହ୍ମପୁର ଅଫିସ,୧୯।୮**

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖାର ତ୍ରୟୋବିଂଶତମ ସାଧାରଣ ଅଧିବେଶନ ରବିବାର ସ୍ଥାନୀୟ ଲାଞ୍ଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲା କାର୍ଯ୍ୟକାରୀ ସଭାପତି ଶଶାଙ୍କ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ରାଜ୍ୟ ସଂଯୋଜକ ଶରତ ଚନ୍ଦ୍ର ପାଇକରାୟ ମୁଖ୍ୟଅତିଥି, ସାମାଜିକ କର୍ମୀ ଇଂ. ରାଜା ସୁରେଶ ମୁଖ୍ୟବକ୍ତା ଏବଂ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ମିଶ୍ର, ରାଜ୍ୟ କାର୍ଯ୍ୟକାରୀ ସଭାପତି(ମହାବିଦ୍ୟାଳୟ) ଉପେନ୍ଦ୍ର ଚନ୍ଦ୍ର ସାହୁ, ରାଜ୍ୟ କର୍ମକର୍ତ୍ତା ବସନ୍ତ ମଞ୍ଜରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଲାଞ୍ଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଏହି ଅବସରରେ ୨୦୧୭ ମସିହାରୁ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ରାଜ୍ୟ ସଂଗଠନର ପୂର୍ଣ୍ଣଚନ୍ଦ୍ର ଖାଡ଼ଙ୍ଗା, କୃଷ୍ଣ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ମିଶ୍ର ଏବଂ କାଶୀନାଥ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ବ୍ରଜ ଗୋପାଳ ସ୍ମୃତି ପ୍ରତିଷ୍ଠାନର ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ର ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପଣ୍ଡା, ନୀଳମଣୀ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସାହୁ, ଏସ୍. ଶ୍ୟାମ ସୁନ୍ଦର ରାଓ ଏବଂ ପ୍ରଫୁଲ କୁମାର ବାଡ଼ତ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଶିକ୍ଷକ ଏବଂ କର୍ମଚାରୀଙ୍କ ବିଭିନ୍ନ ଦାବି ଏବଂ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। ପୂର୍ଣ୍ଣଅନୁଦାନ ପ୍ରାପ୍ତ ହାଇସ୍କୁଲ ଏବଂ ଏମ୍‌ଇ ସ୍କୁଲଗୁଡ଼ିକର ସମସ୍ତ ଅସୁବିଧା ତଥା ବୈଷମ୍ୟତାକୁ ଦୂରୀକରଣ କରି ସରକାରୀକରଣ କରିବାକୁ ଦାବି କରାଯାଇଛି । ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟଗୁଡିକୁ ୧୯୯୪ ଶିକ୍ଷା ଆଇନ୍ ପ୍ରକାରେ ଜିଆଇଏ ଅନ୍ତର୍ଭୁକ୍ତ କରି ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁସାରେ ଦରମା ଓ ମହଙ୍ଗା ଭତ୍ତା ପ୍ରଦାନ କରିବା ଏବଂ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଲିଖିତ ସୂଚନା ବ୍ୟବସ୍ଥାକୁ ପ୍ରତ୍ୟାହାର କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ୨୦୧୬ ଜାନୁୟାରୀ ପହିଲାରୁ ୨୦୧୭ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ନିର୍ଦ୍ଧାରିତ ଦରମାର ବକେୟା ଅର୍ଥ ରାଶି ପ୍ରଦାନ, ୧୯୯୭ ମସିହା ଠାରୁ ପାଇ ଆସୁଥିବା ୫ଟି ଉଚ୍ଚ ବିଦ୍ୟାଳୟକୁ ୧୯୯୪ ଶିକ୍ଷାନୀତି ଅନୁଯାୟୀ ସମସ୍ତ ସୁବିଧା, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ୧୯୯୪ ପରେ ନିଯୁକ୍ତି ପାଇଥିବା କିମ୍ବା ଯୋଗ୍ୟତା ହାସଲ କରିଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ଚାକିରିକୁ ବୈଧ କରି ଆର୍‌ଏସିପି ପ୍ରଦାନ ଏବଂ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ଦରମା ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଥିଲା। ସେହିପରି ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୧୯୯୯ ଠାରୁ ୨୦୦୮ ପର୍ଯ୍ୟନ୍ତ ବ୍ରେକ୍ ପିରିୟଡ଼କୁ ନିୟମିତ କରି ବକେୟା ଦରମା ପ୍ରଦାନ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲର ହିନ୍ଦି ଶିକ୍ଷକମାନଙ୍କୁ ସଂସ୍କୃତ ଶିକ୍ଷକମାନଙ୍କ ଭଳି ଦରମା, ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କ ନିଯୁକ୍ତି ତାରିଖଠାରୁ ଚାକିରି କାଳ ଗଣନା କରାଯାଇ ବାର୍ଷିକ ଇନ୍‌କ୍ରିମେଣ୍ଟ ଓ ଅନ୍ୟାନ୍ୟ ସୁବିଧା ଦେବା ଅନୁଦାନ ପ୍ରାପ୍ତ ସମସ୍ତ ବିଦ୍ୟାଳୟକୁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରିବା , ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟସ ପରୀକ୍ଷା ପାସ୍ କରିଥିବା କିରାଣିଙ୍କ ଗ୍ରେଡ୍ ପେ' ୪ହଜାର ୨ଶହ ଟଙ୍କା କରିବା ଆଦି ୨୨ଟି ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଲକ୍ଷ୍ମୀ ନାରାୟଣ ମହାରଣା ଅତିଥି ପରିଚୟ ଦେଇଥିବା ବେଳେ ଶେଷରେ ଜିଲା କୋଷାଧକ୍ଷ ପୁଷ୍ପଲତା ଦାସ ଧନ୍ୟବାଦ ଦେଇଥିଲେ ।




ମଞ୍ଚାସୀନ ଅତିଥି ଏବଂ ସଂଘର କର୍ମକର୍ତ୍ତା ।

## ସଂକ୍ଷେପରେ

### ଅଧୁରା ରହିଗଲା ଜଳଲାଗି ପୋଖରୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ

**ପୁରୀ ଅଫିସ,୧୯।୮:** ମହାଦେବଙ୍କ ନିକଟରେ ଜଳଲାଗି ପୂର୍ବରୁ ଜଣେ କାଉଡ଼ିଆ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଭୁବନେଶ୍ୱର ୟୁନିଟ-୮ ସ୍ଥିତ ଏକ ବସ୍ତିର କମଳାକାନ୍ତ ପାତ୍ର(୩୨)। ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଅନ୍ୟ ଜଣେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ବିଜୟ ପାତ୍ର। ତାଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ବୋଲି ଜଣାପଡିଛି। ମିଳିଥିବା ସୂଚନା ପ୍ରକାରେ ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଏକ ବସ୍ତିରୁ ୯ଜଣ କାଉଡ଼ିଆ ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି ପାଇଁ ରବିବାର ସକାଳୁ ବାହାରିଥିଲେ। ସନ୍ଧ୍ୟାରେ ପୁରୀ ବାଟମଙ୍ଗଳା ନିକଟରେ ଥିବା ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଗାଧୋଇବା ବେଳେ କମଳାକାନ୍ତଙ୍କ ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡି ଯାଇଥିଲେ। ଅନ୍ୟ ସାଥୀମାନେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର କେତେଜଣ କାଉଡ଼ିଆ ନୂଆନଈରୁ ପାଣି ଉଠାଇ ବାହାରିଥିଲେ। ଏହି ସମୟରେ କୋଣାର୍କ ପଟୁ ପୁରୀ ଯାଉଥିବା ଏକ କାର ବିଜୟଙ୍କୁ ଧକ୍କା ଦେଇଥିଲା।

### ମୁକ୍ତିମଣ୍ଡପ ପଣ୍ଡିତ ସଭା ପଞ୍ଜିକା ତିଆରି କରୁ

**ପୁରୀ ଅଫିସ,୧୯।୮:** ଆମର ଦୈନନ୍ଦିନ ଚଳଣିରେ ପଞ୍ଜିକାର ବ୍ୟବହାର ବୃଦ୍ଧି ପାଇଛି। ଜନ୍ମ ଜାତକ ପ୍ରସ୍ତୁତିଠାରୁ ଆରମ୍ଭ କରି ଶୁଭାଶୁଭ କାଳ ନିର୍ଣ୍ଣୟ ପାଇଁ ପଞ୍ଜିକାକୁ ଅନୁସରଣ କରାଯାଉଛି। ପୂର୍ବେ ହାତଗଣତି ୩/୪ଟି ପଞ୍ଜିକା ପ୍ରକାଶ ପାଉଥିବା ବେଳେ ଏବେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ପଞ୍ଜିକାର ଅନ୍ୟ ନାମ ପଞ୍ଚାଙ୍ଗ। ତିଥି, ରାଶି, ନକ୍ଷତ୍ର, ଯୋଗ ଓ କରଣର ଠିକ୍ ହିସାବ ଆଧାରରେ ଶୁଦ୍ଧାଶୁଦ୍ଧ କାଳ ନିର୍ଣ୍ଣୟ ମାଧ୍ୟମରେ ଧାର୍ମିକ ବ୍ୟବସ୍ଥା ଓ ପର୍ବାଦି ନିର୍ଦ୍ଧାରଣ କରାଗଲେ ପଞ୍ଜିକା ନିର୍ଭୁଲ ହୋଇଥାଏ। ହେଲେ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ପଞ୍ଜିକାରେ ଅମେଳ ରହୁଛି ବୋଲି କହିଛନ୍ତି ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର। ରବିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି ଯେ, ଗଣନାରେ ଅମେଳ ରହିଲେ ଏହା ବିପରୀତ ଫଳ ଦିଏ। ଅକାଳରେ ଯଦି କୌଣସି କାର୍ଯ୍ୟ ହୁଏ ତେବେ କର୍ତ୍ତା ଓ ରାଜ୍ୟର ମଧ କ୍ଷତି ହୁଏ। ତେଣୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ବିଦ୍ୱତ୍‌ମାନଙ୍କୁ ନେଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ନିଜସ୍ୱ ପଞ୍ଜିକା ତିଆରି କରୁ। ରାଜ୍ୟ ସରକାର ମଧ ଏଥିପ୍ରତି ନଜର ଦେବା ଦରକାର। କାରଣ ଧର୍ମହାନି ରାଜ୍ୟ ଶାସନକୁ ପ୍ରଭାବିତ କରିଥାଏ ବୋଲି ମିଶ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଡଭୋକେଟ ଶିବପ୍ରସାଦ ମିଶ୍ର ଏବଂ ଜ୍ୟୋତିର୍ବିଦ୍ ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର କହିଛନ୍ତି, ମୁକ୍ତି ମଣ୍ଡପ ନିଜସ୍ୱ ପଞ୍ଜିକା ଛାପିବା ଏକ ଭଲ ପ୍ରସ୍ତାବ। ଏହା ଓଡ଼ିଶାରେ ଆଦୃତ ହୁଅନ୍ତା ଏବଂ ଲୋକେ ଗ୍ରହଣ କରନ୍ତେ। କିନ୍ତୁ ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି। ପଞ୍ଜିକା ସମୀକ୍ଷକ ମିଶ୍ର ଏ ବିଷୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଲିଖିତ ଭାବେ ଜଣାନ୍ତୁ। ଯଦି ଆମର ସାମର୍ଥ୍ୟ ଥିବ ଆମେ କରିବୁ ବୋଲି ସେ କହିଛନ୍ତି।

■ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ଇଏସ୍‌ଜେଡ୍ ଅଞ୍ଚଳ

# ସ୍ୱାମୀ ନାରାୟଣ ମନ୍ଦିର ପାଇଁ ଲୋଡ଼ାଯିବ ଅନୁମତି

**ବିନା ଅନୁମତିରେ ହୋଇପାରିବନି ଜମି କିଣାବିକା**

ପୁରୀ ଅଫିସ, ୧୯।୮

ସ୍ୱାମୀ ନାରାୟଣ ଟେମ୍ପୁଲ ଟ୍ରଷ୍ଟ ପକ୍ଷରୁ ମନ୍ଦିର ଓ ଅନ୍ୟାନ୍ୟ କୋଠା ନିର୍ମାଣ କରାଯାଉଛି। ଏହା ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ (ଇଏସଜେଡ୍) ଇଲାକାରେ ରହିଛି। ଇଏସଜେଡ୍ ଇଲକାରେ ବିନା ଅନୁମତିରେ ନିର୍ମାଣ ଚାଲିଥିବାରୁ ପ୍ରଶାସନ ୧୪୪ଧାରା ଜାରି କରିଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ଲାଗି କ୍ରାକର ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର ଲିଃ ଇଏସଜେଡ୍ କମିଟିର ଅନୁମୋଦନ ଲୋଡିଥିଲା। ଏହି ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ପରିବେଶ ମନ୍ତ୍ରଣାଳୟକୁ ଜିଲା କମିଟି ସୁପାରିସ କରିଛି। ମଞ୍ଜୁରୀ ମିଳିବା ପରେ ଏହି ମନ୍ଦିର ନିର୍ମାଣ ହେବା ସ୍ପଷ୍ଟ ହୋଇଛି।
ଇଏସଜେଡ୍ ଅଞ୍ଚଳ ଲାଗି ଗଠିତ ମନଟରିଂ କମିଟିକୁ ଗୃହ ନିର୍ମାଣ ନକ୍ସା ଅନୁମୋଦନ ନିମେନ୍ତ ୯ଟି ଆବେଦନ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ଆବେଦନକୁ କମିଟି ମଞ୍ଜୁର କରିଥିବା ବେଳେ ୮ଟିକୁ ଅଗ୍ରାହ୍ୟ କରିଛି। ଗତ ୪ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଇଏସଜେଡ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ବିବରଣୀ ପ୍ରକାଶ ପାଇବା ପରେ ଏହି ତଥ୍ୟ ପଦାକୁ ଆସିଛି।
ମିଳିଥିବା ସୂଚନା ଅନୁଯାୟୀ, ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଘରୋଇ ଲୋକଙ୍କ ଜମି ରହିଛି। ଉକ୍ତ ଜମିରେ ଶିଳ୍ପ, ବ୍ୟବସାୟିକ ଅନୁଷ୍ଠାନ, ଆପାର୍ଟମେଣ୍ଟ ଆଦି ନିର୍ମାଣ କରିବାକୁ ଅନୁମତି ମିଳିବ ନାହିଁ। କେବଳ ବାସଗୃହ ନିର୍ମାଣ ଲାଗି ଅନୁମତି ଦିଆଯାଇପାରିବ। କିନ୍ତୁ ଜମି ମାଲିକ ଯଦି ସମ୍ପୃକ୍ତ ଅଞ୍ଚଳର ହୋଇଥିବେ ତେବେ ତାଙ୍କୁ ହିଁ ବାସଗୃହ ନିର୍ମାଣ ଲାଗି ଅନୁମତି ଦେବା ଲାଗି କମିଟି ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆସିଥିବା ୮ଟି ଆବେଦନର ଜମି ମାଲିକ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିବାରୁ ତାହାକୁ ଅନୁମୋଦନ ମିଳିନାହିଁ। ଗୋଟିଏ ଆବେଦନକୁ ମଞ୍ଜୁର କରାଯାଇଥିବା ବେଳେ ଉକ୍ତ ଜମି ଇଏସ୍‌ଜେଡ ଇଲାକା ମଧ୍ୟରେ ନାହିଁ। ଇଏସ୍‌ଜେଡ ଅଞ୍ଚଳରେ ଥିବା ଜମି କିଣାବିକା ଲାଗି କମିଟି ଅନୁମୋଦନର ଆବଶ୍ୟକ। ଇଏସ୍‌ଜେଡ୍ ଅଞ୍ଚଳରେ କିଣାବିକା ଆବେଦନ ଆସିଲେ ତାହା କମିଟିକୁ ପଠାଇବାକୁ ଗୋପ ଓ ପୁରୀ ସବ୍‌ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜମି କ୍ରୟ ବିକ୍ରୟ ହେଲେ ବି ଜମିର କିସମ କୌଣସି ପରିସ୍ଥିତିରେ ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି। ହରିହରାନନ୍ଦ ଗୁରୁକୁଳ ଗୋଶାଳା ଏବଂ କିଛି ଇକୋ ଟୁରିଜିମ ପ୍ରୋଜେକ୍ଟ ଇଏସ୍‌ଜେଡ୍ ଇଲାକା ମଧ୍ୟରେ ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ଅନୁଧାନ କରି ରିପୋର୍ଟ ଦେବା ଲାଗି ପୁରୀ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିକ୍ସସିଟି ଅଭୟାରଣ୍ୟ ଓ ଇଏସଜେଡ୍ ଇଲାକା ମଧ୍ୟରେ ରହିଛି। କିନ୍ତୁ ସେଥିରେ ବ୍ୟବସାୟିକ ଓ ବେନିୟମ କାର୍ଯ୍ୟ ଚାଲୁଥିବା ବୈଠକରେ ଅଭିଯୋଗ ଆସିଥିଲା। କ୍ଷେତ୍ର ଅନୁଧ୍ୟାନ ଓ ତଦନ୍ତ କରି ରିପୋର୍ଟ ଦେବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆରମ୍ଭ ହେଲା ତାଳଧ୍ୱଜ ରଥ ଭଙ୍ଗା



ତାଳଧ୍ୱଜ ରଥ ଭଙ୍ଗାଯାଉଛି।

ପୁରୀ ଅଫିସ,୧୯।୮

ସିଂହଦ୍ୱାର ସମ୍ମୁଖରେ ରହିଥିବା ତାଳଧ୍ୱଜ ରଥ ଭଙ୍ଗା ରବିବାର ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଏହା ଭଙ୍ଗା ଯାଉଛି। ଏଥିରେ ୧୦ ଜଣ ଭୋଇ ସେବକ ନିୟୋଜିତ ହୋଇଛନ୍ତି। ପୂର୍ବାହ୍ନ ୧୦ଟାରେ ରଥଭଙ୍ଗା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ରଥର କଳସ, ଖପୁରି, ପାରାଭାଡ଼ି, ପୋଟଳ, ପୋଟଳ ପାଳେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ମୂଳ ଭୂଇଁ ଭଙ୍ଗାଯାଇଛି। ଭଙ୍ଗାଯାଇଥିବା ଏହି କାଠକୁ ଦୋଳବେଦି ପରିସରରେ ରଖାଯାଇଛି। ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ୩ ଦିନ ସମୟ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି।
ସୂଚନାଯୋଗ୍ୟ, ପ୍ରଥମେ ଦର୍ପଦଳନ ରଥ ଭଙ୍ଗା ସରିଛି। ତାଳଧ୍ୱଜ ରଥ ଭଙ୍ଗା କାମ ଶେଷ ହେବା ପରେ ନନ୍ଦିଘୋଷ ରଥ ଭଙ୍ଗାଯିବ।

■ ସାକାର ହେବ ସ୍ୱପ୍ନ, ନିର୍ମାଣ ହେବ ଆକ୍ୱାରିୟମ

## ଇଡ୍‌କୋକୁ ଜମି ହସ୍ତାନ୍ତର



ପ୍ରସ୍ତାବିତ ଆକ୍ୱାରିୟମ୍ ପାଇଁ ଉଦ୍‌ଘାଟିତ ହୋଇଥିବା ଫଳକ।

ପୁରୀ ଅଫିସ, ୧୯।୮

ପୁରୀର ଅର୍ବାନ ହାଟ ସମ୍ମୁଖ ପଡ଼ିଆରେ ସାମୁଦ୍ରିକ ଆକ୍ୱାରିୟମ ନିର୍ମାଣ ଲାଗି ୫କୋଟି ଟଙ୍କା ଅନୁମୋଦନ କରିଥିଲା ରାଜ୍ୟ ପର୍ଯ୍ୟଟନ ବିଭାଗ। ଜମି ଚିହ୍ନଟ ହେଲା। ଆକ୍ୱାରିୟମ ନିର୍ମାଣ ଲାଗି ହେଲା ଦୁଇ ଦୁଇଥର ଶିଳାନ୍ୟାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଶିଳାନ୍ୟାସ ହେବାର ବହୁ ବର୍ଷ ବିତିଯାଇଛି। ଉକ୍ତ ପ୍ରକଳ୍ପ ସ୍ଥଳ ଡମ୍ପିଂୟାର୍ଡ ପାଲଟିଥିବା ବେଳେ ଶିଳନ୍ୟାସ ଫଳକ ଉପରେ ଗଛଲତା ମାଡ଼ିଗଲାଣି। ସାମୁଦ୍ରିକ ଆକ୍ୱାରିୟମ ପ୍ରକଳ୍ପ ପୁରୀ ପାଇଁ ସ୍ୱପ୍ନ ବୋଲି କୁହାଯାଉଥିବାବେଳେ ତାହା ଏବେ ସାକାର ହେବାକୁ ଯାଉଛି।
ଦୀର୍ଘ ବର୍ଷ ପରେ ଆକ୍ୱାରିୟମ ନିର୍ମାଣ ଲାଗି ଆରମ୍ଭ ହୋଇଛି ପଦକ୍ଷେପ। ଟେଣ୍ଡର ପ୍ରକ୍ରିୟା ସରି କୋଠା ନିର୍ମାଣ ପାଇଁ ଇଡ୍‌କୋକୁ ଗତ ଦୁଇଦିନ ତଳେ ପର୍ଯ୍ୟଟନ ବିଭାଗ ଜମି ହସ୍ତାନ୍ତର କରିଛି। ଇଡ୍‌କୋ ପକ୍ଷରୁ ମୃତ୍ତିକା ପରୀକ୍ଷା ପାଇଁ ପଠାଯାଇଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଇଡ୍‌କୋ ପକ୍ଷରୁ ଘର ନିର୍ମାଣ କାର୍ଯ୍ୟ ସରିବା ପରେ ଅହମ୍ମଦାବାଦର ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟ ଷ୍ଟଡିଜ ପକ୍ଷରୁ ସାମୁଦ୍ରିକ ଆକ୍ୱାରିୟମ ନିର୍ମାଣ କରାଯିବ ବୋଲି ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ସୂଚନା ଦେଇଛନ୍ତି।
ନୀଳାଚଳ ଅର୍ବାନ ହାଟ ସମ୍ମୁଖରେ ୨ଏକର ୪୦୪ ଡେସିମିଲ ଜମି ସାମୁଦ୍ରିକ ଆକ୍ୱାରିୟମ ନିମନ୍ତେ ଚିହ୍ନଟ ହୋଇଛି। ଏଥିରେ ଆକ୍ୱାରିୟମ ଗୃହ, ଫୁଡ ପ୍ଲାଜା, ଶୌଚାଳୟ, ଟିକେଟ ଘର ଏବଂ ପର୍ଯ୍ୟଟକ ବିଶ୍ରାମ ଗୃହ ଆଦି ରହିବ। ଏଥିଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୫କୋଟି ଟଙ୍କାର ବଜେଟ ରଖାଯାଇଥିଲା। କିନ୍ତୁ ଜମି ସମସ୍ୟା ଏବଂ ପର୍ଯ୍ୟଟନ ବିଭାଗ, ସେଣ୍ଟର ଫର ଏନ୍‌ଭାଇରନମେଣ୍ଟ ଷ୍ଟଡିଜ ଓ ଇଡ୍‌କୋ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ କାର୍ଯ୍ୟ ଆଗଉ ପାରିଲା ନାହିଁ। ଯେତିକି ବିଳମ୍ବ ହେଲା ଅଟକଳ ମଧ ବଢିବାରେ ଲାଗିଲା। ବର୍ତ୍ତମାନ ବ୍ୟୟ ଅଟକଳ ୮କୋଟି ୮୫ଲକ୍ଷ ଟଙ୍କାରେ ପହଞ୍ଚିଛି। କୋଠା ନିର୍ମାଣରେ କେବଳ ୪କୋଟି ୯୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ନିର୍ମାଣ ସରିବା ପରେ ପ୍ରଥମ ବର୍ଷ ପରିଚାଳନା ଲାଗି ୬୦ଲକ୍ଷ ଟଙ୍କା ରହିଛି। ଗୁଜରାଟ ଅହମ୍ମଦାବାଦର ସିଇସି ଆକ୍ୱାରିୟମ କରିବ। ସିଇସିକୁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଦିଆଯାଇଛି। ଏହି ଆକ୍ୱାରିୟମ ନିର୍ମାଣ ହେଲେ ପର୍ଯ୍ୟଟକମାନେ ସାମୁଦ୍ରିକ ଜଳଜୀବ, ଶୈବାଳ ଆଦି ଦେଖିବାର ସୁଯୋଗ ପାଇବେ।

### ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବେ ଗ୍ରାମରକ୍ଷୀ

ଖୋର୍ଦ୍ଧା ଅଫିସ,୧୯।୮

ଖୋର୍ଦ୍ଧା ଜିଲାର ବାଣପୁର ଥାନା ପରିସରରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ଆନୁକୂଲ୍ୟରେ ବାଣପୁର ବାଲୁଗାଁ ଗ୍ରାମରକ୍ଷୀମାନଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି କାଳୁ ଚରଣ ବାରିକ, ସମ୍ପାଦକ ଗୋଲଖ ସେଠୀ, ସହସମ୍ପାଦକ ହରିହର ନାୟକ, କୋଷାଧ୍ୟକ୍ଷ ମେଳଛ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ଗ୍ରାମରକ୍ଷୀମାନଙ୍କର ସୁବିଧା ଅସୁବିଧା ସମ୍ପର୍କ ଆଲୋଚନା ହୋଇଥିଲା। ତେବେ ସରକାର ଗ୍ରାମରକ୍ଷୀଙ୍କ ମାସିକ ବେତନ ୯ ହଜାର ୩୦୦ ଟଙ୍କା ସମେତ ଡିଏ, ଗ୍ରେଡ୍‌ପେ ସହ ଅନ୍ୟାନ୍ୟ ସୁବିଧା, ଭିଲେଜ ଗାର୍ଡ ପରିବର୍ତ୍ତେ ଭିଲେଜ ପୋଲିସ ମାନ୍ୟତା ଖାଲିପଦବିପୂରଣ, ଫେଷ୍ଟିଭାଲ ଓ ସ୍ପେଶାଲ ଆଲାଉନ୍ସ, ଉନ୍ନତମାନର ପ୍ରଶିକ୍ଷଣ ସହିତ କାର୍ଯ୍ୟରତ ବେଳେ ମୃତ୍ୟୁବରଣ କଲେ ୧୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଆଦି ୬ ଦଫା ଦାବି ରହିଛି। ସରକାର ଯଦି ଏଗୁଡିକ ତୁରନ୍ତ ପୂରଣ ନ କରନ୍ତି ତେବେ ରାଜ୍ୟ ସଂଘ ନିର୍ଦ୍ଦେଶ ଅନୁସାରେ ସେପ୍ଟେମ୍ବର ୧୦ରେ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

■ ସଚେତନ ନାଗରିକ ମଞ୍ଚର ଆଲୋଚନାଚକ୍ର

## ନାରୀକୁ ନିଆଁ ଭାବିଲେ ଅଣ୍ଟି ପୋଡ଼ିଯିବ

ପୁରୀ ଅଫିସ,୧୯।୮




ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ର।

ଉତ୍ତର ପିଢିଙ୍କୁ ଆମକୁ ହିଁ ତିଆରି କରିବାକୁ ହେବ। ସେମାନଙ୍କୁ ସଣ୍ଣା, ଶିଷ୍ଟାଚାର, ସଦାଚାର ଶିଖାଇବାକୁ ପଡ଼ିବ। ଆମେ ଯେମିତି ଗଢିବା ସେମାନେ ସେମିତି ଆଗକୁ ବଢିବେ। ଯଦି ମୂଳଦୁଆ ଚହଲିଯିବ, ତେବେ ଉପରକୁ ଆଉ ତିଆରି କରିହେବ ନାହିଁ। ତେଣୁ ଆମକୁ ମୂଳଦୁଆ ଠିକ୍ କରିବାକୁ ପଡିବ ବୋଲି କହିଛନ୍ତି ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ।
ରବିବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ପ୍ରତିକ ସମାଜରେ ନାରୀ କେତେ ସୁରକ୍ଷିତ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜସ୍ୱ ପ୍ରଶାସକ କହିଥିଲେ, ନାରୀ ଯୁଗେ ଯୁଗେ କ୍ଷମତାର କେନ୍ଦ୍ର, ପ୍ରେରଣାର ଉତ୍ସ ଓ ସମ୍ଭାବନାର ସମ୍ଭବ। ନାରୀ ଭାଙ୍ଗି ପଡୁଥିବା ପୃଥିବୀକୁ ଯୋଡ଼ିଦେବାର ଏକ ପ୍ରକୃଷ୍ଟ ମାଧ୍ୟମ। କିନ୍ତୁ ନାରୀକୁ ନିଆଁ ବୋଲି ଭାବିଲେ ବଡ଼ ଭୁଲ୍ ହୋଇଯିବ, ସେହି ନିଆଁରେ ଅଣ୍ଟି ପୋଡ଼ିଯିବ। ନାରୀ କେବେ ନିଜ ପାଇଁ ସୁରକ୍ଷା ମାଗେ ନାହିଁ, ସେ ସର୍ବଦା ସୁରକ୍ଷା ପ୍ରଦାନ କରିଥାଏ ବୋଲି ରାଜସ୍ୱ ପ୍ରଶାସକ କହିଥିଲେ। ମୁଖ୍ୟଅତିଥି ନଗରପାଳ ଜୟନ୍ତ ଷଡ଼ଙ୍ଗୀ ନାରୀ ଅବଳା କି ଦୁର୍ବଳା ନୁହେଁ, ସେ ଶକ୍ତି। ବର୍ତ୍ତମାନ ମହିଳାଙ୍କ ଯେଉଁପରି ବିକାଶ ଘଟିଛି ନିଶ୍ଚିତ ସମାଜ ସୁଧୁରିଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟା ଜୟଶ୍ରୀ ମହାପାତ୍ର କହିଥିଲେ ଯେ, ନାରୀ ନିଜେ ନିଜର ସୁରକ୍ଷା କରିବା ଦରକାର। ବେଳେବେଳେ ନାରୀର ଶତ୍ରୁ ନାରୀ ପାଲଟି ଯାଉଛି। ଏହି ଗୋଡ଼ଟଣା ପ୍ରବୃତ୍ତିରୁ ଆମକୁ ଦୂରେଇ ରହିବାକୁ ହେବ। ଏହାଦ୍ୱାରା ନାରୀ ସୁରକ୍ଷିତ ହୋଇପାରିବ। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଉପନଗରପାଳ ଶାନ୍ତିଲତା ପ୍ରଧାନ, ବରିଷ୍ଠ ସେବକ ଗୌରୀଶଙ୍କର ସିଂହାରୀ, ନାରୀନେତ୍ରୀ ପୁଷ୍ପାଞ୍ଜଳି ରଣା, ଅରୁଣିମା ନନ୍ଦ, ଜ୍ୟୋତିର୍ବିଦ୍ ଅନାମ ଚରଣ ସାହୁ, ସାମାଜିକ କର୍ମୀ ନାରାୟଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।
ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର, ସଂସ୍କୃତ ବିଦ୍ୱାନ୍ ଡ. ଦୟାନିଧି ପଣ୍ଡା, ସାମାଜିକ କର୍ମୀ ଦେବ ପଧାନ, ମଦର ଟେରେସା, ନିକୁଞ୍ଜ କିଶୋର ନାୟକ, ସ୍ମୃତିରଞ୍ଜନ ପତି, କୃଷ୍ଣ ପ୍ରସାଦ ମିଶ୍ର, ଡା. ସୁଜିତ ମହାପାତ୍ର, ବିଜୟ ମିଶ୍ର, ନାରାୟଣ ଚନ୍ଦ୍ର ସିହ୍ନା, ପୁଷ୍ପାଞ୍ଜଳି ରଣାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସ୍ମରଣିକା ଭଏସ୍ ଅଫ୍ ଦି ଭଏସ୍‌ଲେସ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

■ ବେଗୁନିଆରେ ଡେଙ୍ଗୁ ରୋଗୀ ଚିହ୍ନଟ

## ପହଞ୍ଚିଲାନି ଡାକ୍ତରୀ ଦଳ

ବେଗୁନିଆ,୧୯।୮ (ଡି.ଏନ.ଏ.)

■ ସଂଗ୍ରହ ହେଲାନି ରକ୍ତ ନମୁନା
■ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଡେଙ୍ଗୁ ବ୍ୟାପିବା ଆଶଙ୍କା



ବଡବେରଣା ଗ୍ରାମର ପୀଡିତଙ୍କ ବାଡି ପଟେ ବିପର୍ଯ୍ୟସ୍ତ ପରିମଳ ।

ଚଳିତବର୍ଷ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଟିକେ ହେଲେ ବି ତତ୍ପରତା ଦେଖାଉନାହିଁ। ଗାଁ ଗାଁରେ ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ କୌଣସି ସଚେତନ ସୃଷ୍ଟି କରାଯାଉନାହିଁ। ସବୁଠି ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଏବେ ବର୍ଷା ଋତୁ ଚାଲିଛି। ଆଗାମୀଦିନରେ ଡେଙ୍ଗୁ ଓ ସ୍ୱାଇନ ଫ୍ଲୁ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି।
ପ୍ରକାଶଥାଉ କି ପ୍ରତିବର୍ଷ ବର୍ଷା ଋତୁ ଆସିଲେ ବ୍ଲକ ଅଞ୍ଚଳରେ ଡେଙ୍ଗୁ ଓ ସ୍ୱାଇନ ଫ୍ଲୁ ରୋଗରେ ଲୋକେ ପୀଡିତ ହୋଇଥାନ୍ତି। ପୂର୍ବବର୍ଷ ମଧ ସ୍ୱାଇନ ଫ୍ଲୁରେ ୭ ଜଣ ଓ ଡେଙ୍ଗୁ ରୋଗରେ ୧୧ ଜଣ ଆକ୍ରାନ୍ତ ହୋଇଥିଲେ। ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା କଥା। ମାତ୍ର ଏହି ଅଞ୍ଚଳରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କର ପଦବି ପୂରଣ ହୋଇରହିଛି। ହେଲେ ସେମାନେ ନିଯୁକ୍ତି ପାଇଥିବା ନିଜ ନିଜର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ଛାଡି ଭୁବନେଶ୍ୱର, କଟକରେ ରହି ବ୍ୟବସାୟ ଚଳାଉଥିବା ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ପାଖରେ ଏ ସମ୍ପର୍କରେ ଖବରଥାଇ ମଧ କୌଣସି ପଦକ୍ଷେପ ନେଇ ପାରୁନାହାନ୍ତି। ଏହା ତଦନ୍ତ ସାପେକ୍ଷ ବୋଲି ଜନସାଧାରଣ ଅଭିଯୋଗ କରୁଛନ୍ତି। ତେବେ ଗୁରୁତର ରୋଗରେ ଲୋକେ ପୀଡିତ ହେଲେ ଗାଁରେ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଦୂରଦୂରାନ୍ତକୁ ଯାଇ ହନ୍ତସନ୍ତ ହେଉଛନ୍ତି। ଏ କ୍ଷେତ୍ରରେ ମଧ ବଡବେରଣା ଗ୍ରାମର ନିଖିଳ ମହାପାତ୍ର ନାମକ ଜଣେ ଯୁବକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାତ୍ର ୨ ଦିନ ବିତିଯାଇଥିଲେ ମଧ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ପରିବାର ଲୋକଙ୍କୁ ଏଯାଏ ଡାକ୍ତରୀ ଦଳ ଭେଟି ନାହାନ୍ତି କି ଗାଁରେ ପ୍ରତିକାର ପାଇଁ କୌଣସି ପଦକ୍ଷେପ ମଧ ନେଉ ନାହାନ୍ତି। କେବଳ ଆଶାକର୍ମୀମାନଙ୍କ ଦ୍ୱାରା ଖୋଲା କୂଅରେ ବ୍ଲିଚିଂ ପାଉଡର ସିଞ୍ଚନ ପରେ ସୀମିତ ହୋଇ ରହିଯାଇଛି। ସେହିପରି ଉକ୍ତ ଗ୍ରାମର ବସବାସ କରୁଥିବା ଜନସାଧାରଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ହେବା କଥା। ତାହା ମଧ ଏଯାବତ କରାଯାଇନାହିଁ। ଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇରହିଛି। ଗାଁ କଲ୍ୟାଣ ସମିତି ମାଧ୍ୟମରେ ପରିମଳ ସଫା ସୁତୁରା କରିବାର ନିୟମ ରହିଛି। ହେଲେ ତାହା କରାଯାଉନାହିଁ। ଯଦି ଆଗାମୀଦିନରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ନ ହେବ ତେବେ ରୋଗୀଙ୍କ ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବଡବେରଣା ଗ୍ରାମରେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି। ଆଗକୁ ଆଉ ଏହି ରୋଗ ବ୍ୟାପକ ହେବା ପାଇଁ ଆମ ବିଭାଗ ପକ୍ଷରୁ ସୁଯୋଗ ଦେବୁନାହିଁ। କର୍ମଚାରୀ ଅନୁପସ୍ଥିତ ରହୁଥିବା ଖବର ମୋ ପାଖକୁ ଆସିଛି। ସେମାନଙ୍କ ଉପରେ ପଦକ୍ଷେପ ନେବା ପାଇଁ ମୁଁ ସିଡିଏମଓଙ୍କ ପାଖକୁ ଚିଠି ମାଧ୍ୟମରେ ଜଣାଇ ଦେଇଛି।

## ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ପାଇଁ ସଚେତନ କଲା ଆଦିତ୍ୟ ବାହିନୀ

ପୁରୀ ଅଫିସ, ୧୯।୮




ପୁରୀ ଆଦିତ୍ୟବାହିନୀ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହି ପ୍ରଦୂଷଣ ପାଇଁ ପ୍ରମୁଖ ଦାୟୀ ହେଉଛି ପ୍ଲାଷ୍ଟିକ୍ ଓ ପଲିଥିନ। ଏହାର କୁପ୍ରଭାବର ଶିକାର ହେଉଛି ମଣିଷ। ତେଣୁ ଆମକୁ ହିଁ ସଚେତନ ହେବାକୁ ପଡିବ। ପ୍ଲାଷ୍ଟିକ, ପଲିଥିନ ବ୍ୟବହାରରୁ ମୁହଁ ଫେରାଇବାକୁ ହେବ। ଏଭଳି ସଚେତନତା ବାର୍ତ୍ତା ଦେଇ ପ୍ଲାଷ୍ଟିକ, ପଲିଥିନମୁକ୍ତ ଓଡ଼ିଶା ଅଭିଯାନରେ ସାମିଲ ହୋଇଛି ଆଦିତ୍ୟ ବାହିନୀ। ରବିବାର ସକାଳେ ଗୋବର୍ଦ୍ଧନ ମଠ ତରଫରୁ ଆଦିତ୍ୟ ବାହିନୀ ପକ୍ଷରୁ ପ୍ଲାଷ୍ଟିକ, ପଲିଥିନମୁକ୍ତ ଓଡ଼ିଶା ଅଭିଯାନ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଆଦିତ୍ୟ ବାହିନୀ କର୍ମକର୍ତ୍ତାଙ୍କ ସହ ସାଧାରଣ ଜନତା ସାମିଲ ହୋଇ ପୁରୀ ସହରର ବିଭିନ୍ନ ସାହି ବସ୍ତି ପରିକ୍ରମା କରିଥିଲେ। ଶୋଭାଯାତ୍ରାକାରୀମାନେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରାରେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ ରଥ, ପୁରୀ ଆଦିତ୍ୟ ବାହିନୀ ସଭାପତି ବିଜୟକୃଷ୍ଣ ବ୍ରହ୍ମା, ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ପୁରୀ ଜିଲା ଆଦିତ୍ୟ ବାହିନୀ ସମ୍ପାଦକ ଦେବେନ୍ଦ୍ର ମହାରଣା ପ୍ରମୁଖ ସାମିଲ ଥିଲେ।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ସନ୍ଦିହାନ ହେବା ଉଚିତ। - କଲମ୍ବସ୍



## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ଦଶପଲ୍ଲା,୧୯।୮(ଡି.ଏନ.ଏ.): ରବିବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଦଶପଲ୍ଲା-ଗଣିଆ ରାସ୍ତାର ଦ୍ୱାରଗାଁ ଛକ ନିକଟରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି। ହେଲେ ତାଙ୍କ ପରିଚୟ ମିଳିପାରିନାହିଁ। ବ୍ୟକ୍ତି ଜଣକ ଦଶପଲ୍ଲାରୁ ମଧ୍ୟଖଣ୍ଡ ଅଭିମୁଖେ ସାଇକେଲରେ ଯାଉଥିବା ବେଳେ ହଠାତ୍ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପ୍ରତିଭା ସମ୍ମାନ ଉତ୍ସବ

ନିରାକାରପୁର,୧୯।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନିକଟସ୍ଥ ଗଡଶାରଦ ବାତ୍ୟା ଆଶ୍ରୟସ୍ଥଳୀରେ ନିଲିମା ମତଗଜସିଂହ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ହାଇସ୍କୁଲ ଓ ୮ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ନଗଦରାଶି ସହିତ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ବୈକୁଣ୍ଠନାଥ ମତଗଜସିଂହ ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ସରପଞ୍ଚ ମାଧବ ବଳବନ୍ତରାୟ ମୁଖ୍ୟଅତିଥି ଓ କପିଳେଶ୍ୱର ଦକ୍ଷିଣ କବାଟ, ଲକ୍ଷ୍ମୀଧର ସାମନ୍ତରାୟ ଓ ଧନେଶ୍ୱର ଦଳ ବେହେରା ପ୍ରମୁଖ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ଲଳିତ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ଅନୁଷ୍ଠାନର ଉଦ୍ୟୋକ୍ତା ଜୟ ମତଗଜସିଂହ ଧନ୍ୟବାଦ ଦେଇଥିଲେ।

### ୩ ଘଣ୍ଟା ଟ୍ରାଫିକ୍‌ରେ ଫସିରହିଲା ଟ୍ରକ୍



ନୟାଗଡ଼ ଅଫିସ,୧୯।୮: ନୟାଗଡ଼ ସହରର ଟ୍ରାଫିକ୍ ଛକଠାରେ ରବିବାର ଏକ ଟ୍ରକ୍ ୩ଘଣ୍ଟା କାଳ ଫସି ରହିଥିଲା। ଟ୍ରକ୍‌ଟିର ପତା ଭାଙ୍ଗିଯିବାରୁ ଏହିଭଳି ଅସୁବିଧା ଦେଖାଦେଇଥିଲା। ଫଳରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ (ଓଡ଼ି ୦୭ଏଚ୍-୨୯୭୧) ଗାଡ଼ିଟି ଟ୍ରେନ୍ ଲାଇନ୍‌ରେ ପଡ଼ିବା ପାଇଁ ଥିବା ରେଳ ପୋଇ ନେଇ ଯାଉଥିଲା। ଅତ୍ୟଧିକ ପୋଇ ଲୋଡ଼ ହୋଇଥିବାରୁ ଗାଡ଼ିର ପତା ଭାଙ୍ଗି ଯାଇଥିଲା ଓ ଟ୍ରାଫିକ୍ ଛକଠାରେ ଏହା ଫସି ରହିଥିଲା। ଟ୍ରକ୍ ମରାମତି ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ମେଧା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ

ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.): କନ୍ଦନୟାଗଡ ରଘୁଦିବାକର ହାଇସ୍କୁଲ ପରିସରରେ ମେଧା ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର ସିଆରସିସି ପ୍ରଶାନ୍ତ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଡା. ମଧୁସୂଦନ ସେନାପତି, ନାରାୟଣ ମହାପାତ୍ର, ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ମନୋଜ କୁମାର ଦାସ, ଭଗବାନ ଗୁରୁ, ସୁକାନ୍ତ କୁମାର ପ୍ରଧାନ, ଅନନ୍ତ ଚରଣ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କର ପ୍ରତିଭା ବିକାଶ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁରେଶ ଚନ୍ଦ୍ର ପାଇକରାୟ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

### ଶିକ୍ଷାଅଧିକାର ସଚେତନତା କର୍ମଶାଳା

ଖୋର୍ଦ୍ଧା ଅଫିସ,୧୯।୮: ବାଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ନୀଳାଦ୍ରିପ୍ରସାଦ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗ୍ରାମ୍ୟ ଶିକ୍ଷା ସହାୟକଙ୍କ ପୁନଃଜାଗରଣ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏକତା ପରିଷଦ ଟ୍ରଷ୍ଟର ପରିଚାଳିକା ସନ୍ଧ୍ୟା ଦେବୀଙ୍କ ସଭାପତିତ୍ୱରେ ଭାଟପଡା ଅଞ୍ଚଳ ସାଧନା କେନ୍ଦ୍ରର ସଂଯୋଜକ ବ୍ରଜ ସୁନ୍ଦର ମିଶ୍ର ମୁଖ୍ୟଅତିଥି ଓ ମହିଳା ମହାସଂଘର ସଭାନେତ୍ରୀ ମଞ୍ଜୁଲତା ଦାସ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ବକ୍ତବ୍ୟରେ କହିଥିଲେ ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାରମୟ। ତେବେ ୬ରୁ ୧୪ବର୍ଷର ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଦିଗହରା ହୋଇପଡୁଛି।

# କେରଳରେ ଫସିଛନ୍ତି ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ

ନୟାଗଡ଼ ଅଫିସ,୧୯।୮



ମହେଶ୍ୱର ଓ ଅକ୍ଷୟଙ୍କ ପରିବାର।

- ଉଦ୍ଧାର ପାଇଁ ପରିବାରର ଆକୁଳ ନିବେଦନ
- ୪ଦିନ ହେଲା ଘରେ ଜଳିନି ଚୁଲି
- ଆଶା ଓ ଆଶଙ୍କାରେ ପରିବାର ଲୋକେ

ଗ୍ରାମରେ କାମଧନ୍ଦା ମିଳିଲା ନାହିଁ। ଘରେ ସ୍ତ୍ରୀ ଓ ପୁଅକୁ ଛାଡ଼ି ୪ମାସ ତଳେ କାମ ସନ୍ଧାନରେ କେରଳର ତ୍ରିଶୂରକୁ ଯାଇଥିଲେ। ହେଲେ ସେଠାରେ ବର୍ତ୍ତମାନ ଦେଖାଦେଇଥିବା ଭୟଙ୍କର ବନ୍ୟାରେ ଫସିଯାଇଛନ୍ତି। ୪ଦିନ ତଳେ ଟିଭିରେ ନ୍ୟୁଜ୍ ଦେଖିବା ପରେ ଫୋନ୍ ଲଗାଇଥିଲି। ହେଲେ ତାଙ୍କ ଫୋନ୍ ଲାଗିଲା ନାହିଁ। ଏପରିସ୍ଥିତିରେ ବର୍ତ୍ତମାନ କ'ଣ କରିବି ତାକୁ ନେଇ ଚିନ୍ତାରେ ଅଛି। ଏ ହେଉଛି ନୟାଗଡ଼ ବ୍ଲକ ନୋଡର ପଞ୍ଚାୟତ କେନ୍ତୁପଡ଼ା ଗ୍ରାମର ଜ୍ୟୋତ୍ସ୍ନା ପଲେଇଙ୍କ କଥା। ସ୍ୱାମୀ ମହେଶ୍ୱର ପଲେଇଙ୍କୁ ଉଦ୍ଧାର କରିବା ପାଇଁ ସେ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ଖାଲି ମହେଶ୍ୱର ନୁହେଁ ତାଙ୍କ ସାଙ୍ଗରେ ଯାଇଥିବା ସମ୍ପର୍କୀୟ ଭାଇ ଅକ୍ଷୟ କୁମାର ପଲେଇଙ୍କ ମଧ୍ୟ ସମାନ ଅବସ୍ଥା। ୮ଦିନ ତଳେ ପୁଅ ସହିତ କଥା ହୋଇଥିବା କହିଛନ୍ତି ମା' ସତ୍ୟ ପଲେଇ। ହେଲେ ୪ଦିନ ହେଲା ଆଉ ଅକ୍ଷୟଙ୍କ ସହିତ ଯୋଗାଯୋଗ ହୋଇପାରିନାହିଁ। ଫଳରେ ୪ଦିନ ହେଲା ୨ ପରିବାରଙ୍କ ଘରେ ଚୁଲି ଜଳି ନ ଥିବା କହିଛନ୍ତି। ଏହିଭଳି ଭାବେ ଭଗବାନଙ୍କ ଭରସାରେ ବର୍ତ୍ତମାନ ଦୁଇ ପରିବାର ଅଛନ୍ତି। ସୋମବାର ଜିଲାପାଳଙ୍କୁ ଭେଟି ଉଦ୍ଧାର କରିବା ପାଇଁ ନିବେଦନ କରିବେ ବୋଲି ସେମାନଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି। ସେହିଭଳି ଉକ୍ତ ଗ୍ରାମର ବୈଷ୍ଣବ ଗୁରୁଙ୍କ ପୁଅ କୃପାସିନ୍ଧୁ ଗୁରୁ। କେରଳକୁ କାମ କରିବାକୁ ଯାଇଥିବା ବେଳେ ସେ ମଧ୍ୟ ଫସିଯାଇଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ସହିତ ମୋବାଇଲ୍‌ରେ ସେ ଯୋଗାଯୋଗରେ ଅଛନ୍ତି। ଭାପୁର ବ୍ଲକ ବାହାଡ଼ା ଗ୍ରାମର ସନ୍ତୋଷ ମାଝି ଓ କୈଳାସ ମହାରଣାଙ୍କ ମଧ୍ୟ ସମାନ ଅବସ୍ଥା । ଶ୍ରମିକ ଭାବେ କେରଳକୁ କାମ କରିବାକୁ ଯାଇଥିବା ବେଳେ ବନ୍ୟାରେ ଫସି ରହିଛନ୍ତି। ବର୍ତ୍ତମାନ କାନ୍ଦ ବୋବାଳିରେ ଘର ଫାଟି ପଡୁଛି। ଆଶା ଓ ଆଶଙ୍କାରେ ସମସ୍ତ ପରିବାର ଲୋକ ଅଛନ୍ତି। ଅନ୍ୟପଟେ ଦଶପଲ୍ଲା ବ୍ଲକର ଚଢ଼େୟାପଲ୍ଲୀ, ବାଣିଗୋଛା, ନୂଆଗାଁ, କଳସାଖମଣ ଆଦି ଗ୍ରାମର ୧୯ଜଣ, ଶରଣକୁଳ ଥାନା ଶିଖରପୁର ଗ୍ରାମର ୩ଜଣ ଶ୍ରମିକ ଫସିରହିଥିବା ସୂଚନା ମିଳିଛି। ଏହିଭଳି ଭାବେ ଜିଲାରେ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫସିରହିଥିବା ଅନୁମାନ କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ପ୍ରଶାସନକୁ ଗୁହାରି କରିଛନ୍ତି। ଅନ୍ୟପକ୍ଷରେ କେରଳରେ ଫସିରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ଏସ୍‌ଆରସିଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଥିବା ପ୍ରଶାସନ ତରଫରୁ ସୂଚନା ମିଳିଛି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକ କର୍ମଶାଳା

ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୧୯।୮

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ରବିବାର ଏକ ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏହି କର୍ମଶାଳାରେ ନିରନ୍ତର ସାମଗ୍ରୀକ ମୂଲ୍ୟାୟନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସାଧନାକର୍ମୀ ସୁବାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଜୀବନ ଶିକ୍ଷା ସଂସଦର ଜୋନ୍ ସଂଯୋଜକ କପିଳ ପ୍ରସାଦ ଦାସ ଓ ଜିଲା ଆବାହକ ସନାତନ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁକାନ୍ତ ଚନ୍ଦ୍ର ଚୌଧୁରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସୌଦାମିନୀ ମହାପାତ୍ର ସହଯୋଗ କରିଥିଲେ। ଜିଲାର ୧୧ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୭୫ ଜଣ ଶିକ୍ଷକ ଓ ସଙ୍ଗଠକ କର୍ମଶାଳାରେ ଉପସ୍ଥିତ ଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

## ସରସ୍ୱତୀ ବିଦ୍ୟାମନ୍ଦିରର ପରିଚାଳନା କମିଟି ଗଠିତ

ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.)

ଟାଙ୍ଗୀ ବ୍ଲକ କୁହୁଡି ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇ ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ଖୋର୍ଦ୍ଧାର ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକ ପ୍ରଧାନ ଶିକ୍ଷକ ପବିତ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲ। ପୁରାତନ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ନୂତନ କମିଟି ଗଠିତ ହୋଇଥିଲା। ଏଥିରେ ହରିବନ୍ଧୁ ସାମନ୍ତରାୟ ସଭାପତି, ସୁଜାତା ଛୋଟରାୟ ଉପସଭାପତି, ବିଧୂ ଭୂଷଣ ବେହେରା ସମ୍ପାଦକ, ବି. ମନୋଜ କୁମାର ନାଇଡୁ ଯୁଗ୍ମ ସମ୍ପାଦକ ଓ ପ୍ରଶାନ୍ତ ସାମନ୍ତରାୟ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲା ବେଳେ ରତିକାନ୍ତ ବୈରୀଗଞ୍ଜନ ଓ କିରଣବାଳା ଭୁଜବଳ ସଦସ୍ୟ ରୂପେ ମନୋନୀତ ହୋଇଥିଲେ।

## ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.)

ଚିଲିକା ବ୍ଲକର ମୁଣ୍ଡାଳ ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରିରେ ସାପ କାମୁଡାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଅର୍ନଦା ପ୍ରଧାନ(୩୦)। ତାଙ୍କ ୩ ବର୍ଷ ବୟସ୍କା ଝିଅକୁ ନେଇ ଖଟରେ ଶୋଇଥିଲେ। ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେବାରୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବା ଦେଖି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଭୁବନେଶ୍ୱରରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି।

# ୨ ରାଜପଥ ଲୁଟେରା ଗିରଫ

ଦଶପଲ୍ଲା,୧୯।୮ (ଡି.ଏନ.ଏ.)

**ବାଇକ୍, ଟଙ୍କା, ଏଟିଏମ୍ କାର୍ଡ ଜବତ**

ଦୀର୍ଘଦିନ ଧରି ରାଜପଥରେ ଆତଙ୍କ ଖେଳାଇ ଆସୁଥିବା ୨ଜଣ ଲୁଟେରାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦଶପଲ୍ଲା ଥାନା କଉଡା ଗ୍ରାମର ବିଜୁ ନାୟକ ଓ ହରିଡାବାଡି ଗ୍ରାମର କିଶୋର ସାହୁ। ଏମାନଙ୍କ ନାମରେ ପୋଲିସ ପୃଥକ୍ ଭାବେ ୧୧୭ ଓ ୧୧୮/୧୮ରେ ୨ଟି ମାମଲା ରୁଜୁ କରିଛି। ଦଶପଲ୍ଲା-ଭଞ୍ଜନଗର ରାସ୍ତାର ବଡକୁରୁଡଙ୍ଗିଠାରେ ପିସ୍ତଲ ଦେଖାଇ ଲୁଟ୍ କରି ଖସି ପଳାଉଥିବା ବେଳେ ଏମାନଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ଏମାନଙ୍କଠାରୁ ପୋଲିସ ୩ ବାଇକ୍ ସମେତ ୫ ହଜାର ଟଙ୍କା, ଏଟିଏମ୍ କାର୍ଡ, ଗାଡି କାଗଜପତ୍ର ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ଏମାନେ ପ୍ରଥମେ ପଙ୍କୁଆଠାରେ ଟ୍ରାକ୍ଟର ଡ୍ରାଇଭର ବାସୁଦେବ ବେହେରାଙ୍କୁ ମାଡମାରି ତାଙ୍କଠାରୁ ୩ ହଜାର ୮ଶହ ୩୦ ଟଙ୍କା ଲୁଟ୍ କରିଥିଲେ। ପରେ ଚଢେୟାପଲ୍ଲୀ ରାସ୍ତାର ବଡକୁରୁଡଙ୍ଗିଠାରେ ଏକ ଏନ୍‌ଜିଓ ସଂସ୍ଥାର ପ୍ରଶାନ୍ତ କୁମାର ନାୟକ ଓ କୃଷ୍ଣଚନ୍ଦ୍ର ଛାଟିଆଙ୍କୁ ମାଡମାରିବା ସହ ଟଙ୍କା ଥିବା ଏକ ବ୍ୟାଗ୍ ନେଇ ପଳାଇଥିଲେ। ସ୍ଥାନୀୟ ଲୋକେ ଏମାନଙ୍କୁ କାବୁ କରିଥିବା ବେଳେ ଘଟଣାସ୍ଥଳରୁ ଜଣେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପୋଲିସ ଏମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ରବିବାର ଏସଡିପିଓ ଜୟରାମ ଶତପଥୀ ଓ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଏମାନଙ୍କୁ ପଚରାଉଚରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି ।

# ସ୍ୱେଚ୍ଛାସେବୀଙ୍କ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୧୯।୮



ଜଣେ ଲୋକଙ୍କୁ ଛାତ୍ରମାନଙ୍କ ତରଫରୁ ସଚେତନ କରାଯାଉଛି ।

ଯୁବ ଛାତ୍ର ସ୍ୱେଚ୍ଛାସେବୀ ବାହିନୀ ତରଫରୁ ରବିବାର ସହରର ବିଭିନ୍ନ ଦୋକାନରେ ସ୍ୱଚ୍ଛତା ବିଷୟରେ ବୁଝାଯାଇଥିଲା। କର୍ମକର୍ତ୍ତାମାନେ ସହରରେ ଥିବା ବିଭିନ୍ନ ଦୋକାନୀଙ୍କୁ ଡଷ୍ଟବିନ୍ ରଖିବାକୁ ପ୍ରବର୍ତ୍ତାଇବା ସହ ଗ୍ରାହକମାନଙ୍କୁ ଏହାର ଉପଯୋଗିତା ବିଷୟରେ ବୁଝାଇଥିଲେ। ସେହିପରି ଦୋକାନର ଅଳିଆ ଆର୍ବଜନା ରାସ୍ତା କଡ଼ରେ ଜମା ନ କରି ଡଷ୍ଟବିନ୍‌ରେ ପକାଇବା, ପାଣିପାଉଚ, ପ୍ଲାଷ୍ଟିକ୍ ଚା କପ୍, ବିଭିନ୍ନ ପନିପରିବା ଚୋପା ଡଷ୍ଟବିନ୍‌ରେ ପକାଇବାକୁ କହିଥିଲେ। ଜଣେ ପର୍ଯ୍ୟଟକ ଆସିଲେ ଯେପରି ନୟାଗଡ଼ ସହରର ସ୍ୱଚ୍ଛତା ବିଷୟରେ ବାହାରେ ପରିପ୍ରକାଶ କରିବ ସେ ନେଇ ଦୋକାନୀମାନଙ୍କୁ ବୁଝାଇଥିଲେ। ଘରକୁ ଘର ବୁଲି ମଧ୍ୟ ସ୍ୱଚ୍ଛତା ବିଷୟରେ ସଚେତନତା କରାଇଥିଲେ। ଛାତ୍ର ନେତା ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଆଦିତ୍ୟ ନାରାୟଣ ସାହୁଙ୍କ ସମେତ ଏକାଧିକ ଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମାନସିଂହପୁରରେ ବିଜେଡି କର୍ମୀ ସମ୍ମିଳନୀ

ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.)

ଆଗାମୀ ନିର୍ବାଚନକୁ ଲକ୍ଷ୍ୟ ରଖି ସଙ୍ଗଠନକୁ ସୁଦୃଢ଼ କରିବା ନିମିତ୍ତ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନସିଂହପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ରବିବାର ମା' ଭଗବତୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାପୁରୁଷ କର୍ମୀଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ରାଜ୍ୟ ବିଜେଡି ସରକାରଙ୍କ ବହୁମୁଖୀ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱଚ୍ଛ ଭାବମୂର୍ତ୍ତିକୁ ଆଧାର କରି କର୍ମୀମାନେ ବୁଥସ୍ତରକୁ ଯାଇ ସାଧାରଣ ଲୋକଙ୍କୁ ସଚେତନ କରାଇ ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚଣ୍ଡ ଘଡେଇ ଓ ଲିଟୁ ଘଡେଇଙ୍କ ନେତୃତ୍ୱରେ ଭାଜପାର ନୀଳମଣି ଘଡେଇ, ତପନ ଘଡେଇ, ଅମୀର ଘଡେଇ, ଅକ୍ରୁର ଜେନା, ପଞ୍ଚାନନ ଘଡେଇ, ପ୍ରଭାତ ଘଡେଇ, ଧୀର ପରିଡା, ମଧୁସୂଦନ ଘଡେଇ, ଦାଶରଥି ମଲ୍ଲିକ, ଗୋଦାବରୀ ଘଡେଇଙ୍କ ସମେତ ବହୁ ସଂଖ୍ୟକ କର୍ମୀ ବିଜେଡିରେ ଯୋଗଦେଇଥିଲେ।

## କଲେଜ ଛାତ୍ରୀଙ୍କୁ ଅପହରଣ

ବେଗୁନିଆ,୧୯।୮ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ରାଉତପଡା ଅଞ୍ଚଳର ଜନୈକା ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୬୩ରେ ନଂ.୧୩୫/୧୮ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ, ବେଗୁନିଆ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ଗତ ୧୨ ତାରିଖରେ କଲେଜ ସାରି ଘରକୁ ଫେରୁଥିଲେ। ହେଲେ ରାସ୍ତାରେ ତାଙ୍କୁ ବାଘମାରୀ ଅଞ୍ଚଳର କେହି ଜଣେ ଯୁବକ ଅପହରଣ କରି ନେଇ ଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଚଳନ୍ତା ଟ୍ରେନରୁ ପଡି ଯାତ୍ରୀଙ୍କ ମୃତ୍ୟୁ

ଟାଙ୍ଗୀ (ଖୋର୍ଦ୍ଧା) ୧୯।୮ (ଡି.ଏନ.ଏ.)

ପୂର୍ବତଟ ରେଳପଥର ମୁକ୍ତେଶ୍ୱର ଷ୍ଟେଶନରେ ଚଳନ୍ତା ଟ୍ରେନ୍‌ରୁ ପଡି ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ମୃତଦେହ ପ୍ଲାଟଫର୍ମ ଉପରେ ପଡି ରହିଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ନିରାକାରପୁର ରେଲୱେ ପୋଲିସ ପହଞ୍ଚି ନ ଥିବାରୁ ପଞ୍ଚନାମା ହୋଇ ପାରି ନାହିଁ।

## ଶେଷ ସୋମବାର ପାଇଁ ଗୁପ୍ତେଶ୍ୱରଙ୍କ ପୀଠରେ ପ୍ରସ୍ତୁତି

ଗଣିଆ,୧୯।୮ (ଡି.ଏନ.ଏ.)

ଶ୍ରାବଣ ମାସ ଶେଷ ସୋମବାରରେ କାଉଡିଆଙ୍କ ଜଳଲାଗି ପାଇଁ ଗଣିଆ ବ୍ଲକର ପ୍ରମୁଖ ଗୁପ୍ତେଶ୍ୱର ପୀଠରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ପ୍ରାତଃ ୫ଟାରୁ ମନ୍ଦିର ଖୋଲାହେବା ସହ ଭକ୍ତଙ୍କ ରାତ୍ର ବିଶ୍ରାମ ପାଇଁ ଟେଣ୍ଟ ନିର୍ମାଣ କରାଯାଇଛି। ଠାକୁରଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ ଓ ଜଳଲାଗି ପାଇଁ ସେବାୟତମାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ବ୍ଲକର ଅନ୍ୟାନ୍ୟ ଶୈବପୀଠ ରାଉତପଡାସ୍ଥିତ ଭୋଳେଶ୍ୱର ମହାଦେବ, ବଡମୂଳର କପିଳେଶ୍ୱର ଦେବ, ଡଙ୍କାରିର ଗଣପତିଶ୍ୱର ମହାଦେବଙ୍କ ପୀଠରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।



ଗୁପ୍ତେଶ୍ୱର ପୀଠରେ କାଉଡ଼ିଆଙ୍କ ଲମ୍ବାଧାଡି।

# ନୀଳମାଧବ ମନ୍ଦିରରେ ଲାଗିଲା ସିସି କ୍ୟାମେରା

ଖଣ୍ଡପଡା,୧୯।୮(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋରେ ବିଜେ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ରବିବାର ୧୨ଟି ସିସି କ୍ୟାମେରା କାର୍ଯ୍ୟକ୍ଷମ ହୋଇଥିବା ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି। ସମ୍ପ୍ରତି ଦେବଦେବୀ ମନ୍ଦିରରେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ନଜରକୁ ଆସିବା ପରେ ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟି ନିଷ୍ପତ୍ତିକ୍ରମେ ଏପରି ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ମନ୍ଦିରର ଚାରିଦ୍ୱାର ସମେତ, ମାଜଣା ମଣ୍ଡପ, ରଘୁନାଥ ଜୀଉ ମନ୍ଦିର, ଦୁର୍ଗା ମୋହନ, ଗରୁଡମୋହନ, ଭୋଗ ମଣ୍ଡପ ଆଦି ୧୨ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧.୫୪ ଲକ୍ଷ ଟଙ୍କା ବ୍ୟୟରେ କ୍ଲୋଜ ସର୍କିଟ କ୍ୟାମେରା ଲଗାଯାଇଛି। ରବିବାର ଏହା କାର୍ଯ୍ୟକ୍ଷମ ହୋଇଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି।

କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠରେ ଶ୍ରୀ ଜୀଉଙ୍କ ବିଭିନ୍ନ ନୀତିକାନ୍ତିରେ ଛତିଶା ନିଯୋଗ ମଧ୍ୟରୁ ଜଣଙ୍କର ଅସହଯୋଗ ନୀତିରେ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଏଥି ପାଇଁ ସେବାସୀ ଓ ଦେବୋତ୍ତର ବିଭାଗୀୟ କର୍ମକର୍ତ୍ତା ପରସ୍ପରକୁ ଦୋଷାରୋପ କରିଥାନ୍ତି । ଅନେକ କାର୍ଯ୍ୟରେ ମନ୍ଦିର ପରିସରରେ ବିଭାଗୀୟ କର୍ମକର୍ତ୍ତାଙ୍କ ଉପସ୍ଥିତି ଆବଶ୍ୟକ ପଡିଥାଏ। ପୂଜାନୀତି ସମ୍ପନ୍ନ କରିବା ସମୟରେ ମଧ୍ୟ ଉଦ୍ଦିଷ୍ଟ ସେବାସୀଙ୍କର ଉପସ୍ଥିତି ଆବଶ୍ୟକ। କୌଣସି ସେବାସୀଙ୍କ ବିଳମ୍ବତା ପୂଜା ନୀତିରେ ବିଶୃଙ୍ଖଳା ସୃଷ୍ଟି କରିଥାଏ। ଅପରପକ୍ଷରେ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଯାତ୍ରୀ ଶ୍ରୀ ଜୀଉଙ୍କ ଦର୍ଶନରେ ଆସିଥାନ୍ତି । ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଉଭୟ ସେବାସୀ ଓ ଯାତ୍ରୀମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ । ଏଥି ପାଇଁ ଉଭୟେ ଉଭୟଙ୍କୁ ଦୋଷାରୋପ କରୁଥିବା ଅଭିଯୋଗ ହୋଇଥାଏ । ପ୍ରକୃତ କାରଣ ଲୋକଲୋଚନକୁ ଆସିବା ସମ୍ଭବ ହୋଇ ନ ଥାଏ। ଏହାଛଡା ମନ୍ଦିର ପରିସରରୁ ହୁଣ୍ଡିକୁ ନେଇ ମନ୍ଦିର ପରିସରରେ ଫିଙ୍ଗା ଯାଇଥିବା ଘଟଣାର ଦୀର୍ଘ ବର୍ଷ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବା ପୋଲିସ ପକ୍ଷରେ ସମ୍ଭବ ହେଲା ନାହିଁ । ସେହିପରି ମନ୍ଦିର ଓ ଯାତ୍ରୀମାନଙ୍କ ନିରାପତ୍ତା ତଥା ସୁରକ୍ଷା ଦୃଷ୍ଟିରୁ ମନ୍ଦିର ମଧ୍ୟରେ ସିସି କ୍ୟାମେରା ଲଗାଇବା ପାଇଁ ବାରମ୍ବାର ସେବାସୀ, ଯାତ୍ରୀମାନେ ଦାବି କରିଆସୁଥିଲେ। ଏ ସମ୍ପର୍କରେ ୨୦୧୭ ଅଗଷ୍ଟ ୨୮ ତାରିଖରେ ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟିରେ ଆଲୋଚନା କରାଯାଇ ସିସି କ୍ୟାମେରା ଲଗାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁନ ୨୧ ତାରିଖରେ ମନ୍ଦିର ପରାମର୍ଶଦାତା କମିଟି ବୈଠକରେ ପ୍ରାଥମିକ ସ୍ତରରେ ମନ୍ଦିରର ବିଭିନ୍ନ ସ୍ଥାନରେ ୧୨ ଗୋଟି ସିସି କ୍ୟାମେରା ଲଗାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ସିସି କ୍ୟାମେରା କାର୍ଯ୍ୟକ୍ଷମ ହେବା ପରେ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି ।



କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ପୀଠ।

**ମନ୍ଦିର ସେବାସୀ, ଯାତ୍ରୀମାନଙ୍କ ପକ୍ଷରୁ ଦାବି ହୋଇଆସୁଥିଲା**